

'ଦୃଶ୍ୟମ୍ ୩'
ସୁଟିଂ ଶେଷ
▶ଭିତର ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-338 ♦SATURDAY ♦6 JUNE 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୩୮ ♦ଶନିବାର ♦୬ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ମଣିପୁରରେ ପୁଣି ହିଂସା; ୩ ମୃତ ଓ ଅନେକ ଘର ଭସ୍ମୀଭୂତ

■ ଇମ୍ଫାଲ, ୫।୬ (ଏଜେନ୍ସି): ମଣିପୁରର କାଙ୍ଗପୋକପି ଜିଲ୍ଲାରେ ଶୁକ୍ରବାର ଭୋର ସମୟରେ ପୁଣି ଏକ ବଡ଼ ଧରଣର ହିଂସାକାଣ୍ଡ ଘଟିଛି। ନ୍ୟୁ କେଡେଲମାନବି ଅଞ୍ଚଳର ଲୋଇବଲ୍ ଗ୍ରାମରେ ଅଜ୍ଞାତ ସଶସ୍ତ୍ର ଆତଙ୍କବାଦୀମାନେ ଅତର୍କିତ ଆକ୍ରମଣ କରି ଆଖିବୁଜା ଗୁଳିଚାଳନା କରିବା ସହ ବ୍ୟାପକ ଅଗ୍ନିକାଣ୍ଡ ଘଟାଇଛନ୍ତି। ଏହି ମାରାତ୍ମକ ଆକ୍ରମଣରେ ୩ ଜଣ ଗ୍ରାମବାସୀଙ୍କର ମୃତ୍ୟୁ ହୋଇଥିବା ବେଳେ ସାତଟି ବାସଗୃହ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ମୃତକମାନଙ୍କୁ ଲେଟ୍‌ଖୋଙ୍ଗାମ ହାଓକିପ୍, ତାଙ୍କ ପତ୍ନୀ ତିନମାରୀ ହାଓକିପ୍ ଏବଂ ଜାଙ୍ଗମିନଲାଲ ହାଓକିପ୍ ଭାବେ ଚିହ୍ନଟ କରାଯାଇଛି। ଭୋର ପ୍ରାୟ ୪:୧୦ ସମୟରେ ହୋଇଥିବା ଏହି ଆକ୍ରମଣ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି ଏବଂ ଆତଙ୍କିତ ଗ୍ରାମବାସୀ ନିକଟସ୍ଥ ଜଙ୍ଗଲକୁ ପଳାଇଛନ୍ତି। ଖବର ପାଇ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଅଧିକ ଫୋର୍ସ ମୁତୟନ କରିଛନ୍ତି। ସ୍ଥାନୀୟ କୁକି ସଂଗଠନଗୁଡ଼ିକ ଏହି ବର୍ବର କାଣ୍ଡ ପାଇଁ ନାଗା ସଶସ୍ତ୍ର ଗୋଷ୍ଠୀଙ୍କୁ ଦାୟୀ କରିଥିବା ବେଳେ ପ୍ରଶାସନ ଘଟଣାର ତଦନ୍ତ ଜାରି ରଖିଛି।



**କାଙ୍ଗପୋକପିରେ ଆତଙ୍କବାଦୀ ଆକ୍ରମଣ**

## ରାଜସ୍ଥାନରେ ପ୍ରଥମ ସନ୍ଦିଗ୍ଧ ଇବୋଲା ରୋଗୀ ଚିହ୍ନଟ

■ ଜୟପୁର, ୫।୬ (ଏଜେନ୍ସି): ଭାରତରେ ପ୍ରଥମ ସନ୍ଦିଗ୍ଧ ଇବୋଲା ଭାଇରସ ସଂକ୍ରମଣ ମାମଲା ସାମ୍ନାକୁ ଆସିଛି। ଉଗାଣ୍ଡାରୁ ଆସି ଶୁକ୍ରବାର ସକାଳେ ରାଜସ୍ଥାନର ଜୟପୁର ବିମାନବନ୍ଦରରେ ପହଞ୍ଚିଥିବା ଜଣେ ମହିଳାଙ୍କଠାରେ ଇବୋଲା ସଦୃଶ ଲକ୍ଷଣ ଦେଖିବାକୁ ମିଳିଛି। ବିମାନବନ୍ଦରରେ ସ୍କ୍ରିନିଂ ସମୟରେ ତାଙ୍କୁ ଚିହ୍ନଟ କରାଯିବା ପରେ ତୁରନ୍ତ ଆରୟୁଏଚଏସ ଡାକ୍ତରଖାନାରେ ସ୍ୱତନ୍ତ୍ର ଆଇସୋଲେସନରେ ରଖାଯାଇଛି। ଘଟଣା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ହାଇଆଲର୍ଟରେ ରହିଛି। ଡାକ୍ତରଖାନାର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଅନିଲ ଗୁପ୍ତା କହିଛନ୍ତି ଯେ ମହିଳାଙ୍କଠାରେ କେବଳ ଇବୋଲା ସଦୃଶ ଲକ୍ଷଣ ମିଳିଛି, ଏହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ମହିଳାଙ୍କ ନମୁନା ପୁଣେ ସ୍ଥିତ ଗବେଷଣାଗାରକୁ ପଠାଯାଇଛି ଏବଂ ଆଜି ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଆସିବ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ କଙ୍ଗୋ ଏବଂ ଉଗାଣ୍ଡା ଭଳି ଆଫ୍ରିକୀୟ ଦେଶରେ ଇବୋଲାର 'ବୁଣ୍ଡିବୁଗ୍ୟୋ' ପ୍ରଜାତି ଦ୍ରୁତ ଗତିରେ ବ୍ୟାପୁଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ 'ଗ୍ଲୋବାଲ ହେଲ୍ଥ ଇମରଜେନ୍ସି' ଘୋଷଣା କରିଛି। ଭାରତ ସରକାର ମଧ୍ୟ ବିମାନବନ୍ଦରଗୁଡ଼ିକରେ କଡ଼ା ନଜର ରଖିବା ସହ ଏହି ପ୍ରଭାବିତ ଦେଶଗୁଡ଼ିକୁ ଯାତ୍ରା ନ କରିବା ପାଇଁ ପରାମର୍ଶ ଜାରି କରିଛନ୍ତି।



**ଉଗାଣ୍ଡାରୁ ଜୟପୁର ଆସିଥିବା ମହିଳାଙ୍କଠାରେ ଦେଖାଗଲା ଲକ୍ଷଣ**


**ବଦଳୁଛି ଜଳବାୟୁ**

# ଅଥୟ କରୁଛି ତାତି

### ବିଶ୍ୱର ସର୍ବାଧିକ ଗ୍ରୀଷ୍ମ-ସଙ୍କଟାପନ୍ନ ସହର ତାଲିକା ଶୀର୍ଷରେ ଭାରତ

■ ଅକ୍ସଫୋର୍ଡ, ୫।୬ (ଏଜେନ୍ସି): ବଦଳୁଛି ଜଳବାୟୁ। ଅସନ୍ତୁଳିତ ପରିବେଶ ବୈଶ୍ୱିକ ପାଣିପାଗ ଓ ଜୀବ ପରିସଂସ୍ଥାନକୁ ପ୍ରଭାବିତ କରୁଛି। ଋତୁଚକ୍ରରେ ବିଲକ୍ଷଣ ଜୀବଜଗତ ପ୍ରତି ଗୁରୁତର ସଙ୍କଟ ସୃଷ୍ଟି କରିଛି। ବର୍ଷକର ୬ ଋତୁ ଏବେ ଉଭାନ୍; କେବଳ ଗ୍ରୀଷ୍ମ, ବର୍ଷା ଓ ଶୀତର ଉପସ୍ଥିତି ଅନୁଭବ କରିହେଉଛି। ତେବେ ଏହି ତିନି ଋତୁର ଅସ୍ୱାଭାବିକ ଆଚରଣ ଚିନ୍ତାଜନକ ହୋଇଛି। କେଉଁଠି ଅତ୍ୟଧିକ ଶୀତ ତ କେଉଁଠି ଅତ୍ୟଧିକ ବର୍ଷା ଓ ଗ୍ରୀଷ୍ମପ୍ରବାହ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଦିନକୁ ଦିନ ବୃଦ୍ଧି ପାଉଥିବା ସୌରତାପ (ତାତି) ଏବେ ସବୁଠୁ ଚିନ୍ତାର କାରଣ ପାଲଟିଛି।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱର ୨୦୫ଟି ସହରକୁ ନେଇ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ବିଶ୍ୱର ସର୍ବାଧିକ ଗ୍ରୀଷ୍ମ-ସଙ୍କଟାପନ୍ନ ୫୦ଟି ସହର ମଧ୍ୟରେ ଭାରତର ସବୁଠାରୁ ଅଧିକ ୧୪ଟି ସହର ସ୍ଥାନ ପାଇଛି। ଏହି ସଂଖ୍ୟା ନାଇଜେରିଆ (୫) ଏବଂ ପାକିସ୍ତାନ (୪) ର ମିଳିତ ସଂଖ୍ୟା ଠାରୁ ମଧ୍ୟ ଅଧିକ। ଏହି ଅଧ୍ୟୟନରେ କେବଳ ଉଚ୍ଚ ତାପମାତ୍ରାକୁ ନୁହେଁ, ବରଂ ଅତ୍ୟଧିକ ଗରମ ସଂସ୍ପର୍ଶରେ ଆସୁଥିବା ଲୋକଙ୍କ ସଂଖ୍ୟା, ବସ୍ତି ବାସିନ୍ଦାଙ୍କ ସ୍ଥିତି (ବାୟୁଚଳାଚଳ ଓ ▶ପୃଷ୍ଠା-୭



### ଅସହ୍ୟ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଓଡ଼ିଶା

■ ଭୁବନେଶ୍ୱର, ୫।୬ (ସମିସ): ରାଜ୍ୟକୁ ପୁଣି ଥରେ ତାତି ଫେରିଛି। ଲଗାତାର ଭାବେ କାଳବୈଶାଖୀ ସତ୍ତ୍ୱେ ଅସହ୍ୟ ଗୁଳୁଗୁଳି ମଧ୍ୟରେ ପୁଣି ତାତି ଫେରିବା ଯୋଗୁଁ ଶୁକ୍ରବାର ସ୍ଥିତି ଅସମ୍ଭାଳ ହୋଇଛି। ଉପରମୁହାଁ ତାତି ସାଙ୍ଗକୁ ପ୍ରଚୁର ମାତ୍ରାରେ ଆର୍ଦ୍ରତା ହେତୁ ଆଜି ଭୀଷଣ ଗୁଳୁଗୁଳି ଅନୁଭୂତ ହୋଇଛି। ଶୁକ୍ରବାର ରାଜ୍ୟର ୧୩ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ୪୧.୭ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ଭୁବନେଶ୍ୱରରେ ତାପମାତ୍ରା ୪୧.୧ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସମ୍ବଲପୁରରେ ୪୧.୨, ଅନୁଗୁଳ, ଝାରସୁଗୁଡ଼ାରେ ତାପମାତ୍ରା ୪୧.୧ ଡିଗ୍ରୀ ରେକର୍ଡ ହୋଇଛି।

ବଡ଼ କଥା ହେଉଛି ଆଜି ଦିନ ତମାମ ରାଜ୍ୟର ଅନେକ ସ୍ଥାନରେ ଆର୍ଦ୍ରତା ପରିମାଣ ୬୦-୭୦ ପ୍ରତିଶତ ଉପରେ ରହିଛି। ଏଥିପାଇଁ ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ଉପକୂଳ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଏବଂ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଇଛି। ବାୟୁମଣ୍ଡଳରେ ପ୍ରକୃତ ତାପମାତ୍ରା ୩୯-୪୧ ଡିଗ୍ରୀ ମଧ୍ୟରେ ସୀମିତ ଥିଲେ ମଧ୍ୟ ୬୦-୭୦ ପ୍ରତିଶତ ଆର୍ଦ୍ରତା ହେତୁ ଅନୁଭୂତ ▶ପୃଷ୍ଠା-୭

**ତିରୁପତି ଲଡ୍ଡୁ ଘିଅ ଦୁର୍ନୀତି**

## ୭ଟି ରାଜ୍ୟର ୧୫ଟି ସ୍ଥାନରେ ଇଡି ଚଢ଼ାଉ

■ ତିରୁପତି, ୫।୬ (ଏଜେନ୍ସି): ତିରୁପତି ବାଲାଜୀ ମନ୍ଦିରର ପବିତ୍ର ଲଡ୍ଡୁ ପ୍ରସ୍ତୁତିରେ ଭେଜାଲ ଘିଅ ବ୍ୟବହାର ଏବଂ ଜାଲିଆତି ଅଭିଯୋଗର ତଦନ୍ତ ଏବେ ଅର୍ଥ ହେରଫେର ଅର୍ଥାତ ମନି ଲଣ୍ଡରିଂ ଆଡ଼କୁ ଗତି କରିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦେଶର ୭ଟି ରାଜ୍ୟର ୧୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରି ଏହି ମାମଲାର ଯାଞ୍ଚ ପରିସରକୁ ବଢ଼ାଇଛି। ରାଜସ୍ଥାନର ବିକାନେରରେ ଥିବା ପ୍ରମୁଖ ଘିଅ ବ୍ୟବସାୟୀ ଆଶିଷ ଅଗ୍ରୱାଲଙ୍କ ଘର ଏବଂ କାର୍ଯ୍ୟାଳୟରେ ଇଡି ଖୋଳତାଡ଼ କରିଛି। ସେଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ଦଲିଲ୍ ଏବଂ ଆର୍ଥିକ ରେକର୍ଡ ଜବତ କରାଯାଇଛି। ବିକାନେର ବ୍ୟତୀତ ଦିଲ୍ଲୀ, ମୁମ୍ବାଇ, ଅହିଲ୍ୟାନଗର, ଦେହରାଦୁନ, ରୁର୍କୀ, ଦିନ୍ଦିଗୁଲ ଏବଂ ଗୁଣ୍ଟୁର ଭଳି ପ୍ରମୁଖ ସହରଗୁଡ଼ିକରେ ଇଡି ଏହି ଚଢ଼ାଉ କରିଛି। ଚଢ଼ାଉ ସମୟରେ ଇଡି ପ୍ରାୟ ୬୦ ଲକ୍ଷ ଟଙ୍କା ନଗଦ ଜବତ କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ▶ପୃଷ୍ଠା-୭



**୪୫ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ**

# ମିଳିଲାନି ନ୍ୟାୟ; ଚାଲିଗଲା ୨ ଜୀବନ

### ଥାନାକୁ ଦୌଡ଼ିଦୌଡ଼ି ହୃଦ୍‌ଘାତ



■ କାକଟପୁର, ୫।୬ (ସମିସ): ନ୍ୟାୟ ମାଗିବାକୁ ଥାନାକୁ ଯାଇଥିଲେ, ହେଲେ ନ୍ୟାୟ ବଦଳରେ ମିଳିଲା ମାନସିକ ନିର୍ଯାତନା। ମାମଲା ଉଠାଇ ନେବାକୁ ଚାପ ପଡ଼ିଲା। ନ୍ୟାୟ ପାଇଁ ଥାନା ସମ୍ମୁଖରେ ଧାରଣା ଦେଲେ, ମାତ୍ର କିଛି ଫଳ ମିଳିଲା ନାହିଁ। ନ୍ୟାୟରୁ ନିରାଶ ହୋଇ ଶେଷରେ ଚାଲିଗଲା ଜୀବନ। କାକଟପୁର ବ୍ଲକ୍ ସୁହାଗପୁର ପଞ୍ଚାୟତ ଅନ୍ତର୍ଗତ ବର୍ଜିସାହିର ଉପେନ୍ଦ୍ର ରାଉତଙ୍କ ପରିବାର ପୁଲିସ ବିରୋଧରେ ଆଣିଛନ୍ତି ଏପରି ସାଂଘାତିକ ଅଭିଯୋଗ। ▶ପୃଷ୍ଠା-୭

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଝୁଲିପଡ଼ିଲେ ଯୁବକ

■ କେନ୍ଦ୍ରାପଡ଼ା, ୫।୬ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଏକ ବଡ଼ ଅଘଟଣ ଘଟିଛି। ନ୍ୟାୟ ନପାଇବାରୁ ଜଣେ ଯୁବକ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ, ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଇତୁଣ୍ଡି ଗ୍ରାମର ଯୁବକ ଶ୍ରୀଚନ୍ଦନ ଦାସ ଓରଫ୍ କାଳିଆ। ଦିନ ପ୍ରାୟ ୨ଟା ବେଳେ କାର୍ଯ୍ୟାଳୟର ଶିଡ଼ି ରେଲିଂରେ ବେକରେ ଗାମୁଛା ବାନ୍ଧି ଶ୍ରୀଚନ୍ଦନ ଝୁଲି ପଡ଼ିଥିଲେ। ଜମି ବିକିବା ପାଇଁ ଅନୁମତି ଲାଗି ଶ୍ରୀଚନ୍ଦନ ବାରମ୍ବାର ବିଭିନ୍ନ ସରକାରୀ ଅଫିସ୍ ଘୂରି ବୁଲୁଥିଲେ। ଏ ଅଫିସ୍‌ରୁ ସେ ଅଫିସ୍ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଆଜି ଜିଲ୍ଲାପାଳଙ୍କ ଅଫିସ୍‌କୁ ନିଜ ଗୁହାରି ନେଇ ଯାଇଥିଲେ। କିନ୍ତୁ ସେଠାରୁ ବି ନିରାଶାର ▶ପୃଷ୍ଠା-୭



**ବାଲିଅନ୍ତା ଭିଡ଼ହତ୍ୟା**

## ବିରାଦରୀ ପ୍ରୀତି: ଖସିଗଲେ ଏଡିଜି !

■ ଭୁବନେଶ୍ୱର, ୫।୬ (ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ଏନ୍‌ଏଚ୍‌ଆର୍‌ସିଙ୍କ ଦୁଇ ଜଣିଆ ଟିମ୍ ୫ଦିନିଆ ତଦନ୍ତ ଶେଷ କରି ଦିଲ୍ଲୀ ଫେରିଯାଇଛି। କମିଶନଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ଯାଞ୍ଚ ସୂଚୀରେ ଜଣେ ଏଡିଜି, ପୁଲିସ କମିଶନର, ଡିସିପିଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାକୁ ଚିଠି ହୋଇଥିଲେ ହେଁ ଜଣେ ବି ଏମାନଙ୍କ ମଧ୍ୟରୁ କେହି ରାଜ୍ୟ ଅତିଥି ଭବନରେ ଏନ୍‌ଏଚ୍‌ଆର୍‌ସି ନିକଟରେ ହାଜର ହୋଇ ନ ଥିବା ସୂଚନା ମିଳିଛି। କେବଳ କିଛି ସାଧାରଣ ଲୋକ, କିଛି ତଳସ୍ତରର କର୍ମଚାରୀ, ଚିକିତ୍ସା କରୁଥିବା ଓ ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତରମାନେ ଓ ମୃତ ସୌମ୍ୟଙ୍କ ବାନ୍ଧବୀଙ୍କୁ ପଚରାଉଚରା କରି ଏନ୍‌ଏଚ୍‌ଆର୍‌ସି ଦିଲ୍ଲୀ ଫେରିଛନ୍ତି। ଅନ୍ୟପକ୍ଷରେ ପୁଲିସ ବିଭାଗର ▶ପୃଷ୍ଠା-୭

**ଏନ୍‌ଏଚ୍‌ଆର୍‌ସିଙ୍କ ଗସ୍ତ ପୂର୍ବରୁ କ୍ରାଇମବ୍ରାଞ୍ଚର ତରବରିଆ ତଦନ୍ତ**

**ଅତିଥିଭବନରେ ତଦନ୍ତକୁ ଆସିଲେନି ଏଡିଜି, ସିପି, ଡିସିପି**

**କାଠଯୋଡ଼ି ପଠାରୁ ଡାକ୍ତରୀ ଛାତ୍ରୀଙ୍କ ଶବ ଉଦ୍ଧାର ଘଟଣାରେ ନୂଆ ମୋଡ଼**

## ଦ୍ୱିତୀୟ ପ୍ରେମିକା ସହ ମିଶି ହତ୍ୟା କରିଛି ପୁରୁଷ ବନ୍ଧୁ!

■ ବାରିପଦା/ତ୍ରିଶୂଳିଆ, ୫।୬ (ସମିସ): କଟକ କାଠଯୋଡ଼ି ନଦୀପଠାରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ୍‌ଙ୍କ ଶବ ଉଦ୍ଧାର ଘଟଣାର ନୂଆ ମୋଡ଼ ଆସିଛି। ଦ୍ୱିତୀୟ ପ୍ରେମିକା ସହ ମିଶି ପୁରୁଷ ବନ୍ଧୁ ଚନ୍ଦ୍ରିକାଙ୍କୁ ହତ୍ୟା କରିଛି ବୋଲି ଚନ୍ଦ୍ରିକାଙ୍କ ବାପା ଭୁଜୁ ହାଁସଦା ଅଭିଯୋଗ କରିଛନ୍ତି। ଏତଲା ଆଧାରରେ ବାରଙ୍ଗ ଥାନା ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, କଟକ ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଚନ୍ଦ୍ରିକାଙ୍କ ମୃତଦେହକୁ ପୁଲିସ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ଶୁକ୍ରବାର ସକାଳେ ଚନ୍ଦ୍ରିକାଙ୍କ ଗାଁ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଇଦାଣ୍ଡିଆ ଅଞ୍ଚଳରେ ଶବ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।



ପରିବାରଲୋକଙ୍କ ଅଭିଯୋଗ ହେଲା, ତାଙ୍କ ଝିଅର ମୃତ୍ୟୁ ପାଇଁ ତାଙ୍କ ପୁରୁଷବନ୍ଧୁ ହିଁ ସମ୍ପୂର୍ଣ୍ଣ ଦାୟୀ। ଉଭୟ ନବୋଦୟ ବିଦ୍ୟାଳୟରେ ସାଙ୍ଗ ହୋଇ ପଢ଼ୁଥିବା ବେଳେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏପରିକି, ଉଭୟ ୨୦୨୭ ମସିହାରେ ବିବାହ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ହେଲେ, ଗତ କିଛି ମାସ ତଳେ ଅନ୍ୟ ଜଣେ ଯୁବତୀ ସହ ତାଙ୍କ ପୁରୁଷବନ୍ଧୁଙ୍କ ସମ୍ପର୍କ ଗଢ଼ି ଉଠିବାରୁ ଦୁହିଁଙ୍କ ସଂପର୍କରେ ଫାଟ ସୃଷ୍ଟି ହୋଇଥିଲା। ଚନ୍ଦ୍ରିକା ଉକ୍ତ ଯୁବତୀଙ୍କୁ ବିରୋଧ କରିବାରୁ ପୁରୁଷବନ୍ଧୁ ତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ତେବେ ଉଭୟ ମିଳିମିଶି ଚନ୍ଦ୍ରିକାଙ୍କୁ ହତ୍ୟା କରିଛନ୍ତି ବୋଲି ଚନ୍ଦ୍ରିକାଙ୍କ ମା' ଓ ଭାଇ ଅଭିଯୋଗ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଚନ୍ଦ୍ରିକା ବାଲେଶ୍ୱରସ୍ଥିତ ଫକୀର ମୋହନ ମେଡିକାଲ କଲେଜର ଶେଷ ବର୍ଷର ଛାତ୍ରୀ ଥିଲେ। ଆସନ୍ତା ସୋମବାର ସେଠାରେ ଜଣେ ଇଣ୍ଟର୍ନ ଡାକ୍ତର ଭାବେ ଯୋଗଦେବାର ଥିଲା। ଗତକାଲି ଭୋର୍‌ରେ ବାରଙ୍ଗସ୍ଥିତ ସୁବାସ ସେତୁରେ କିଛି ସ୍ଥାନୀୟ ଲୋକ ମର୍ଣ୍ଣିଂୱାକ୍ କରୁଥିବା ବେଳେ ନଦୀରେ ଚନ୍ଦ୍ରିକାଙ୍କ ଶବ ଭାସୁଥିବା ଦେଖିବାକୁ ପାଇଥିଲେ।




# ଶ୍ରୀକ୍ଷେତ୍ର ସିଟି

୫/୬/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୯୪,୧୪୬/- ସୁନା:୦୮.୧୦୦ ଗ୍ରାମ୍ ରୁପା: ୧୦୦.୦୦୦ ଗ୍ରାମ୍





## ପ୍ରକାଶ ପାଇଲା ଶାସ୍ତ୍ରୀ ପରୀକ୍ଷା ଫଳ

# ପାସ୍ ହାର ୮୦.୨୩ ପ୍ରତିଶତ, ଛାତ୍ରଙ୍କୁ ପଛରେ ପକାଇଲେ ଛାତ୍ରୀ

ପୁରୀ,୫।୬(ସମିସ)




ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିଚାଳିତ ୨୦୨୬ ମସିହାର ଶାସ୍ତ୍ରୀ (ଯୁକ୍ତ ୩) ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ମୋଟ ପାସ୍ ହାର ୮୦.୨୩ ପ୍ରତିଶତ ରହିଛି। ସମଗ୍ର ରାଜ୍ୟର ୧୪୦ ମହାବିଦ୍ୟାଳୟର ୪,୧୭୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩,୩୪୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତବର୍ଷ ଭଳି ଏ ବର୍ଷ ମଧ୍ୟ ଛାତ୍ରଙ୍କୁ ପଛରେ ପକାଇ ଦେଇଛନ୍ତି ଛାତ୍ରୀ। ୧,୪୫୪ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧,୮୯୩ ଜଣ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ ପରିସରରେ କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଶାସ୍ତ୍ରୀ ପରୀକ୍ଷା ଫଳ ପ୍ରକାଶ ପାଇଛି।

ଚଳିତବର୍ଷ ମାର୍ଚ୍ଚ ୨୫ରୁ ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ୧୪୦ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ୧୧୦ଟି କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ବିଶେଷ ଯୋଗ୍ୟତା ସହ ପ୍ରଥମ ଶ୍ରେଣୀରେ ୧୫୦୮ ଜଣ, କେବଳ ସମ୍ମାନ ପ୍ରଥମ ଶ୍ରେଣୀରେ ୨୬୦ ଜଣ, ବିଶେଷ ଯୋଗ୍ୟତା ସହ ଦ୍ୱିତୀୟ ଶ୍ରେଣୀରେ ୭୭୫ ଜଣ, କେବଳ ସମ୍ମାନରେ ଦ୍ୱିତୀୟ ଶ୍ରେଣୀରେ ୭୩୭ ଜଣ, ବିନା ସମ୍ମାନରେ ୬୮ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୭୬୫ ଜଣ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଛନ୍ତି। କିଛି କାରଣବଶତଃ ୪୫ ଜଣ ପରୀକ୍ଷାର୍ଥୀଙ୍କ ପରୀକ୍ଷା ଫଳ ସ୍ଥଗିତ ରଖାଯାଇଛି। ଅସାଧୁ ଉପାୟ ଅବଲମ୍ବନ କରିଥିବାରୁ ୧୩ ଜଣଙ୍କ ପରୀକ୍ଷାର୍ଥୀଙ୍କ ପରୀକ୍ଷାଫଳ ରଦ୍ଦ କରାଯାଇଛି।

ତେବେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ୨୦୨୫ ମସିହାରେ ୫,୦୮୯ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪,୧୬୨ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ। ମୋଟ ୮୧.୭୮ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। ୯୦୨ ଜଣ ଅକୃତକାର୍ଯ୍ୟ ହୋଇଥିଲେ। ୨୨ ଜଣ ଅସଫଳ ହୋଇଥିଲେ। ଚଳିତ ବର୍ଷର ପରୀକ୍ଷାରେ ୮୦.୨୩ ପ୍ରତିଶତ ସଫଳ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଛାତ୍ରୀଙ୍କ ପାସ୍ ହାର ୮୪.୧୭ ପ୍ରତିଶତ ଓ ଛାତ୍ରମାନଙ୍କ ପାସ୍ ହାର ୭୫.୬୧ ପ୍ରତିଶତ ରହିଛି। ଅଦ୍ୱୈତ ବେଦାନ୍ତରେ ମୋଟ ୮୨.୫୩ ପ୍ରତିଶତ, ଧର୍ମଶାସ୍ତ୍ରରେ ୮୨.୯୭ ପ୍ରତିଶତ, ସର୍ବଦର୍ଶନରେ ୮୩.୮୪ ପ୍ରତିଶତ, କର୍ମକାଣ୍ଡରେ ୭୩.୩୩ ପ୍ରତିଶତ, ନ୍ୟାୟରେ ୯୦.୨୪ ପ୍ରତିଶତ, ସାହିତ୍ୟରେ ୭୯.୭୯ ପ୍ରତିଶତ, ବ୍ୟାକରଣରେ ୮୦.୨୯ ପ୍ରତିଶତ ଓ ବେଦରେ ୬୧.୧୧ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଦ୍ୱୈତ ବେଦାନ୍ତ ବିଭାଗରେ ମମତା ନନ୍ଦିଆ, ଧର୍ମଶାସ୍ତ୍ରରେ ସରସ୍ୱତୀ ହେମ୍ବ୍ରମ, ସର୍ବଦର୍ଶନରେ ସୁଚିସ୍ମିତା ପତି, କର୍ମକାଣ୍ଡରେ ବିରଞ୍ଚି ନାରାୟଣ ଦାଶ, ନ୍ୟାୟରେ ଲକ୍ଷ୍ମୀପ୍ରିୟା ପୁହାଣ, ସାହିତ୍ୟରେ ଲକ୍ଷ୍ମୀଧର ପଣ୍ଡା, ବେଦରେ ସୁଇଟ୍ ପ୍ରଧାନ ଏବଂ ବ୍ୟାକରଣରେ ମୋନାଲି ଆଚାର୍ଯ୍ୟ ରାଜ୍ୟ ଟପ୍ପର ହୋଇଛନ୍ତି।

ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମେତ କୁଳସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ପିଜି କାଉନସିଲ ଚେୟାରମ୍ୟାନ (ଭାରପ୍ରାପ୍ତ) ବସନ୍ତ କୁମାର ମିଶ୍ର, ପରୀକ୍ଷା ନିୟନ୍ତ୍ରକ ମାନସ କୁମାର ଭୂୟାଁ, କମ୍ପଟ୍ରୋଲର ଅଫ୍ ଫାଇନାନ୍ସ ବାଣିଭୂଷଣ ପଣ୍ଡା ଏବଂ ଓଏସ୍‌ଡି (ପରୀକ୍ଷା) ନିବେଦିତା କର ପ୍ରମୁଖ ଉପସ୍ଥିତ ରହି ଶାସ୍ତ୍ରୀ ପରୀକ୍ଷା ଫଳ ସଂକ୍ରାନ୍ତରେ ସୂଚନା ଦେଇଥିଲେ।

## ରଥଖଳାରୁ...

# ଛନ୍ଦା ଗୟଳ ମୋଡ଼ା ଶେଷ ପର୍ଯ୍ୟାୟରେ

ପୁରୀ,୫।୬(ସମିସ): ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଚଳଚଞ୍ଚଳ ରଥଖଳା। ଆଗେଇ ଚାଲିଛି ତିନିରଥ ନିର୍ମାଣ। ତେବେ ତିନିରଥର ମୋଟ ୩୨ଟି ଗୟଳ ମଧ୍ୟରୁ ଗୁରୁବାର ସୁଦ୍ଧା ପ୍ରତ୍ୟେକ ରଥର ୩ଟି ଲେଖାଏଁ ପୋଲ ଗୟଳ ମୋଡା ଶେଷ ହୋଇଥିଲା। ଶୁକ୍ରବାର ଛନ୍ଦା ଗୟର ମୋଡା ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ସମସ୍ତ ପୋଲ ଗୟଳ ଏବଂ ଛନ୍ଦା ଗୟଳ ମୋଡା ଯାଇ କଣ୍ଟା ବସିବା ପାଇଁ ଦଉଡ଼ିରେ ବାନ୍ଧେଣି ପଡ଼ିଅଛି। ଏହା ଦୁଇପାର୍ଶ୍ୱ ନିରାଡିରେ ସଂଯୋଗ ହୋଇ ଗୟଳ ଏବଂ ନିରାଡିରେ ଖୋଦେଇ କାପ ଶେଷ ହୋଇଛି। ରୂପକାର ସେବକମାନେ ବେଦୀ ସିଂହାସନ ମୁହାଁଟିରେ ଶେଷ ହୋଇଥିବା ଚିତ୍ର ରୂପର ପଲିସ୍ କାର୍ଯ୍ୟ ସହ ପ୍ରତ୍ୟେକ ରଥର ୮ଟି ଲେଖାଏ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ କମାର ସେବକ ମାନେ ଗୟଳ କଣ୍ଟା ଶେଷ କରି ତିନିରଥର ୧୩ ପରାସ୍ତ ପୋଟଳ ନିର୍ମାଣ ପାଇଁ ଜଂଘା, ବାଗିଆ କଣ୍ଟା ତିଆରି କରୁଛନ୍ତି। ପାହି ମହାରଣାମାନେ ଅଣସର ଏବଂ ରଥଯାତ୍ରା ସେବା ପୂଜା ନୀତି ପାଇଁ କାଠ ସରଞ୍ଜାମ ତିଆରି କରୁଛନ୍ତି।

# ପରିବେଶ ଦିବସରେ ଜଙ୍ଗଲରେ ନିଆଁ



ପୁରୀ,୫।୬(ସମିସ): ଗୁରୁବାର ଥିଲା ବିଶ୍ୱ ପରିବେଶ ଦିବସ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏହାକୁ ପାଳନ କରାଯାଉଥିବାବେଳେ ଗୁରୁବାର ରାତିରେ ତାଳବଣିଆ ଭୁଦାନ ଜଙ୍ଗଲରେ ଲାଗିଥିଲା ନିଆଁ। କିନ୍ତୁ ବନ କର୍ମଚାରୀ ପହଞ୍ଚି ନ ଥିଲେ। ଅଗ୍ନିଶମ କର୍ମଚାରୀଙ୍କ ସହଯୋଗରେ ସ୍ୱେଚ୍ଛାସେବୀ ନିଆଁ ଲିଭାଇଥିଲେ। ସବୁଠୁ ବଡ଼ କଥା ହେଉଛି ଗ୍ରାମ୍ୟ ନ୍ୟାୟାଳୟ ଅପର ପାଶ୍ୱର୍ରେ ଜଙ୍ଗଲ କଡ଼କୁ ଏହି ନିଆଁ ଲାଗିଥିଲା। ଯଦି ଠିକଣା ସମୟରେ ନିଆଁକୁ ଆୟତ୍ତ କରାଯାଇ ନ ଥାନ୍ତା ତେବେ ନିଶ୍ଚିତ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥାନ୍ତା।

ରାତି ପ୍ରାୟ ୯ଟା ୧୦ ହେବ। ପୁରୀ ସଦର ବ୍ଲକ ନାଳିହଣାରେ ବିଶ୍ୱ ପରିବେଶ ଦିବସ ପାଳନ କରି ପୁରୀ ଫେରୁଥିଲେ ପ୍ରକୃତି ବନ୍ଧୁ ସରୋଜ କୁମାର ଜେନା। ଗ୍ରାମ୍ୟ ନ୍ୟାୟଳୟର ଅଳ୍ପ କିଛି ବାଟ ପରେ ରାସ୍ତାର ଅପର ପାଶ୍ୱର୍ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେ ଅଟକି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ବନ ବିଭାଗର ଅଧିକାରୀ ରେଞ୍ଜର, ଏସିଏଫ୍ ପ୍ରମୁଖ ଅଧିକାରୀଙ୍କୁ ଫୋନ୍ କରିଥିଲେ। ହେଲେ କାହାଠାରୁ ଉତ୍ତର ପାଇ ନ ଥିଲେ। ଏକା ନିଆଁ ଲିଭାଇବାକୁ ଅସମର୍ଥ ହେବାରୁ ଅଗ୍ନିଶମ ବାହିନୀକୁ ଯୋଗାଯୋଗ କରିଥିଲେ। କିଛି ସମୟ ଭିତରେ ଦମକଳ ଗାଡି ସହ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଟଳି ଯାଇଥିଲା। ତଥାପି ୧୦୦୦ ବର୍ଗଫୁଟରୁ ଅଧିକ ଅଞ୍ଚଳରେ ଥିବା କିଛି ଗଛ ପୋଡି ନଷ୍ଟ ହୋଇଯାଇଛି। ସୂଚନାଥାଉ କି, ଗତ ବୁଧବାର ମଧ୍ୟ ତାଳବଣିଆ ଭୁଦାନ ଝାଉଁ ଜଙ୍ଗଲରେ ନିଆଁ ଲାଗିଥିଲା।

ତେବେ ବଡ଼ ପ୍ରଶ୍ନ ହେଉଛି ଜଙ୍ଗଲରେ ନିଆଁ ଲାଗୁଛି କେମିତି? ଏହାର ମଧ୍ୟ ଅନେକ କାରଣ ରହିଛି। କେହି କେହି ଅଧାପୋଡ଼ା ବିଡ଼ି, ସିଗାରେଟ୍ ଖାଇ ଜଙ୍ଗଲ ଭିତରେ ପକାଇ ଦେଉଥିବାରୁ ଘାଷପତ୍ରରେ ଧୀରେ ଧୀରେ ନିଆଁ ଲାଗି ଏଭଳି ଅଘଟଣ ଘଟୁଥିବା କୁହାଯାଉଛି। ସେହିପରି ଜଙ୍ଗଲ ମଧ୍ୟରେ ଭୋଜିଭାତ ଆସରକୁ ଅନେକ ଦାୟୀ କରିଛନ୍ତି। ଭୋଜି ପରେ ଅନେକ ନିଆଁ ନ ଲିଭାଇ ଚାଲିଯାଉଥିବାରୁ ନିଆଁ ଲାଗୁଥିବା କହୁଛନ୍ତି। ଫଳରେ ଏଭଳି ଅଘଟଣ ବାରମ୍ବାର ଘଟୁଥିବା ବେଳେ ବନ୍ୟ ସମ୍ପଦ ନଷ୍ଟ ହେଉଛି ଏବଂ ବନ୍ୟପ୍ରାଣୀଙ୍କ ଜୀବନ ବି ବିପଦକୁ ଠେଲି ହୋଇଯାଉଛି।

● ସ୍ନାନଯାତ୍ରା ବ୍ୟବସ୍ଥାବଳୀ

# ଶ୍ରୀବିଗ୍ରହଙ୍କ ସମ୍ମୁଖରେ ଛିଡ଼ା ହେବା ମନା

ପୁରୀ,୫।୬(ସମିସ): ଆସନ୍ତା ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ପରେ ପରେ ରଥଯାତ୍ରା, ବାହୁଡ଼ା, ସୁନାବେଶ, ନୀଳାଦ୍ରୀବିଜେ ପ୍ରଭୃତି ପର୍ବପର୍ବାଣି ରହିଛି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଶୁକ୍ରବାର ପରିଚାଳନା କମିଟି ବୈଠକ ବସିଥିଲା। ଏଥିରେ ଶୃଙ୍ଖଳିତ ନୀତିକାନ୍ତି ସହ ସ୍ନାନଯାତ୍ରା, ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାର ବ୍ୟବସ୍ଥାବଳୀ ଅନୁମୋଦନ ହୋଇଛି।

ସ୍ନାନଯାତ୍ରା ବ୍ୟବସ୍ଥାବଳୀ ଅନୁଯାୟୀ, ଦର୍ଶନାର୍ଥୀମାନେ ପହଣ୍ଡି ସମୟରେ ଟାହିଆମଣ୍ଡିତ ଠାକୁରଙ୍କର ଯେପରି ଦର୍ଶନ ପାଇବେ ସେଥିପ୍ରତି ସମସ୍ତ ଦଇତାପତି ସେବକ ଧ୍ୟାନ ଦେବେ। ଟାହିଆର ସୁରକ୍ଷା ପ୍ରତି ସେମାନେ ଯତ୍ନବାନ ହେବେ। ସେହିପରି ପହଣ୍ଡି ବିଜେ ସମୟରେ ଦର୍ଶନାର୍ଥୀ ଯେପରି ଠାକୁରଙ୍କୁ ସ୍ପର୍ଶ ନ କରନ୍ତି ସେଥିପ୍ରତି ନଜର ରଖିବେ। ପହଣ୍ଡି ସମୟରେ ସୀମିତ ସଂଖ୍ୟକ ଘଣ୍ଟୁଆ ସ୍ନାନ ମଣ୍ଡପ ଉପରକୁ ଯିବେ। ଠାକୁରଙ୍କ ରୁନ୍ଧା ବଢ଼ିବା ପରେ ଦାରୁବିଗ୍ରହଙ୍କ ସମ୍ମୁଖରେ ଅର୍ଥାତ୍ ଆଡ କରି କେହି ଠିଆ ହେବେ ନାହିଁ। ଭୁଜ ବାହାରେ ଦୁଇ ପାଶ୍ୱର୍ରେ ଦଇତାପତି ସେବକମାନେ ରହିପାରିବେ। ଜଳ ଲାଗି ସମୟରେ ମଣ୍ଡପ ଉପରେ ଯେପରି ଭିଡ଼ ନ ହେବ ଏବଂ ଅନଧିକୃତ ବ୍ୟକ୍ତି ପ୍ରବେଶ ନ କରିବେ ସେଥିପ୍ରତି ବ୍ୟବସ୍ଥାବଳୀରେ ଗୁରୁତ୍ୱାରୋପ କରାଯାଇଛି।

ଏହାବ୍ୟତୀତ ଏଥର ପହଣ୍ଡି ସମୟରେ ଠାକୁରଙ୍କ ଆଗରେ କେହି ନୃତ୍ୟ କରିଯିବେ ନାହିଁ। ଏହାଦ୍ୱାରା ଠାକୁରଙ୍କ ପହଣ୍ଡି ସମ୍ମୁଖରେ ଭିଡ଼ ହେଉଛି। ସେବାୟତମାନେ ପହଣ୍ଡିରେ ଠାକୁରଙ୍କୁ ନେବା ବେଳେ ସମସ୍ୟା ଉପୁଜୁଛି। ତେଣୁ ନୃତ୍ୟଶିଳ୍ପୀମାନେ ପହଣ୍ଡି ଆଗରେ ନ ଯିବା ପାଇଁ ବ୍ୟବସ୍ଥାବଳୀରେ ଦର୍ଶାଯାଇଛି। ସ୍ନାନମଣ୍ଡପରେ ସାହଣମେଲା ଶେଷ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ଗଜାନନ ବେଶ ଅକ୍ଷତ ଅବସ୍ଥାରେ ରହିବ। ଦଇତାପତି ନିଯୋଗଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ଆନନ୍ଦବଜାର ଓ ସ୍ନାନମଣ୍ଡପର ଚତୁଃପାଶ୍ୱର୍ରେ ସିସି କ୍ୟାମେରା ସଂସ୍ଥାପନ କରାଯାଇ ସ୍ନାନଯାତ୍ରାର ସମ୍ପୂର୍ଣ୍ଣ ଚିତ୍ର ଉତ୍ତୋଳନ କରାଯିବ।

# ଜାତୀୟ ଲୋକମେଳା ଓ କୃଷିମେଳା ଉଦ୍‌ଯାପିତ

ପୁରୀ,୫।୬(ସମିସ): ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ୫ ଦିନ ଧରି ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ଚାଲିଥିବା ୨୪ତମ ଜାତୀୟ ଲୋକମେଳା ଏବଂ ୧୭ତମ ଜାତୀୟ କୃଷିମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଭାରତ ର ନୁହେଁ, ଏବେ ଅନ୍ତର୍ଜାତୀୟ ମେଳାରେ ପହଞ୍ଚି ପାରିଛି। ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ହରେକୃଷ୍ଣ ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ କରିଥିଲେ।



## ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚିତ

ପରେ ଶ୍ରୀକ୍ଷେତ୍ର ସୂଚନାର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଆଗାମୀ ୨୫ତମ ରୌପ୍ୟ ଜୟନ୍ତୀ ଲୋକମେଳା-୨୦୨୭ ପାଇଁ ଔପଚାରିକ ଘୋଷଣା କରାଯିବା ସହ ଅତିଥିମାନଙ୍କୁ ଶ୍ରୀମହାପ୍ରସାଦ ଓ ଗୁଆ ନିମନ୍ତ୍ରଣ ପ୍ରଦାନ କରିଥିଲେ ଗାଳ୍ପିକ ତଥା ଗୀତିକାର ଡ. ବଦ୍ରି ମିଶ୍ର। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ରୌପ୍ୟ ଜୟନ୍ତୀ ଲୋଗୋ ମଧ୍ୟ ଉନ୍ମୋଚିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଲୋକକଳା, ଆଦିବାସୀ ପରମ୍ପରା ଏବଂ କୃଷିଭିତ୍ତିକ ଗ୍ରାମୀଣ ଅର୍ଥନୀତିର ବିକାଶରେ ଲୋକମେଳା ଓ କୃଷିମେଳାର ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ କହିଥିଲେ ଯେ, ବିଶ୍ୱର ଆଧ୍ୟାତ୍ମିକ ତଥା ପର୍ଯ୍ୟଟନ କ୍ଷେତ୍ର ପୁରୀରେ ଲୋକମେଳା ଓ କୃଷିମେଳା ଆଜି ଓଡିଶା କି' ଏହି ଅବସରରେ ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାର ଦଳ, ପ୍ରଦର୍ଶକ ଏବଂ ଆୟୋଜକ କମିଟିର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶେଷ ଭାବେ ଗୋଆର କୃପେଶ ଗାଓଁକର, ତେଲେଙ୍ଗାନାର ପେରେନୀ ପ୍ରକାଶ, ଓଡ଼ିଶାର ଅକ୍ଷୟ ଦାସ, ରାଜସ୍ଥାନର ଭୀଲନାଥ କାଳବେଲିଆ, ଉତ୍ତରପ୍ରଦେଶର ସନ୍ତୋଷ କୁମାର, ଝାଡ଼ଖଣ୍ଡର ସୁଲକ୍ଷଣା ନାଗ ଏବଂ ପଶ୍ଚିମବଙ୍ଗର ବୀରେନ କାଳିନ୍ଦୀଙ୍କୁ ଲୋକ ଓ ଜନଜାତି କଳାର ସଂରକ୍ଷଣ ଏବଂ ପ୍ରସାରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଜାତୀୟ ସ୍ତରୀୟ କୃଷି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ସଂସ୍ଥାମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନୀ ପୁରସ୍କାର ଘୋଷଣା କରାଯାଇଥିଲା। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ପ୍ରଥମ ପୁରସ୍କାର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପୁରୀ ଦ୍ୱିତୀୟ ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ନାଗାଲାଣ୍ଡ ସରକାର ତୃତୀୟ ପୁରସ୍କାର ଅର୍ଜନ କରିଥିଲେ। ବିଜେତା ସଂସ୍ଥାମାନଙ୍କୁ ମାନପତ୍ର ଓ ସ୍ମାରକ ପ୍ରଦାନ କରାଯାଇଥିଲା।


ସାଂସ୍କୃତିକ ସନ୍ଧ୍ୟାରେ ଦେଶର ବିଭିନ୍ନ ପ୍ରାନ୍ତର ଲୋକ ଓ ଜନଜାତି କଳାକାରମାନେ ନିଜ ନିଜ ରାଜ୍ୟର ପାରମ୍ପରିକ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ। ପଶ୍ଚିମବଙ୍ଗର ପୁରୁଲିଆ ଛଉ, ଗୋଆର ଫୁଗଡ଼ି, ତେଲେଙ୍ଗାନାର ପେରେନୀ ଶିବତାଣ୍ଡବ, ରାଜସ୍ଥାନର କାଳବେଲିଆ, ଝାଡ଼ଖଣ୍ଡର ଝୁମୁର ଓ ସାନ୍ଥାଳୀ, ଉତ୍ତରପ୍ରଦେଶର ବ୍ରଜ ଲୋକନୃତ୍ୟ, ଓଡ଼ିଶାର ଲୋକ ଓ ଜନଜାତି ନୃତ୍ୟ, ନାଗାଲାଣ୍ଡର ଜନଜାତି ନୃତ୍ୟ ଏବଂ ଅନ୍ୟାନ୍ୟ ରାଜ୍ୟର ଲୋକନୃତ୍ୟ ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଅଧିବକ୍ତା ବିଭୁପ୍ରସାଦ ତ୍ରିପାଠୀ କଳାକାରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଅତିଥି ଭାବେ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ମଧୁସୂଦନ ମିଶ୍ର, ରୀତେଶ ମହାନ୍ତି, ଡ. ଭାସ୍କର ମିଶ୍ର, ହେକ୍ଟର ମିଶ୍ର, ବିଦ୍‌ରୋହ କୁମାର ସିଂହ, ଦେବେନ୍ଦ୍ର ମହାପାତ୍ର, ଶ୍ୟାମପ୍ରକାଶ ସେନାପତି ଯୋଗଦେଇଥିବା ବେଳେ ଅନୁଷ୍ଠାନର ୨୪ବର୍ଷର ଇତିହାସ ସମ୍ବନ୍ଧିତ ତଥ୍ୟ ଭିତ୍ତିକ କାହାଣୀ ତଥା ଭିଡିଓ ପ୍ରଦର୍ଶନକୁ ସଂଞ୍ଚାଳନ କରିଥିଲେ ବଦ୍ରି ମିଶ୍ର। ଉତ୍ସବ ପରିଚାଳନା କରିଥିଲେ ଡ. ବିଶ୍ୱନାଥ ମିଶ୍ର, ନାରାୟଣ ପାତ୍ର ଓ ସତ୍ୟବ୍ରତ ଦାସ। ପାଞ୍ଚଦିନ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଓଡ଼ିଶାର ବିଶିଷ୍ଟ ଘୋଷକ ଚନ୍ଦ୍ରବିଜୟୀ ମିଶ୍ର।

## ବ୍ରିକ୍ସ ସମ୍ମିଳନୀ ଉଦ୍‌ଯାପିତ

# ଜଳଭାଗରେ ଜୀବନ ରକ୍ଷାର ପ୍ରଦର୍ଶନ ଦେଖିଲେ ବ୍ରିକ୍ସ ପ୍ରତିନିଧି

ପୁରୀ,୫।୬(ସମିସ): ସ୍ଥାନୀୟ ହୋଟେଲ ତାଜ୍‌ରେ ଚାଲିଥିବା ତିନିଦିନିଆ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ବ୍ରିକ୍ସ ରାଷ୍ଟ୍ରସମୂହର ପ୍ରତିନିଧିବୃନ୍ଦ ବିପର୍ଯ୍ୟୟ ପରିଚାଳନାରେ ପାରସ୍ପରିକ ସହଯୋଗ ସୁନିଶ୍ଚିତ କରିବା ନିମନ୍ତେ ଆଲୋଚନା କରିଥିଲେ। ଅପରାହ୍ନରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଅନୁଯାୟୀ ବିଭିନ୍ନ ରାଷ୍ଟ୍ରର ପ୍ରତିନିଧି ଓଡ଼ିଶା ରାଜ୍ୟ ଜଳ ଦକ୍ଷତା ଓ ଜୀବନରକ୍ଷା ଅନୁଷ୍ଠାନ(ୱସ୍‌ୱାଲି), ରାମଚଣ୍ଡୀ ପରିଦର୍ଶନ କରିଥିଲେ। ୱାସ୍‌ୱାଲି ପକ୍ଷରୁ ରାମଚଣ୍ଡୀ ମୁହାଣରେ ଜଳରେ ଘଟୁଥିବା ଦୁର୍ଘଟଣାକୁ ପ୍ରତିରୋଧ କରିବା ନିମନ୍ତେ ଦୁଃସାହସିକ ଜୀବନରକ୍ଷା କାର୍ଯ୍ୟକ୍ରମମାନ ପ୍ରଦର୍ଶିତ ହୋଇଥିଲା। ଲାଇଫ୍ ଜ୍ୟାକେଟ୍ ପିନ୍ଧି ପ୍ରତିନିଧିବୃନ୍ଦ ବୋଟରେ ଭିତରକୁ ଯାଇ ସମସ୍ତ ପ୍ରତିରକ୍ଷା ବ୍ୟବସ୍ଥା ଦେଖିଥିଲେ। ଓଡ଼ିଶାରେ ଜଳଭାଗରେ ଘଟୁଥିବା ବିପଦର ପରିଚାଳନାରେ ୱସ୍‌ୱାଲିର ଭୂମିକା ପ୍ରଶଂସନୀୟ। ଏହି ଦକ୍ଷତା ପ୍ରଦର୍ଶନ କାର୍ଯ୍ୟକ୍ରମକୁ ବ୍ରିକ୍ସ ରାଷ୍ଟ୍ରସମୂହର ପ୍ରତିନିଧିବୃନ୍ଦ ଦେଖି ପ୍ରଶଂସା କରିଥିଲେ। ତିନିଦିନିଆ ଅନ୍ତର୍ଜାତୀୟ ବୈଠକର ସଫଳ ଆୟୋଜନ ନିମନ୍ତେ ପ୍ରତିନିଧିବୃନ୍ଦ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ। ଓସ୍‌ଡମା ପକ୍ଷରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କମଳ ଲୋଚନ ମିଶ୍ର ଏବଂ ସମସ୍ତ ବରିଷ୍ଠ ଅଧିକାରୀବୃନ୍ଦ ୱସୱାଲିରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସି ଭ୍ୟାଲି ହାଇଟ୍ସର ବେଳାଭୂମି ସଫେଇ ଓ ବୃକ୍ଷରୋପଣ




ପୁରୀ,୫।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ଶୁକ୍ରବାର ସି ଭ୍ୟାଲି ହାଇଟ୍ସ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହୋଟେଲର ସମସ୍ତ କର୍ମଚାରୀ ଏବଂ ଅଧିକାରୀ ପୁରୀ ବେଳାଭୂମିରେ ସଫେଇ ଅଭିଯାନ କରିଥିଲେ। ବେଳାଭୂମିରେ ପଡ଼ିଥିବା ପ୍ଲାଷ୍ଟିକ, ବୋତଲ, ପଲିଥିନ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା। ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ପ୍ରତି ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏହା ପରେ ଜଗନ୍ନାଥ ଛକ ନିକଟସ୍ଥ ଅଞ୍ଚଳରେ ବୃକ୍ଷରୋପଣ କରାଯାଇଥିଲା।

ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇ ପରିବେଶ ସୁରକ୍ଷା ଏବଂ ସବୁଜ ପୁରୀ ଗଠନ ଦିଗରେ ଛୋଟ ପ୍ରୟାସ କରାଯାଇଥିଲା। ଅଂଶଗ୍ରହଣକାରୀ କହିଥିଲେ, ପରିବେଶ ସୁରକ୍ଷା କେବଳ ଗୋଟିଏ ଦିନର କାର୍ଯ୍ୟ ନୁହେଁ, ବରଂ ଏହା ଆମ ସମସ୍ତଙ୍କ ଦୈନନ୍ଦିନ ଦାୟିତ୍ୱ। ଭବିଷ୍ୟତରେ ମଧ୍ୟ ଏପରି ସାମାଜିକ ଓ ପରିବେଶ ଭିତ୍ତିକ କାର୍ଯ୍ୟକ୍ରମ ଜାରି ରହିବ। ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ ଏବଂ ସ୍ୱଚ୍ଛ ସମୁଦ୍ର ବେଳାଭୂମି, ସୁନ୍ଦର ପୁରୀ ବାର୍ତ୍ତା ଦେଇ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା।

# ରତ୍ନଭଣ୍ଡାର ଗଣତି କାର୍ଯ୍ୟ ସ୍ଥଗିତ

## ନୀଳାଦ୍ରି ବିଜେ ପରେ ଗଣତି ଦିନ ସ୍ଥିର ହେବ

## ବାହାର ରତ୍ନଭଣ୍ଡାରରେ ପଡ଼ିବ ନୂଆ ତାଲା

ପୁରୀ,୫।୬(ସମିସ)

ନୀଳାଦ୍ରି ବିଜେ ମଧ୍ୟରେ ଆଉ ରତ୍ନଭଣ୍ଡାର ଗଣତି ମଣତି ହେବ ନାହିଁ। ରତ୍ନଭଣ୍ଡାର ଗଣତି କାର୍ଯ୍ୟ ଏବେ ସ୍ଥଗିତ ରଖିବା ଲାଗି ଶୁକ୍ରବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ କହିଛନ୍ତି, ରତ୍ନଭଣ୍ଡାର ଗଣତି ମଣତି ବିଷୟରେ ପରିଚାଳନା କମିଟିକୁ ଅବଗତ କରାଯାଗଲା। ଆଗାମୀ ଦିନରେ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ା, ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ବିଭିନ୍ନ ନୀତିକାନ୍ତି ରହିଛି। ଏବେ ଶ୍ରୀଅଙ୍ଗରେ କିଛି ଅଳଙ୍କାର ଅଛି ଯାହାକୁ କି ଆମେ ଗଣତି ପ୍ରକ୍ରିୟାରେ ସାମିଲ କରିପାରି ନାହୁଁ। ତେଣୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଗଣତି ପ୍ରକ୍ରିୟା ସ୍ଥଗିତ ରଖିବା ଲାଗି ପରିଚାଳନା କମିଟି ପରାମର୍ଶ ଦେଇଛି। ନୀଳାଦ୍ରି ବିଜେ ପରେ ଗଣତି ଦିନ ସ୍ଥିର କରାଯିବ। ଏସ୍‌ଓପି ଅନୁଯାୟୀ, ଭିତର ରତ୍ନଭଣ୍ଡାର ଅଳଙ୍କାର କବଳ ଭିତର ରତ୍ନଭଣ୍ଡାରରେ ହିଁ ଗଣତି ହେବ ବୋଲି ଥିଲା। କିନ୍ତୁ କେତୋଟି ମୂଲ୍ୟବାନ ଅଳଙ୍କାରଦି ଆକାରରେ ବଡ଼ ରହିଛି। ସେହିଠାରେ ଓଜନ ମାପ, ଫଟୋଗ୍ରାଫି, ଭିଡ଼ିଓଗ୍ରାଫି, ଥ୍ରୀ ଡ଼ି ମ୍ୟାପିଂ ସମ୍ଭବ ନୁହେଁ। ତେଣୁ ସେହି ଅଳଙ୍କାର ଖଟଶେଜ ଘରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଧିକୃତ ବ୍ୟକ୍ତିଙ୍କ ଦ୍ୱାରା କରାଯିବ। ଗଣତି ପରେ ପୁନଶ୍ଚ ଭିତର ରତ୍ନଭଣ୍ଡାରକୁ ଅଣାଯିବ। ସେହିପରି ଭିତର ରତ୍ନଭଣ୍ଡାରରୁ ପୁରୁଣା ଆଲମିରାଗୁଡ଼ିକୁ ବାହାରକୁ କଢାଯିବ। ଏଥିପାଇଁ ପୁନଶ୍ଚ ସଂଶୋଧିତ ଏସ୍‌ଓପି ଆସିବ। ଏବେ ଚନ୍ଦନ ଯାତ୍ରା ହେଉ ବା ଅନ୍ୟ ପର୍ବପର୍ବାଣି ବେଳେ ନରେନ୍ଦ୍ର ତୀର୍ଥ ପୁଷ୍କରିଣୀରେ ଅସ୍ଥାୟୀ ସୂଚନା କେନ୍ଦ୍ର ବା ଅଭ୍ୟର୍ଥନା ପ୍ରକୋଷ୍ଠ କରାଯାଉଛି। ତେଣୁ ନରେନ୍ଦ୍ର ତୀର୍ଥ ପୁଷ୍କରିଣୀରେ ନୂତନ ଭାବେ କଳିଙ୍ଗ କଳା ସ୍ଥାପତ୍ୟ ଶୈଳୀରେ ନୂଆ ସୂଚନା କେନ୍ଦ୍ର ଓ ଅଭ୍ୟର୍ଥନା କେନ୍ଦ୍ର କରାଯିବ। ଏଥିସହିତ ଲ୍ୟାଣ୍ଡ ଏଗ୍ରିମେଣ୍ଟ ପଲିସି ରାଜ୍ୟ ସରକାରଙ୍କର ବିଚାରାଧୀନ ରହିଛି। ଜମିର ସମାନ ନୀତି ହେବା ପରେ ସେବକ ନିଯୋଗ, ଅନ୍ୟାନ୍ୟ ମଠ ଏବଂ ବ୍ୟକ୍ତିବିଶେଷ ଲାଭାନ୍ୱିତ ହେବେ। ଏଥିସହିତ ଶ୍ରୀଜଗନ୍ନାଥ ମନ୍ଦିର ଆଇନରେ ସଂଶୋଧନ ପାଇଁ ପୂର୍ବରୁ କମିଟି ସୁପାରିଶ କରିଛନ୍ତି।

ଆଜି କମିଟି ରାଜ୍ୟ ସରକାରଙ୍କୁ ସେହି ନିୟମଗୁଡ଼ିକ ଖୁବ୍‌ଶୀଘ୍ର ପ୍ରଣୟନ ପାଇଁ ଅନୁରୋଧ କରିଛନ୍ତି। ଗୁରୁକୂଳ ପ୍ରକଳ୍ପ ଯଥାଶୀଘ୍ର ଓବିସିସି ତାକୁ କାର୍ଯ୍ୟକାରୀ କରିବେ ବୋଲି ପରାମର୍ଶ ଦେଇଛନ୍ତି। ଯଦି ଓବିସିସି ଠିକ୍ ସମୟରେ ତାକୁ ପରିପାରିବେ ନାହିଁ ତେବେ ଅନ୍ୟାନ୍ୟ କୌଣସି କାର୍ଯ୍ୟନିର୍ବାହୀ ସଂସ୍ଥାକୁ ଦିଆଯିବ। ବାସଗୃହ ଯୋଜନା ଉପରେ ସେବାୟତ ପ୍ରତିନିଧି ବିଶେଷ ଗୁରୁତ୍ୱ ଦେଇଥିଲେ। ସେମାନଙ୍କ ପରାମର୍ଶ ଅନୁଯାୟୀ, ଯେଉଁ ଜମି ଚିହ୍ନଟ ହୋଇଥିଲା ତାକୁ ନେଇ ଅଦାଲତରେ ମାମଲା ଚାଲିଛି। ତେଣୁ ବିକଳ୍ପ ଜାଗା ଚିହ୍ନଟ ପାଇଁ ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ସେହି ଜାଗାରେ ନୂଆ କରି ପ୍ରକଳ୍ପ କରାଯିବ। ସେବାୟତଙ୍କ କଲ୍ୟାଣ ଏବଂ ମହାପ୍ରଭୁଙ୍କ ନୀତିକାନ୍ତି ଉପରେ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଥିଲା। ମଶାଣୀଚଣ୍ଡୀ ନୂଆ କଲୋନୀ ନୀଳଚକ୍ର ବିହାର ନାମରେ ନାମିତ କରାଯିବ। ବାହାର ରତ୍ନଭଣ୍ଡାରର ତିନୋଟି ତାଲା ପଡେ। ମଝି କାଠ କବାଟର ତାଲା ଭଣ୍ଡାର ମେକାପଙ୍କ ପାଖରେ ରୁହେ। ସେହି ତାଲା ବଦଳା ଯାଇ ନୂଆ ତାଲା ପକାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଶ୍ରୀମନ୍ଦିର ଯାନିଯାତ୍ରା ପାଇଁ ୟୁଟ୍ୟୁବ୍ ଚ୍ୟାନେଲ୍ ତ୍ୱରିତ ପଦକ୍ଷେପ ନବ। ଶ୍ରୀମନ୍ଦିର ଯାନିଯାତ୍ରାର ପ୍ରଚାର ପ୍ରସାର ପାଇଁ ପ୍ରସ୍ତାବିତ ଏଫ୍‌ଏମ୍ ଷ୍ଟୁଡିଓ, ୟୁଟ୍ୟୁବ ଚ୍ୟାନେଲ କାମକୁ କ୍ଷିପ୍ର କରିବାକୁ କମିଟି ପରାମର୍ଶ ଦେଇଛି ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।

# କାମ କରୁନି ସିସି କ୍ୟାମେରା; ବଢ଼ୁଛି ବାଇକ୍ ଚୋରି

ଭଞ୍ଜନଗର,୫।୬(ସମିସ)

ଭଞ୍ଜନଗର ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଆଉ କାମ କରୁନାହିଁ। ବର୍ଷ ବର୍ଷ ଧରି କ୍ୟାମେରା ଅଚଳ ଅବସ୍ଥାରେ ଥିବା ବେଳେ ଏହାର ନା ମରାମତି କରାଯାଉଛି ନା' ନୂଆ ଲଗାଯାଉଛି। ପୁଲିସ ବି ଏ ଦିଗରେ କୌଣସି ତ୍ୱରିତ ପଦକ୍ଷେପ ନେବା ପରିବର୍ତ୍ତେ ହାତବାନ୍ଧି ଚୁପ୍ ବସିଛି। ଏଭଳି ସ୍ଥିତିରେ ସହରରେ ଦିନକୁ ଦିନ ବାଇକ୍ ଚୋରି ବୃଦ୍ଧି ପାଉଥିବା ବେଳେ ଅପରାଧିକ କାର୍ଯ୍ୟକଳାପ ଅଥବା କୌଣସି ଅପ୍ରୀତିକର ପରିସ୍ଥିତି ଉପରେ କିଭଳି ନଜର ରଖାଯାଇପାରିବ ବୋଲି ପ୍ରଶ୍ନ ଉଠୁଛି? ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଆସୁଥିବାରୁ ଅଚଳ ସିସି କ୍ୟାମେରାକୁ କାର୍ଯ୍ୟକ୍ଷମ କରିବା ଜରୁରି ହୋଇପଡ଼ିଥିବା ସାଧାରଣରେ ଦାବି ହେଉଛି।

ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ସହର। କନ୍ଧମାଳ ଓ ନୟାଗଡ ଜିଲ୍ଲା ସିମାନ୍ତ ଦକ୍ଷିଣ ଓଡିଶାର ଏକ ପ୍ରମୁଖ ସ୍ଥାନ ଭଞ୍ଜନଗର। ସବୁ ବେଳେ ବ୍ୟସ୍ତ ବହୁଳ ଥିବା ଏଇ ସହରରେ ଉପଜିଲ୍ଲାପାଳଙ୍କ କାର୍ଯାଳୟଠାରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଉପଖଣ୍ଡ ମେଡିକାଲ,ଏଡିଜେ କୋର୍ଟ, ବ୍ୟାଙ୍କ୍, ବସଷ୍ଟାଣ୍ଡ ଓ ଅନେକ ଶିକ୍ଷାନୁଷ୍ଠାନ ରହିଛି। ଏହା ସହ ୧୦୦ରୁ ଉର୍ଦ୍ଧ୍ୱ ବ୍ଲକ,ଉପଖଣ୍ଡ ଓ ଜିଲ୍ଲା କାର୍ଯ୍ୟାଳୟ ରହିଛି ଏଠାରେ। ଏଠାରୁ ଜିଲ୍ଲା ଓ ରାଜ୍ୟର



ବିଭିନ୍ନ ସ୍ଥାନକୁ ବସ୍ ଚଳାଚଳ କରୁଥିବାରୁ ପ୍ରାୟତଃ ଅଧିକାଂଶ ସମୟରେ ଏଠାରେ ଲୋକଙ୍କ ଭିଡ ଦେଖିବାକୁ ମିଳେ। ଲୋକଙ୍କ ଭିଡ ଭିତରେ ଚୋରି, ଗଣ୍ଡଗୋଳ ସମେତ ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ସହରକୁ ସିସି କ୍ୟାମେରାର ସୁରକ୍ଷା ବ୍ୟବସ୍ଥା ଭିତରେ ରଖାଯିବାକୁ ପ୍ରଶାସନ ନିଷ୍ପତି ନେଇଥିଲା। ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଥିଲା। ଗତ ତିନି ବର୍ଷ ପୂର୍ବେ ଭଞ୍ଜନଗର ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ଇଲାକାରେ ୪୦ରୁ ଉର୍ଦ୍ଧ୍ୱ ସିସି କ୍ୟାମେରା ଲାଗିଥିଲା। ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା।

ସହରର ପ୍ରବେଶ ଓ ପ୍ରସ୍ଥାନ ପଥ ସମେତ ଖାଲାସାହି ଛକ,ପୁରୁଣାବଜାର, ତହସିଲ ଛକ,ବସଷ୍ଟାଣ୍ଡ,ଏଲଆଇସି ଅଫିସ ଛକ,ଷ୍ଟେଟ୍ ବ୍ୟାଙ୍କ ଛକ, ମହାବୀର ଛକ, ଭେଜିପୁଟ, ଚକରା ବିଷୋୟୀ ଛକ, କୁଲାଡ ରୋଡ, ବେଲଗୁଣ୍ଠା ରୋଡ ଛକ ସମେତ ସହରର ଜନଗହଳିପୂର୍ଣ ସ୍ଥାନରେ ଏସବୁ କ୍ୟାମେରା ଲଗାଯାଇଥିଲା। ଏହାର ଦୁଇଟି କଣ୍ଟ୍ରୋଲ୍ ରୁମ୍ ରହିଥିଲା। ଗୋଟିଏ ପୌରପରିଷଦ କାର୍ଯ୍ୟାଳୟରେ ଥିବା ବେଳେ ଅନ୍ୟଟି ଭଞ୍ଜନଗର ଥାନାରେ ରହିଥିଲା। ସେଠାରେ ଏଲ୍‌ସିଡି ଲଗାଯାଇ ପୂରା ସହରର କ୍ୟାମେରା ଚିତ୍ର ଏଠାରୁ ଦେଖାଯାଉଥିଲା। ମାତ୍ର ଦୁର୍ଭାଗ୍ୟ ଯେ ଲାଗିବାର ପ୍ରାୟ ବର୍ଷକ ପରେ କ୍ୟାମେରା କାମ ନ କରିବା ସମସ୍ୟା ଆରମ୍ଭ ହୋଇଯାଇଥିଲା। ମରାମତି ନ କରିବାରୁ କ୍ରମଶଃ କ୍ୟାମେରା ଗୁଡ଼ିକ ଅଚଳ ହୋଇଗଲା। ବର୍ତ୍ତମାନ ସବୁ ସିସି କ୍ୟାମେରା ଖରାପ ହୋଇ ଖୁଣ୍ଟରେ ଝୁଲି ହୋଇ ରହିଛି। ଯାହାର ସୁଯୋଗ ନେଇ କିଛି ଠକ ଓ ବାଇକ୍ ଲୁଟେରା ଦଳ ଭଞ୍ଜନଗର ସହରରେ ସକ୍ରିୟ ହୋଇ ଉଠିଛନ୍ତି। ସହରର ବ୍ୟସ୍ତବହୁଳ ଅଞ୍ଚଳରୁ ଆଖି ପିଛୁଳାକେ ବାଇକ୍ ଲୁଟ୍ କରି ଚମ୍ପଟ ମାରୁଛନ୍ତି। ଏମିତିକି ପୁଲିସ୍‌କୁ ଚକମା ଦେଇ ଥାନା ଆଗରୁ ମଧ ବାଇକ୍ ଚୋରି କରିନେଉଛନ୍ତି ଲୁଟେରା। ଗତ କିଛି ଦିନ ମଧରେ ସହରର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଏକାଧିକ ଅଭିଯୋଗ ହୋଇଛି। ହେଲେ ସିସି କ୍ୟାମେରା ଅଚଳ ହୋଇ ପଡିଥିବାରୁ ବାଇକ୍ ଚୋର ଙ୍କ ପାଖରେ ପୁଲିସ ପହଞ୍ଚି ପାରୁନାହିଁ। ଦିନକୁଦିନ ବାଇକ୍ ଚୋରି ବଢୁଥିବା ବେଳେ ଜିଲ୍ଲା ପୁଲିସ କିମ୍ବା ପୌର ପରିଷଦ କର୍ତ୍ତୁପକ୍ଷ କାହିଁକି ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି, ତାହା ବୁଝାପଡୁନାହିଁ।

ସାଂପ୍ରତିକ ସମୟରେ ବିଭିନ୍ନ ଅପରାଧରେ ସୁରାକ ପାଇବାର ସିସି କ୍ୟାମେରା ପୁଲିସ ପାଇଁ ପ୍ରମୁଖ ମାଧମ ହୋଇଥିବା ସ୍ଥଳେ ଜିଲ୍ଲା ପୁଲିସର ଏ କ୍ଷେତ୍ରରେ ନିଷ୍କ୍ରିୟତା ଆଶ୍ଚର୍ଯ୍ୟ ଚକିତ କରୁଛି। ସତେ ଯେମିତି କୌଣସି ପ୍ରକାର ବଡ଼ଧରଣର ଅଘଟଣକୁ ପୁଲିସ ଅପେକ୍ଷା କରିଛି। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଆସୁଥିବାରୁ ସହରରେ ଭିଡ଼ ବଢ଼ିବ। ଗଣ୍ଡଗୋଳ, ହିଂସାକାଣ୍ଡ ଘଟିବା ଆଶଙ୍କାକୁ ବି ଏଡ଼ାଇ ଦେଇପାରିବା ନାହିଁ। ତେଣୁ ସିସି କ୍ୟାମେରା ସୁରକ୍ଷା ବଳୟ ଭିତରେ ସହରକୁ ରଖାଯିବା ନିତାନ୍ତ ଆବଶ୍ୟକ ହୋଇପଡ଼ିଛି।

## ସଂଗଠନ ପକ୍ଷରୁ ବିଶ୍ୱ ପରିବେଶ ଦିବସ



ଟିକାବାଲି,୫।୬(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ବୁର୍ବିକାଣ୍ଡ୍ର ଗ୍ରାମପଞ୍ଚାୟତ ଅନ୍ତର୍ଗତ ପେନାଗବେରା ଗ୍ରାମର ୱାର୍ଡ ସଭ୍ୟା ଜଶ୍ମିନା ପ୍ରଧାନଙ୍କ ସଭାପତିତ୍ୱରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି ଅବସରରେ ପରମ୍ପରା ଖାଦ୍ୟ ପାରମ୍ପରିକ ଚାଷ,ଏବଂ ପ୍ରକୃତିକୁ କିପରି ଭଲ ପାଇବା ସହିତ ପ୍ଲାଷ୍ଟିକ ମୁକ୍ତ ଗାଁ କିପରି ସମ୍ଭବ ହୋଇ ପାରିବ ସେନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୀବିକା ସୁରକ୍ଷା ମଞ୍ଚ କନ୍ଧମାଳର କର୍ମୀ ସଞ୍ଜୟ ଦିଗାଲ ଓ ସସ୍ମିତା ମଲ୍ଲିକ, ପ୍ରଣିତା ଦିଗାଲ, ମହାଲିନ ପ୍ରଧାନ, ରିତା ପ୍ରଧାନ ସମେତ ଗାଁ ଅନେକ ମହିଳାମାନେ ଯୋଗ ଦେଇ ଏହି ଦିବସ ଟିକୁ ପାଳନ କରିଥିଲେ ଏବଂ ଶେଷରେ କିଛି ବୃକ୍ଷ ଚାରା ରୋପଣ କରାଯାଇଛି।

## ବିଶ୍ୱ ପରିବେଶ ଦିବସ

ଗଞ୍ଜାମ,୫।୬(ସମିସ): ପୁରୁଣାବନ୍ଧ ଗ୍ରାମ ନିକଟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଖଲ୍ଲିକୋଟ ବନାଞ୍ଚଳ ଏସିଏଫ ଦିବ୍ୟାଶଙ୍କର ବେହେରାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପରିବେଶବିତ ତଥା ବିଶିଷ୍ଟ ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଦେଇଥିଲେ। ଡିଏଓ ରଞ୍ଜନ କୁମାର ଭୋଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସଙ୍ଘ ସହାୟିକା ମହିଳା ଉପସ୍ଥିତ ରହିଥିବା ବେଳେ ବନ ବିଭାଗ କର୍ମଚାରୀ ସହଯୋଗ କରିଥିଲେ।

# ନୃତ୍ୟ ସଙ୍ଗୀତରେ ଶେଷ ହେଲା ଛତ୍ରପୁର ମହୋତ୍ସବ



ଛତ୍ରପୁର, ୫।୬(ସମିସ) : ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ପାଞ୍ଚଦିନଧରି ଚାଲିଥିବା ଛତ୍ରପୁର ମହୋତ୍ସବ ଶେଷ ହୋଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ତଥା ସୁପ୍ରସିଦ୍ଧ ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ନାୟକଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଓ ଦେବଦତ୍ତ ପଣ୍ଡା ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଆଇ ଏ ଏସ ଶିକ୍ଷାନବୀସ ସୁଶ୍ରୀ ସାରାନ୍ୟା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶେଷ ସନ୍ଧ୍ୟାରେ ଅଙ୍କିତା ଭଟ୍ଟାଚାର୍ଯ୍ୟ, ପ୍ରଜ୍ଞା ହୋତା, ସଚିନ ରାଉତଙ୍କ ସଂଗୀତ ଓ ଆର ଡି ଏକ୍ସ ଡ୍ୟାନ୍ସ ଗ୍ରୁପର ଦମଦାର ଡ୍ୟାନ୍ସ ସହିତ ଛତ୍ରପୁର ଶ୍ରୀ ନଟରାଜ ନୃତ୍ୟ ଏକାଡେମୀର ସେମି କ୍ଲାସିକାଲ, ବ୍ରହ୍ମପୁର ସଙ୍ଗୀତ ଆରାଧନା ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ଏକାଡେମୀର ସମ୍ବଲପୁରୀ, ବ୍ରହ୍ମପୁର ଉତ୍କଳିକା କଳା ନିକେତନର ସେମି କ୍ଲାସିକାଲ, ଛତ୍ରପୁର ସମୀର ନୃତ୍ୟ ପରିବେଷଣ କରାଯାଇଥିଲା।

# ଋଷିକୂଲ୍ୟା ବ୍ରାହ୍ମଣ ମହାସଂଘର ସାଧାରଣ ସଭା



ଆସିକା,୫।୬(ସମିସ): ଋଷିକୂଲ୍ୟା ବ୍ରାହ୍ମଣ ମହାସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଆସିକା ଲାଲାଶାସନସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଗଙ୍ଗାଧର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମହାସଂଘର ବହୁ ସଦସ୍ୟ ଓ କର୍ମକର୍ତ୍ତା ଯୋଗଦେଇ ସାଂଗଠନିକ ପୁନର୍ବିନ୍ୟାସ ସହ ବ୍ରାହ୍ମଣ ବାଳକଙ୍କ ସାମୁହିକ ବ୍ରତୋପନୟନ କରିବା ନେଇ ଆଲୋଚନା ହୋଇଥିଲା। ସଂଘର ପୁରୋହିତ କର୍ମକାଣ୍ଡ, ସୁପକାର ଓ ପୂଜକ କାର୍ଯ୍ୟରେ ନିୟୋଜିତ ବ୍ରାହ୍ମଣଙ୍କର ବହୁବିଧ ସମସ୍ୟା ଉପରେ ଆଲୋଚନା କରାଯାଇଥିଲେ। ଗାଁ ଭିଟାମାଟି ଛାଡି ଦାଦନ ଖଟିବା ପାଇଁ ବାହାରକୁ ଯିବା ସୃଷ୍ଟି ହୋଇଥିବାରୁ ସରକାରୀ ସ୍ତରରେ ସହାୟତା ଏହି ୩ ଶ୍ରେଣୀର ବ୍ରାହ୍ମଣଙ୍କ ଦାବି ଉପସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସାମୁହିକ ବ୍ରତୋପନୟନ ମାର୍ଚ୍ଚ ମାସରେ ଏହି ପୀଠରେ ଅନୁଷ୍ଠିତ କରାଇବାକୁ ସ୍ଥିର କରାଗଲା। ଏଥି ପାଇଁ ବ୍ରତୋପନୟନ କମିଟି ଓ ପଣ୍ଡିତ କମିଟି ଗଠନ କରାଯାଇ ଉପଯୁକ୍ତ ବ୍ରତୋପନୟନ ପ୍ରାର୍ଥଙ୍କୁ ଚୟନ କରିବାକୁ ନିଷ୍ପତ୍ତି ହେଲା। ଏହି କମିଟିରେ ପଣ୍ଡିତ ସୁରେନ୍ଦ୍ରନାଥ ମିଶ୍ର ଅଧ୍ୟକ୍ଷ, ମିନକେତନ ଶତପଥୀ, ବଳରାମ ଦାଶ, ଦେବୀ ପ୍ରସାଦ ଶତପଥୀ, ଦିଲ୍ଲୀପ କର, ସୀତାରାମ ଦାଶ, ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ସୁଧିରକାନ୍ତ ଦାଶ, କୈଳାସ ଚନ୍ଦ୍ର ମହାପାତ୍ର, ତାରିଣୀ ଚରଣ ସାହୁ, ମୀନକେନତନ ରଥ, ପଣ୍ଡିତ ରାମେଶ୍ୱର ଶତପଥୀ, ପଣ୍ଡିତ ରତ୍ନାକର ଦାଶଙ୍କୁ ଚୟନ କରାଯାଇଥିଲା ବେଳେ ଗଙ୍ଗାଧର ମିଶ୍ରଙ୍କୁ ଆସିକା ବ୍ଲକ୍ ସୁପକାର କମିଟି ସଭାପତି ଭାବେ ମନୋନିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଛବିଳରାମ ମିଶ୍ର, ଦିଲ୍ଲୀପ ପାଣିଗ୍ରାହୀ, ପ୍ରସନ୍ନ ତ୍ରିପାଠୀ, ଶକ୍ତି ପ୍ରସାଦ କର, ନିରୋଜ କୁମାର ପାଢୀ, ଉପେନ୍ଦ୍ର ନାଥ ମିଶ୍ର, ସୁକାନ୍ତ ମିଶ୍ର, ନିରଞ୍ଜନ ପଣ୍ଡା, ଶିବ ପ୍ରସାଦ ଶତପଥୀ, ନିଳମାଧବ ଦାଶ ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ସନ୍ତୋଷ କୁମାର ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ● ବିଶ୍ୱ ଜଳବାୟୁ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ

### ସ୍ୱଚ୍ଛ ଭାରତ, ବୃକ୍ଷ ରୋପଣ, ସମେତ ସ୍ୱତନ୍ତ୍ର ଗ୍ରାମସଭା

ରାଇକିଆ,୫।୬(ସମିସ): ବିଶ୍ୱ ଜଳବାୟୁ ଦିବସ ଅବସରରେ ଶୁକ୍ରବାର ରାଇକିଆ ପଞ୍ଚାୟତ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରଥମେ ରାଇକିଆ



ବସ୍ ଷ୍ଟାଣ୍ଡ ରେ ପରିବେଶ ସଚେତନତା, ପରିମଳ ସଫେଇ, ପରେ ଜନଜାତି ହାଟ ପଡ଼ିଆରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା। ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଜଳବାୟୁ ଦିବସକୁ ନେଇ ମୋ ଗାଁ ମୋ ଦାୟିତ୍ୱ ଶୀର୍ଷକ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ ଆଲୋଚନା ଓ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସରପଞ୍ଚ ଗୀତାଞ୍ଜଳି ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ନିଥୟଲ ନାୟକ, ନିର୍ବାହୀ ଅଧିକାରୀ ଶିବ ଶମ୍ଭୁ ଗୌଡ଼, ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ବିଭିନ୍ନ ୱାର୍ଡ ସଭ୍ୟସଭ୍ୟା, ପଞ୍ଚାୟତବାସୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ପୁରୁଷୋତ୍ତମପୁର ଏନ୍‌ଏସି ପକ୍ଷରୁ ବୃକ୍ଷ ଚାରାରୋପଣ



ପୁରୁଷୋତ୍ତମପୁର, ୫।୬(ସମିସ): ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତବର୍ଷ ପୁରୁଷୋତ୍ତମପୁର ଏନଏସି କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ପରିବେଶ ଦିବସ ପାଳିତ ହୋଇଯାଇଛି। କର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀଙ୍କ ଅଧକ୍ଷତାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନ ପ୍ରାୟ ୭ ଟାରେ ଏନଏସିର ଭାରପ୍ରାପ୍ତ ଅଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, ସମସ୍ତ କାଉନସିଲ, କର୍ମଚାରୀ, ବନକର୍ମଚାରୀ ସ୍ଥାନୀୟ ସନ୍‌ସାଇନ୍ ଇଣ୍ଟରନେସନାଲ୍ ସ୍କୁଲର ଶିକ୍ଷକ ଓ ଛାତ୍ରଛାତ୍ରୀ ସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ। ବର୍ଷା ଋତୁରେ ସ୍ଥାନୀୟ ଅଞ୍ଚଳମାନଙ୍କରେ ଆଗାମୀ ଦିନରେ ଅଧିକରୁ ଅଧିକ ଚାରାରୋପଣ କରି ସବୁଜ ପରିବେଶ ସହ ସୁସ୍ଥ ଜୀବନ ଗଢ଼ିବା ପାଇଁ ଚାରାରୋପଣର ଆବଶ୍ୟକତା ରହିଛି ବୋଲି ଏନଏସି ନିର୍ବାହୀ ଅଧିକାରୀ ଉପସ୍ଥିତ କାଉନସିଲର, ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇଥିଲା। ଏହାପରେ ସ୍ଥାନୀୟ ପିଏମ ନରସିଂହ ଦାସ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ ବୃକ୍ଷ ରୋପଣ କରି ପରିବେଶ ଦିବସ ପାଳନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ବାଣ୍ଟି ଥିଲେ।

### ବିଶ୍ୱ ଭାରତୀ କଳା ପରିଷଦର ଭଜନ ସମାରୋହ

କବିସୂର୍ଯ୍ୟନଗର,୫।୬(ସମିସ): କବିସୂର୍ଯ୍ୟନଗର ଆଠଗଡ଼ପାଟଣା ସ୍ଥିତ ବୈଜୟନ୍ତ ସାହିରେ କବିସୂର୍ଯ୍ୟନଗର ଶ୍ରୀଗୁଣ୍ଡିଚା ଭଜନ ମଞ୍ଚ ଓ ବ୍ରହ୍ମପୁର ବିଶ୍ୱଭାରତୀ କଳା ପରିଷଦ



ମିଳିତ ଆନୁକୂଲ୍ୟରେ ଯୁଗଳ ଭଜନ ସମାରୋହ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଗୁରୁ ନୀଳାଞ୍ଚଳ ବେହେରା ଓ ସାମ୍ବାଦିକ ତଥା ଲାୟନ୍ସ କ୍ଲବ ସଭାପତି ଇଂ. କୃପାସିନ୍ଧୁ ସ୍ୱାଇଁ ନିଜ ନିଜର ଭଜନ ଗ୍ରୁପର ପ୍ରତିନିଧିତ୍ୱ କରିଥିଲେ। ଶ୍ରୀଗୁଣ୍ଡିଚା ଭଜନ ମଞ୍ଚ ପକ୍ଷରୁ କଳାକାର ଭାବେ ପ୍ରଭାସିନୀ ବାରିକ, ବିଚିତ୍ର ବିଷୋୟୀ, ଶିଶୁଗୋପାଳ ସାହୁ, ତୁଳସୀ ବିଷୋୟୀ, ଚକାଡୋଲା ଗୌଡ଼ ଅଂଶଗ୍ରହଣ କରିଥିଲେ। ସେହି ବ୍ରହ୍ମପୁର ବିଶ୍ୱଭାରତୀ କଳାପରିଷଦ ପକ୍ଷରୁ ଲକ୍ଷ୍ମୀପ୍ରିୟା ସେନାପତି, ଶୁଭ୍ରସୌରଭ ବେହେରା, ପ୍ରଜ୍ଞାପରମିତା ପଟ୍ଟନାୟକ, ସନ୍ତୋଷ ପଟ୍ଟନାୟକ, କୁମାରୀ ରାଜନନ୍ଦିନୀ ବେହେରା ଭାଗ ନେଇଥିଲେ। ବାଦ୍ୟଯନ୍ତ୍ରରେ ସୁବାସ ବେହେରା, ଜିତୁ ମହାରଣା, ରଞ୍ଜିତ ବେହେରା ଓ ଉଦଘୋଷିକା ଭାବେ ବିଘ୍ନେଶ୍ୱରୀ ସାହୁ ଥିଲେ। ମନୋଜ ପଟ୍ଟନାୟକ, ସୁରେଶ ପଟ୍ଟନାୟକ ଏହାକୁ ପରିଚାଳନା କରିଥିଲେ।

## କଲେଜ ଅଧକ୍ଷଙ୍କୁ 'ପ୍ରକୃତି ବନ୍ଧୁ ପୁରସ୍କାର'

ରମ୍ଭା,୫।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ଗୋପାଳକୃଷ୍ଣ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟ, ସୁବଳୟାର ଅଧକ୍ଷ ଡ. ସିଏଚ୍. ସୁଧାକରଙ୍କୁ "ପ୍ରକୃତି ବନ୍ଧୁ ପୁରସ୍କାର'ରେ ସମ୍ମାନିତ ହୋଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ବନ ଅଧିକାରୀ ସନ୍ନି ଖୋଖର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସରୋଜ କୁମାର ସାବତ ଯୋଗ ରହିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍ତର ଓଡ଼ିଶା ଡିଏଫଓ ହିମାଂଶୁ ଶେଖର ମହାନ୍ତି, ଅଷ୍ଟମ ବାଟାଲିୟନ ଛତ୍ରପୁରର କମାଣ୍ଡାଣ୍ଟ ଶାରଦା ପ୍ରସାଦ ଦାସଙ୍କ ଉପସ୍ଥିତରେ ଡ଼. ସିଏଚ ସୁଧାକରଙ୍କୁ ସମ୍ମାନିତ କରାଯାଇଥିଲା। କଲେଜ ପରିସରରେ ନିରନ୍ତର ବୃକ୍ଷରୋପଣ, ଜଳ ସଂରକ୍ଷଣ, ପ୍ଲାଷ୍ଟିକ ବର୍ଜନ ଅଭିଯାନ ଓ ଛାତ୍ରଛାତ୍ରୀଙ୍କୁ ନେଇ ପରିବେଶ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ଡ. ସୁଧାକରଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଇକୋ-କ୍ଲବ ଗଞ୍ଜାମର ସଂଯୋଜକ ଡ. ଶଙ୍କର ନାରାୟଣ ବେଜ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏସିଏଫ ଶସ୍ମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଡ଼. ସିଏଚ ସୁଧାକରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ବେଲଗୁଣ୍ଠା ଏନ୍‌ଏସି ପକ୍ଷରୁ ବିଶ୍ୱ ପରିବେଶ ଦିବସ

ବେଲଗୁଣ୍ଠା,୫।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁତୁମୁସର ରୋଡ୍ ପାଶ୍ୱର୍ରେ ଥିବା ଆଦର୍ଶ ଶ୍ମଶାନ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିଷଦର ନଗରପାଳ ଫିରୋଜ୍ କୁମାର ସେଠୀଙ୍କ ସମେତ କାଉନସିଲର ଦିବ୍ୟ ରଞ୍ଜନ ଦାଶ, ପ୍ରଦୀପ କୁମାର ସେଠୀ, ବିଶ୍ୱନାଥ ଦଳାଇ, ପାରିଷଦ ପ୍ରତିନିଧି ସନ୍ତୋଷ ସ୍ୱାଇଁ, ସୋମନାଥ ବେହେରା, ରଞ୍ଜିତ କୁମାର ସାମଲ, ଯୁବ ସାମ୍ବାଦିକ ଶିବରାମ ଚୌଧୁରୀଙ୍କ ସମେତ ପରିଷଦର ସମସ୍ତ କର୍ମଚାରୀ, ସ୍ୱଚ୍ଛ ସାଥୀ, ସୁପରଭାଇଜର୍, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନୋଡାଲ ଅଧିକାରୀ ପ୍ରଫୁଲ୍ଲ କୁମାର ଷଡଙ୍ଗୀ ପରିଚାଳନା କରିଥିଲେ।

ଛତ୍ରପୁର: ପରିବେଶ ଦିବସ ଉପଲକ୍ଷେ ଛତ୍ରପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା ଆଲୋଚନା ଚକ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅବରସପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ସମିତି ସଭ୍ୟ ପ୍ରତିନିଧି ଅଲିଅଳ ସେନାପତି, ଶିକ୍ଷାବିତ କିଶୋର କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ଏସଏମସି ଉପସଭାପତି ମନୋଜ କୁମାର ମାହାଙ୍କୁଡ, ସଭ୍ୟ ଦିଲ୍ଲୀପ କୁମାର ବେହେରା, ଇ. ଭାସ୍କର, ଅବଦୁଲ ରେହମାନ, ଇକୋ କ୍ଲବ ସଂଯୋଜିକା ସ୍ୱାଗତିକା ଦାସ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ତରଫରୁ ବ୍ୟାପକ ବନିକରଣ ପାଇଁ ଓ ସେସବୁର ରକ୍ଷଣା ବେକ୍ଷଣା ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

## ବଉଳଝୋଳିରେ ରକ୍ତଦାନ ଶିବିର

କୁକୁଡାଖଣ୍ଡି,୫।୬(ସମିସ): ଗ୍ରୀଷ୍ମ ଋତୁରେ ଦେଖାଦେଉଥିବା ରକ୍ତର ଅଭାବକୁ ଦୂର କରିବା ଲକ୍ଷ୍ୟରେ ଶୁକ୍ରବାର ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ବଉଳଝୋଳି ଗ୍ରାମରେ ଥିବା ବିଧାୟକଙ୍କ ଫାର୍ମ ହାଉସ ପରିସରରେ ଏହି ଶିବିରର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଧାୟକଙ୍କ ପିତା ଅରକ୍ଷିତ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏଥିସହିତ ବିଶିଷ୍ଟ ସମାଜସେବୀ ଅବନୀ ଶତପଥି ଏହି ଶିବିରରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ବିଶେଷ କରି ବ୍ରହ୍ମପୁର ଓ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବପିଢ଼ି ଯୋଗଦେଇ ରକ୍ତଦାନ କରିଥିଲେ। ବ୍ରହ୍ମପୁର ବଡ଼ ମେଡିକାଲ ରକ୍ତଭଣ୍ଡାରର ଏକ ବିଶେଷଜ୍ଞ ଟିମ୍ ରକ୍ତ ସଂଗ୍ରହ କାର୍ଯ୍ୟ ପରିଚାଳନା କରିଥିଲେ। ଶିବିରରୁ ସର୍ବମୋଟ ୨୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି, ଯାହା ଆଗାମୀ ଦିନରେ ଅନେକ ଜରୁରୀକାଳୀନ ରୋଗୀଙ୍କ ଜୀବନ ରକ୍ଷା କରିବାରେ ସହାୟକ ହେବ ବୋଲି ବିଧାୟକ ଶ୍ରୀ ଜେନା କହିଛନ୍ତି।

## ଯୁବ ସାମ୍ବାଦିକଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର

ପାତ୍ରପୁର,୫।୬(ସମିସ): ପାତ୍ରପୁର ବ୍ଲକର ଯୁବ ସାମ୍ବାଦିକ ରାଜେଶ ସେଠୀଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଛି। ଉକ୍ତ ପ୍ରକୃତି ବନ୍ଧୁ ପୁରସ୍କାର ବିତରଣ ଉତ୍ସବରେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଶନ୍ନି ଖୋଖରେ, ଭଞ୍ଜନଗର ଉତ୍ତରଘୁମୁସରବନଖଣ୍ଡଅଧିକାରୀ ହିମାଂଶୁଶେଖର ମହାନ୍ତିଙ୍କ ଉପସ୍ଥିତିରେ ଶ୍ରୀ ସେଠୀଙ୍କୁ ମାନପତ୍ର ସହିତ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଜଣେ ସମାଜସେବୀ ଓ ବୃକ୍ଷ ପ୍ରେମୀ ଭାବେ ରାଜ୍ୟ ସରକାରଙ୍କ ତରଫରୁ ସମ୍ବର୍ଦ୍ଧିତ ହୋଇ ପାତ୍ରପୁର ଅଞ୍ଚଳକୁ ଗୌରବ ଆଣିଥିବା ଯୋଗୁଁ ପାତ୍ରପୁର ଅଞ୍ଚଳ ସୀମାନ୍ତ ସାମ୍ବାଦିକ ସଂଘ ସଭାପତି ନୀଳାଞ୍ଚଳ ପଟ୍ଟନାୟକ ଓ ସମସ୍ତ ସାମ୍ବାଦିକ, ସାଙ୍ଗ ସାଥି ପ୍ରୀୟଜନ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ରାଜେଶ ସେଠୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଦାବି ପୂରଣ ନ ହେଲେ ରୋଷେୟା ଓ ସେବାୟତ ଆନ୍ଦୋଳନ ଚେତାବନୀ

ଫୁଲବାଣୀ, ୫।୬ (ସମିସ)

କନ୍ଧମାଳ ଜିଲ୍ଲା ଫୁଲବାଣୀ ନିକଟସ୍ଥ ପାକନାଗାଁ ଗ୍ରାମରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ରାଜ୍ୟ ରୋଷେୟା ତଥା ସେବାୟତ ସଂଘ ତରଫରୁ ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ସନ୍ତେଶ୍ୱର କହଁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ୧୨ଟି ବ୍ଲକର ବିଭିନ୍ନ ସ୍କୁଲରୁ କର୍ମଚାରୀମାନେ ଏକତ୍ରିତ ହୋଇ ସେମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ମୁଖ୍ୟତଃ ୫ ଦଫା ଦାବି ଉପସ୍ଥାପନ କରାଯାଇଛି। ସେଗୁଡ଼ିକ ମଧ୍ୟରେ- ଦଶ ବର୍ଷରୁ କାର୍ଯ୍ୟ କରିଥିବା



ରୋଷେୟା ଓ ସେବାୟତମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ଗ୍ରୁପ-ଡି ପଦବୀକୁ ନେଇ ସ୍ଥାୟୀ କରିବା କିମ୍ବା ଅନ୍ୟ ଯେକୌଣସି ବିଭାଗରେ ନିଯୁକ୍ତି ଦେବା, କାର୍ଯ୍ୟରତ ସମୟରେ ମୃତ୍ୟୁ ବରଣ କଲେ ପରିବାରର ଜଣକୁ ସ୍ଥାୟୀ ଚାକିରି କିମ୍ବା ୧୫ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ରାଶି ପ୍ରଦାନ କରିବା, ଦଶ ବର୍ଷରୁ କାର୍ଯ୍ୟରତ ଥିବା ସେବାୟତମାନଙ୍କର ଦରମା ୨୬,୦୦୦ ଟଙ୍କାକୁ ବୃଦ୍ଧି କରିବା ଏବଂ ଦୈନିକ ୨୪ ଘଣ୍ଟା ପରିବର୍ତ୍ତେ ୮ ଘଣ୍ଟାର ଡିଉଟି ସମୟ ଧାର୍ଯ୍ୟ କରିବା ଆଦି ଅନ୍ତର୍ଭୁକ୍ତ।

ଏହି ସମସ୍ତ ଦାବି ଗୁଡ଼ିକୁ ପୂରଣ କରିବା ପାଇଁ ସଂଘ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିବେଦନ କରାଯାଇଛି। ଯଦି ଏହି ଦାବିଗୁଡ଼ିକ ପୂରଣ ନହୁଏ, ତେବେ ଆଗାମୀ ଦିନରେ ରାଜ୍ୟସ୍ତରରେ ବୈଠକ କରି ସଂଘ ଆନ୍‌ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଭାପତି ସନ୍ତେଶ୍ୱର କହଁର, ସମ୍ପାଦକ ଚକ୍ରପାଣି ଭୋଇ, ଉପସଭାପତି ଅଜିତ କୁମାର ଦିଗାଲ, ଚନ୍ଦ୍ର ବର୍ଗର୍ତ୍ତୀ ଏବଂ ଅଜିତ କହଁର ପରିଚାଳନା କରିଥିଲେ। ଏଥିରେ ଜିଲ୍ଲାର ୧୨ଟି ବ୍ଲକର ସଭାପତି, ସମ୍ପାଦକଙ୍କ ସମେତ ବହୁ ସଂଖ୍ୟାରେ ରୋଷେୟା ଓ ସେବାୟତ ଉପସ୍ଥିତ ଥିଲେ।

### କ୍ଷୁବ୍ଧ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

# ୧୬ ମଧ୍ୟରେ କର୍ମଚାରୀଙ୍କ ବଦଳି କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

ଜଗତସିଂହପୁର,୫।୬(ସମିସ)

ପ୍ରଶାସନିକ କାର୍ଯ୍ୟ କ୍ଷେତ୍ରରେ ସମୟାନୁବର୍ତ୍ତିତା ଏବଂ ସ୍ୱଚ୍ଛତା ଆଣିବା ପାଇଁ ସରକାରୀ ସ୍ତରରେ ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ବଦଳି ନୀତି ପ୍ରଚଳନ କରାଯାଇଥିବା ବେଳେ ଜଗତସିଂହପୁର ଜିଲ୍ଲା ସମେତ ଅନେକ କେତେକ ଜିଲ୍ଲାରେ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏହା କାର୍ଯ୍ୟକାରୀ ହୋଇନାହିଁ। ଏହାକୁ ନେଇ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ କ୍ଷୁବ୍ଧ ହୋଇଛନ୍ତି। ଗତ ମେ' ୧୪ ତାରିଖରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ପତ୍ର ସଂଖ୍ୟା ୨୦୩୦୩ରେ ଜୁନ୍ ୧୫ ତାରିଖ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରି ସରକାରଙ୍କୁ ରିପୋର୍ଟ କରିବା ପାଇଁ ଜଗତସିଂହପୁର ଜିଲ୍ଲାପାଳଙ୍କ ସମେତ ସମସ୍ତ ଜିଲ୍ଲାପାଳମାନଙ୍କୁ ତାଗିଦ କରିଛନ୍ତି। ଜିଲ୍ଲାପାଳ କାର୍ଯ୍ୟାଳୟ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, ବ୍ଲକ୍ ଏବଂ ତହସିଲ କାର୍ଯ୍ୟାଳୟ ତଥା ଅନ୍ୟ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ନିଯୁକ୍ତି ପାଇଥିବା ସେକ୍ସନ ଅଫିସର, ବରିଷ୍ଠ ରାଜସ୍ୱ ସହାୟକ, କନିଷ୍ଠ ରାଜସ୍ୱ ସହାୟକ, ରାଜସ୍ୱ ନୀରିକ୍ଷକ, ରାଜସ୍ୱ ପର୍ଯ୍ୟବେକ୍ଷକ, ସହକାରୀ ରାଜସ୍ୱ ନୀରିକ୍ଷକ ଏବଂ ଅମିନ ମାନଙ୍କ କ୍ଷେତ୍ରରେ ଏହି ବଦଳି ନିୟମ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ରହିଛି। ଏହିସବୁ ସରକାରୀ ଦପ୍ତରରେ ଯେଉଁ କର୍ମଚାରୀମାନେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ୩ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଏହି ଚିଠିରେ ଉଲ୍ଲେଖ ରହିଥିବା ସୂଚନା ମିଳିଛି।

**● ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ**

**● ପୂର୍ବରୁ ଦୁଇଥର ଚିଠି ପରେ ମଧ୍ୟ କାର୍ଯ୍ୟକାରୀ ହୋଇନଥିଲା**

ଏଠାରେ ସୂଚନାଯୋଗ୍ୟ ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଗତ ୨୦୨୫ ସେପ୍ଟେମ୍ବର ୧୮ ତାରିଖ ଚିଠି ସଂଖ୍ୟା ୩୫୩୮୪ରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଉପରୋକ୍ତ ବଦଳି ନିୟମ କାର୍ଯ୍ୟକାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚିଠି ମିଳିବାର ୧୫ ଦିନ ମଧ୍ୟରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛ ସଂପୃକ୍ତ ବିଭାଗକୁ ଅବଗତ କରିବାକୁ ମଧ୍ୟ ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା। ଅର୍ଥାତ୍ ଅକ୍ଟୋବର ୩ ତାରିଖ ସୁଦ୍ଧା ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବା କଥା। ହେଲେ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ କୌଣସି ଉତ୍ତର ନ ମିଳିବାରୁ ପୁନର୍ବାର ଗତ ୨୦୨୫ ନଭେମ୍ବର ୧ ତାରିଖ ଚିଠି ସଂଖ୍ୟା ୪୧୨୦୩ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ୭ ଦିନ ମଧ୍ୟରେ ବଦଳି ନୀତି କାର୍ଯ୍ୟକାରୀ କରି ବିଭାଗକୁ ଜଣାଇବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ୨ ଥର ଚିଠି ପରେ ମଧ୍ୟ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଏହାକୁ ଫୁଁ' କରି ଉଡ଼ାଇ ଦେଇଥିଲା। ଯଦିଓ ଜିଲ୍ଲାର କେତେକ କର୍ମଚାରୀ ଗୋଟିଏ ସ୍ଥାନରେ ୫ ବର୍ଷରୁ ୧୦ ବର୍ଷ ପର୍ଯ୍ୟନ୍ତ କାମ କରି ଆସୁଥିବା ବେଳେ ଅନ୍ୟ କିଛି କର୍ମଚାରୀ ୧୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ଗୋଟିଏ ସ୍ଥାନରେ କାମ କରୁଛନ୍ତି। ଏହାସତ୍ତ୍ୱେ କାହିଁକି ସେମାନଙ୍କୁ ବଦଳି କରାଯାଉନାହିଁ ତାହା ଜିଲ୍ଲା ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବଦଳି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବା ସେମାନଙ୍କ ପାଇଁ ପୁଷମାସ ସଦୃଶ ହୋଇଥିବା ସାଧାରଣରେ ଆଲୋଚନା କରାଯାଉଛି। ତେବେ ଗତବର୍ଷ ପ୍ରଶାସନିକ ସ୍ତରରେ କର୍ମଚାରୀ ମାନଙ୍କର ଏକ ବଦଳି ତାଲିକା ପ୍ରସ୍ତୁତ ହୋଇଥିଲେ ମଧ୍ୟ କେଉଁ ଅଦୃଶ୍ୟ କାରଣରୁ ତାହା କାର୍ଯ୍ୟକାରୀ କରାଗଲା ନାହିଁ ତାହା ଏବେ ମଧ୍ୟ ରହସ୍ୟାବୃତ ହୋଇରହିଛି।

ସରକାରଙ୍କ କର୍ମଚାରୀ ବଦଳି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ପାଇଁ ଆଉ ମାତ୍ର ୧୦ ଦିନ ସମୟ ରହିଛି। ଦେଖିବାର କଥା ଜଗତସିଂହପୁର ଜିଲ୍ଲା ପ୍ରଶାସନ ଏହାକୁ କାର୍ଯ୍ୟକାରୀ କରୁଛି ନା ପୂର୍ବବର୍ଷ ଭଳି ଫୁଁ' କରି ଉଡ଼ାଇଦେଉଛି। ତେବେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ କେବଳ ଚିଠି କରିଦେଇ ଚୁପ୍ ବସିଯିବା ପରିବର୍ତ୍ତେ ଏହା କିଭଳି କାର୍ଯ୍ୟକାରୀ ହେବ ସେ ଦିଗରେ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି କରାଯାଇଛି।

## ପାରାଦୀପ ବନ୍ଦର ପକ୍ଷରୁ ପରିବେଶ ଦିବସ



**ପାରାଦୀପ,୫।୬(ସମିସ):** ପାରାଦୀପ ବନ୍ଦର ପକ୍ଷରୁ ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମର ଆହ୍ୱାନକୁ ଗ୍ରହଣ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏସ୍‌ଟିପି-୩ ପରିସରରେ ଏହି ଅବସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପାରାଦୀପ ବନ୍ଦର ଅଧ୍ୟକ୍ଷ ପି. ଏଲ୍ ହରନାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପାରାଦୀପ ବନ୍ଦର ପରିବେଶ ସୁରକ୍ଷା ଦିଗରେ ନାନାବିଧ କାର୍ଯ୍ୟକ୍ରମମାନ ଗ୍ରହଣ କରିଥିବା ସୂଚନା ଦେଇଥିଲେ। ନୂତନ ଜ୍ଞାନକୌଶଳ ମାଧ୍ୟମରେ ପରିବେଶର ସୁରକ୍ଷା ହେଲେ ସମସ୍ତେ ସୁରକ୍ଷିତ ଭାବେ ରହି ପାରିବା ବୋଲି ମତବ୍ୟକ୍ତ କରିଥିଲେ। ଆମ ପ୍ରକୃତି ସ୍ୱତନ୍ତ୍ର ଭାବେ ପରିବେଶ ସୁରକ୍ଷା ଦିଗରେ ଆମକୁ ବହୁତ କିଛି ଶିକ୍ଷା ଦିଏ, ପାରାଦୀପ ବନ୍ଦର ଏସଟିପି-୩ରେ ପ୍ରଦୂଷିତ ଜଳକୁ ନୂତନ ଜ୍ଞାନକୌଶଳ ମାଧ୍ୟମରେ ଶୋଧନ କରି ବ୍ୟବହାର ଉପଯୋଗୀ କରିପାରିଛି। ପାରାଦୀପ ବନ୍ଦର ଗ୍ରୀନ ପୋର୍ଟ ଇକୋ ସିଷ୍ଟମର ଉପଯୋଗ କରି ପରିବେଶ ପରିଚାଳନାର ଦକ୍ଷତା ପ୍ରତିପାଦିତ କରୁଛି। ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ବ୍ୟପକ ଭାବେ ଜନ ସଚେତନତା ସୃଷଟି କରୁଛି ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଟି. ଭେନୁ ରୋପାଳଙ୍କ ସମେତ ବିଭାଗୀୟ ମୁଖ୍ୟ, ଅଧିକାରୀ, ସାକ୍ଷରତା ସମିତିର ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ।

# ନୂଆଗଡ଼ରେ ସ୍ୱତନ୍ତ୍ର ଗ୍ରାମସଭା ବୈଠକ



**କୁଜଙ୍ଗ,୫।୬(ସମିସ):** କୁଜଙ୍ଗ ବ୍ଲକର ପାରାଦୀପ ବନ୍ଦରକୁ ଲାଗିଥିବା ପ୍ରମୁଖ ପଞ୍ଚାୟତ ନୂଆଗଡ଼ ଗ୍ରାମପଞ୍ଚାୟତରେ ଆଜି ବିଶ୍ୱ ପରିବେଶ ଦିବସ ପାଳନ ସହ ସ୍ୱତନ୍ତ୍ର ଗ୍ରାମସଭା ବୈଠକ, ଚାରାବଣ୍ଟନ ଓ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ପରିବେଶବିତ୍ ତଥା ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ ଏହି ବୈଠକରେ ପୌରୋହିତ୍ୟ କରିଥିଲେ। ଏହି ସଭାରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପର ଆର୍‌ଓ ବିବେଚିତା ଷଡ଼ଙ୍ଗୀ, ପରିବେଶ ଯନ୍ତ୍ରୀ ଦିବ୍ୟଲୋଚନ ମହାପାତ୍ର,ଅର୍ସେଲ ମିତ୍ତଲ ନିପନ୍ ଷ୍ଟିଲ ମାନବ ସମ୍ବଳ ମୁଖ୍ୟ ସୁନୀଲ ଦାସ, କମ୍ପାନିର ସିଏସ୍‌ଆର ଅଧିକାରୀ ଷ୍ଟିଲ ଦେବାଶିଷ ସ୍ୱାଇଁ, ବିଜେପି ମଣ୍ଡଳ ସଭାପତି ଗଗନ ବିହାରୀ ରାଉତ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ପରିବେଶ ଦିବସ ପାଳନ ଅବସରରେ ବୃକ୍ଷରୋପଣ, ପ୍ଲାଷ୍ଟିକ ବର୍ଜନ, ଜଳ, ମୃତ୍ତିକା, ବାୟୁ ଓ ଶବ୍ଦ ପ୍ରଦୂଷଣ କାରଣ ଓ ନିରାକରଣ ନେଇ ଆଲୋଚନା କରିଥିଲେ। ଏଥିରେ ୱାର୍ଡ କମିଟି ସଭ୍ୟଙ୍କ ସହ ଆଶା, ଅଙ୍ଗନବାଡି, ଏମ୍‌ବିକେ, ସିଆର୍‌ପି, ନୂଆଗଡ ପଞ୍ଚାୟତର ବାଲିଡିଆ, ସୀଙ୍ଗିତାଳି, ମୂଷାଡିଆ, ଭୀମନାସୀ ଗୋରଡି, ବିଜୟଚନ୍ଦ୍ରପୁର, ହାଣ୍ଡିଆ ଆଦି ଗ୍ରାମର ଶତାଧିକ ମହିଳା ଯୁବକ ଓ ମୁରବୀ ମାନେ ଯୋଗଦେଇଥିଲେ। ଏହି ପଞ୍ଚାୟତକୁ ସର୍ବାଧିକ ପ୍ରଭାବିତ କରୁଥିବା ଦୁଇ ବୃହତ୍ ଶିଳ୍ପ ଇଫ୍‌କୋ ଓ ଏମ୍‌ଆଣ୍ଡଏନ୍‌ଏସ ପ୍ରତ୍ୟେକ ୩୦୦ ଉତ୍ତମ କିସମ ଫଳ ଗଛ ଲଗାଇ ଏହାର ଟ୍ରି-ଗାର୍ଡ ଲଗାଇଲେ ଏହା ସାଧାରଣ ଲୋକ, ପଶୁପକ୍ଷୀ ଓ ପରିବେଶ ପାଇଁ ବିଶେଷ ସହାୟକ ହୋଇ ପାରିବ ବୋଲି ଅତିଥିମାନେ କହିଥିଲେ।

## ଉଚ୍ଛେଦ ପୂର୍ବରୁ ସରକାରୀ ମାପଚୁପ ଆରମ୍ଭ

**କୁଜଙ୍ଗ, ୫।୬(ସମିସ):** କୁଜଙ୍ଗ ବଜାରରେ ଜବରଦଖଲ ଉଚ୍ଛେଦ ଅଭିଯାନ ଚାଲିଥିବା ବେଳେ ଆଜି ତହସିଲ ପ୍ରଶାସନ ପକ୍ଷରୁ କଟକ-ପାରାଦୀପ ରାସ୍ତାର ଫିଲ୍ମ ହଲ ଛକ ଠାରୁ ବିପିନ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ ମାପଚୁପ ଆରମ୍ଭ ହୋଇଛି। ଯାହା ଦ୍ୱାରା ଦୀର୍ଘ ଦିନ ଧରି ବେଆଇନ ରାସ୍ତା ଅବରୋଧକାରୀଙ୍କ ମନରେ ଛନକା ପସିଛି। କୁଜଙ୍ଗ ବାଲିତୁଠ ରାସ୍ତାର ଜୁମାକଳ ଛକରୁ ପାତ୍ର ଛକ ପର୍ଯ୍ୟନ୍ତ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହେଉଥିଲ। ରାସ୍ତା ସମ୍ପ୍ରସାରଣ ପାଇଁ ଚାଲିଥିବା ଏହି ସରକାରୀ ପକ୍ରିୟା ଜନସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି। ଆଜିର ଏହି ମାପଚୁପ ସମୟରେ ତହସିଲଦାର ସ୍ୱରୁପ ନନ୍ଦନ ବେହେରା, କୁଜଙ୍ଗ ଏବଂ ବାଲିଆ ସର୍କଲ ରାଜସ୍ୱ ନିରିକ୍ଷକ, ଅମିନଙ୍କ ସମେତ ତହସିଲ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜମାକାରୀଙ୍କୁ ଚିହ୍ନଟ କରି ଅର୍ଥ ଫେରସ୍ତ ଦାବି



**ବାଲିକୁଦା,୫।୬(ସମିସ):** ବାଲିକୁଦା ବ୍ଲକର ମାଇକ୍ରୋ ଫାଇନାସ ସଂସ୍ଥା ଦ୍ୱାରା ଠକେଇର ଶିକାର ହୋଇଥିବା ଜମାକାରୀଙ୍କ ଦ୍ୱାରା ସମସ୍ତ ଜମାକାରୀଙ୍କୁ ଚିହ୍ନଟ କରି ଅର୍ଥ ଫେରସ୍ତ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ବାଲିକୁଦା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଜି ସକାଳ ୧୦ ଘଟିକାରେ ଶତାଧିକ ଜମାକାରୀ ବାଲିକୁଦା ସ୍ଥିତ ମା' ଥାନପତି ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ଏକ ବିଶାଳ ପଦଯାତ୍ରା ଜରିଆରେ ବାଲିକୁଦା ବଜାର ଓ କାଠଗୋଲା ଛକ ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗଛ ମୂଳେ ଧାରଣାରେ ବସିରହିଥିଲେ। ତହସିଲଦାର ବିକାଶ ରଞ୍ଜନ ଅନୁପସ୍ଥିତ ଥିବାରୁ ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ ଓ ପିଙ୍କି ନାଏକ ଧାରଣାକାରୀଙ୍କ ନିକଟକୁ ଆସି ଦାବିପତ୍ର ଗ୍ରହଣ କରିବା ସହ ଧାରଣାରୁ ଓହରିବା ପାଇଁ ନିବେଦନ କରିଥିଲେ। ପରେ ଧାରଣାକାରୀମାନେ ଶତାଧିକ ଜମାକାରୀଙ୍କ ମିଳିତ ଦସ୍ତଖତ ପୂର୍ଣ୍ଣ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବା ସହ ତହସିଲ କାର୍ଯ୍ୟାଳୟ ବ୍ଲକର ସମସ୍ତ ମାଇକ୍ରୋ ଫାଇନାସ ଜମାକାରୀଙ୍କୁ ଚିହ୍ନଟ କରିବା ପାଇଁ ନିବେଦନ କରିଥିଲେ। ଅତିରିକ୍ତ ତହସିଲଦାର ଶ୍ରୀ ପଟ୍ଟନାୟକ ଏହି ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯିବା ସହ କିପରି ସମସ୍ୟାର ସମାଧାନ ହୋଇପାରିବ ସେନେଇ ପ୍ରତିଶ୍ରୁତି ଦେଇଥିଲେ। ଜମାକାରୀଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟରେ ନୂତନ ସରକାର ଆସିବା ପରେ ସମସ୍ତ ଚିଟଫଣ୍ଡ ଜମାକାରୀଙ୍କ ଅର୍ଥ ଫେରସ୍ତ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ୨ ଥର ସରକାର କମିଶନ ବସାଇଥିଲେ ମଧ୍ୟ ମାଇକ୍ରୋ ଫାଇନାସ ସଂସ୍ଥାକୁ ଏଥିରେ ଅନ୍ତର୍ଭୁକ୍ତ କରି ନଥିଲେ। ଅନ୍ୟ ଜମାକାରୀମାନେ ସେମାନଙ୍କ ଜମା ପୁଞ୍ଜିରୁ କିଛି ଫେରସ୍ତ ପାଇଥିବା ବେଳେ ସରକାର ମାଇକ୍ରୋ ଫାଇନାନ୍ସ ସଂସ୍ଥାର ସମସ୍ତ ସମ୍ପତ୍ତିକୁ ଜବତ କରିଥିଲେ ମଧ୍ୟ ଏହାକୁ କିପରି ସାମିଲ କରିନାହାନ୍ତି ଯାହା ପରିତାପର ବିଷୟ। ଏଣୁ ମାଲିକ ଜେଲରେ ରହି ଫେରିବା ପରେ ଆନନ୍ଦ ଜୀବନ ବିତାଉଥିବା ବେଳେ ଜମାକାରୀ ଓ ଏଜେଣ୍ଟମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ତ ଜମାକାରୀଙ୍କ ଅର୍ଥ ଫେରସ୍ତ ନ କରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ରାଜ୍ୟ ଚିଟ୍‌ଫଣ୍ଡ ଜମାକାରୀ ମିଳିତ ମଞ୍ଚ ଓଡିଶାର ଆବାହକ ଉମେଶ ଚନ୍ଦ୍ର ନାୟକ, ରାଜ୍ୟ ସଭାପତି ଅମୀୟ କୁମାର ମହାନ୍ତି, ଉପସଭାପତି ଗଙ୍ଗାଧର ଭୋଳ, ସମ୍ପାଦିକା ରାନୁ ମହାପାତ୍ର, କୋଷାଧକ୍ଷ ନିର୍ମଳ ଓଝା, ଗୟାଧର ଭୋଳ, ନିନି ମହାରଣା, ପ୍ରତାପ ଚନ୍ଦ୍ର ନାୟକ, ସୁବ୍ରତ ବେହୁରା, ଚିତ୍ତରଞ୍ଜନ ରାଉତ, ସୂର୍ଯ୍ୟକାନ୍ତ ବେହେରା, ଶାରଦା ପ୍ରସନ୍ନ କାଣ୍ଡିଙ୍କ ସମେତ ବହୁ ଜମାକାରୀ ଦାବି କରିଥିଲେ।

## ଦେଢ଼ସରଦେଉଳି ଉଚ୍ଚ ବିଦ୍ୟାଳୟରେ ପରିବେଶ ଦିବସ

**ଜଗତସିଂହପୁର,୫।୬(ସମିସ):** ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଦେଢ଼ସରଦେଉଳି ପରିସରରେ ଜିଲ୍ଲା ବନବିଭାଗ ଓ କଟକ ବନଖଣ୍ଡ ତରଫରୁ ୫୪ତମ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନନୀୟ ଅତିଥି ଭାବେ ଜଗତସିଂହପୁର ବନବିଭାଗର ବନପାଳ ପୀତବାସ ମହାପାତ୍ର, ବିରଞ୍ଚି ନାରାୟଣ ଆପତ୍, ସୁପ୍ରଭା ଜେନାମଣି, ଟ୍ୱିଙ୍କଲ ପ୍ରଧାନ, ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ଦେବିଶ୍ରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିକ୍ଷକ ଚନ୍ଦନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ମାନସ ରଞ୍ଜନ ଗୋଚ୍ଛାୟତ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସରିତା ଜେନା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପିଲାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହିତ ବୃକ୍ଷ ରୋପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ବନରକ୍ଷୀ ସମୟ ରଞ୍ଜନ ପଣ୍ଡା,ଦେବଶ୍ରିତ ଦାଶ, ମଧୁସ୍ମିତା ନାୟକ, ରୀନାରାଣୀ ମଲ୍ଲିକ, ବିଜୟିନୀ ବିଶ୍ୱାଳ, ସରସ୍ୱତୀ ଶୁଭଶ୍ରୀ ସାହୁ, ଶିକ୍ଷୟିତ୍ରୀ ସ୍ମିତା ପଣ୍ଡା, କଳ୍ପନା ଭୋଇ, ଶିକ୍ଷକ ବିଭୂତି ଭୂଷଣ ମିଶ୍ର, ଅଶୋକ ପ୍ରଧାନ, ମୃତ୍ୟୁଞ୍ଜୟ ନାୟକ ଓ ସମସ୍ତ ବନରଖି ସହଯୋଗ କରିଥିଲେ।



# ସାମୂହିକ ସମୁଦ୍ର ବେଳାଭୂମି ସଫେଇ



**ପାରାଦୀପ,୫।୬(ସମିସ):** ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନ, ନେଚର କେୟାର ଇନିସିଏଟିଭ ଏବଂ କୁଜଙ୍ଗ ବନ୍ୟଜୀବ ବନାଞ୍ଚଳ ଅନ୍ତର୍ଗତ ଲୁଣା ଜଙ୍ଗଲ ବନଖଣ୍ଡ, ରାଜନଗରର ମିଳିତ ପ୍ରୟାସରେ ଏକ ସାମୂହିକ ସମୁଦ୍ର ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ସିସି ଆଲୁମ୍ନି ଆସୋସିଏସନର ଉପଦେଷ୍ଟା ଲେଫ୍ଟନାଣ୍ଟ କମାଣ୍ଡର ଏସି ମିଶ୍ର, ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ସମ୍ପାଦକ ପଦ୍ମନାଭ ଦାସ, ଉପସଭାପତି ବିକ୍ରମ ସିଂ ମହାରଣା, ବିବେକାନନ୍ଦ ମହାପାତ୍ର, ହରପ୍ରିୟା ପଟ୍ଟନାୟକ ଓ ରାଜା ମଲ୍ଲିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏନ୍ସିସି କ୍ୟାଡେଟ, ଆଲୁମ୍ନି କ୍ୟାଡେଟ ଏବଂ ଜଙ୍ଗଲ ବିଭାଗର କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଜଙ୍ଗଲ ବିଭାଗ ପକ୍ଷରୁ ବନପାଳ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାହୁ, ରୋଜାଲିନ ଦାସ, ଚିନ୍ମୟୀ ସାହୁ, ବନରକ୍ଷୀ ଦୀପ୍ତିମୟୀ ଜେନା, ମଦନ ମୋହନ ଦାସ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତେ ସମୁଦ୍ର ବେଳାଭୂମିରୁ ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ କରି ସଫେଇ କାର୍ଯ୍ୟରେ ସାମିଲ ହେବା ସହିତ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରିଥିଲେ। ପରିବେଶ ସଚେତନତା ବୃଦ୍ଧି ଓ ସ୍ୱଚ୍ଛ ସମୁଦ୍ର ବେଳାଭୂମି ଗଠନ ପାଇଁ ଏପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଆୟୋଜକମାନେ ପ୍ରକାଶ କରିଥିଲେ।

## ବିଜେପିର କର୍ମୀ ସମ୍ମିଳନୀ

**ନାଉଗାଁ,୫।୬(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ବିଜେପି କାର୍ଯ୍ୟାଳୟ ନିକଟରେ ଯୁବ ନେତୃତ୍ୱ ଦୀପକ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ନାଉଗାଁ ପଞ୍ଚାୟତର ଶତାଧିକ କର୍ମୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ବିଜେପି ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ରର ତତ୍ତ୍ୱାବଧାନରେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥି ସହିତ ଶତାଧିକ କର୍ମୀ ଅନ୍ୟଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଥିଲେ।

### ୬୧ ଦିନ କଟକଣା ପରେ ୧୫ରୁ ମାଛ ମରା ଆରମ୍ଭ

# ଡିଜେଲ ମୂଲ୍ୟବୃଦ୍ଧିକୁ ନେଇ ଚିନ୍ତାରେ ମତ୍ସ୍ୟଜୀବୀ

ପାରାଦୀପ,୫।୬(ସମିସ)

ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଏବେ ସିଧାସଳଖ ମତ୍ସ୍ୟ ବ୍ୟବସାୟୀଙ୍କ ଉପରେ ପଡିଛି। ପୂର୍ବରୁ ବ୍ୟବସାୟୀମାନେ ଯେତିକି ମୂଲ୍ୟରେ ଡିଜେଲ କିଣୁଥିଲେ ଏବେ ପ୍ରାୟ ୪୫ ଟଙ୍କା ଅଧିକ ଦାମରେ କିଣିବାକୁ ପଡିବ ବୋଲି ତିନି ତେଲ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ପାରାଦୀପ ମାଛଧରା ବନ୍ଦରରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ୫୦ ହଜାର ମତ୍ସ୍ୟଜୀବୀଙ୍କ ଉପରେ ସିଧାସଳଖ ଏହି ପ୍ରଭାବ ପଡ଼ିବ ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି। ପ୍ରାୟ ୨ ମାସ ଧରି ବନ୍ଦ ଥିବା ମାଛ ଧରା ଆସନ୍ତା ଜୁନ ୧୫ରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ନିଷ୍ପତ୍ତି ପ୍ରତ୍ୟାହାର କରିବା ପାଇଁ ସଙ୍ଘ କର୍ମକର୍ତ୍ତା ନିବେଦନ କରିଛନ୍ତି।

**ପୂର୍ବରୁ ଖାଉଟି ଦାମରେ କିଣୁଥିଲେ, ଏବେ ଶିଳ୍ପ ମୂଲ୍ୟ**

ଓଡିଶା ସାମୁଦ୍ରିକ ମତ୍ସ ଉତ୍ପାଦନ ସଙ୍ଘ (ଓମ୍ପା) ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଓ ସାଂସଦଙ୍କ ନିକଟରେ ଡିଜେଲ ମୂଲ୍ୟ କମାଇବାକୁ ଲିଖିତ ଅଭିଯୋଗ କରାଯାଇଛି। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ମତ୍ସ୍ୟ ସମ୍ପଦ ବିଭାଗ କୃଷି କ୍ଷେତ୍ର ଭଳି ବ୍ୟବସ୍ଥିତ ହୋଇଆସୁଛି। ପାରାଦୀପ ମାଛଧରା ବନ୍ଦର ସୋସାଇଟି ଅନ୍ତର୍ଗତ ଥିବା ବେଳେ ଏଠାରେ ଡିଜେଲ ସାଧାରଣ ମୂଲ୍ୟ ଠାରୁ ୨ରୁ ୩ ଟଙ୍କା କମ ରୁହେ। ମାଛଙ୍କ ଅଣ୍ଡାଦାନ ପାଇଁ ୬୧ ଦିନ ଧରି ଏପ୍ରିଲ ୧୪ରୁ ଜୁନ ୧୫ ପର୍ଯ୍ୟନ୍ତ ସମୁଦ୍ରରେ ମାଛଧରା ବନ୍ଦ ରହିଥିଲା। ଜୁନ ୧୫ରୁ ପୁଣି ଥରେ ମାଛ ମାରିବା ପାଇଁ ବୋଟ୍ ସମୁଦ୍ରକୁ ଯିବ। ମାଛଧରା ବନ୍ଦର ଭିତରେ ଆଇଓସିଏଲ, ବିପିସିଏଲ ଓ ଏଚ୍‌ପିସିଏଲର ଡିଜେଲ ପମ୍ପ ରହିଛି। ଏବେ ଯେତେବେଳେ ଡିପୋରୁ ଡିଜେଲ କିଣିବା ପାଇଁ ସଙ୍ଘ ସଦସ୍ୟମାନେ କଥାବାର୍ତ୍ତା କରିବା ପାଇଁ ଯାଇଥିଲେ ସେମାନେ କମ୍ପାନୀ ଠାରୁ ଜାଣିବାକୁ ପାଇଲେ ଶିଳ୍ପ ମୂଲ୍ୟରେ ତେଲ କିଣିବାକୁ ହେବ। ଶିଳ୍ପ ମୂଲ୍ୟ ପୂର୍ବରୁ କିଣାଯାଉଥିବା ତେଲ ମୂଲ୍ୟ ଠାରୁ ପ୍ରାୟ ୪୫ ଟଙ୍କା ଅଧିକ। ତେଣୁ ଏଥିରେ ପାରାଦୀପ ମାଛଧରା ବନ୍ଦରରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରାୟ ୫୦ ହଜାର ମତ୍ସ୍ୟଜୀବୀ କ୍ଷତିଗ୍ରସ୍ତ ହେବେ ବୋଲି ସଙ୍ଘ ପକ୍ଷରୁ କୁହାଯାଉଛି। କାରଣ ଗ୍ୟାସ ସିଲିଣ୍ଡର ସମସ୍ୟା ଯୋଗୁଁ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରେ ରୋଷେଇ ପାଇଁ ହଇରାଣ ହେବେ। ପୁଣି ଏବେ ଡିଜେଲ ଦର ପାଇଁ ମତ୍ସ୍ୟଜୀବୀଙ୍କ ଉପରେ ବହୁ ମାତ୍ରାରେ ପ୍ରଭାବ ପକାଇବ ବୋଲି ସଭାପତି ଶ୍ରୀକାନ୍ତ ପରିଡ଼ା ଓ ସମ୍ପାଦକ ଅରବିନ୍ଦ ସ୍ୱାଇଁ କହିଛନ୍ତି। ତେଣୁ ସରକାର ଚାହିଁଲେ ଏହା ପୂର୍ବ ଅବସ୍ଥାକୁ ଫେରିଆସିବ। ତେଣୁ ଏହାକୁ ବିଚାର କରିଲେ ମତ୍ସ୍ୟଜୀବୀ ପରିବାର ଉପକୃତ ହୋଇପାରିବେ ବୋଲି ସେମାନେ କହିଛନ୍ତି। ଏଥିରେ ସଂଘର ସଭାପତି ଓ ସମ୍ପାଦକଙ୍କ ସମେତ ଉପସଭାପତି ମାନସ ରଞ୍ଜନ ପଡ଼ିଆରୀ, ସହ-ସମ୍ପାଦକ ସରୋଜ ବୋଇତେଇ ଓ କୋଷାଧ୍ୟକ୍ଷ ପୁରନ୍ଦର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସାଂସଦଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।



## ପୌରପାଳିକା ପାଳିଲା ପରିବେଶ ଦିବସ



**ପାରାଦୀପ,୫।୬(ସମିସ):** ପାରାଦୀପ ପୌରପାଳିକା ପକ୍ଷରୁ ଆଜି ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି ଅବସରରେ ଅଠରବାଙ୍କୀ ନିକଟସ୍ଥ ବିଜୟଚାନ୍ଦପୁର ମହାନଦୀ ଘାଟରେ ବୃକ୍ଷରୋପଣ କରାଯାଇଥିଲା। ମହାନଦୀ କୂଳରେ ବ୍ୟାପକ ଭାବେ ହେନ୍ତାଳ ବନ ସୃଷ୍ଟି କରିବା ପାଇଁ ପୌରପାଳିକା ପକ୍ଷରୁ ହେନ୍ତାଳ ଚାରା ରୋପଣ କରାଯାଇଥିଲା। ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ପରିବେଶବିତ୍ ଅମରେଶ ନରେଶ ସାମନ୍ତ, ବିଶ୍ୱଜିତ ସାମଲ, କାଉନସିଲର ସୁବ୍ରତ ପ୍ରଧାନ, ପ୍ରତାପ କୁମାର ନାୟକ, ଅଜିତ କୁମାର ଷଡ଼ଙ୍ଗୀ, ସୁଶାନ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇ ଚାରା ରୋପଣ କରିଥିଲେ। ଏହି ଚାରା ରୋପଣ କାର୍ଯ୍ୟକ୍ରମ ରେ ପାରାଦୀପ ଅଞ୍ଚଳ ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସାତ୍ୱିକ ସୋଲ ଫାଉଣ୍ଡେସନ୍, ନୀଳଚକ୍ର ୟୁଥ କ୍ଲବ୍, ବିବେକାନନ୍ଦ ୟୁଥ କ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରାସ୍ତାରେ ଗାଡ଼ି ଅଟକାଇ ଗର୍ଭବତୀଙ୍କୁ ମାଡ଼

ଭଦ୍ରକ,୫।୬(ସମିସ)

ପାରିବାରିକ କଳହର ଉଗ୍ରରୂପ ଦେଖିବାକୁ ମିଳିଛି ରାସ୍ତାରେ। ଜଣେ ଗର୍ଭବତୀ ମହିଳାଙ୍କୁ ଘୋଷାରି ଘୋଷାରି ଦେଢ଼ଶୁର ମାଡ଼ ମାରିଥିବାବେଳେ ପୁଲିସ ଏହି ଘଟଣାରେ ନିରବ ରହିଛି। ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚନ୍ଦବାଲିରେ। ଚାନ୍ଦବାଲି ବ୍ଲକ୍ ଦୋସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ପ୍ରଦ୍ୟୁତ ନଗର ଗାଁର ମନିତୋଷ ଦଲାଇ ଓ ସୁକାନ୍ତ ଦଲାଇଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ଜମିବାଡ଼ିକୁ କେନ୍ଦ୍ର କରି କଳହ ଲାଗି ରହିଛି। ୨ଦିନ ତଳେ ଏକ ୧୦୭ କେସର ପକ୍ଷ ରଖିବା ପାଇଁ ଉଭୟ ପକ୍ଷ ଚାନ୍ଦବାଲି ତହସିଲରେ ହାଜର ହୋଇଥିଲେ। ତହସିଲ କାମ ସରିବା ପରେ ମନିତୋଷ ନିଜର ସ୍ତ୍ରୀ ଓ ଭଉଣୀଙ୍କ ସହ ଏକ ଅଟୋରେ ଘରକୁ ଫେରୁଥିଲେ। ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର କଖାରୁଡିହ ଛକ ନିକଟରେ ଅପରପକ୍ଷର ସୁକାନ୍ତ ଦଳାଇ ଓ ଶୁକଦେବ ଦଳାଇ ଏକ କାର୍‌ରେ ଆସି ସେମାନଙ୍କ ଅଟୋକୁ ଅଟକାଇବା ସହ ମନିତୋଷ,

## ଶାସକ ଦଳର ଚାପରେ ପୁଲିସ ନିରବ

ତାଙ୍କର ଗର୍ଭବତୀ ସ୍ତ୍ରୀ ଜବାରାଣୀ ଓ ଭଉଣୀ ମେନକାକୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ରାସ୍ତା ମଝିରେ ୨ମହିଳାଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଘୋଷାରି ଘୋଷାରି ମାଡ଼ ମାରୁଥିବା ଦେଖି ସ୍ଥାନୀୟ ଲୋକ ଅଟକାଇ ଥିଲେ। ଏହି ଘଟଣା ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି। ଚାନ୍ଦବାଲି ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଉଭୟ ପକ୍ଷକୁ ଥାନାକୁ ନେଇ ଥିଲେ। ମାତ୍ର ଉଭୟ ପକ୍ଷର ଅଭିଯୋଗ ମୁତାବକ ୨ଟି ମାମଲା ରୁଜୁ କରି ପୁଲିସ ଚୁପ୍ ବସିଥିବା ଜଣାପଡ଼ିଛି। ଏପଟେ ମନିତୋଷ ଓ ତାଙ୍କ ପରିବାର ମାଡ଼ ଭୟରେ ଘର ଛାଡ଼ି ଅନ୍ୟତ୍ର ରହୁଥିବା ବେଳେ ଶାସକ ଦଳର ଚାପରେ ପୁଲିସ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ମନିତୋଷ ଅଭିଯୋଗ କରିଛନ୍ତି।



## ୪ ବଖରା ଜଳିଗଲା

ଦୋବଲ,୫।୬(ସମିସ):ଦୋବଲ ପଞ୍ଚାୟତର ଦୋବଲ ସାହିରେ ଅଗ୍ନିକାଣ୍ଡ ଘଟି ସେକ୍ ସିରାଜୁଦ୍ଦିନଙ୍କ ୪ ବଖରା ଚାଳଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଗୁରୁବାର ଅପରାହ୍ଣ ପ୍ରାୟ ୨ଟା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ତେବେ କେଉଁ ପରିସ୍ଥିତିରେ ଏବଂ କାହିଁକି ଏହି ନିଆଁ ଲାଗିଲା, ତାହାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଅଳ୍ପ ସମୟ ମଧ୍ୟରେ ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଅଧିକ ଅଘଟଣ ଟଳିଯାଇଥିଲା। ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇ ରାଜସ୍ୱ ନିରୀକ୍ଷକ ବୁଲବୁଲ୍ ସିଂ ଓ ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁ ଘଟଣାସ୍ଥଳରେ ପହଂଚି କ୍ଷୟକ୍ଷତିର ଅନୁଧ୍ୟାନ କରିବା ସହ ତଦନ୍ତ କରିଛନ୍ତି। ବିପନ୍ନ ପରିବାରକୁ ତତ୍କାଳ ସହାୟତା ସ୍ୱରୂପ ପ୍ରଶାସନ ପକ୍ଷରୁ ପଲିଥିନ୍ ପ୍ରଦାନ କରାଯାଇଛି। ଏହାସହ ସରକାରୀ ନିୟମ ଅନୁଯାୟୀ ଆବଶ୍ୟକୀୟ ଆର୍ଥିକ ସହାୟତା ଓ ଅନ୍ୟାନ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ଏହି ତୁରନ୍ତ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।



## ରାସ୍ତା ଉପରେ ଜଳିଗଲା କାର



ବାରିକପୁର,୫।୬(ସମିସ): ପ୍ରଚଣ୍ଡ ରୌଦ୍ରତାପରେ ଏକ କାର୍ ରାସ୍ତା ଉପରେ ଜଳିଯାଇଛି। ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ବଜାରଠାରେ ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳର ଯୁବ ବ୍ୟବସାୟୀ ଶୁଭକାନ୍ତ ଓ ତାଙ୍କ ପତ୍ନୀ ଆଜି ଅପରାହ୍ଣରେ ଓଆର୍ ୦୨ କ୍ୟୁ ୬୭୮୮ ନମ୍ବର ବିଶିଷ୍ଟ କାର୍‌ରେ ଯାଜପୁର ମେଡିକାଲରୁ ଘରକୁ ଫେରୁଥିଲେ। ଘର ମାତ୍ର ଆଉ ୨ଶହ ମିଟର ବାକି ଥିବା ବେଳେ ହଠାତ ବଜାର ମୁଣ୍ଡରେ ଗାଡ଼ିରୁ ଧୂଆଁ ବାହାରିଥିଲା। ଶୁଭକାନ୍ତଙ୍କ ସମେତ ତାଙ୍କ ସ୍ତ୍ରୀ ତତକ୍ଷଣାତ୍ ଗାଡ଼ିରୁ ଓହ୍ଲାଇ ଆସିବା ପରେ କାରଟିରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକଙ୍କ ଶତଚେଷ୍ଟା ସତ୍ତ୍ୱେ ନିଆଁକୁ ଆୟତ କରିବା ସମ୍ଭବ ହୋଇ ନଥିଲା। ଯାଜପୁର ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଦୁର୍ଘଟଣା ଯୋଗୁଁ କାର୍‌ଟି ଶତକଡ଼ା ୯୦ ଭାଗ ପୋଡ଼ି ପାଉଁଶ ହୋଇଯାଇଛି। ଦୁର୍ଘଟଣାରୁ ଦମ୍ପତି ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଭୀଷଣ ତାପମାତ୍ରା କାରଣରୁ ଗାଡ଼ିରେ ନିଆଁ ଲାଗିଥିବା କୁହାଯାଉଛି।

## ରେଳ ଧାରଣାରେ କଟି ଦିବ୍ୟାଙ୍ଗଙ୍କ ମୃତ୍ୟୁ

ବାରିକପୁର,୫।୬(ସମିସ): ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀ ରୋଡ୍ ଦେଇ ଯାଇଥିବା ରେଳ ଧାରଣାରେ କଟି ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଶୋଚନୀୟ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରାଜେନ୍ଦ୍ରପୁର ପଞ୍ଚାୟତ ଆଗେଇ ବେହେରା କାଳିକା ସାହିର ଦିବ୍ୟାଙ୍ଗ ଧନେଶ୍ୱର ଶଙ୍ଖୁଆ(୬୦) ଆଜି ଅପରାହ୍ଣରେ ରେଲୱେ ଷ୍ଟେସନ ନିକଟସ୍ଥ ଧାରଣାରେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲ ନିଆ ଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। କାହିଁକି ଭିନ୍ନକ୍ଷମ ବ୍ୟକ୍ତି ଜଣଙ୍କ ରେଳ ଲାଇନ କୁ ଯାଇଥିଲେ ଓ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ତାହା ସଠିକ ଭାବେ ଜଣାପଡ଼ିନାହିଁ।

## ୩ ବାଲି ବୋଝେଇ ହାଇୱା ଜବତ



ବନ୍ତ/ଆଗରପଡ଼ା,୫।୬(ସମିସ): ବନ୍ତ ଥାନା ପୁଲିସ ବିଳମ୍ବିତ ରାତିରେ ଭଦ୍ରକ-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥରୁ ୩ ଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛି। ରାଜପଥର ଶ୍ରୀବନ୍ତପୁରସ୍ଥିତ ଇଣ୍ଡିଆନ ଅଏଲ୍ ପେଟ୍ରୋଲ ପମ୍ପ ନିକଟରୁ ଏବଂ ଆପଣ୍ଡା ଛକ ନିକଟରୁ ୩ ଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ନିକଟସ୍ଥ କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅଞ୍ଚଳର ବୈତରଣୀ ନଦୀ ଶଯ୍ୟାରୁ ଦୀର୍ଘ ଦିନ ହେବ ବେଆଇନ ଭାବେ ଏହି ବାଲି ବେଧଡକ ଭାବେ ଚାଲାଣ ହେଉଥିଲା। ଜବତ ହୋଇଥିବା ଗାଡ଼ିଗୁଡ଼ିକରେ କୌଣସି ବୈଧ କାଗଜପତ୍ର କିମ୍ବା ରୟାଲଟି ରସିଦ୍ ନଥିବା ଜଣାପଡ଼ିଛି। ତେବେ ବନ୍ତ ପୁଲିସ ଗାଡ଼ିଗୁଡ଼ିକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ସୁପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି।

## ବିଷ୍ଣୁ ସେଠୀଙ୍କ ଜୟନ୍ତୀ ପାଳିତ

ଅସୁରାଳି,୫।୬(ସମିସ):ଧୂଷୁରୀ ପୂଜ୍ୟପୂଜା ସଂସଦ ଭବନରେ ଜନନେତା ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କ ୬୫ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଧୂଷୁରୀ ମଣ୍ଡଳ ସଭାପତି ଅନିରୁଦ୍ଧ ସାହୁଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ ଦଳୀୟ କର୍ମକର୍ତ୍ତା ଯୋଗଦେଇ ସ୍ୱର୍ଗତ ନେତାଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସକାଳେ ଏନ୍.ଏ.ସି କାର୍ଯ୍ୟାଳୟରେ ସ୍ଥାପିତ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅତିଥି ଭାବେ ସାଂସଦ ପ୍ରତିନିଧି ମନୋଜ ମଲ୍ଲିକ, ବରିଷ୍ଠନେତା ଚତୁର୍ଭୁଜ ନାୟକ, ରାମଚନ୍ଦ୍ର ମିଶ୍ର ଓ ସମିତି ସଭ୍ୟ ବିଦ୍ୟାଧର ରାଉତ ଯୋଗ ଦେଇଥିଲେ।



ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ ପତି, କାହ୍ନୁ ଚରଣ ପଣ୍ଡା, ଦେବାନନ୍ଦ ହୋତା, ଅଭୟ ମାଝୀ, ସୁଶାନ୍ତ ନାୟକ, ଅଜୟ ବଳ, କ୍ଷୀରୋଦ ଧଳ, ହରିହର ବେହେରା, ମନୋରଞ୍ଜନ ମଣ୍ଡଳ, ରଞ୍ଜନ ମହାନ୍ତି, ହିମାଦ୍ରୀନନ୍ଦନ ଦାସ ଏବଂ ଫଣୀଭୂଷଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଭୟ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଦୋବଲ:** ବିଶ୍ୱ ପରିବେଶ ଦିବସ ଓ ଜନନେତା ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ଜୟନ୍ତୀ ଅବସରରେ ଦୋବଲ ପଞ୍ଚାୟତ ସୋଧ ଧରମ ପଡ଼ିଆରେ ଶୁକ୍ରବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରେ ସୁବର୍ଣ୍ଣମୁଖୀ ମନ୍ଦିରରେ ଦୀପ ପ୍ରଜ୍ୱଳନ କରାଯାଇ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ଅଶୋକ ପଣ୍ଡା, ସମାଜସେବୀ ସଂଜୀବ ସାହୁ, ରାକେଶ ପତି, ତପନ ଦାଶ, ପ୍ରଦୀପ ପଣ୍ଡା, ସତ୍ୟବାଦୀ ପତି ଓ ମନୋରଞ୍ଜନ ନାୟକଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।



## ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରା ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଓ ସାଙ୍କେତିକ ପଦଯାତ୍ରା

ଭଦ୍ରକ,୫।୬(ସମିସ): ଗାନ୍ଧୀ ପିସ୍ ଫାଉଣ୍ଡେସନ୍, ଭଦ୍ରକ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୯୩୪ ମସିହାର ଐତିହାସିକ ହରିଜନ ପଦଯାତ୍ରାର ସ୍ମୃତିରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗାନ୍ଧୀଜୀ ୨ ଜୁନ୍‌ରୁ ୭ ଜୁନ ୧୯୩୪ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାରେ ହରିଜନ ପଦଯାତ୍ରା କରିଥିଲେ। ସେହିପରି ମଞ୍ଜୁରୀସ୍ଥିତ ବାଳାଶ୍ରମରେ ୩ ଦିନ ଅବସ୍ଥାନ କରି ଅସ୍ପୃଶ୍ୟତା ନିବାରଣ ଓ ହରିଜନ (ବର୍ତ୍ତମାନର ଅନୁସୂଚିତ ଜାତି) ସମୁଦାୟର ଅଧିକାର ପାଇଁ ସଂଗ୍ରାମ କରିଥିଲେ। ଏହି ଅବସରରେ ଗତ ୨ ଜୁନ୍ ତାରିଖରେ ମଞ୍ଜୁରୀଠାରେ ଅବସ୍ଥିତ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗତକାଲି ଆୟୋଜିତ ସ୍ମୃତି ସଭାରେ ଗାନ୍ଧୀ ପିସ୍ ଫାଉଣ୍ଡେସନର ଜାତୀୟ ସଭାପତି କୁମାର ପ୍ରଶାନ୍ତ ଏବଂ ରାଜ୍ୟ ସଂଯୋଜକ ଡ଼. ବିଶ୍ୱଜିତ ଯୋଗଦେଇ ଗାନ୍ଧୀୟ ଦର୍ଶନ, ସାମାଜିକ ସମରସତା ଏବଂ ଅହିଂସା ଭିତ୍ତିକ ସମାଜ ଗଠନରେ ଗାନ୍ଧୀ ପିସ୍ ଫାଉଣ୍ଡେସନର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସଭାରେ ଫାଉଣ୍ଡେସନର ସଭାପତି ଅଖିଳ ପାର୍ହୀ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଆଡଭୋକେଟ୍ ପବନ ଶର୍ମା ବାର୍ଷିକ ବିବରଣୀ ପାଠ କରିଥିଲେ। ଗାନ୍ଧୀ ଓଡ଼ିଶା ବାଳାଶ୍ରମ ଅଶୋକ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ରବିନାରାୟଣ ପାଣିଗ୍ରାହୀ, ଆମିର, ଅଜୟ ଧଳ ଏବଂ ସୀତାକାନ୍ତ ଦାସ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଝରଣା ପଟ୍ଟନାୟକ, ଜମିଲ ଅଖତର ଖାନ, ନାସିର ବକ୍ସ, ବିଦ୍ୟାଧର ବାରିକ, ଲକ୍ଷ୍ମୀକାନ୍ତ ବାରିକ, ଲଳାଟେନ୍ଦୁ ମହାନ୍ତି, ରାଜା ରସୁଲ, ଶାନ୍ତନୁ ରାଉତ, ବିଶାଳ ଲଖାନୀ ପ୍ରମୁଖ ଉପସ୍ଥିତ ରହି କୁମାର ପ୍ରଶାନ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଜ୍ଞା ଦାସ ଏବଂ ବାଳାଶ୍ରମର ଛାତ୍ରଛାତ୍ରୀ ଗାନ୍ଧୀଜୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ...' ପରିବେଷଣ କରିଥିଲେ।



## ଭଦ୍ରକରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

ଭଦ୍ରକ,୫।୬(ସମିସ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାରେ ଜନ ଗଣନା ଫର୍ମ ବଣ୍ଟନ କାର୍ଯ୍ୟ ଦ୍ରୁତ ଗତିରେ ଜାରି ରହିଛି। ଜିଲ୍ଲାର ମୋଟ ୧୨,୮୪,୬୧୮ ଜଣ ମତଦାତାଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୪୨.୪୮ ପ୍ରତିଶତ (୫,୪୫,୭୩୮) ମତଦାତାଙ୍କ ନିକଟରେ ଜନ ଗଣନା ଫର୍ମ ପହଞ୍ଚି ସାରିଛି। ଘରକୁ ଘର ଯାଇ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ମାନେ ଏହି ଫର୍ମ ବଂଟନ କାର୍ଯ୍ୟ କରୁଛନ୍ତି। ରାଜ୍ୟବ୍ୟାପୀ ଏହି ଅଭିଯାନ ମାଧ୍ୟମରେ ମତଦାତା ତାଲିକାକୁ ଅଧିକ ନିର୍ଭୁଲ ଓ ଅଦ୍ୟତନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭଦ୍ରକ ଜିଲ୍ଲାର କ୍ଷେତ୍ରଫଳ ୨୫୦୫ ବର୍ଗ କିଲୋମିଟର ହୋଇଥିବା ବେଳେ ଏଠାରେ ୭ଟି ତହସିଲ, ୭ଟି ବ୍ଲକ, ୨୧୮ ଟି ଗ୍ରାମ ପଂଚାୟତ ଓ ୧୩୭୮ ଟି ଗ୍ରାମ ରହିଛି। ଜିଲ୍ଲାରେ ମୋଟ ୧୨,୮୪,୬୧୮ ଜଣ ମତଦାତା ଥିବା ବେଳେ ସେଥିରୁ ୬,୬୧,୦୭୯ ଜଣ ପୁରୁଷ, ୬,୨୩,୪୧୬ ଜଣ ମହିଳା ଏବଂ ୧୨୩ ଜଣ ତୃତୀୟ ଲିଙ୍ଗର ମତଦାତା ଅଛନ୍ତି। ସେହିପରି ୨୭,୫୧୬ ଜଣ ଯୁବ ମତଦାତା ଜିଲ୍ଲାରେ ରହିଛନ୍ତି। ଏସଆଇଆର କାର୍ଯ୍ୟକ୍ରମ ସଫଳ ରୂପାୟନ ପାଇଁ ଜିଲ୍ଲାରେ ୧୩୨୬ ଜଣ ଏବଂ ୧୩୦ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି।

## ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ



ଭଦ୍ରକ,୫।୬(ସମିସ): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ୍ ତଥା ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କ ଦ୍ୱାରା ଭଦ୍ରକ ଚରମ୍ପା ବଉଳପୋଖରୀ ସରକାରୀ ବିଦ୍ୟାଳୟ, ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ପରିଚାଳନା କରିଥିଲେ। ଅତିଥିମାନଙ୍କ ମଧ୍ୟରେ ରାମଚନ୍ଦ୍ର ନାୟକ, ସମ୍ପାଦକ, ଭଦ୍ରକ ମୋହରିର ସଙ୍ଘ ତଥା ସାମାଜିକ କର୍ମୀ, ବହ୍ନିଶିଖା ବିଶ୍ୱାଳ, ପ୍ରତିପକ୍ଷ ଓକିଲ ଏବଂ ନ୍ୟାୟ ରକ୍ଷକ ଭଦ୍ରକ, ପ୍ରୀତିରଣୀ ଦାସ, ବନରକ୍ଷୀ ବିଭାଗ, ସାତଭଉଣୀ, ଭଦ୍ରକ ସସ୍ମିତା ଦୀକ୍ଷିତ, ପ୍ରଧାନଶିକ୍ଷୟିତ୍ରୀ, ବଉଳପୋଖରୀ ସରକାରୀ ବିଦ୍ୟାଳୟ ତଥା ବନରକ୍ଷୀ କର୍ମଚାରୀ ଗଣ ଏବଂ ୬୦ରୁ ଊର୍ଦ୍ଧ୍ୱ ଜନସାଧାରଣ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଗଣ ତଥା ସ୍ୱେଚ୍ଛାସେବୀ ଗଣ ସସ୍ମିତା ସାହୁ, ପ୍ରମିଳା ପ୍ରଧାନ, ଚାରୁଲତା ବେହେରା, ଶକୁନ୍ତଳା ପାତ୍ର, ମଧୁସ୍ମିତା ମଲ୍ଲିକ, ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ■ ବନ୍ତ/ଆଗରପଡ଼ା

ବିଶ୍ୱ ପରିବେଶ ଦିବସ ଅବସରରେ ଆଗରପଡ଼ା ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ବନପାଳ ରାଜକିଶୋର ନାୟକଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷାବିତ ମହେନ୍ଦ୍ର ନାୟକ, ପ୍ରୀତିଶ ଶତପଥୀ, ଗୁରୁମା ଓ ଛାତ୍ରଛାତ୍ରୀ ସାମିଲ ଥିଲେ। ପନ୍ଦାଡ଼ୋ ସ୍କୁଲ ପରିସରରେ ସ୍ଥାନୀୟ ମହିଳାମାନେ ବୃକ୍ଷରୋପଣ କରିଥିଲେ।



## ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ

ଦୋବଲ,୫।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ଧାମନଗର ପୂଜ୍ୟ ପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅଞ୍ଚଳର ଐତିହାସିକ ପୀଠ ଗୋହିରାଟିକିରିଠାରେ ବିଭିନ୍ନ କିସମର ଚାରା ଗଛ ଲଗାଯାଇଛି। ବିଶେଷ କରି ସ୍ଥାନୀୟ ପବିତ୍ର ଅର୍ଜ୍ଜୁନ ଗଛ ଓ ହନୁମାନ ମନ୍ଦିର ନିକଟରେ ଏବଂ ଗୋହିରାଟିକିରି ମଠ ପରିସରରେ ଏହି ବୃକ୍ଷରୋପଣ କରାଯାଇ ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଇଥିଲା। ପ୍ରକୃତି ଓ ପରିବେଶର ସନ୍ତୁଳନ ରକ୍ଷା କରିବା ସହ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ରୋକିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଏବଂ ଆଗାମୀ ପିଢ଼ି ପାଇଁ ପୃଥିବୀକୁ ସବୁଜ ସୁନ୍ଦର କରି ଗଢ଼ିତୋଳିବାରେ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଏହି ଅବସରରେ ଆଲୋଚନା କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଷଦର ପୃଷ୍ଠପୋଷକ ତଥା ବରିଷ୍ଠ ସାମ୍ବାଦିକ ପ୍ରଦୀପ ମହାପାତ୍ର ସଫଳତାର ସହ ସଂଚାଳନ କରିଥିଲେ। ଏଥିରେ ଶିକ୍ଷାବିତ ହୃଦାନନ୍ଦ କର, ଶିକ୍ଷାବିତ ଭୋଳାନାଥ ସାହୁ, ସାମ୍ବାଦିକ ସୁଧାକର ଦାଶ, ସଂଜୀବ ମହାନ୍ତି, ମନୋଜ ଦାସ, ଦେବାଶିଷ ରଥ ଓ ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ।



## 'ମାଆ ନାମରେ ଗଛଟିଏ' ଯୋଜନା ବିଫଳ

# ୧୦ ହଜାରୁ ଊର୍ଦ୍ଧ୍ୱ ଗଛ ନଷ୍ଟ; ମନରେଗା ଅର୍ଥ ହରିଲୁଟ୍ ଅଭିଯୋଗ

ଦୋବଲ,୫।୬(ସମିସ): ଆଜି ସାରା ବିଶ୍ୱରେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ପାଇଁ 'ବିଶ୍ୱ ପରିବେଶ ଦିବସ' ପାଳନ କରାଯାଉଥିବା ବେଳେ, ଧାମନଗର ବ୍ଲକ ଅଞ୍ଚଳରୁ ବୃକ୍ଷରୋପଣ ନେଇ ଏକ ଚିନ୍ତାଜନକ ଓ ଅପ୍ରିୟ ଚିତ୍ର ସାମ୍ନାକୁ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଆରମ୍ଭ ହୋଇଥିବା ମହତ୍ୱାକାଂକ୍ଷୀ 'ମାଆ ନାମରେ ଗଛଟିଏ' (ଏକ ପେଡ୍ ମା' କେ ନାମ) ଅଭିଯାନ ଧାମନଗର ବ୍ଲକ୍‌ରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ଦେଖିବାକୁ ମିଳିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ସରକାରୀ ଆନ୍ତରିକତାର ଅଭାବ ଯୋଗୁଁ ଅଞ୍ଚଳରେ ଲଗାଯାଇଥିବା ୧୫ ହଜାରରୁ ଅଧିକ ଗଛ ଚାରା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ମାସରେ ମନରେଗା ଯୋଜନା ଅଧୀନରେ ଧାମନଗର ବ୍ଲକର ପ୍ରାୟ ୩୧ଟି ପଞ୍ଚାୟତରେ ବ୍ୟାପକ ଭାବେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକରେ ପ୍ରାୟ ୨୦ ହଜାର ଗଛ ଲଗାଯିବାର ଲକ୍ଷ୍ୟ ରଖାଯାଇ ପ୍ରାଥମିକ ପର୍ଯ୍ୟାୟରେ ୧୫,୪୦୦ ଚାରା ରୋପଣ କରାଯାଇଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ, ବର୍ତ୍ତମାନ ସେହି ସବୁ ସ୍ଥାନରେ ଆଉ ଗଛର ଚିହ୍ନବର୍ଣ୍ଣ ନାହିଁ। ବ୍ଲକର ମୁସ୍ତଫାପୁର ପଞ୍ଚାୟତ ଅଧୀନ ଧାମନଗର କଲେଜ ଖେଳପଡ଼ିଆ ପରିସରରେ ଲଗାଯାଇଥିବା ୧୦୦ରୁ ଅଧିକ ଗଛ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେହିପରି ମୁସ୍ତାଫାପୁର ଡିପରେ ପ୍ରାୟ ୧୦୦ ଗଛ, ଖଡ଼ିପଦା ପଂଚାୟତ ଅଫିସ ପଡ଼ିଆ ଚାରିପାଖରେ ଲାଗିଥିବା ଗଛଗୁଡ଼ିକ ଜଗାରଖା ଅଭାବରୁ ଗୋରୁଗାଈଙ୍କ ଦ୍ୱାରା ନଷ୍ଟ ହୋଇଯାଇଛି। ଏହା ବ୍ୟତୀତ ଆନନ୍ଦପୁର, କରଦା ପଞ୍ଚାୟତର ଖିଲାଟେଶ୍ୱର ମନ୍ଦିର ରାସ୍ତାକାଢ଼ ଓ ଖଜୁରୀ ହାଟପଡ଼ିଆ, ସୋହଡ଼ା, ପଧାନୀ ଏବଂ ଦଳାଙ୍ଗ ପଞ୍ଚାୟତ ସମେତ ବ୍ଲକର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଏହି ଯୋଜନାର ଚରମ ଦୁର୍ଦ୍ଦଶା ଦେଖିବାକୁ ମିଳିଛି। ସବୁଠି ଗଛଗୁଡ଼ିକ ଶୁଖି ଧ୍ୱଂସ ହୋଇଯାଇଛି। ଉଦାହରଣ ସାଜିଛି ସୋଧ ଧରମ ପଡ଼ିଆ। ସମଗ୍ର ବ୍ଲକରେ ବୃକ୍ଷରୋପଣ ଯୋଜନା ବିଫଳ ହୋଇଥିବା ବେଳେ କେବଳ ଦୋବଲ ପଞ୍ଚାୟତର ସୋଧ ଧରମ ପଡ଼ିଆରେ ସ୍ଥାନୀୟ ସରପଞ୍ଚ ଅଶୋକ ପଣ୍ଡାଙ୍କ ବ୍ୟକ୍ତିଗତ ଉଦ୍ୟମ ଏବଂ ସଫଳ ରକ୍ଷଣାବେକ୍ଷଣ ଯୋଗୁଁ ଏହି ପଡ଼ିଆରେ ଲାଗିଥିବା ଗଛଗୁଡ଼ିକ ଆଜି ସୁରକ୍ଷିତ ଏବଂ ଜୀବିତ ରହିଛି। ସରପଞ୍ଚଙ୍କ ଏହି ପରିବେଶ ପ୍ରେମୀ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଉଥିବା ବେଳେ, ଅନ୍ୟ ପଞ୍ଚାୟତର ପ୍ରତିନିଧି ଓ ଅଧିକାରୀମାନଙ୍କ ପାଇଁ ଏହା ଏକ ଶିକ୍ଷଣୀୟ ଉଦାହରଣ ପାଲଟିଛି। ଅର୍ଥ ହରିଲୁଟ୍ ଓ ପ୍ରଶାସନିକ ଉଦାସୀନତା ଅଭିଯୋଗ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଯେଉଁ ସବୁ ପଞ୍ଚାୟତରେ ଗଛଗୁଡ଼ିକର ଅସ୍ତିତ୍ୱ ନାହିଁ ଏବଂ ଯୋଜନା ସମ୍ପୂର୍ଣ୍ଣ ଫେଲ୍ ମାରିଛି। ସେଠାରେ ପରବର୍ତ୍ତୀ ମୁହୂର୍ତ୍ତରେ ମନରେଗା ଯୋଜନା ମାଧ୍ୟମରେ ଗଛ ଲଗାଇବା ଓ ଏହାର ରକ୍ଷଣାବେକ୍ଷଣ ବାବଦରେ ଲକ୍ଷ ଲକ୍ଷ ଟଙ୍କାର ବିଲ୍ ପାସ୍ କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଏବଂ ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଧାମନଗର ବ୍ଲକର ଅଧିକାରୀଙ୍କ ସୂଚନା ଅନୁଯାୟୀ, ଗଛଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ପ୍ରତି ୩ ମାସକୁ ଥରେ ଜିଓ-ଟ୍ୟାଗ୍ ଫଟୋ ଉଠାଇ ସରକାରୀ ୱେବସାଇଟ୍‌ରେ ଅପଲୋଡ୍ କରାଯାଉଛି। ପରେ ସିକ୍ୟୁରିଟି ଆପ୍ରୁଭାଲ୍ ମିଳିଲେ ଅଧିକ ପାଣ୍ଠି ଖୋଲାଯିବ। ତେବେ ଯେଉଁ ସ୍ଥାନରେ ଗଛଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି, ସେଗୁଡ଼ିକର ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।?ଆଜି ବିଶ୍ୱ ପରିବେଶ ଦିବସରେ କେବଳ କାଗଜପତ୍ର କିମ୍ବା ଫଟୋ ସେସନ୍ ପାଇଁ ବୃକ୍ଷରୋପଣ ନକରି, ରୋପଣ କରାଯାଇଥିବା ଚାରାର ବାସ୍ତବ ସୁରକ୍ଷା ଓ ଏହି ସରକାରୀ ଅର୍ଥର ଅପବ୍ୟବହାର କରୁଥିବା ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



## ସରକାରୀ କାର୍ଯ୍ୟାଳୟରେ ଜନ୍ମଦିନ ପାଳିଲେ ଅତିରିକ୍ତ ତହସିଲଦାର

ଭଦ୍ରକ,୫।୬(ସମିସ): ସରକାରୀ କାର୍ଯ୍ୟାଳୟରେ ଜନ୍ମଦିନ ପାଳନ କଲେ ସରକାରୀ ବାବୁ, ଯାହାକି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭଦ୍ରକ ଜିଲ୍ଲା ଚାନ୍ଦବାଲି ତହସିଲର ଅତିରିକ୍ତ ତହସିଲଦାର ବ୍ରଜେଶ୍ୱର ରାଉତଙ୍କ ଜନ୍ମଦିନ ନିଜ ସରକାରୀ କାର୍ଯ୍ୟାଳୟ ପରିସରରେ କର୍ମଚାରୀ ମାନଙ୍କ ସହ ମିଶି ପାଳନ କରିଥିଲେ। ସେଠାରେ କେକ୍ କାଟି ଜନ୍ମଦିନ ପାଳନ କରିଥିବାର ଭିଡିଓ ଏବେ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ଚାନ୍ଦବାଲି ତହସିଲରେ କର୍ମଚାରୀ ଅଭାବ ସାଙ୍ଗକୁ ମାସ ମାସ ଧରି ଲୋକଙ୍କ କାମ ହୋଇ ପାରୁନଥିବାବେଳେ ଲୋକେ ଖରାରେ ବିଭିନ୍ନ କାମରେ ଆସି ଫେରୁଥିବାବେଳେ କର୍ମଚାରୀ ମାନେ ନିଜ ନିଜ କାମ ବନ୍ଦ କରି ଅତିରିକ୍ତ ତହସିଲଦାରଙ୍କ ଜନ୍ମଦିନ ପାଳନରେ ବ୍ୟସ୍ତ ରହିବାକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏ ବିଷୟରେ ଅତିରିକ୍ତ ତହସିଲଦାରଙ୍କୁ ପଚାରିବାରୁ ସେ ଅଫିସ୍‌ରେ କେକ କାଟିବା କଥା ସ୍ୱୀକାର କରିଥିବା ବେଳେ ଏହା ଅଫିସ ସମୟରେ ନୁହେଁ ବୋଲି କହି ସଫେଇ ଦେଇଛନ୍ତି।



# ଅର୍ଡା ପ୍ରାଥମିକ ସ୍କୁଲ ପଟ୍ଟା ପ୍ରସ୍ତୁତିରେ ବିଳମ୍ବ ଅଭିଯୋଗ



ଦେଓଗାଁ,୫।୬(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅର୍ଡାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପଟ୍ଟା ପ୍ରଦାନ କରିବାରେ ତହସିଲ ପକ୍ଷରୁ ଅବହେଳା କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଶୁକ୍ରବାର ଗ୍ରାମବାସୀ ତହସିଲଦାର ନର୍ମଦା ନାୟକଙ୍କୁ ସାକ୍ଷାତ କରି ଦାବି ଜଣାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହେବା ସମୟରୁ ଗାଁର ଜଣେ ବ୍ୟକ୍ତିଙ୍କ ରୟତି ଜମିରେ ସ୍କୁଲ କୋଠା ନିର୍ମାଣ ହୋଇଛି। ସଂପୃକ୍ତ ଜମିଦାତା ବର୍ତ୍ତମାନ କଲମ ଟୁ ପରିବର୍ତ୍ତନ କରି ବିଦ୍ୟାଳୟ ନାଁରେ ଜାଗା କରିଦେବା ପାଇଁ ଇଚ୍ଛୁକ। ଏଣୁ ଆବେଦନ କରାଯାଇଛି; ହେଲେ ତହସିଲ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାରେ ଅହେତୁକ ବିଳମ୍ବ କରଛି। ଏଣୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। କମ୍ ଦିନ ମଧ୍ୟରେ ତହସିଲ ପକ୍ଷରୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଗ୍ରାମବାସୀ ଧାରଣା ଦେବେ। ଏହାସହ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବାକୁ ବାଧ୍ୟ ହେବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।

# ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ମଙ୍ଗଳ କମିଟି ବୈଠକ



ବଲାଙ୍ଗିର,୫।୬(ସମିସ): ବଲାଙ୍ଗିର ସଦର ବ୍ଲକ୍‌ର ଖୁଜେନ୍‌ପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଗ୍ରାମ ସଭା ଓ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ମଙ୍ଗଳ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ ଖୁଆସ୍ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ମଙ୍ଗଳ କମିଟିର ଲକ୍ଷ୍ୟ, ଦାୟିତ୍ୱ, କର୍ତ୍ତବ୍ୟ, ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ରଞ୍ଜିତା ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଅବସ୍ଥାପିତ ଥିବା ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତୀ, ନାଏବ ସରପଞ୍ଚ ଲତ ସାଣ୍ଢ, ଏଡିଇଓ ସତ୍ୟନାରାୟଣ ସାହୁ, ମାଧବ ସିଂ, ଅହଲ୍ୟା କାଲସାଏ, ଅଙ୍ଗନବାଡି କର୍ମୀ ରୁବି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରକାଶ ପାଇଲା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ୟୁଜି ଓ ପିଜି ପରୀକ୍ଷାଫଳ



ବଲାଙ୍ଗିର,୫।୬(ସମିସ): ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପିଜି, ୟୁଜି, ଇଣ୍ଟିଗ୍ରେଟେଡ ବିଇଡି, ଏମ୍‌ଇଡି ପରୀକ୍ଷା ଫଳ ପ୍ରକାଶ ପାଇଛି। ଇଣ୍ଟିଗ୍ରେଟେଡ ବିଇଡି, ଏମଇଡିରେ ୪୫ ଛାତ୍ରଛାତ୍ରୀ ମଧ୍ୟରୁ ୪୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ ହାର ୯୭.୭୮ ପ୍ରତିଶତ ରହିଛି। ପ୍ରିୟବ୍ରତ ସେନ ଟପ୍ପର ହୋଇଛନ୍ତି। ଅଣ୍ଡର ଗ୍ରାଜୁଏଟ ଫାଇନାଲ ପରୀକ୍ଷାରେ ୭୮୬୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୩୧୨୩ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ପାସ୍‌ହାର ମାତ୍ର ୪୦ ପ୍ରତିଶତ ରହିଛି। ୟୁବୋଦୟ କଲେଜ ଅଫ ଆଡଭାନ୍ସ ଟେକ୍ନୋଲୋଜି (ସକମା)ର ଛାତ୍ର ଦେବଜାନୀ ଖମାରୀ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ପିଜିର ୧୮ଟି ବିଭାଗରେ ୫୦୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୪୨୮ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ପାସ୍ ହାର ୮୪.୮ ପ୍ରତିଶତ ରହିଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଜୁଲୋଜି ବିଭାଗ ଛାତ୍ରୀ ରେବତୀ ସ୍ୱାଇଁ ୯.୬୭ ସିଜିପିଏ ରଖି ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା କୁଳପତି ବିଭୁତି ଭୂଷଣ ମଲ୍ଲିକ ସୂଚନା ଦେଇଛନ୍ତି।

## ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକ

# ସ୍ୱାସ୍ଥ୍ୟସେବା ସୁଦୃଢ଼ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ




ତରଭା,୫।୬(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର ନିର୍ମାଣ କାର୍ଯ୍ୟ, ଫାୟାର ଫାଇଟିଂ ଅଡିଟ୍, ଆୟୁଷ୍ମାନ କାର୍ଡ ସମ୍ପର୍କିତ ଅଭିଯୋଗ, ମାତୃ ଓ ଶିଶୁ ମୃତ୍ୟୁ ହ୍ରାସ ପାଇଁ ଏହି ବୈଠକ ବସିଥିଲା। ଜିଲ୍ଲାପାଳ ଡ. ନୃପରାଜ ସାହୁ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମ ସୁଦୃଢ଼ କରିବା ପାଇଁ ବିଭାଗୀୟ କର୍ମଚାରୀ ଏବଂ ଜିଲ୍ଲାର ଅନ୍ୟାନ୍ୟ ବିଭାଗର ଉପସ୍ଥିତ କର୍ମକର୍ତ୍ତାଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଅଗ୍ନି ସୁରକ୍ଷା ଅଧିକାରୀ ଭବେନ୍ଦ୍ରନାଥ ଦେ ଏବଂ ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୁଡ଼ିକର ପରିଦର୍ଶନ କରି ୧୨ ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଫାୟାର ଫାଇଟିଂ ପାଇଁ ଆବଶ୍ୟକ ସମସ୍ତ କାର୍ଯ୍ୟ ଅନୁମୋଦନ ପ୍ରଦାନ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା।

ସେହିଭଳି କୋଟପା ଅଧୀନରେ ତମାଖୁମୁକ୍ତ ଜିଲ୍ଲା ଗଠନ ପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଯାଇଥିଲା। ମାତୃ ଓ ଶିଶୁ ମୃତ୍ୟୁ ରୋକିବା ପାଇଁ ଡାକ୍ତର, ସ୍ୱାସ୍ଥ୍ୟ କର୍ମକର୍ତ୍ତା ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର କର୍ମକର୍ତ୍ତା ମିଳିତ ଭାବେ କାର୍ଯ୍ୟକ୍ରମ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସେହିପରି ଆୟୁଷ୍ମାନ କାର୍ଡ ବିତରଣ ପ୍ରକ୍ରିୟାକୁ ଅଧିକ କ୍ଷିପ୍ର କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

ବୈଠକକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାସ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ସମସ୍ତ ବ୍ଲକର ମହିଳା ଓ ଶିଶୁ ବିକାଶ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରସାମ୍ୟ ହରାଇ ଖୁଣ୍ଟରେ ପିଟିହେଲା ବାଇକ୍

ପାଟଣାଗଡ଼,୫।୬ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼-ପଦ୍ମପୁର ମୁଖ୍ୟରାସ୍ତା ମରୁଆଁଛକ ନିକଟରେ ଶୁକ୍ରବାର ଏକ ବାଇକ୍ ଭାରସାମ୍ୟ ହରାଇ ଖୁଣ୍ଟରେ ପିଟି ହୋଇଛି। ଏହାଫଳରେ ସ୍ୱାମୀ,ସ୍ତ୍ରୀ ସହ ଶିଶୁପୁତ୍ର ଗୁରୁତର ହୋଇଛନ୍ତି।

## ଶିଶୁ ସହ ଦମ୍ପତି ଗୁରୁତର

ସେମାନଙ୍କୁ ଉଦ୍ଧାର କରାଯାଇ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏମାନେ ହେଲେ ମୁରିବାହାଲ ଥାନା ହଳଦୀ ନିକଟସ୍ଥ ଘଣ୍ଟବାହାଲି ଗ୍ରାମର ଟିକେଲାଲ ଗନ୍ତେଇ, ତାଙ୍କ ସ୍ତ୍ରୀ ମନ୍ଦାର ଓ ଶିଶୁପୁତ୍ର। ସମସ୍ତେ ବାଇକ୍‌ରେ ଫେରୁଥିବା ବେଳେ ସାମନା ପଟରୁ ଆସୁଥିବା ଏକ ବାଇକ୍ ଆସିଯିବାରୁ ମରୁଆଁ ଛକ ନିକଟରେ ଭାରସାମ୍ୟ ହରାଇ ଖୁଣ୍ଟରେ ପିଟି ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାଟଣାଗଡ଼ ଡାକ୍ତରଖାନାକୁ ଆଣିଥିଲେ। ପାଟଣାଗଡ଼ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସାପରେ ଟିକେଲାଲଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ଅଧିକ ଚିକିତ୍ସା ପାଇଁ ବଲାଙ୍ଗିର ସ୍ଥାନାନ୍ତର କରାଯାଇଛି।

# ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଚାରାରୋପଣ

ମନମୁଣ୍ଡା,୫।୬(ସମିସ): ଜଳବାୟୁ ପରିବର୍ତ୍ତନ ଆଜିର ସମୟରେ ଏକ ବଡ ଆହ୍ୱାନ ହୋଇ ଠିଆ ହୋଇଛି। ଜଳବାୟୁ ଅନୁକୂଳ ଜୀବନଶୈଳୀ ଆପଣାଇବା ପାଇଁ ସହନଶୀଳ ଭିତ୍ତିଭୂମି, ପରିବେଶ ସଂରକ୍ଷଣ ଇତ୍ୟାଦି ମାଧ୍ୟମରେ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ପାଇଁ ସଜାଗ ହେବାକୁ ପଡ଼ିବ। ବିଶ୍ୱ ପରିବେଶ ସକାଶେ ଜଳବାୟୁ ସନ୍ତୁଳନ ଏକ ଆନ୍ଦୋଳନ ଭାବେ ଦେଖାଦେଇଛି। ମନମୁଣ୍ଡା ଡାକ ବଙ୍ଗଳାରେ ବିଜେପି ପକ୍ଷରୁ ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସ ପାଳନ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବରିଷ୍ଠ ଆଇନଜୀବୀ ବିଭୂତି ଭୂଷଣ ଡାଙ୍ଗ ଉପସ୍ଥିତ ଯୁବ ସମାଜକୁ ଏହି ଉଦ୍‌ବୋଧନ ଦେଇଥିଲେ। ମନମୁଣ୍ଡା ବିଜେପି ମଣ୍ଡଳ ସଭାପତି ଶ୍ରୀକାନ୍ତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ କନ୍ଧମାଳ ନିର୍ବାଚନ ମଣ୍ଡଳୀ ବିଜେପି ସଂଗଠନ ମୁଖ୍ୟ ଶିବ ନାରାୟଣ ଚୌଲିଆ, ଯୁବନେତା ରଞ୍ଜନ ପଟ୍ଟନାୟକ, ଗଗନ ସେଠୀ, ପିଙ୍କୁ ବିଶି, ପ୍ରେମଦାର ଶାହା ପ୍ରମୁଖ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବର୍ଜନ, ଜଙ୍ଗଲ ଓ ବନ୍ୟ ଜନ୍ତୁ ସୁରକ୍ଷା, ଜଳ ସମ୍ପଦର ଠିକ୍ ବ୍ୟବହାର ଇତ୍ୟାଦି ଉପରେ ଆଲୋକପାତ କରିବା ସହ ଚାରାରୋପଣ ବ୍ୟାପକ କରିବାକୁ କହିଥିଲେ। ଏହି ଅବସରରେ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରା ରୋପଣ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷ ଡାକ୍ତର ମହେନ୍ଦ୍ର ସଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଆନନ୍ଦ ପରମଗୁରୁ, ସୁଦାମ ଖେତି, ଛନ୍ଦା ଚରଣ ମେହେର, ସୁଧାଂଶୁ ଶେଖର ମେହେର, ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଆଗଲପୁରରେ ହେବ କେନ୍ଦ୍ରୀୟ ବିଦ୍ୟାଳୟ

ବଲାଙ୍ଗିର, ୫।୬(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ବିଭାଗୀୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଆବଶ୍ୟକ ଯାଞ୍ଚ ପ୍ରକ୍ରିୟା ସାରି ରିପୋର୍ଟ ପ୍ରଦାନ କରିବାକୁ ଉପ ଜିଲ୍ଲାପାଳଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆଗଲପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ଏପ୍ରିଲରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ମାଧ୍ୟମରେ ଦାବି କରିଥିଲେ। ମନ୍ତ୍ରୀଙ୍କ ପକ୍ଷରୁ ମଧ୍ୟ ଏ ଦିଗରେ ପଦକ୍ଷେପ ନିଆଯାଇଥିବା ଚିଠି ମାଧ୍ୟମରେ ଅବଗତ କରାଯାଇଥିଲା।

# ଭଗାମୁଣ୍ଡାକୁ ହରାଇ ମହାଲିକପଡ଼ା ଚାମ୍ପିଅନ

ହରଭଙ୍ଗା, ୫।୬ (ସମିସ): ମା' ମାଟିଆଣି କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଚତୁର୍ଥ ସଂସ୍କରଣ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ମହାଲିକପଡା ଦଳ ବିଜୟୀ ହୋଇ ଚାମ୍ପିଅନ ଟ୍ରଫି ହାସଲ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ମହାଲିକପଡ଼ା ଓ ଭଗାମୁଣ୍ଡା ଦଳ ମୁହାଁମୁହିଁ ହୋଇଥିଲେ। ଟସ୍ ଜିତି ମହାଲିକପଡା ଦଳ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ କରି ଭାଗାମୁଣ୍ଡା ଦଳ ନିର୍ଦ୍ଧାରିତ ୧୫ ଓଭରରେ ୧୧୫ ରନ୍ ସଂଗ୍ରହ କରିଥିଲା। ଜବାବରେ ମହାଲିକପଡା ଦଳ ୧୪ ଓଭର ୨ ବଲ୍‌ରେ ୧୧୬ ରନ୍ କରି ବିଜୟ ହାସଲ କରିଥିଲା। ବିଜେତା ମହାଲିକପଡା ଦଳକୁ ୧୦ ହଜାର ଟଙ୍କା ନଗଦ ରାଶି ସହ କପ୍ ଏବଂ ଉପବିଜେତା ଭଗାମୁଣ୍ଡା ଦଳକୁ ୬ ହଜାର ଟଙ୍କା ନଗଦ ରାଶି ସହ କପ୍ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ କୁସଙ୍ଗ ସମବାୟ ସମିତିର ସଭାପତି ସଞ୍ଜୟ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜୟନ୍ତ ଦେହୁରୀ, ସଞ୍ଜୟ ଦଣ୍ଡସେଣା, ହଜାରୀ ବେହେରା, ସଞ୍ଜୟ ସେନାପତି, ଶ୍ୟାମଘନ ଅମାତ ଓ ରଞ୍ଜନ ମହଣା ଉପସ୍ଥିତ ଥିଲେ। ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଫାଇନାଲ ମ୍ୟାଚ ସହ ଉଦ୍‌ଯାପିତ ହୋଇଥିଲା।



# ଗୋଚ୍ଛାପଡ଼ାରେ ମାସେ ହେଲା ନଳକୂଅ ଅଚଳ

ଶଗଡା,୫।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଯୋଗୀନ୍ଦ୍ରପୁର ପଞ୍ଚାୟତ ଗୋଚ୍ଛାପଡା ଗାଁରେ ଥିବା ଏକମାତ୍ର ନଳକୂଅଟି ଗତ ୧ ମାସରୁ ଅଧିକ ହେବ ଅଚଳ ହୋଇପଡିଛି। ଗାଁରେ ୬୦ ପରିବାରର ପାଖାପାଖି ୨୩୦ଜଣ ଲୋକ ବସବାସ କରୁଛନ୍ତି। ପିଇବା ପାଣି ପାଇଁ ଏମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନଳକୂପର ଚେନ୍ ଛିଣ୍ଡି ଯାଇଥିବାରୁ ପାଣି ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଚଳ ନଳକୂଅ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ପ୍ରଚଣ୍ଡ ଖରା ସହ ଜଳକଷ୍ଟ ଦେଖା ଦେଇଥିବା ବେଳେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ ବୋଲି ଲୋକଙ୍କ ମଧ୍ୟରେ ଆଶଙ୍କା ଦେଖା ଦେଇଛି। ପିଇବା ପାଣି ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଅଚଳ ନଳକୂପ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମ ବାସୀ ଦାବି କରିଛନ୍ତି।



## ● ଆଶାକର୍ମୀ ଚୟନରେ ଅନିୟମିତତା

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଆବେଦନାକାରୀ

ଶଗଡ଼ା,୫।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବସରି ପଞ୍ଚାୟତ ପିଣ୍ଡାପଦର ଗ୍ରାମ ପାଇଁ ଆଶାକର୍ମୀ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଛି। ଆବେଦନାକାରୀ ଜଣେ ମହିଳା ଜିଲ୍ଲାପାଳଙ୍କ ନିକଟରେ ଏହି ଅଭିଯୋଗ କରିଛନ୍ତି। ଆଶା ପଦବୀ ପାଇଁ ଗ୍ରାମର ଜଣେ ମହିଳାଙ୍କୁ ନିଯୁକ୍ତି ଦେବା ପାଇଁ ନୋଟିସରେ ଉଲ୍ଲେଖ ଥିଲା; ହେଲେ ଚୟନ ପ୍ରକ୍ରିୟାରେ ବାହାର ସଂକୋଚ ଗ୍ରାମର ଜଣେ ମହିଳାକୁ ନିଯୁକ୍ତି ଦିଆ ଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପିଣ୍ଡାପଦର ଗ୍ରାମର ଆବେଦନାକାରୀ ମହିଳା ମାଧବୀ ସୁନା ଆଜି ଜିଲ୍ଲାପାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମର ଆହୁରି ସ୍ଥାୟୀ ବାସିନ୍ଦା ସହ ବିବାହିତ ମହିଳା ଆବେଦନ କରିଛନ୍ତି। କାହାକୁ ଚୟନ କରା ନ ଯାଇ ଅନ୍ୟ ଗ୍ରାମର ଜଣେ ମହିଳାଙ୍କୁ କେମିତି ଚୟନ କରାଗଲା ବୋଲି ମାଧବୀ ପ୍ରଶ୍ନ ଉଠାଇଛନ୍ତି। ଏହି ଚୟନ ପ୍ରକ୍ରିୟା ବେଆଇନ ଭାବେ କରାଯାଇଛି। ଏହାର ତଦନ୍ତ କରି ପିଣ୍ଡାପଦର ଗ୍ରାମର ମହିଳାଙ୍କୁ ନିଯୁକ୍ତି ଦେବାକୁ ସେ ଦାବି କରିଛନ୍ତି।



# କଳାକାର ସଙ୍ଘର ସାଧାରଣ ବୈଠକ

ବୌଦ୍ଧ, ୫।୬(ସମିସ): ବୌଦ୍ଧ ବ୍ଲକର ଆମ୍ବଝରୀ ପଞ୍ଚାୟତ କାର୍ଯ୍ୟାଳୟରେ ବୌଦ୍ଧ ବ୍ଲକର ବିଜେପି ସାଂସ୍କୃତିକ ପ୍ରକୋଷ୍ଠର ସମସ୍ତ କଳାକାରଙ୍କୁ ନେଇ ଏକ ସାଧାରଣ ବୌଠକ ଅନୁଷ୍ଠିତ ହୋଇଯାଇଛି। ଆମ୍ବଝରୀ ସରପଞ୍ଚ ପ୍ରେମାନନ୍ଦ ବାଘ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୌଦ୍ଧ ବ୍ଲକର ସଂଯୋଜକ ମଞ୍ଜିରୀ ରଣା ସଭାପତିତ୍ୱ କରିଥିଲେ। ଜିଲ୍ଲା ସଂଯୋଜକ ଅରୁଣ ମେଣ୍ଡିଲି ଉପସ୍ଥିତ ଥିଲେ। କଳାକାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସହସଂଯୋଜକ ଅଶୋକ ମନହିରା ଧନ୍ୟବାଦ ଦେଇଥିଲେ।



## ■ ସିଏମ୍ ଟ୍ରଫି ଜୋନ୍‌ସ୍ତରୀୟ ଭଲିବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ

# କ୍ରୀଡ଼ା କେବଳ ହାର୍‌ଜିତରେ ସୀମିତ ନୁହେଁ






ବୌଦ୍ଧ, ୫।୬ (ସମିସ)

କ୍ରୀଡ଼ା କେବଳ ହାର୍‌ଜିତରେ ସୀମିତ ନୁହେଁ। ଏହା ଶୃଙ୍ଖଳା, ଏକତା, ସହନଶୀଳତା ଓ ଭାଇଚାରାର ବାର୍ତ୍ତା ବହନ କରେ। ଖେଳାଳିମାନେ କେବେ ହାର୍‌ଜିତକୁ ଆଧାର କରି ଖେଳିବା ଉଚିତ ନୁହେଁ। ନିଜର ଦକ୍ଷତା, ପରିଶ୍ରମ ଓ କ୍ରୀଡ଼ା ମନୋଭାବକୁ ପ୍ରଦର୍ଶନ କରିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଏହାଦ୍ୱାରା ଜଣେ ଖେଳାଳି ଜୀବନରେ ସଫଳତାର ଶିଖରକୁ ପହଞ୍ଚି ପାରିବ। ଶୁକ୍ରବାର ବୌଦ୍ଧ ଜିଲ୍ଲା ଷ୍ଟାଡିୟମଠାରେ ସିଏମ୍ ଟ୍ରଫି ଅଧୀନ ଜୋନ୍‌ସ୍ତରୀୟ ଭଲିବଲ୍ ଚାମ୍ପିଅନସିପ୍‌ର ଦ୍ୱିତୀୟ ସଂସ୍କରଣ ଉଦ୍‌ଘାଟନ ଅବସରରେ ଏହି ମତ ପ୍ରକାଶ ପାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ତଥା ଡିଷ୍ଟ୍ରିକ୍ଟ ଆଥଲେଟିକ୍ସ ଆସୋସିଏସନ୍‌ର ସଭାପତି ବିଭୁତି ଭୂଷଣ ନାୟକ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିବା ପୂର୍ବକ ପ୍ରତିଯୋଗିତାର ଶୁଭାରମ୍ଭ କରିବା ସହ ଏହି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଆସୋସିଏସନ୍‌ର ଉପସଭାପତି ପ୍ରଭାସ ଚନ୍ଦ୍ର ଦଣ୍ଡସନା, କ୍ରୀଡା ଅଧିକାରୀ ତଥା ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ଜ୍ୟୋତି ରଞ୍ଜନ ଭୂୟାଁ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ ମଞ୍ଚାସୀନ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଅତିଥି ପରିଚୟ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି ଓ ଗଜପତି ଜିଲ୍ଲାରୁ ପ୍ରାୟ ୨୪୦ ଜଣ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ମ୍ୟାଚ ଗଜପତି ଓ ବୌଦ୍ଧର ବାଳକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

## ■ ବୌଦ୍ଧରେ ବିଶ୍ୱ ପରିବେଶ ଦିବସ

# ପରିବେଶ ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ

ବୌଦ୍ଧ, ୫।୬ (ସମିସ): ବିଶ୍ୱ ପରିବେଶ ଦିବସ-୨୦୨୬ ଅବସରରେ "ଜଳବାୟୁ ପଦକ୍ଷେପ' ପ୍ରସଙ୍ଗକୁ ନେଇ ଆଜି ବୌଦ୍ଧ ଜିଲ୍ଲା ପ୍ରଶାସନ ଏବଂ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଏଥିରେ ମତ ପ୍ରକାଶ ପାଇଛି। ସଭା ଆରମ୍ଭରେ ଜିଲ୍ଲା ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ ସ୍ୱାଗତ ଭାଷଣ ପ୍ରଦାନ କରି ପାୱାର ପଏଣ୍ଟ ମାଧ୍ୟମରେ ଜଳବାୟୁ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା, ଚାରାରୋପଣ ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଜନସାଧାରଣ ଓ ସମସ୍ତ ବିଭାଗର ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ଏକ ସୁନ୍ଦର ସମାଜ ପାଇଁ ଉଭୟ ଜୀବ ଜଗତ ଏବଂ ନିର୍ଜୀବ ପରିବେଶ ଉଭୟଙ୍କୁ ସମୁଚିତ ଗୁରୁତ୍ୱ ଦେବା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧିକାରୀ କୁଳଦୀପ ମିନା, ଜିଲ୍ଲା ବନଖଣ୍ଡ ଅଧିକାରୀ (କେନ୍ଦୁଲିଫ) ସୁଦର୍ଶନ ବାଦୀ, ପ୍ରଭାକର ନାୟକ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର ଏବଂ ଉଦ୍ଭିଦ ବିଜ୍ଞାନୀ ଡ. ପ୍ରବୀର ଦାସ ପ୍ରମୁଖ ପରିବେଶ ସଂରକ୍ଷଣ, ଜଳବାୟୁ ପଦକ୍ଷେପ ଏବଂ ସମ୍ପର୍କିତ ଆଇନ କାନୁନ ସମ୍ପର୍କିତ ବହୁମୂଲ୍ୟ ମତାମତ ରଖିଥିଲେ। ସଞ୍ଜୟ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଶେଷରେ ଏସି ଏଫ୍ ମୀନାକ୍ଷୀ କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ। ହରଭଙ୍ଗା ବ୍ଲକ ବୁଧିକଣାର ହରପ୍ରିୟା ତ୍ରିପାଠୀ ଏବଂ କଣ୍ଟାମାଳ ବ୍ଲକ ଆମ୍ବାଗାଁର ସୁକଦେବ ପଣ୍ଡାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବୌଦ୍ଧ ବ୍ଲକର ବୁରାଗୋରା ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟାମାଳ ବ୍ଲକ ନୂଆପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟ ଏବଂ ହରଭଙ୍ଗା ବ୍ଲକର ବୀରନରସିଂହପୁରସ୍ଥିତ ସାଧୁ ଚରଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାର ଜୁନିୟର ବର୍ଗରେ ଆଲିଶା ମହାକୁଳ (ଓଏଭି, ତେତେଲେଙ୍ଗା) ପ୍ରଥମ, ହିମାଂଶୁ ଜାନି (ଓଏଭି, ଅଇଁଲାବୁଆଁ) ଦ୍ୱିତୀୟ ଏବଂ ପ୍ରିନ୍ସ ହାତୀ (ସରସ୍ୱତୀ ବିଦ୍ୟାମନ୍ଦିର, ମନମୁଣ୍ଡା) ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସିନିୟର ବର୍ଗରେ ସ୍ମୃତିସ୍ୱରୂପା ହାତୀ (ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ବୌଦ୍ଧ) ପ୍ରଥମ, ପ୍ରିୟାଂଶୀ ପ୍ରିୟଦର୍ଶିନୀ ସାହୁ (ଓଏଭି, ତେତେଲେଙ୍ଗା) ଦ୍ୱିତୀୟ ଏବଂ ଆର୍ଯ୍ୟନ ଗୋଛି (ଓଏଭି, ତେତେଲେଙ୍ଗା) ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ।



## ମହେନ୍ଦ୍ର ମେଳାରେ ଭବ୍ୟ ଗଙ୍ଗା ମହାଆଳତି



**ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼**

ରାୟଗଡ,୫।୬(ସମିସ): ରାୟଗଡ଼ ବ୍ଲକ ମହେନ୍ଦ୍ରଗିରିରେ ଐତିହାସିକ ମହେନ୍ଦ୍ର ମେଳା ଅବସରରେ ମହେନ୍ଦ୍ର ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି ''ଗଙ୍ଗା ମହାଆଳତି'। ଏହି ଦେବଦୁର୍ଲ୍ଲଭ ମହୂର୍ତ୍ତର ସାକ୍ଷୀ ରହିବା ପାଇଁ ଏବଂ ମା' ଗଙ୍ଗା ଓ ମହାଦେବଙ୍କ ଆଶୀର୍ବାଦ ଭିକ୍ଷା କରିବା ପାଇଁ ସ୍ଥାନୀୟ ଅଞ୍ଚଳ ସମେତ ଆଖପାଖ ଜିଲ୍ଲା ଓ ପଡ଼ୋଶୀ ରାଜ୍ୟରୁ ହଜାର ହଜାର ଭକ୍ତଙ୍କର ଅସମ୍ଭାଳ ଭିଡ଼ ଜମିଥିଲା। ଆଳତି ସମୟରେ ସମଗ୍ର ଅଞ୍ଚଳ ହରିବୋଲ, ହୁଳହୁଳି ଏବଂ ଶଙ୍ଖଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ଏଠାରେ ହେଉଥିବା ଆଳତି ବାରାଣସୀର ପ୍ରସିଦ୍ଧ ଦଶାମ୍ୱମେଧ ଘାଟ ଶୈଳୀରେ ଏହି ମହାଆଳତିର ଆୟୋଜନ କରାଯାଇଥିଲା। ପୁରୋହିତଙ୍କ ବେଦପାଠ ଏବଂ ମନ୍ତ୍ରୋଚାରଣ ମଧ୍ୟରେ ସୁସଜ୍ଜିତ ପ୍ରଦୀପ, ଧୂପ ଓ କପୂର ସାହାଯ୍ୟରେ ମା' ଗଙ୍ଗାଙ୍କର ଆରାଧନା କରାଯାଇଥିଲା। ଆଳତିର ଆଲୋକର ଏକ ଅଲୌକିକ ଓ ଚିତ୍ତାକର୍ଷକ ଦୃଶ୍ୟ ସୃଷ୍ଟି କରିଥିଲା। ଯାହା ଶ୍ରଦ୍ଧାଳୁମାନଙ୍କୁ ଭାବବିହ୍ୱଳ କରଥିଲା। ମହେନ୍ଦ୍ର ମେଳାରେ ଏଭଳି ମହାଆଳତି ଦେଖିବା ଏକ ସୌଭାଗ୍ୟର ବିଷୟ। ଏଠାକାର ଆଧ୍ୟାତ୍ମିକ ପରିବେଶ ମନକୁ ଅପୂର୍ବ ଶାନ୍ତି ପ୍ରଦାନ କରୁଛି ବୋଲି ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ପ୍ରକାଶ କରିଛନ୍ତି। ସେହିଭଳି ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଅହରହ ଅନ୍ନପ୍ରସାଦର ବ୍ୟବସ୍ଥାକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ଶ୍ରଦ୍ଧାଳୁ । ଭକ୍ତଙ୍କ ଅତ୍ୟଧିକ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ ବାହିନୀ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

**ବାସଗୃହ ଅନଧିକାର ଭାବେ ଭାଙ୍ଗିବା ଚକ୍ରାନ୍ତ ଅଭିଯୋଗ**

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶୁଣାଣିକୁ ବିରୋଧ





ପାରଳାଖେମୁଣ୍ଡି, ୫।୬ (ସମିସ): ମୋହନା ବ୍ଲକ ଅଲିଗଣ୍ଡା ଗ୍ରାମର ଜୟଭାରତୀ ସାହିରେ ଥିବା ବିଭିନ୍ନ ବାସଗୃହକୁ ଅନାଧିକାର ଭାବେ ଭାଙ୍ଗିବା ପାଇଁ ଚକ୍ରାନ୍ତ କରାଯାଉଥିବା ଅଭିଯୋଗ ହୋଇଛି। ଆଜି ଏନେଇ ପାରଳାଖେମୁଣ୍ଡିସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉଭୟ ପକ୍ଷକୁ ନେଇ ଶୁଣାଣି ଚାଲିଥିବା ବେଳେ ଜୟଭାରତୀ ସାହି ବାସିନ୍ଦା ବିରୋଧ କରିଥିଲେ। ସାହିରେ ସେମାନେ ଦୀର୍ଘ ବର୍ଷ ଧରି ବସବାସ କରିଆସୁଛନ୍ତି । ପୂର୍ବେ ଏମାନଙ୍କ ଲାଗି କୌଣସି ବାସଗୃହ ନଥିଲା । ତେବେ ୪୦ ବର୍ଷ ପୂର୍ବେ ପ୍ଲଟ ନମ୍ବର ୧୧୮୧ ସରକାରୀ ଯାଗାରେ ରହିଥିଲା। ବାସଗୃହ ନଥିବାରୁ ସରକାର ଓ ଜିଲ୍ଲା ପ୍ରଶାସନଙ୍କ ଠାରେ ଗୁହାରି କରିବାରୁ ଉକ୍ତ ପ୍ଲଟରେ ଘର କରିବାକୁ ଖଣ୍ଡେ ଖଣ୍ଡେ ଜାଗା ଦିଆଯାଇଥିଲା। ଏହା ସହ ସରକାରଙ୍କ ତରଫରୁ ଏଠାରେ ଏକ ବନ୍ଧ, ସୌରଚାଳିତ ପିଇବା ପାଇଁ ପାନୀୟ ଜଳ, ବିଜୁଳି ଆଦି ମୌଳିକ ସୁବିଧା ଯୋଗାଇ ଦିଆଯାଇଥିଲା। ଯାହାକି ଜୟଭାରତୀ ସାହି ଭାବେ ନାମକରଣ ମଧ୍ୟ ହୋଇଛି । କିଛି ବର୍ଷ ହେଲା ଜୟଭାରତୀ ସାହିରେ ବସବାସ କରୁଥିବା ଲୋକଙ୍କ ଠାରୁ ଉକ୍ତ ଜାଗା ନେବା ପାଇଁ ଚକ୍ରାନ୍ତ କରି ଧମକଚମକ ଗଣ୍ଡୋଗଳ କରାଯାଉଛି। ଆଉ ଉଲ୍ଲେଖିତ ପ୍ଲଟର ଦାବିଦାର ବୋଲାଉଥିବା ଲୋକେ ବନ୍ଧରେ ମାଟି ପକାଇଦେବା, ବିଜୁଳି ଖୁଣ୍ଟ ଭାଙ୍ଗିବା ଏବଂ ବାସ ଘର ଭାଙ୍ଗି ଦେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏପରିକି ଏହି ସାହିର କିଛି ମହିଳାଙ୍କ ଘରେ ପଶି ଆକ୍ରମଣ କରିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଏବଂ ଏପରିକି ଲିଖିତ ଅଭିଯୋଗକୁ ସ୍ଥାନୀୟ ଥାନା ଗ୍ରହଣ ନକରି ଓଲଟା ଧମକଚମକ ଦିଆଯାଉଥିବାର ସାହି ବାସିନ୍ଦା ଜଣାଇଛନ୍ତି।

ଅନ୍ୟପକ୍ଷେ ଆଜି ପାରଳାଖେମୁଣ୍ଡି ସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉଭୟପକ୍ଷକୁ ନେଇ ଶୁଣାଣି ରହିଥିଲା। ଯେଉଁଥିରେ ଉଭୟ ପକ୍ଷ ରହିଥିଲେ ମଧ୍ୟ ତୀବ୍ର ପ୍ରତିବାଦ ଓ ହୋହାଲ୍ଲା ହୋଇଥିବାର ଦେଖିବାକୁ ମିଳିଥିଲା । ଏପରି ପରିସ୍ଥିତିରେ କୌଣସି ନିଷ୍କର୍ଷ ବାହାରି ନଥିବା ବେଳେ ଆସନ୍ତା ୧୦ ତାରିଖରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଉଲ୍ଲେଖିତ ପ୍ଲଟ ତଥା ସାହିବସ୍ତି ପରିଦର୍ଶନରେ ଯିବେ ବୋଲି ଜଣାପଡିଛି। ଏନେଇ ଜୟଭାରତୀ ସାହିର ବାସିନ୍ଦା କହିଛନ୍ତି ଯେ ଆମ୍ଭେ ଏପରି ଘଟଣାକୁ ନେଇ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ସ୍ଥାନୀୟ ପୁଲିସ ଠାରେ ଅଭିଯୋଗ କରିଆସୁଛୁ। କେହି କର୍ଣ୍ଣପାତ କରୁନାହାନ୍ତି। ଏପରିକି ବସ ଭଡା କରି ଜିଲ୍ଲା ସଦରମହକୁମାକୁ ଯାଇ ନ୍ୟାୟଭିକ୍ଷା କରିଆସି ନୟାନ୍ତ ହୋଇଥିଲେ ମଧ୍ୟ କେହି ଶୁଣୁନଥିବା ଅଭିଯୋଗ କରିଛନ୍ତି।

## ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା



ପାରଳାଖେମୁଣ୍ଡି, ୫।୬(ସମିସ): ମେ ମାସ ୩୦ ତାରିଖ ଠାରୁ ସାରା ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଗଜପତି ଜିଲ୍ଲାରେ ବିଭିନ୍ନ ବ୍ଲକ ସ୍ତରରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଅବସରରେ ଶୁକ୍ରବାର ଦିନ ପାରଳାଖେମୁଣ୍ଡି ପୌରପରିଷଦ ପକ୍ଷରୁ ମହାରାଜାଙ୍କ ପ୍ୟାଲେସ ସମ୍ମୁଖରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ସହ ସଚେତନତା ସୃଷ୍ଟି ପାଇଁ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଛି। ଏଥିସହ ଫର୍ମ ବଣ୍ଟନ ଓ ପୁରଣ ପ୍ରକିୟା ଆରମ୍ଭ ହୋଇଛି। ଆଗକୁ ବୁଥ ଲେବେଲ୍ ଅଧିକାରୀ ଘରକୁ ଘର ବୁଲି ଫର୍ମ ବଣ୍ଟନ କରିବେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ ମୁନୀଦ୍ର ହୋନନାଗା, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଡେପୁଟି କଲେକ୍ଟର ସୁଚିସ୍ମିତା ମାଝୀ, ପାରଳା ପୌର ପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ସହକାରୀ ଜିଲ୍ଲାପାଳ ମନୋଜ କୁମାର ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଉପସ୍ଥିତିରେ ସ୍ଥାନୀୟ କଳାକାର ହରେ କୃଷ୍ଣ ବିଶ୍ୱାଳ ଓ ତାଙ୍କ ସହଯୋଗୀଙ୍କ ମାଧ୍ୟମରେ ଦାସକାଠିଆ ନାଟକ ମାଧ୍ୟମରେ ସ୍ୱତନ୍ତ୍ର ସଘନ ସଂଶୋଧନ ଉପରେ ସଚେତନତା କରାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ଅଧିକାରୀ ଓ କର୍ମଚାରୀ, ସ୍ଥାନୀୟ ବିଏଲଓ, ସ୍ଥାନୀୟ ଜନସାଧାରଣ ସାମିଲ ହୋଇ ଏସଆଇଆର୍ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଲୋକଙ୍କୁ ସଚେତନତା କରି ଭୋଟର ତାଲିକାର ସଠିକତା ଓ ଏସଆଇଆରର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ ବୁଥସ୍ତରୀୟ ଅଧିକାରୀ ଘରକୁ ଘର ଯାଇ ଏସମ୍ପର୍କରେ ଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଭୋଟରଙ୍କୁ ସହଯୋଗ କରିବା ସହ ଆବଶ୍ୟକ ପ୍ରମାଣପତ୍ର ପ୍ରସ୍ତୁତ ରଖିବାକୁ ଅନୁରୋଧ କରାଯାଉଛି। ସେହିପରି ଜିଲ୍ଲାର ସମସ୍ତ ବ୍ଲକ୍ ଓ ଗ୍ରାମପଞ୍ଚାୟତ ସ୍ତରୀୟ ସ୍ଥାନୀୟ ଭାଷା, ନାଟକ ଓ ଗୀତ ମାଧ୍ୟମରେ ଜନ ସାଧାରଣଙ୍କୁ ସଚେତନତା କରାଯାଉଛି।

## ପ୍ରାକ୍ତନ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କ ଦେହାନ୍ତ



ଜି.ଉଦୟଗିରି,୩।୬(ସମିସ): କଳିଙ୍ଗ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କ ଅକାଳ ବିୟୋଗ ଘଟିଛି। ସେ କଳିଙ୍ଗ ମହାବିଦ୍ୟାଳୟରେ ୩୮ ବର୍ଷ ଗଣିତ ବିଭାଗର ଅଧ୍ୟାପକ ଓ ଅଧ୍ୟକ୍ଷ ଭାବରେ କାର୍ଯ୍ୟକରି ଗତ ବର୍ଷ ଜୁନ୍ ମାସରେ ଅବସର ଗ୍ରହଣ କରିଥିଲେ। ଜଣେ ଛାତ୍ରବତ୍ସଳ, କର୍ତ୍ତବ୍ୟପରାୟଣ, ମିଷ୍ଟଭାଷୀ ଅଧ୍ୟାପକ ଭାବରେ ଛାତ୍ରଛାତ୍ରୀ ଓ ସହକର୍ମୀଙ୍କ ନିକଟରେ ପରିଚିତ ଥିଲେ। ତାଙ୍କ ଅକାଳ ବିୟୋଗରେ ଛାତ୍ରଛାତ୍ରୀ ଏବଂ ସହକର୍ମୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ମେହେରଙ୍କ ଅମର ଆତ୍ମାର ସଦଗତି କାମନା ନିମନ୍ତେ ମହାବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ତପନ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଏକ ଶୋକସଭା ଆୟୋଜନ କରାଯାଇଥିଲା।

## ବିଜେପି ତରଫରୁ ବିଶ୍ୱ ପରିବେଶ ଦିବସ



ଜି.ଉଦୟଗିର,୫।୬(ସମିସ): ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଜି. ଉଦୟଗିରି ନଗରସ୍ଥିତ କଳିଙ୍ଗ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଭାରତୀୟ ଜନତା ପାର୍ଟି, ଜି. ଉଦୟଗିରି ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନ ଗୋବିନ୍ଦ ପ୍ରଧାନ, ଅଧ୍ୟାପକ ଡ଼. ନଳିନୀ କୁମାର ପାଣିଗ୍ରାହୀ, ଅଧ୍ୟାପକ ତପନ କୁମାର ନାୟକ, ଅଧ୍ୟାପିକା ସରିତା ମିଶ୍ର, ନଗର ସଭାପତି ଭେଙ୍କଟେଶ୍ୱର ବେହେରା, ଜଙ୍ଗଲରକ୍ଷୀ ମନୋଜ କୁମାର ମହାପାତ୍ର, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରିୟବ୍ରତ ସାହୁ, କାଉନସିଲର ସଂଗୀତା ନାୟକ, ନିଶାରାଣୀ ନାୟକ, କୁନ୍ତିମା ମଲ୍ଲିକ, ନଗର ଉପସଭାପତି ଲକ୍ଷ୍ମଣ ଆଚାର୍ଯ୍ୟ, ରବୀନ୍ଦ୍ର କୁମାର ସାହୁ, ଯମୁନା ପ୍ରଧାନ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମୁନୀ, ବୁଥ ସଭାପତି ନୂତନ କୁମାର ପଟ୍ଟନାୟକ, ପ୍ରଶାନ୍ତ କୁମାର ପ୍ରଧାନ, ରୁଦ୍ର ପ୍ରତାପ ପାତ୍ର ମଣ୍ଡଳ, ସମ୍ପାଦକ ଦେବବ୍ରତ ସାହୁ, ଶକ୍ତିକେନ୍ଦ୍ର ପ୍ରମୁଖ ଅନିରୁଦ୍ଧ ପ୍ରଧାନ ସୁଜିତ କୁମାର ପଣ୍ଡା, ଗୌର ଚନ୍ଦ୍ର ପ୍ରଧାନ, ଟିମତି ନାୟକ, ଶୁଭଜ୍ଞାନ ପ୍ରଧାନ, ସୁମନ୍ତ୍ର ପ୍ରଧାନ, ଭୁବନ ମଲ୍ଲିକ ଓ ରିଣ୍ଟୁ ମଲିକ ଯୋଗ ଦେଇଥିଲେ।

## ବିଶ୍ୱ ପରିବେଶ ଦିବସରେ ସଚେତନତା

ପାରଳାଖେମୁଣ୍ଡି,୫।୬(ସମିସ): ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରା ଜଜ ତଥା ଡିଏଲଏସଏର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଡିଏଲଏସଏର ସଚିବ ବିମଳ ରାଉଳଙ୍କ ସଭାପତିତ୍ୱରେ କେରାଣ୍ଡି ପଞ୍ଚାୟତ ରାମଲିଙ୍ଗେଶ୍ୱର ମହାଦେବ ପୀଠ ପରିସରରେ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉପସ୍ଥିତ ଅତିଥି, ଆଇନଜୀବୀ, ସମାଜସେବୀ ଓ ଅନ୍ୟାନ୍ୟ ଅଂଶଗ୍ରହଣକାରୀଙ୍କ ଦ୍ୱାରା ରାମଲିଙ୍ଗେଶ୍ୱର ମହାଦେବ ପୀଠ ପରିସରରେ ସ୍ୱଚ୍ଛତା ଅଭିଯାନ ଓ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ପରିବେଶ ସୁରକ୍ଷା ଏବଂ ସବୁଜ ପରିବେଶ ଗଠନର ବାର୍ତ୍ତା ପ୍ରଦାନ କରି ଉପସ୍ଥିତ ବ୍ୟକ୍ତିବିଶେଷ ଚାରାରୋପଣ କରିବା ସହ ପରିସରକୁ ସ୍ୱଚ୍ଛ ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ପରବର୍ତ୍ତୀ ସଚେତନତା ସଭାରେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ, ବନ ଓ ଜୈବ ବିବିଧତାର ସୁରକ୍ଷା, ଜଳ ସଂରକ୍ଷଣ, ପ୍ଲାଷ୍ଟିକର ବ୍ୟବହାର ହ୍ରାସ ଏବଂ ପରିବେଶ ଅନୁକୂଳ ଜୀବନଶୈଳୀ ଅବଲମ୍ବନର ଆବଶ୍ୟକତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବକ୍ତାମାନେ ପରିବେଶ ସୁରକ୍ଷାକୁ ପ୍ରତ୍ୟେକ ନାଗରିକଙ୍କ ସାମାଜିକ ଓ ନୈତିକ ଦାୟିତ୍ୱ ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିଏଲଏସଏ ସଚିବ ଶ୍ରୀ ରାଉଳ, ଜିଲ୍ଲା ନ୍ୟାୟାଳୟର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ପାରଳାଖେମୁଣ୍ଡି ବାର୍‌ର ସଦସ୍ୟା ଇତିଶ୍ରୀ ମହାପାତ୍ର, ବିଶିଷ୍ଟ ପରିବେଶ ପ୍ରେମୀ ତଥା ସମାଜସେବୀ ମନୋଜ ଦାଶ, ଜି. କୁମାର ରେଡ୍ଡୀ ଏବଂ ଓନ୍ ଷ୍ଟପ୍ ସେଣ୍ଟରର ସେଣ୍ଟର ଆଡମିନିଷ୍ଟ୍ରେଟର ସୁନୀତା ରଥ ଉପସ୍ଥିତ ରହି ପରିବେଶ ସୁରକ୍ଷା, ସାମାଜିକ ଦାୟିତ୍ୱବୋଧ ଓ ସ୍ୱଚ୍ଛ ପରିବେଶର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ, ଯୁବକ ଓ ମହିଳାଙ୍କ ସମେତ ବହୁ ସଂଖ୍ୟକ ଲୋକ ଅଂଶଗ୍ରହଣ କରିଥିଲେ।

## ପରିବେଶ ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ

ଗୋଷାଣି,୫।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ଗୋଷାଣି ବ୍ଲକ ମାରିଙ୍ଗିରେ ଥିବା କୋଷ୍ଟାଲ ବାୟୋଟେକ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଆସନ୍ତା ତିନି ଦିନ ଧରି ବିଶେଷ ସଚେତନତା କାର୍ଯ୍ୟକ୍ରମ ଓ ଚାରାରୋପଣ ହେବ। ଆଜି ପ୍ରଥମ ଦିବସରେ ପ୍ଲାଣ୍ଟ ପରିସରରେ ଶତାଧିକ ଚାରାରୋପଣ କରାଯାଇଛି। ପ୍ରଥମ ଦିନରେ ପ୍ଲାଣ୍ଟର ପରିଚାଳନା ନିର୍ଦ୍ଦେଶକ, ସାଧାରଣ ପରିଚାଳକ ଅଧିକାରୀ, କର୍ମଚାରୀ ଏବଂ ଶ୍ରମିକ ଯୋଗ ଦେଇ ପରିବେଶ ସୁରକ୍ଷା ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ପରିବେଶ ସଂରକ୍ଷଣ, ପ୍ଲାଷ୍ଟିକ ବ୍ୟବହାର ହ୍ରାସ, ଜଳ ଓ ଶକ୍ତି ସଞ୍ଚୟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ପରେ ପ୍ଲାଣ୍ଟ ପରିସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ଏହି ଅବସରରେ ପ୍ଲାଣ୍ଟର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଓ ସାଧାରଣ ପରିଚାଳନା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ପରିବେଶ ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ଏବଂ ସବୁଜ ପରିବେଶ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା।

## ପାରଳାଖେମୁଣ୍ଡି ବନଖଣ୍ଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ



ପାରଳାଖେମୁଣ୍ଡି,୫।୬(ସମିସ): ପ୍ରକୃତି ଦ୍ୱାରା ଅନୁପ୍ରାଣିତ, ଜଳବାୟୁ , ଆମ ଭବିଷ୍ୟତ ପାଇଁ ବିଷୟବସ୍ତୁ ସହିତ ପାରଳାଖେମୁଣ୍ଡି ବନଖଣ୍ଡ ପକ୍ଷରୁ ଜିଲ୍ଲା ସଦରମହକୁମାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସକାଳେ ସ୍କୁଲ ପିଲାଙ୍କୁ ନେଇ ରାଲି ସହିତ ଉତ୍ସବ ଆରମ୍ଭ ହୋଇଥିଲା । ଏହାପରେ ପରେ ବିଭିନ୍ନ ସ୍ଥାନରେ ଆନୁଷ୍ଠାନିକ ଭାବରେ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ପାରଳାଖେମୁଣ୍ଡି ପୌରପାଳିକା ଅଧ୍ୟକ୍ଷା ନିର୍ମଳା ସେଠୀ, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗାରାଜୁ, ସହକାରୀ ବନ ସଂରକ୍ଷକ ସାଇନଶ୍ରୀ ଦାଶ ଓ ଅରୁଣ କୁମାର ସାହୁ, ରେଞ୍ଜ ଅଧିକାରୀ ବ୍ରହ୍ମାନନ୍ଦ ସାହୁଙ୍କ ସମେତ ସମସ୍ତ ରେଞ୍ଜ ଅଧିକାରୀ, ବନ କର୍ମଚାରୀ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ସ୍କୁଲ ପିଲାଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ବିଧାୟକ ମହେନ୍ଦ୍ରଗିରିର ତିନୋଟି ଟ୍ରେକିଂ ରୁଟ୍ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ପରିବେଶ ସଂରକ୍ଷଣ ପ୍ରତି ଅବଦାନ ପାଇଁ ବିଭିନ୍ନ ଯୋଗ୍ୟ ବ୍ୟକ୍ତି ଏବଂ ଅନୁଷ୍ଠାନକୁ ପ୍ରକୃତି ବନ୍ଧୁ ଏବଂ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ଜେନାଙ୍କ ଦ୍ୱାରା ଲିଖିତ ପରିବେଶ କୁସୁମ ପରିବେଶ ସଚେତନତା ଉପରେ ଏକ ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା । ଏହା ସହିତ, ପାରଳାଖେମୁଣ୍ଡି ବନ ବିଭାଗର ସମସ୍ତ ସାତଟି ରେଞ୍ଜ ବିଭିନ୍ନ ପଞ୍ଚାୟତରେ ଚାରାରୋପଣ ଓ ସ୍ୱଚ୍ଛତା ଅଭିଯାନ, ସଚେତନତା ବୈଠକ ଏବଂ ଅନ୍ୟାନ୍ୟ ପରିବେଶ-ସମ୍ବନ୍ଧୀୟ କାର୍ଯ୍ୟ ଆୟୋଜନ କରାଯାଇଥିଲା।

## ରାଜ୍ୟପାଳଙ୍କ ଗସ୍ତକୁ ନେଇ ପ୍ରଶାସନର ପ୍ରସ୍ତୁତି

ପାରଳାଖେମୁଣ୍ଡି,୫।୬(ସମିସ): ଆସନ୍ତା ୮ ତାରିଖରେ ମହେନ୍ଦ୍ରଗିରିରେ ଚାଲିଥିବା ମହେନ୍ଦ୍ର ମେଳାରେ ଯୋଗଦେବେ ରାଜ୍ୟପାଳ ହରିବାବୁ ଖମ୍ଭମପତି। ତାଙ୍କର ଏହି ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ସଜାଗ ହୋଇଛି । ଆଜି ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମସ୍ତ ବିଭାଗୀୟ ମୁଖ୍ୟ ଯୋଗଦେଇଥିବା ବେଳେ ରାଜ୍ୟପାଳଙ୍କ ଗସ୍ତ କରିବାକୁ ଥିବା ବିଭିନ୍ନ ମାର୍ଗ ଏବଂ ମହେନ୍ଦ୍ରଗିରି ପାର୍ବତ୍ୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏନେଇ ବିଭାଗୀୟ ଅଧିକାରୀଙ୍କୁ ବିଭିନ୍ନ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

## ଲେମନ୍ ଗ୍ରାସ୍ ଚାଷ ପ୍ରକଳ୍ପ ପରିଦର୍ଶନ କରିଲେ ଉପନିର୍ଦ୍ଦେଶକ

ରାଇକିଆ,୫।୬(ସମିସ): ରାଇକିଆ ବ୍ଲକ ଗମାଣ୍ଡି ଗ୍ରାମରେ ପ୍ରାୟ ଏକ ବର୍ଷରୁ ଅଧିକ ହେବ ଚାଷ କରାଯାଇ ଆସୁଥିବା ଆରୋମାଟିକ ମେଡିସିନାଲ ପ୍ଲାଣ୍ଟସ, ଲେମନ ଗ୍ରାସ, ମେନ୍ଥ ଓ ହଳଦି ଚାଷର କ୍ଷେତ ଓ ମହୁ ଚାଷକୁ କନ୍ଧମାଳ ଜିଲ୍ଲା ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶିକା ସ୍ମିତା ମହାନ୍ତି ଓ କନ୍ଧମାଳ ଓରମାସର ଉପ ନିର୍ବାହୀ ଅଧିକାରୀ ଗୁଣ୍ଡିଚା ପ୍ରସାଦ ବେହେରା ପରିଦର୍ଶନ କରି ଉପସ୍ଥିତ ଚାଷୀଙ୍କ ସହ ଲେମନ୍ ଓ ମେନ୍ଥ ତେଲ ଉତ୍ପାଦନ ବିଷୟରେ ଆଲୋଚନା କରିଥିଲେ। ଏହି ଲେମନ ଗ୍ରାସ ଚାଷ କାର୍ଯ୍ୟ ଭୁବନେଶ୍ୱରସ୍ଥିତ ଆୱାର୍ଡ ନାମକ ଏକ ସଂସ୍ଥାର ସହଯୋଗରେ ସମ୍ଭବ ଏବଂ ପ୍ରୟାସ ନାମକ ଚାଷୀ ସ୍ୱୟଂ ସହାୟକ ଗୋଷ୍ଠୀର ଚାଷୀଙ୍କ ଦ୍ୱାରା କରାଯାଇ ଏକ ଅଏଲ୍ ଡିଷ୍ଟିଲେସନ ୟୁନିଟ ସ୍ଥାପିତ ହୋଇଛି। ଏହି ଲେମନ ଗ୍ରାସ ଚାଷ ଯେପରି ଅଧିକା ହୋଇପାରିବ ସେ ନେଇ ପ୍ରୋତ୍ସାହନ ଯୋଗାଇବାକୁ ଏବଂ ତାଲିମ ପ୍ରଦାନ ପାଇଁ ଉଦ୍ୟାନ ବିଭାଗ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଚାଷୀ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପରିଦର୍ଶନ ଅବସରରେ ଉଦ୍ୟାନ ବିଭାଗର ସହ ଉପ ନିର୍ଦ୍ଦେଶକ ଫୁଲବାଣୀ ପଦ୍ମଲୋଚନ ସିଂ ଓ ସହ ଉପ ନିର୍ଦ୍ଦେଶକ ବାଲିଗୁଡ଼ା ନିରଞ୍ଜନ ଦ୍ୱିବେଦୀ, ରାଇକିଆ ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଲିପ୍ସା ରାଣୀ ଦଳବେହେରା , ଓଭର୍ଶିଅର୍ ମାମି ମାଝି ଏବଂ ଏନଜିଓ ସଂପାଦକ ତଥା ଚାଷୀ ଜିରିମିୟ ଦିଗାଲ, ମୋସେସ ଦିଗାଲ, ଫିଲିପ୍ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଗଛକୁ ଧକ୍କା ଦେଲା କାର୍, ୪ ବରିଷ୍ଠ ନାଗରିକ ଆହତ

ଟିକାବାଲି,୫।୬(ସମିସ): ଟିକାବାଲି ଥାନା କେନ୍ଦୁଗୁଡାରି ଛକ ନିକଟରେ ଏକ କାର ଭାରସାମ୍ୟ ହରାଇ ଏକ ଗଛକୁ ପିଟି ହୋଇଯାଇଥିଲା। ୪ ଜଣ ବରିଷ୍ଠ ନାଗରିକ ଫୁଲବାଣୀରୁ ଜି.ଉଦୟଗିରି ଜଣେ ବରିଷ୍ଠ ନାଗରିକଙ୍କ ଦଶାହ କାର୍ଯ୍ୟରେ ଯୋଗ ଦେବା ନିମନ୍ତେ ଯାଉଥିବା ସମୟରେ କେନ୍ଦୁଗୁଡାରି ଛକ ନିକଟରେ ଏକ ବଳଦ ସାମନା ପଟୁ ଆସି ଯିବାରୁ କାର ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। କାରରେ ବସିଥିବା ବରିଷ୍ଠ ନାଗରିକ ହେଲେ ଦିଗାମ୍ବର ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ସୁବାଷ ଚନ୍ଦ୍ର ନାୟକ ଓ ପଦ୍ମଚରଣ ପ୍ରମୁଖ ଆହତ ହୋଇଥିଲେ। ଦୁର୍ଘଟଣା ଖବର ପାଇ ଟିକାବାଲି ଅଗ୍ନିଶମ ବାହିନୀ ଏବଂ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରାଇଥିଲେ। ୪ ଜଣଙ୍କ ମଧ୍ୟରୁ ଦୁଇଜଣ ଗୁରୁତର ଆହତ ହୋଇଥିବା ବେଳେ ଦୁଇଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ବିଜେଡିର ନିର୍ବାଚନ ମଣ୍ଡଳୀସ୍ତରୀୟ ମହିଳା ସମାବେଶ




ଜି.ଉଦୟଗିରି,୫।୬(ସମିସ)

ଜି.ଉଦୟଗିରି ବିଜୁ ଜନତା ଦଳ ତରଫରୁ ଶୁକ୍ରବାର ନିର୍ବାଚନମଣ୍ଡଳୀସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ, ନାରୀ ନିର୍ଯାତନା ନିୟନ୍ତ୍ରଣ କରିବାକୁ ଅସମର୍ଥ ବିଜେପି ସରକାର ବିରୋଧରେ ପ୍ରତିବାଦ ଏବଂ ନାରୀ ଅଧିକାର ଅଭିଯାନ ଜି.ଉଦୟଗିରି ନିର୍ବାଚନମଣ୍ଡଳୀର ଶତାଧିକ ମହିଳାଙ୍କ ଦ୍ୱାରା ପ୍ରତିବାଦ ସଭା କରାଯାଇଥିଲା।

ଆଜିର ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ପୂର୍ବତନ ଉପବାଚସ୍ପତି ତଥା ବିଧାୟକ ସାଲୁଗା ପ୍ରଧାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ଜିଲ୍ଲା ମହିଳା ସଭାନେତ୍ରୀ ପୁନମ କଁହର, ରାଜ୍ୟ ସାଧାରଣ ସମ୍ପାଦକ କୈଳାଶ ମୁଖି, ବ୍ଲକ ସଭାପତି ଲିଙ୍ଗରାଜ କଁହର, ନଗର ସଭାପତି ଅନିଲ କୁମାର ଦଳବେହେରା, ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, କୃତାଞ୍ଜଳୀ ନାୟକ, ପି.ସଞ୍ଜୀବ କୁମାର ପାତ୍ର, ସିଦ୍ଧେଶ୍ୱରୀ ନାୟକ, ନନ୍ଦିତା ପ୍ରଧାନ, ମୋନାଲିସା ଦଳବେହେରା, ଲକ୍ଷ୍ମୀପ୍ରିୟା ପରିଚ୍ଛା, ଦୀପକ ନାୟକ, ସୁରେନ୍ଦ୍ର ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, ମାଲ୍ୟବନ୍ତ କଁହର, କିଶୋର ନାୟକ, ମହମ୍ମଦ ନୁର ଆଲମାସ, ରାଇକିଆ , ଟିକାବାଲି ଓ ଦାରିଙ୍ଗବାଡି ବ୍ଲକ ସଭାପତିଙ୍କ ସମେତ ବହୁ ବରିଷ୍ଠ, ଯୁବ, ଛାତ୍ର କର୍ମକର୍ତ୍ତା ଯୋଗ ଦେଇଥିଲେ। ପ୍ରଚଣ୍ଡ ଖରାକୁ ଖାତିର ନ କରି ସ୍ଥାନୀୟ ବିଏସଏନଏଲ ଅଫିସ ସାମନାରୁ ଶୋଭାଯାତ୍ରାରେ ବାହାରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜି.ଉଦୟଗିରି ଅତିରିକ୍ତ ତହସିଲଦାର ଦେବାଶିଷ ଜେନାଙ୍କୁ ପ୍ରଦାନ କରାଯାଇଥିଲା।

### ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ

# ୧୭ ଜଣଙ୍କୁ ପ୍ରକୃତି ବନ୍ଧୁ ଓ ୧୭ ସଂଗଠନକୁ ପ୍ରକୃତି ମିତ୍ର ପୁରସ୍କାର

ବାରିପଦା, ୫।୬(ସମିସ)




ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଜିଲ୍ଲା ପରିବେଶ ସମିତି ପକ୍ଷରୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ସଂଲଗ୍ନ ହଲରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ପୂର୍ବତନ ଲୋକାୟୁକ୍ତ ତଥା ପିସିସିଏଫ ଦେବବ୍ରତ ସ୍ୱାଇଁ, ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଉପନିର୍ଦ୍ଦେଶକ(ଦକ୍ଷିଣ) ସୁମିତ କର, ଜିଲ୍ଲା ପରିବେଶ ସମିତି ଉପସଭାପତି ଡ. ବିଜୟ ଅଗ୍ରୱାଲ, ପରିବେଶ ସମିତି ଯୁଗ୍ମସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ ଓ ପରିବେଶବିତ୍ ହରିହର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ପରିବେଶକୁ ନେଇ କରାଯାଇଥିବା ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପରିବେଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଜିଲ୍ଲାର ୧୭ ଜଣ ବ୍ୟକ୍ତିବିଶେଷଙ୍କୁ ପ୍ରକୃତି ବନ୍ଧୁ ଓ ୧୭ଟି ସ୍କୁଲ, ବନସୁରକ୍ଷା ସମିତି, ସ୍ୱେଚ୍ଛାସେବୀ ସଙ୍ଗଠନକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରକୃତି ମିତ୍ର ପୁରସ୍କାରରେ ଶ୍ୟାମଖୁଣ୍ଟା ବ୍ଲକର ଗୋଡିପୋଖରୀ ସରକାରୀ (ଏସଏସଡି) ବାଳିକା ଉଚ୍ଚ ବିଦ୍ୟାଳୟ, ଖୁଣ୍ଟା ବ୍ଲକର ବାଳିମୁଣ୍ଡାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କପ୍ତିପଦା ବ୍ଲକର ଗାଇପାଳ ଉଚ୍ଚବିଦ୍ୟାଳୟ, ବଡ଼ସାହି ବ୍ଲକର କର୍ଣ୍ଣପୁରିଆ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଉଦଳା ବ୍ଲକର ମେଣ୍ଟାଖାଇ ସରକାରୀ ଉପ୍ରା ବିଦ୍ୟାଳୟ, ବେତନଟି ବ୍ଲକର ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାରିପଦା ବ୍ଲକର ତୁଳସୀଚଉରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଙ୍ଗିରିପୋଷି ବ୍ଲକର ଭୁଆଷୁଣୀ ଆଦର୍ଶ ଉଚ୍ଚବିଦ୍ୟାଳୟ, ସାରସକଣା ବ୍ଲକର ଶର୍ଖାଭଙ୍ଗା ଡିଲାଇଡ଼ ପ୍ରୋଜେକ୍ଟ ଉପ୍ରା ବିଦ୍ୟାଳୟ, ଗୋପବନ୍ଧୁନଗର ବ୍ଲକର ଖାଣ୍ଟିଆନ୍ଧି ସରକାରୀ ଉଚ୍ଚ ବିଦ୍ୟାଳୟ, ରାଇରଙ୍ଗପୁର ବ୍ଲକର ମହୁଲଡିହା ସରକାରୀ (ଏସଏସଡି) ବାଳିକା ଉଚ୍ଚ ବିଦ୍ୟାଳୟ, ଟିରିଙ୍ଗ ବ୍ଲକର ନାଗାଣ୍ଡପୁର ବନସୁରକ୍ଷା ସମିତି, ବଙ୍ଗଦା ବ୍ଲକର ହଳଦୀବାଣୀ ବନସୁରକ୍ଷା ସମିତି, ଜାମଦା ବ୍ଲକର ତେନ୍ତ୍ରା ବନସୁରକ୍ଷା ସମିତି, କରଞ୍ଜିଆ ବ୍ଲକର ପ୍ରେସିଡ଼ ସ୍ୱେଚ୍ଛାସେବୀ ସଂଗଠନ, ଶୁକ୍ଳି ବ୍ଲକର ଖୁଟିଂସ୍ଥ ମାଁ କାଟକେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଓ ଠାକୁରମୁଣ୍ଡା ବ୍ଲକର ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟକୁ ପ୍ରଦାନ କରାଯାଇଛି। ସେହିପରି ଶ୍ୟାମଖୁଣ୍ଟା ବ୍ଲକ ଅସନବଣୀ ଗ୍ରାମର ଜୟନ୍ତ କୁମାର ମହାନ୍ତ, ଖୁଣ୍ଟା ବ୍ଲକ ବାହାନଡାର ମିଳନ କୁମାର ସିଂହ, କପ୍ତିପଦା ବ୍ଲକ ବଡଖେଲାଡିର ଅଶିଷ କୁମାର ମଲ୍ଲିକ, ବଡ଼ସାହି ବ୍ଲକ ଶାଳଗାଁ ପଞ୍ଚାୟତ ହାଇସ୍କୁଲର ଶିକ୍ଷକ ସନ୍ତୋଷ କୁମାର ଖଣ୍ଡା, ଉଦଳାର ଯଦୁମଣି ଜେନା, ବେତନଟି ଭଗବାନପୁରର ଦେବେନ୍ଦ୍ରଆଚାର୍ଯ୍ୟ, ବାରିପଦା ପାନିଶାଳର ଦିବ୍ୟାନୀ ବେହେରା, କୁଲିଅଣା ଭୁରୁଙ୍ଗାସୋଲେର ସୁଷମା ସୁପ୍ରଭା ଦଳେଇ, ଗୋପବନ୍ଧୁନଗର ବ୍ଲକ ସାନବେଲାକୁଟିର ଜୟନ୍ତ କୁମାର ବାର୍କ, ବିଶୋଇ ଟିଆକାଟିର ନାରାୟଣ ଟୁଡୁ, ବହଳଦା ପିଠାକୁଟୁଣୀର ଅନପା ମୁର୍ମୁ ଜାମଦା ବ୍ଲକ ଗୁଡଦାର ଦମୟନ୍ତୀ ହେମ୍ବ୍ରମ, କରଞ୍ଜିଆ କୁଳିପୋଶିର କୃଷ୍ଣଚନ୍ଦ୍ର ନାୟକ, ଶୁକ୍ଳି ବ୍ଲକ ବଡବିଲର ଲଳିତେନ୍ଦୁ ନାୟକ, ରରୁଆଁ ପୁରୁଣାପାଣିର ମଞ୍ଜୁଲତା ମହାନ୍ତ, ଯଶିପୁର ସିଙ୍ଗଡପୁରର ଭୂପାଳ ଚନ୍ଦ୍ର ମହାନ୍ତ, ଠାକୁରମୁଣ୍ଡା ମିଟୁଆଣିର ବେବେକ୍ ନାୟକଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ବାରିପଦାରେ ଏକ ପରିବେଶ ସଚେତନତା ଶୋଭାଯାତ୍ରା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବାହାରି ବଜାର ପରିକ୍ରମା କରିଥିଲା। ଅତିଥିଙ୍କ ସହିତ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ, ବନସୁରକ୍ଷା ସମିତି ସଦସ୍ୟ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ ସାମିଲ ଥିଲେ। ଏସିଏଫ ମେହେରବାନ ଅଲ୍ଲି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ଚଢ଼ଉ, ବିପୁଳ ପରିମାଣର ମଦ ଜବତ



**କରଞ୍ଜିଆ, ୫।୬(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ବେଆଇନ୍ ମଦ କାରବାର ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ଜୋରଦାର ଅଭିଯାନ ଜାରି ରହିଛି। କରଞ୍ଜିଆ ସହର ଓ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ୧୧୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଥିବାବେଳେ ୪ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ଯଶିପୁରରେ ପୁଲିସ୍ ଓ ଅବକାରୀ ବିଭାଗର ମିଳିତ ଚଢ଼ଉରେ ବିପୁଳ ପରିମାଣର ମହୁଲ ପୋଚ ଓ ମଦ ଜବତ କରାଯାଇ ନଷ୍ଟ କରାଯାଇଛି। ଗତକାଲି ରାତିରେ କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ କରଞ୍ଜିଆ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ବିଦେଶୀମଦ ଜବତ କରାଯାଇଥିବାବେଳେ ଆଜି ପୁଣି କରଞ୍ଜିଆ ଉପଖଣ୍ଡର ବିଭିନ୍ନ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଥିଲା। ମାଳାରପଦା ଗ୍ରାମର ଉମାକାନ୍ତ ମହାନ୍ତଙ୍କ ନିକଟରୁ ୪୦ ଲିଟର, ଗିଧିବାସ ଗ୍ରାମର ଅନାମ ହେମ୍ବ୍ରମଙ୍କ ନିକଟରୁ ୪୦ ଲିଟର ଓ ଗଙ୍ଗା ସାଗର ଗଣ୍ଡଙ୍କ ନିକଟରୁ ୩୦ ଲିଟର ମହୁଲି ମଦ ଜବତ କରାଯାଇଥିଲା। ସେହିପରି କରଞ୍ଜିଆ ସହରର ୧୨ନଂ ୱାର୍ଡ ତେଲିସାହିର ଅନନ୍ତ ସାହୁଙ୍କ ନିକଟରୁ ବିଦେଶୀ ମଦ ଜବତ କରାଯାଇଥିଲା। ଏଥିସହ ୪ ଜଣ ଗିରଫ କରାଯାଇଛି। ପରେ ଯଶିପୁର ପୁଲିସ୍ ଓ କରଞ୍ଜିଆ ଅବକାରୀ ବିଭାଗର ମିଳିତ ଟିମ୍ ମାଛକାନ୍ଦଣା ଗ୍ରାମ ନିକଟସ୍ଥ ପାହାଡ଼ନାଳ ଅଞ୍ଚଳରେ ଚଢ଼ଉ କରିଥିଲେ। ସେଠାରେ ମହୁଲି ମଦ ପ୍ରସ୍ତୁତ ହେଉଥିବା ସୂଚନା ମିଳିଥିଲା। ୪ ହଜାର ୭୦୦ କେଜି ମହୁଲ ପୋଚ ଓ ୩୦୦ ଲିଟର ମହୁଲି ମଦ ଜବତ କରାଯାଇ ନଷ୍ଟ କରାଯାଇଥିଲା। ଏହି ଅଭିଯାନରେ କରଞ୍ଜିଆ ଅବକାରୀ ଥାନା ଅଧିକାରିଣୀ ଜୟନ୍ତୀ ଆଚାର୍ଯ୍ୟ, ଯଶିପୁର ଥାନା ଓଆଇସି ରଶ୍ମିରଞ୍ଜନ ନାୟକ ଓ ଉଭୟ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**ରାଇରଙ୍ଗପୁର, ୫।୬(ସମିସ):** ବାମନଘାଟି ଉପଖଣ୍ଡରେ ବେଆଇନ ବାଲି ଚାଲାଣ ଥମିବାର ନାଁ ନେଉନାହିଁ। ବହଳଦା ଥାନା ଅଞ୍ଚଳରେ ଚାଲାଣ ବେଳେ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ବହଳଦା ଥାନା ଅନ୍ତର୍ଗତ ଖଡ଼ଖାଇ ନଦୀ କୂଳରେ ବାସିଙ୍ଗୀ ବାଲି ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଝାଡ଼ଖଣ୍ଡ ରାଜ୍ୟକୁ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଖଣି ବିଭାଗ ଓ ପୁଲିସ ମିଳିତ ଭାବେ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲେ। ଟ୍ରାକ୍ଟର ଚାଳକ ଓ ଅନ୍ୟମାନେ ଟ୍ରାକ୍ଟର ଛାଡ଼ି ଚମ୍ପଟ ମାରିଥିଲେ। ତେବେ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ବହଳଦା ଥାନା ପୁଲିସକୁ ହସ୍ତାନ୍ତର କରାଯାଇଥିଲା। କନିଷ୍ଠ ଖଣି ଅଧିକାରୀ ମିଥୁନ ଗିରି ବହଳଦା ଥାନାରେ ଲିଖିତ ଅଭିଯୋଗକ୍ରମେ ଲଘୁ ଖଣିଜ ଚୋରା ଚାଲାଣ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ରୁଚି ଛତୁ ଫାର୍ମରେ ଶୁଳିଆପଦା ଡିଗ୍ରୀ କଲେଜ ଛାତ୍ରଛାତ୍ରୀଙ୍କ ୩୫ଦିନିଆ ଶିବିର




**ବାରିପଦା, ୫।୬(ସମିସ):** ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଶୁଳିଆପଦା ଡିଗ୍ରୀ କଲେଜର ଉଦ୍ଭିଦ ବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ୩୫ଦିନିଆ ପ୍ରଶିକ୍ଷଣ ଶିବିର ବାରିପଦାର ତକତପୁରସ୍ଥ ଜାତୀୟ ସମ୍ମାନପ୍ରାପ୍ତ ରୁଚି ଛତୁ ଫାର୍ମରେ ଆରମ୍ଭ ହୋଇଛି। ଛାତ୍ରଛାତ୍ରୀଙ୍କୁ ଆଧୁନିକ ଛତୁ ଚାଷର ବୈଜ୍ଞାନିକ ଓ ବ୍ୟବହାରିକ ଜ୍ଞାନ ପ୍ରଦାନ କରିବା ସହିତ ସ୍ୱାବଲମ୍ବୀ ଓ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହି ଶିବିରର ଆୟୋଜନ କରାଯାଇଛି। ପ୍ରଶିକ୍ଷଣ ସମୟରେ ଛତୁଚାଷ, ଛତୁ ମଞ୍ଜି ଉତ୍ପାଦନ, ସଂରକ୍ଷଣ ପ୍ରଣାଳୀ ଓ ଛତୁରୁ ବିଭିନ୍ନ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ସମ୍ପର୍କରେ ଥିଓରୀ, ଲ୍ୟାବ ଓ ପ୍ରାକ୍ଟିକାଲ ଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରୁଚି ମଶରୁମ ଫାର୍ମର ପ୍ରତିଷ୍ଠାତା ଓ ନିର୍ଦ୍ଦେଶିକା ଗୀତାଞ୍ଜଳି ମହାନ୍ତି, ଶୁଳିଆପଦା ଡିଗ୍ରୀ କଲେଜର ଅଧ୍ୟାପିକା ଡ ସୁଧାଶ୍ରୀ ସେଠୀ, ଅଧ୍ୟାପକ ମନୋରଞ୍ଜନ ସାହୁ, ଚକ୍ରଧର ସାହୁଙ୍କ ସହ ଅନ୍ୟ ଅଧ୍ୟାପକ ଉପସ୍ଥିତ ଥିଲେ। ବର୍ତ୍ତମାନ ଛତୁଚାଷ ଯୁବପିଢ଼ିଙ୍କ ପାଇଁ ଏକ ଲାଭଜନକ ଓ ରୋଜଗାରକ୍ଷମ କୃଷିଭିତ୍ତିକ ଉଦ୍ୟୋଗ ଭାବେ ପରିଚିତ ହୋଇଛି। ଉଚ୍ଚଶିକ୍ଷା ସହିତ ବୃତ୍ତିଗତ ଦକ୍ଷତାର ସମନ୍ୱୟ ଯୁବକ/ଯୁବତୀଙ୍କୁ ନୂତନ ରୋଜଗାର ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ରୁଚି ଛତୁ ଫାର୍ମର ଉପନିର୍ଦ୍ଦେଶକ ସୁନୀଲ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଉଦ୍ୟୋଗୀ ମନୋଭାବ ଓ କୃଷିଭିତ୍ତିକ ରୋଜଗାର ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଠାକୁରମୁଣ୍ଡା ବନାଞ୍ଚଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ

**ମହୁଲଡିହା, ୫।୬(ସମିସ):** କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳ ପକ୍ଷରୁ ତରାମରା ଷ୍ଟାଡିୟମ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏ ଅବସରରେ ସଚେତନତା ସଭା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ସ୍ଥାନୀୟ ଲୋକ ଯୋଗଦେଇ ବୃକ୍ଷ ରୋପଣରେ ସାମିଲ ହୋଇଥିଲେ। ରେଞ୍ଜ ଅଫିସର ଉମାକାନ୍ତ ବେହେରା ପ୍ରକୃତିରୁ ଶିକ୍ଷା ଆମ ପାଇଁ ଆହ୍ୱାନ କହିବା ସହ ସରକାରଙ୍କ ଆହ୍ୱାନ ମାଆ ପାଇଁ ଗଛଟିଏରେ ପ୍ରଭାବିତ ହୋଇ ଆମେ ସମସ୍ତେ ଅତି କମରେ ୧୦ଟି ଗଛ ଲଗାଇବାକୁ ନିବେଦନ କରିଥିଲେ। ରେଞ୍ଜ ଅଫିସରେ ଲୋକଙ୍କ ପାଇଁ ୩ ଲକ୍ଷ ଚାରା ପ୍ରସ୍ତୁତ କରାଯାଇଛି ଓ ପ୍ରତି ଚାରା ଟଙ୍କାଟିଏ ଦାମ ଦେଇ ଆଣିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶରତ ତ୍ରିପାଠୀ ଯୋଗଦେଇ ଚଳିତ ବର୍ଷର ବିଷୟ ପ୍ରକୃତିରୁ ପ୍ରେରଣା ଜଳବାୟୁ ଆମ ଭବିଷ୍ୟତ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ମତ ରଖିଥିଲେ। ଜନସଂଖ୍ୟା ବୃଦ୍ଧି, ଜଙ୍ଗଲ ଉପରେ ଚାପ ସତ୍ତ୍ୱେ ସନ୍ତୁଳନ ଓ ଭାରସାମ୍ୟ ରକ୍ଷା ପାଇଁ ବୃକ୍ଷରୋପଣ କରି ବଞ୍ଚାଇ ରଖିବା ବଡ଼ ଆହ୍ୱାନ ବୋଲି କହିଥିଲେ। ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଯୋଗେନ୍ଦ୍ର ମହାନ୍ତ ବୃକ୍ଷରୋପଣ ଓ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ଏ ଅବସରରେ ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ, ଆଶିଷ ପାଣିଗ୍ରାହୀ, ଭାସ୍କର ପଣ୍ଡା, କୁନା ରାୟ, ହାଇସ୍କୁଲ ଶିକ୍ଷକ, ବନ ସୁରକ୍ଷା ସମିତି, ଏସଏଚଜି ମହିଳା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବନପାଳ ବିଦ୍ୟାଧର ମହାନ୍ତ ଧନ୍ୟବାଦ ଦେଇଥିଲେ। ସେହିପରି ବାଲିପୋଷି ସେକ୍ସନ, ଚମ୍ପାଝର ସେକ୍ସନର ଜାମଖଞ୍ଜରୀ ପ୍ରାଥମିକ ବିଦ୍ୟାଳୟ, କେନ୍ଦୁଜିଆଣୀ ଓ କେନ୍ଦୁମୁଣ୍ଡି ସେକ୍ସନ ଅନ୍ତର୍ଗତ କଦାଡିହାସ୍ଥ ଏସଏସଆଇଟି ଅନୁଷ୍ଠାନ, ସାତକୋଶିଆ ବନାଞ୍ଚଳର ପଞ୍ଚାୟତ ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି।

## ନେଦାଭାଡି ଗ୍ରାମରେ କୁଡୁମୀ ସେନାର ପ୍ରତିଷ୍ଠା ଦିବସ



**ସାରସକଣା, ୫।୬(ସମିସ):** ସାରା ଦେଶରେ ୨ କୋଟିରୁ ଊର୍ଦ୍ଧ୍ୱ କୁଡୁମୀ ସମ୍ପ୍ରଦାୟର ଲୋକ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର ଓ ଆସାମରେ ବସବାସ କରୁଛନ୍ତି। ଏହି ଜାତିକୁ ୧୯୫୦ ପର୍ଯ୍ୟନ୍ତ ଆଦିବାସୀ ମାନ୍ୟତା ମିଳିଥିଲା। ପରେ ସମ୍ବିଧାନରୁ ଆଦିବାସୀ ମାନ୍ୟତା ହଟାଇ ଦିଆଗଲା। ପୁନଃ ଆଦିବାସୀ ମାନ୍ୟତା ପାଇଁ ଏହି ସମ୍ପ୍ରଦାୟର ଲୋକେ ଦୀର୍ଘ ବର୍ଷ ଧରି ଦାବି କରୁଛନ୍ତି। ଓଡ଼ିଶାରେ କ୍ରାନ୍ତିକାରୀ ଯୁବ ନେତା ଜୈମୁନୀ ମହାନ୍ତଙ୍କ ନେତୃତ୍ୱ ରେ କୁଡୁମୀ ସମ୍ପ୍ରଦାୟର ଲୋକଙ୍କୁ ଏକାଠି କରି ୨୦୧୨ ଜୁନ ୩ରେ ବେତନଟିଠାରେ କୁଡୁମୀ ସେନା ଗଠନ କରି କୁଡୁମୀ ଲୋକଙ୍କ ସାମାଜିକ, ଅର୍ଥନୈତିକ, ଭାଷା, ସଂସ୍କୃତିର ସୁରକ୍ଷା ଓ କୁଡୁମୀ ଜାତିକୁ ପୁନଃ ଆଦିବାସୀ ତାଲିକାରେ ସାମିଲ କରିବା ପାଇଁ ୧୪ ବର୍ଷ ଧରି ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ଆୟୋଜନ କରିଆସୁଛନ୍ତି। ଏହି ଦିନକୁ ମନେ ରଖିବା ପାଇଁ ସାରସକଣା ବ୍ଲକ ଅନ୍ତର୍ଗତ ନେଦାଭାଡି ଗ୍ରାମରେ ୧୪ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। ଏହି ସଭାରେ ସଭାପତି ଜୈମୁନୀ କୁମାର ମହାନ୍ତ, କୁଡୁମୀ ସେନାର ବିଶ୍ୱନାଥ ମହାନ୍ତ, ସାଇରାମ୍ ମହାନ୍ତ, କାହ୍ନୁଚରଣ ମହାନ୍ତ, ଗୀତାଞ୍ଜଳି ମହାନ୍ତ, ଅହଲ୍ୟା ମହାନ୍ତ, ପାର୍ବତୀ ମହାନ୍ତ, ଲକ୍ଷ୍ମୀମଣି ମହାନ୍ତ, ବେଣୁଧର ମହାନ୍ତ, ନରେନ୍ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

### ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଗ୍ୟାଙ୍ଗଷ୍ଟାର ଇଲେଭେନ ଚାମ୍ପିଅନ୍



**ବାରିପଦା, ୫।୬(ସମିସ):** ସ୍ଥାନୀୟ ୧୫ନଂ ୱାର୍ଡସ୍ଥ ପୂର୍ଣ୍ଣଚନ୍ଦ୍ରପୁର ପଡ଼ିଆରେ ୧୦ ଓଭର ବିଶିଷ୍ଟ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ୍‌ରେ ଗ୍ୟାଙ୍ଗଷ୍ଟାର ଏକାଦଶ ୩ ୱିକେଟରେ କୁଲିଅଣା ୱାରିୟର୍ସକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି କୁଲିଅଣା ୱାରିୟର୍ସ ୧୦ ଓଭରରେ ୭ ୱିକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଲୋକନାଥ ପୃଷ୍ଟି ୨୪ ଓ ରାଜକୁମାର ବେହେରା ୨୦ ରନ କରିଥିବାବେଳେ ବିପକ୍ଷ ଦଳର ଅର୍ମାନ ଆଲାମ ୩ଟି ଓ ଦୀପାଂଶୁ ଦାସ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଗ୍ୟାଙ୍ଗଷ୍ଟାର ୯. ୩ ଓଭରରେ ୭ ୱିକେଟ ହରାଇ ୧୧୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶୁଭମ ମହାନ୍ତି ୪୭ ଓ ଦୀପାଂଶୁ ଦାସ ୩୫ ରନ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳର ଅବିନାଶ ରଥ ୩ଟି ୱିକେଟ ଅକ୍ତିଆର କରିଥିଲେ। ଅଭିଜିତ ବେହେରା ଓ କୌଶିକ କଲିଆ ଖେଳ ପରିଚାଳନା କରିଥିବାବେଳେ ନିତେଶ କୁମାର ହେମ୍ବ୍ରମ ସ୍କୋରିଂରେ ସହଯୋଗ କରିଥିଲେ। ଦୀପାଂଶୁ ଦାସ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଶ୍ରୀୟାଂଶ ମହାନ୍ତିଙ୍କ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ ଅତିଥି ଭାବେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହସମ୍ପାଦକ ତଥା ସାମ୍ବାଦିକ ରବୀନ୍ଦ୍ର କୁମାର ମହାନ୍ତି, ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତି ଓ ପୂର୍ବତନ କ୍ରିକେଟ ଖେଳାଳି ସୋମନାଥ ସିଂହ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ।

### ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି

## ଜିଲ୍ଲାପାଳଙ୍କ ବିଭିନ୍ନ ଉଦ୍‌ଘାଟନ ଓ ଶିଳାନ୍ୟାସ ପ୍ରକଳ୍ପ ସ୍ଥିତି ଅନୁଧ୍ୟାନ



**ରାଇରଙ୍ଗପୁର, ୫।୬(ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚଳିତ ମାସ ୧୯ ଓ ୨୦ ତାରିଖରେ ଗସ୍ତ କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ନେଇ ଜିଲ୍ଲାପାଳ ହେମକାନ୍ତ ସୟ ରାଇରଙ୍ଗପୁର ଗସ୍ତରେ ଯାଇ ଅନୁଧ୍ୟାନ କରିଛନ୍ତି। ଗସ୍ତ ଅବସରରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ ହେବାକୁ ଥିବାବେଳେ ତାହାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗସ୍ତ କାର୍ଯ୍ୟକ୍ରମ ସମ୍ପାଦନ ନେଇ ଅଧିକାରଙ୍କ ସହ ସମୀକ୍ଷା କରିଥିଲେ। ରାଇରଙ୍ଗପୁର ସମେତ ଉପରବେଡା, ପାହାଡ଼ପୁର ଆଦି ସ୍ଥାନରେ ଗସ୍ତ କରିବେ। ସଭାସ୍ଥଳ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସ୍ଥାନ ସ୍ଥିତି ଯାଞ୍ଚ କରିଥିଲେ। ଜିଲ୍ଲା ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଦାଣ୍ଡବୋଷ ବିମାନ ବନ୍ଦର ସମେତ ଅନ୍ୟାନ୍ୟ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ଯାଞ୍ଚ କରିଥିଲେ ଜିଲ୍ଲାପାଳ। କାର୍ଯ୍ୟ ତ୍ୱରାନ୍ୱିତ କରି ତୁରନ୍ତ ସମ୍ପାଦନ କରିବା ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବା ପାଇଁ ପ୍ରଶାସନିକ ସ୍ତରରେ ଜୋରଦାର ପ୍ରସ୍ତୁତି ଜାରି ରହିଛି। କାର୍ଯ୍ୟର ତଦାରଖ କରି ଆବଶ୍ୟକ କାର୍ଯ୍ୟକୁ ସମ୍ପାଦନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗସ୍ତକୁ ନେଇ ଜିଲ୍ଲାପାଳ ଶ୍ରୀ ସୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ହେଉଛି। ଜିଲ୍ଲା ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀ ନିଜେ କାର୍ଯ୍ୟ ତଦାରଖ କରୁଛନ୍ତି। ଗସ୍ତର ପ୍ରସ୍ତୁତି ନେଇ ଜିଲ୍ଲା ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହେଉଛି। ଜିଲ୍ଲା ଗସ୍ତକୁ ସମ୍ପୂର୍ଣ୍ଣ ସଫଳ କରିବା ନେଇ ଜିଲ୍ଲା ପ୍ରଶାସନ ପ୍ରଚେଷ୍ଟା ଜାରି ରଖିଛନ୍ତି। ଗସ୍ତ କାର୍ଯ୍ୟକ୍ରମରେ ଯେଭଳି କୌଣସି ତ୍ରୁଟି ନ ହୁଏ, ସେଥିପ୍ରତି ପ୍ରଶାସନିକ ଅଧିକାରୀ ସଚେତନ ରହିଛନ୍ତି। ଯାହାକୁ ନେଇ ଜିଲ୍ଲାପାଳ ନିଜେ ଗ୍ରାଉଣ୍ଡରୁ ତଦାରଖ ସହ ସମୀକ୍ଷା କରିଛନ୍ତି।

## ମୟୂରଭଞ୍ଜ ଜିଲ୍ଲାର ନାମ ବନାନରେ ତ୍ରୁଟି, ସଂଶୋଧନ ଦାବି

**କରଞ୍ଜିଆ, ୫।୬(ସମିସ):** ଓଡ଼ିଶାର ଗର୍ବ ଓ ଐତିହ୍ୟବାହୀ ଜିଲ୍ଲା ମୟୂରଭଞ୍ଜ ନାମ ବନାନକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପରିଚାଳିତ ଜନଶୁଣାଣି ୱେବସାଇଟ ସମେତ କିଛି ସରକାରୀ ଓ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ଜିଲ୍ଲାର ନାମ 'ମୟୁରଭଞ୍ଜ' ଭାବେ ଉଲ୍ଲେଖ କରାଯାଉଥିବା ଦେଖିବାକୁ ମିଳିଛି। ଯାହା ଭାଷାଗତ ଭାବେ ଭୁଲ ବୋଲି ଅଭିଯୋଗ ହୋଇଛି। ପ୍ରକୃତ ଓ ସ୍ୱୀକୃତ ବନାନ ହେଉଛି 'ମୟୂରଭଞ୍ଜ'। ଏହି ନାମ କେବଳ ଏକ ପ୍ରଶାସନିକ ପରିଚୟ ନୁହେଁ, ବରଂ ଜିଲ୍ଲାର ଐତିହ୍ୟ, ସଂସ୍କୃତି ଓ ଭାବାବେଗ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ତେଣୁ ଏହାର ବନାନରେ ତ୍ରୁଟି ରହିବା ଜିଲ୍ଲାବାସୀଙ୍କ ଭାବନାକୁ ଆଘାତ ପହଞ୍ଚାଇବା ସହ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରୁଛି। ମୟୂରଭଞ୍ଜବାସୀ ସରଳ, ସଂସ୍କୃତିପ୍ରେମୀ ଓ ନିଜ ମାଟି ପ୍ରତି ଅତ୍ୟନ୍ତ ଭାବପ୍ରବଣ। ତେଣୁ ଜିଲ୍ଲାର ନାମକୁ ସଠିକ ଭାବେ ଲେଖାଯିବା ପ୍ରତ୍ୟେକ ସରକାରୀ ଓ ବେସରକାରୀ ସଂସ୍ଥାର ଦାୟିତ୍ୱ ବୋଲି ବୁଦ୍ଧିଜୀବୀ ଓ ସାଧାରଣ ଜନତା ମତ ପ୍ରକାଶ କରିଛନ୍ତି। ସମ୍ପୃକ୍ତ କର୍ତ୍ତୃପକ୍ଷ ଏହି ତ୍ରୁଟିକୁ ଗୁରୁତ୍ୱର ସହ ନେଇ ୱେବସାଇଟ, ଦସ୍ତାବିଜ, ଫଳକ ଓ ଅନ୍ୟାନ୍ୟ ସରକାରୀ ରେକର୍ଡରେ ଥିବା ଭୁଲ ବନାନକୁ ଯଥାଶୀଘ୍ର ସଂଶୋଧନ କରି 'ମୟୂରଭଞ୍ଜ' ନାମର ସଠିକ ବ୍ୟବହାର ସୁନିଶ୍ଚିତ କରିବାକୁ ଜନସାଧାରଣ ଦାବି କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ମୟୂରଭଞ୍ଜକୁ ଭଲ ପାଉଥିବା ଅସଂଖ୍ୟ ଲୋକ ଗଣମାଧ୍ୟମରେ ସରକାର ଓ ସମ୍ପୃକ୍ତ ବିଭାଗଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ଅନୁରୋଧ କରିଛନ୍ତି। ଏ ଘଟଣାକୁ ନେଇ ସାମ୍ବାଦିକ ଦିବ୍ୟରଞ୍ଜନ ପତି ଆଜି କରଞ୍ଜିଆ ଉପଖଣ୍ଡର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ାଙ୍କୁ ଭେଟି ଏକ ନିବେଦନପତ୍ର ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ ବିଷୟକୁ ଗୁରୁତର ସହ ବିଚାର କରି ସମ୍ପୃକ୍ତ ସ୍ତରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ଓ ବନାନ ତ୍ରୁଟିର ଯଥାଶୀଘ୍ର ସଂଶୋଧନ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



### ମିଳିତ ବିରୋଧୀ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

## ରାଜ୍ୟବାସୀଙ୍କ ବିନିଯୋଗ ୪୯ ଶତାଂଶ ଅର୍ଥ ସିଏଜି ଅଡିଟ୍ ଓ ସାର୍ବଜନୀନ ଦାବି

ବାରିପଦା, ୫।୬(ସମିସ)



ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢ଼ ପାଇଁ ଟାଟା ପାୱାରକୁ ରାଜ୍ୟ ସରକାର ଦେଇଥିବା ଅର୍ଥର ସିଏଜି ଅଡିଟ୍ କରି ସାର୍ବଜନୀନ କରିବା ଓ ଟାଟା ପାୱାରର ଘନ ଘନ ବିଜୁଳି କାଟ ସହ ଲୋ-ଭୋଲଟେଜ ଓ ପ୍ରବଳ ଗରମରେ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ମିଳିତ ବିରୋଧୀ ଦଳ ତରଫରୁ ପ୍ରଦାନ କରାଯାଇଛି।

ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ ଓ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଟାଟା ପାୱାରକୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ପରିତାପର ବିଷୟ ୪/୫ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମି ବ୍ୟବସ୍ଥାର ସୁଦୃଢ ଓ ସୁଷମ ବଣ୍ଟନ ହୋଇପାରିନାହିଁ। ସହରାଞ୍ଚଳର ତଳିଆ ଅଞ୍ଚଳ ସମେତ ଗ୍ରାମାଞ୍ଚଳରେ ଘନ ଘନ ବିଦ୍ୟୁତ୍ କାଟ ସହ ଲୋଭୋଲଟେଜ, ସଂଯୋଗ ବିଚ୍ଛିନ୍ନ ପରେ ସ୍ଥାନୀୟ ଜନତା ବାରମ୍ବାର ଅଭିଯୋଗ କଲାପରେ ବି ମରାମତି ପାଇଁ ୨/୩ ଦିନରୁ ଊର୍ଦ୍ଧ୍ୱ ସମୟ ଲାଗିବା, ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଉପଭୋକ୍ତା ଆଉଟୁ ପାଉଟୁ ନ ହେବା, ଚାଷୀଙ୍କ ଚାଷକୁ ଜଳ ଯୋଗାଣ, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ସରକାରୀ ବେସରକାରୀ କାର୍ଯ୍ୟାଳୟ ଇତ୍ୟାଦି ବିଭିନ୍ନ ସ୍ଥାନ ବିଦ୍ୟୁତ୍ ଯୋଗାଣରୁ ବଞ୍ଚିତ ନ ହେବା ଭଳି ପରିସ୍ଥିତିର ସୁଧାର ଆଣିବା ପାଇଁ ରାଜ୍ୟ ସରକାର ପାଖାପାଖି ୨୭ ହଜାର କୋଟି ଟଙ୍କା ଟାଟା ପାୱାରକୁ ଦେଇଛନ୍ତି। ଯେଉଁଥିରେ ରାଜ୍ୟ ସରକାରଙ୍କ ଅଂଶଧନ ୪୯ ଶତାଂଶ। ରାଜ୍ୟବାସୀଙ୍କ ଟିକସ ଅର୍ଥରେ ତିଆରି ରାଜ୍ୟ ସରକାରଙ୍କ ୪୯ ଶତାଂଶ ଅର୍ଥ ଧନର ସଠିକ୍ ବିନିଯୋଗ ହୋଇଛି କି ନାହିଁ, ତାହା ଜାଣିବାର ଅଧିକାର ରାଜ୍ୟବାସୀଙ୍କର ରହିଛି। ପୂର୍ବତନ ଓଇଆରସି ଅଧ୍ୟକ୍ଷ ପ୍ରଦୀପ ଜେନା ରାଜ୍ୟ ସରକାରଙ୍କୁ ଦେଇଥିବା ରିପୋର୍ଟ ମଧ ଏହାର ଅଂଶ ବିଶେଷ। ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତାଙ୍କ ସ୍ୱାର୍ଥକୁ ସମ୍ମାନ ଜଣାଇ, ଟାଟା ପାୱାରକୁ ରାଜ୍ୟ ସରକାର ଦେଇଥିବା ଅର୍ଥର ସଠିକ୍ ଉପଯୋଗ ହୋଇଛି କି ନାହିଁ, ତାହାକୁ ତୁରନ୍ତ ସିଏଜି ଅଡିଟ୍ କରାଇ ସାର୍ବଜନୀନ କରିବାକୁ ମିଳିତ ବିରୋଧୀ ଦଳ କଂଗ୍ରେସ, ସିପିଆଇ ଓ ସିପିଆଇଏମ ପକ୍ଷରୁ ଦୃଢ଼ ଦାବି କରାଯାଇଛି। କଂଗ୍ରେସ ଦଳର ଶାନ୍ତନୁ ପାଲ, ସୁସ୍ମିତା ଘୋଷଲ, ନିହାର ରଞ୍ଜନ ମଡୁଆଳ, ଭବାନୀ ଶଙ୍କର ସାହୁ, ଗୋସାଇଁ ଚରଣ ମହାନ୍ତ, ରତିକାନ୍ତ ଚୌଧୁରୀ, ସିପିଆଇର ଜଗବନ୍ଧୁ ମିଶ୍ର, ଶ୍ରୀକାନ୍ତ ସାମଲ, ମୁକୁନ୍ଦ ବିଶୋଇ, କାହ୍ନୁଚରଣ ବେହେରା, ସିପିଏମର ରବି ଗୋସ୍ୱାମୀ ପ୍ରମୁଖ ଜିଲ୍ଲା ଜରୁରିକାଳୀନ ଅଧିକାରୀ ତାପସ ମହାନ୍ତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## କୁଶଳଦା ଓ ପଶୁଦା ଲ୍ୟାମ୍ପସ୍‌ରେ ଖୋଲିଲା ଧାନମଣ୍ଡି

**କୁଆମରା, ୫।୬ (ସମିସ):** ଗୋପବନ୍ଧୁନଗର ବ୍ଲକ କୁଶଳଦା ଲ୍ୟାମ୍ପସରେ ଧାନମଣ୍ଡି ଉଦଘାଟିତ ହୋଇଛି। ଲ୍ୟାମ୍ପସର ସଭାପତି ଚୌଧୁରୀ ସିଂ ମଣ୍ଡିକୁ ଉଦଘାଟନ କରିଥିବାବେଳେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ତହସିଲଦାର ଶଭନ ନାୟକ ଯୋଗଦେଇଥିଲେ। ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ସୁମନ ସୌରଭ ବେହେରାଙ୍କ ତତ୍ତ୍ୱାବଧାନରେ ଉଦଘାଟନୀ ଉତ୍ସବରେ ସମସ୍ତ ସଦସ୍ୟ ଓ ବହୁ ଚାଷୀ ଯୋଗ ଦେଇଥିଲେ। ଚଳିତବର୍ଷ ରବିଋତୁରେ ୧୧୬ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ୪ ହଜାର କ୍ୱିଣ୍ଟାଲ ଧାନ କିଣାଯିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ଏମ୍‌ଡି ଶ୍ରୀ ବେହେରା ସୂଚନା ଦେଇଛନ୍ତି। ସେହିପରି ପଶୁଦା ଲ୍ୟାମ୍ପସରେ ୧୮ ଜଣ ଚାଷୀଙ୍କଠାରୁ ୭୧୫ କ୍ୱିଣ୍ଟାଲ ଧାନ କିଣାଯିବ ବୋଲି ଏମ୍‌ଡି ନିର୍ମଳ ଚନ୍ଦ୍ର ସେନ କହିଛନ୍ତି।

ସଂକଟରେ ଖଣି ଅଞ୍ଚଳର ପରିବେଶ

# ଅସନ୍ତୁଳିତ ବିକାଶ; ବିଗୁଡୁଛି ପ୍ରକୃତି





ଯୋଡ଼ା, ୫।୬(ସମିସ)

ପରିବେଶ କହିଲେ ଆମ ଚାରିପାଖରେ ଥିବା ସମସ୍ତ ପ୍ରାକୃତିକ ଓ ମାନବ ନିର୍ମିତ ଉପାଦାନ ଏବଂ ତାହାର ବ୍ୟବହାର ଉପଯୋଗିତାକୁ ବୁଝାଯାଏ। ଏହି ଅଞ୍ଚଳରେ ଅନିୟନ୍ତ୍ରିତ ଶିଳ୍ପାୟନ, ସହରୀକରଣ, ଖଣି ଖୋଦାଇ, ଗାଡ଼ି ଧୂଆଁ ଏବଂ ଜଙ୍ଗଲ ଧ୍ୱଂସ ଯୋଗୁଁ ପରିବେଶ ଦ୍ରୁତ ଭାବରେ କ୍ଷୟ ହେବାରେ ଲାଗିଛି। ଯା'ଫଳରେ ଜଳବାୟୁ ପରିବର୍ତ୍ତନ ଭଳି ପରିବେଶ ଅସନ୍ତୁଳନ ପରିଣାମ ସ୍ଥାନୀୟ ଜନସାଧାରଣଙ୍କୁ ଭୋଗିବାକୁ ପଡୁଛି। ସମସ୍ତେ ଗଛ ଲଗାଇବା, ପ୍ଲାଷ୍ଟିକ୍ ବ୍ୟବହାର କମାଇବା, ପାଣି ଓ ବିଦ୍ୟୁତ୍ ସଞ୍ଚୟ କରିବା ଏବଂ ପରିବେଶ-ମିତ୍ର ଜୀବନଶୈଳୀ ଅନୁସରଣ କରିବା ସହ ଶିଳ୍ପ ଓ କମ୍ପାନୀମାନେ ମଧ୍ୟ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ମାନିବା ଆବଶ୍ୟକ। ପରିବେଶକୁ ସୁରକ୍ଷିତ ରଖିବା ମାନେ ନିଜ ଜୀବନକୁ ସୁରକ୍ଷିତ କରିବା ସମାନ। ତେବେ ବିକାଶ ନାଁରେ ଖଣି ଅଞ୍ଚଳରେ ବଢୁଛି ପ୍ରକୃତି ନଷ୍ଟ। ଖଣି ଓ ଶିଳ୍ପ ପ୍ରକଳ୍ପ ବଢୁଥିବା ସହିତ ଖଣି ଅଞ୍ଚଳରେ ପରିବେଶ ସଙ୍କଟ ଗଭୀର ହେଉଛି ବୋଲି ବୁଦ୍ଧିଜୀବୀ ଓ ପରିବେଶବିତମାନେ ଅଭିଯୋଗ କରୁଛନ୍ତି। ଅନେକ ସମୟରେ ପରିବେଶବିତମାନେ ଖଣି ଅଞ୍ଚଳ ଗସ୍ତ କରି ନଦୀ, ନାଳ ଜଙ୍ଗଲ ନଷ୍ଟ ହେଉଥିବା ଦେଖି କ୍ଷୁବ୍ଧ ହେଉଥିବା ନଜିର ରହିଛି। ସ୍ଥାନୀୟ ଅଞ୍ଚଳରେ ଖଣି କାର୍ଯ୍ୟ, ରାସ୍ତା ପ୍ରଶସ୍ତୀକରଣ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ବଡ଼ ପରିମାଣରେ ଗଛ କଟା ହେଉଥିବାରୁ ଜଙ୍ଗଲ ଆବରଣ କମିଯାଉଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଖଣି ପାଇଁ ହଜାର ହେକ୍ଟର ଜଙ୍ଗଲ ଜମି ଡାଇଭର୍ଟ ହୋଇଛି, ଯାହା ଜୈବବିବିଧତା ଉପରେ ଗଭୀର ପ୍ରଭାବ ପକାଉଛି। ପରିବେଶବିତମାନେ କହୁଛନ୍ତି ଯେ ଜଙ୍ଗଲ ହ୍ରାସ ଯୋଗୁଁ ମାଟି କ୍ଷୟ, ନଦୀ ଜଳସ୍ରୋତ ଅବକ୍ଷୟ ଓ ବନ୍ୟଜନ୍ତୁ ଆବାସ ଭଙ୍ଗ ହେଉଛି। କିଛି ଅଞ୍ଚଳରେ ବନ୍ୟଜନ୍ତୁ ଗାଁ ଓ ସହର ମୁହାଁ ହେଉଥିବା ଘଟଣା ମଧ୍ୟ ଦେଖାଯାଉଛି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଅଭିଯୋଗ ଅନୁଯାୟୀ, ଖଣି ଅଞ୍ଚଳରେ ବନୀକରଣ କେବଳ କାଗଜରେ ସୀମିତ ରହୁଛି। ଖଣି ଖନନ ଓ ଗଛ କଟାର ତୁଳନାରେ ପୁନର୍ବନିକରଣ ପ୍ରକ୍ରିୟା ଦୁର୍ବଳ ଥିବାରୁ ପ୍ରକୃତ ପରିବେଶୀୟ ସମତୁଳନ ଫେରାଇ ଆଣିପାରୁନାହିଁ ବୋଲି ସେମାନେ ମତ ପ୍ରକାଶ କରୁଛନ୍ତି। ବିଶେଷଜ୍ଞଙ୍କ ମତରେ, ଖଣି ଓ ଶିଳ୍ପ କାର୍ଯ୍ୟର ଅନିୟନ୍ତ୍ରିତ ବିସ୍ତାର ଫଳରେ ପରିବେଶୀୟ ସଙ୍କଟ ଦୀର୍ଘମିଆଦି ଭାବରେ ଆହୁରି ଗଭୀର ହେବାର ସମ୍ଭାବନା ରହିଛି। ତେଣୁ ବିକାଶ ଓ ପରିବେଶ ସୁରକ୍ଷା ମଧ୍ୟରେ ସମତୁଳ ରଖିବାକୁ ଦୃଢ଼ ନୀତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଦିନଥିଲା ଯୋଡ଼ା ବଡ଼ବିଲ ଖଣି ଅଞ୍ଚଳରେ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଥଣ୍ଡା ଅନୁଭୂତ ହେଉଥିଲା, ଗ୍ରୀଷ୍ମ ଋତୁରେ ସନ୍ଧ୍ୟା ହେଲେ ପରିବେଶ ଥଣ୍ଡା ପଡ଼ି ଯାଉଥିଲା ଏବେ କିନ୍ତୁ ଆଉ ସେ ପ୍ରକାର ଅନୁଭୂତି ନାହିଁ ବୋଲି ବରିଷ୍ଠ ନାଗରିକ ତଥା ସାମ୍ବାଦିକ ପ୍ରକାଶ ମହାନ୍ତି ମତ ପ୍ରକାଶ କରିଛନ୍ତି। ଅପରପକ୍ଷରେ, ରାସ୍ତା ଓ ଶିଳ୍ପ ପ୍ରକଳ୍ପ ପାଇଁ ଗଛ କଟା, ନଦୀ ଓ ମାଟି ଅବକ୍ଷୟ, ନାମକୁ ମାତ୍ର ବନୀକରଣ ବନ୍ୟଜନ୍ତୁ ଆବାସ ଭଙ୍ଗ ଓ ମାନବ-ପ୍ରକୃତି ସଂଘର୍ଷ ବିକାଶ ନାଁରେ ପ୍ରକୃତିର ମୂଲ୍ୟ ଅଦୃଶ୍ୟ ହେଉନାହିଁ କି? ଏହି ପ୍ରଶ୍ନ ଏବେ ଖଣି ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଯାଇଛି। ମାତ୍ରାଧିକ ଖଣି ଖୋଲିବା ଦ୍ୱାରା, ଖଣିଜ ପରିବହନ ଦ୍ୱାରା ଜଙ୍ଗଲ ନଷ୍ଟ ସାଙ୍ଗକୁ ଧୂଳି ଧୂଆଁରେ ପରିବେଶ ନଷ୍ଟ ହେବାକୁ ବସିଥିବା ବେଳେ ଆଗକୁ ସ୍ୱାସ୍ଥ୍ୟ ପାଇଁ ଶ୍ୱାସ ନେବାକୁ ହେଲେ ପର ପିଢ଼ିକୁ ଚିନ୍ତା କରିବାକୁ ପଡିବ ବୋଲି ବୁଦ୍ଧିଜୀବୀ ମତ ବ୍ୟକ୍ତ କରିଛନ୍ତି।

## 'ସ୍ୱଚ୍ଛ ଗାଁ, ସୁରକ୍ଷିତ ଜଳବାୟୁ' ଅଭିଯାନ ସମ୍ପନ୍ନ



କେନ୍ଦୁଝର, ୫।୬(ସମିସ): ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ସ୍ୱଚ୍ଛ ଗାଁ, ସୁରକ୍ଷିତ ଜଳବାୟୁ ଅଭିଯାନ କେନ୍ଦୁଝର ଜିଲ୍ଲାରେ ସମସ୍ତ ୨୯୭ଟି ପଞ୍ଚାୟତରେ ଜୁନ୍ ୧ରୁ ୫ ତାରିଖ ପର୍ଯ୍ୟନ୍ତ ସଫଳତାର ସହ ପାଳନ କରାଯାଇଛି। ଜିଲ୍ଲା, ପଞ୍ଚାୟତସମିତି ତଥା ଗ୍ରାମପଞ୍ଚାୟତ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମଗୁଡିକ ପରିଚାଳନା କରାଯାଇଥିଲା। ଅଭିଯାନର ଅନ୍ତିମ ଦିନ ତଥା ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ, ସମସ୍ତ ଗ୍ରାମପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯାଇଥିଲା। ଉକ୍ତ ଗ୍ରାମସଭାରେ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୨୬ ତଥା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶାଦେଶ ଅନୁପାଳନ ସମ୍ପର୍କରେ ଆଲୋକପାତ କରାଯିବା ସହିତ ଗତ ଚାରିଦିନ ଧରି ଅଭିଯାନ ଅଧୀନରେ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୁପାୟନ ସଂପର୍କରେ ବିଶଦ୍ ଆଲୋଚନା କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ





### ପାଳବଣି ଓ ଝଣଝଣାରେ ବ୍ୟାପକ ସଚେତନତା

ହାଟଡ଼ିହୀ: ହାଟଡ଼ିହୀ ବ୍ଲକର କେ.ବାଲିପାଳ ପଞ୍ଚାୟତ ପାଳବଣି ଗ୍ରାମରେ ଆର୍‌ସିଡ଼ିସି ଅନୁଷ୍ଠାନ ତରଫରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଭୂମି ପୁନଃଉଦ୍ଧାର ଏବଂ ମରୁଡ଼ି ପ୍ରତିରୋଧ କ୍ଷମତାକୁ ଏହି ଗ୍ରାମରେ ସୁସଂଗଠିତ ଭାବେ କରାଯିବା ନେଇ କାର୍ଯ୍ୟକ୍ରମ ପରିଚାଳକ ଆନନ୍ଦଚନ୍ଦ୍ର ସେଠୀ ମତ ବ୍ୟକ୍ତ କରିଥିଲେ। ବିଶେଷ କରି ଚାରାରୋପଣ ଅଭିଯାନ, ଜଳ ସଂରକ୍ଷଣ ଓ ଗୋଷ୍ଠୀ ଜଙ୍ଗଲ ଅଧିକାର ଆଇନ ଉପରେ କାମ କରିବାକୁ ଯୁବକମାନେ ନିର୍ଣ୍ଣୟ ନେଇଛନ୍ତି। ପରେ ଅନୁଷ୍ଠାନ ତରଫରୁ ଦିଆଯାଇଥିବା ବିଭିନ୍ନ କିସମର ଆମ୍ବ ଚାରାକୁ ପାଳବଣି ଗ୍ରାମର ନୂଆ ପୋଖରୀ ହୁଡାରେ ରୋପଣ କରାଯାଇଥିଲା। କେ.ବାଲିପାଳ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ନାୟକ, ତଦାଶା ସ୍ୱେଚ୍ଛାସେବୀ ଅନୁଷ୍ଠାନର ବିଜୟ ରାଉତ, ସୁଶ୍ରୀ ଝରଣା ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମବାସୀଙ୍କ ତରଫରୁ ସାଧୁ ସୋରେନ୍, ରାମୟୀ ପୂର୍ତ୍ତୀ, ତୁରାମ ହେମ୍ବ୍ରମ୍, ସମୁ ହୋ, ସୁନାରାମ ପୂର୍ତ୍ତୀ, ଦଶା ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲା ବେଳେ ଯୁବ ସମାଜସେବୀ ବୁଧିରାମ ପୂର୍ତ୍ତୀ ଧନ୍ୟବାଦ ଦେଇଥିଲେ।

ସେହିପରି ହଦଗଡ଼ ବନାଞ୍ଚଳ ପକ୍ଷରୁ ଝଣଝଣାସ୍ଥିତ ଦୁର୍ଗାବିହାରରେ ଚାରାରୋପଣ କାର୍ଯ୍ୟକ୍ରମରେ ଆନନ୍ଦପୁର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ, ବନପାଳ ମଳୟ ସାହୁଙ୍କ ସହ ନିଉ କଲୋନୀର ବିସ୍ଥାପିତ ଅଞ୍ଚଳର ବହୁ ମହିଳା ଓ ବୃଦ୍ଧବୃଦ୍ଧା ଯୋଗଦେଇଥିଲେ। "ଏକ ଗଛ ଏକ ଜୀବନ' ସଂକଳ୍ପ ସହ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସବୁଜ ଓ ସୁନ୍ଦର ପୃଥିବୀ ଗଢ଼ି ତୋଳିବାକୁ ଶ୍ରୀ ପଣ୍ଡା ସଚେତନତାର ବାର୍ତ୍ତା ଦେଇଥିଲେ।

### ପ୍ରଜାପିତା ବ୍ରହ୍ମାକୁମାରୀ

ଯୋଡ଼ା: ବିଶ୍ୱ ପରିବେଶ ଦିବସ ଅବସରରେ ଯୋଡା ଶାସ୍ତ୍ରୀ ନଗରରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ଏକ ବୃହତ ସଫାଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିବେଶ ସୁରକ୍ଷା, ସ୍ୱଚ୍ଛତା ଏବଂ ସବୁଜ ପରିବେଶ ଗଠନ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଯୋଡା ଏନଏସି ଗେଟ୍‌ଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଏକ ସଫାଇ ଅଭିଯାନରେ ବ୍ରହ୍ମାକୁମାରୀର ସଦସ୍ୟମାନେ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଯୋଡ଼ା ବନ ଅଧିକାରୀ ତ୍ରିନାଥ ଜେନା ମୁଖ୍ୟଅତିଥି ଭାବେ ପରିବେଶ ପ୍ରଦୂଷଣକୁ ରୋକିବା ସହ ଆଗାମୀ ପିଢ଼ି ପାଇଁ ସୁସ୍ଥ ଓ ସୁନ୍ଦର ପରିବେଶ ଗଠନରେ ପ୍ରତ୍ୟେକ ନାଗରିକଙ୍କ ସହଯୋଗକୁ ଗୁରୁତ୍ୱାରୋପ କରିଥିଲେ। ଯୋଡା ଶାଖାର ଦାୟିତ୍ୱରେ ଥିବା ମଞ୍ଜୁ ଦିଦିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ସମସ୍ତ ଭାଇ ଓ ଭଉଣୀ ସାମିଲ ହୋଇଥିଲେ।

### ଆନନ୍ଦପୁର ବନଖଣ୍ଡ

ଆନନ୍ଦପୁର: ଆନନ୍ଦପୁର ବନଖଣ୍ଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଘସିପୁରା ଗ୍ରାମ୍ୟ ନ୍ୟାୟାଳୟଠାରେ ବିଚାରପତି ଏବଂ ଆନନ୍ଦପୁର ବନଖଣ୍ଡ ମିଳିତ ସହଯୋଗରେ ୧୨ ଔଷଧୀୟ ବୃକ୍ଷ ଲଗାଯାଇଥିଲା। ଏଥିରେ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ରେଞ୍ଜ ଅଫିସର ନବକିଶୋର ନାୟକ, ଫରେଷ୍ଟର କେଦାର ପାତ୍ର ସମେତ ବନବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ, ଆନନ୍ଦପୁର ପୌରପାଳିକା ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ଶାଳପଡାସ୍ଥିତ ଜୈବିକ ଖତ ପ୍ରସ୍ତୁତି କେନ୍ଦ୍ରଠାରେ ଗୋଷ୍ଠୀ ସଂଗଠିକା ରାଜଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ବୃକ୍ଷ ରୋପଣ କରାଯାଇଥିଲା। ସହକାରୀ ଯନ୍ତ୍ରୀ ସଂଗ୍ରାମ କେଶରୀ ବେହେରା, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ସେଠୀ, ଡିଏମ୍‌ଏମ୍ ରାକେଶ ମଲିକ, କାଉନ୍‌ସିଲର ସନତ କର, ସମ୍ବିତ ଦାସ, କୃଷ୍ଣ ରଣା, ନିବେଦିତା ବେହେରା, ଲିନାରାଣୀ ସାହୁ, ସୁପ୍ରିୟା ମିଶ୍ର ଜ୍ୟୋସ୍ନାରାଣୀ ଖୁଣ୍ଟିଆ ଉପସ୍ଥିତ ଥିଲେ। ପୌରପାଳିକା ସ୍ୱଚ୍ଛସାଥୀ ସଂଗୀତା ଦଳେଇ ପ୍ରିୟଙ୍କା ଭଞ୍ଜ କବିତା ରାଜ ରଞ୍ଜିତା ବେହେରା, ସତ୍ୟଭାମା ସାହୁ, ଜୟନ୍ତୀ ସେନାପତି, ମିନତୀ ବାରିକ, ସଂଯୁକ୍ତା ସେନ, ସରୋଜିନୀ ଜେନାଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ଥିଲେ।

### ଚମ୍ପୁଆ ବନାଞ୍ଚଳ

ଚମ୍ପୁଆ: ଚମ୍ପୁଆ ବନାଞ୍ଚଳ ପକ୍ଷରୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସୌଜନ୍ୟରୁ ବନାଞ୍ଚଳ, ସ୍ଥାନୀୟ ପ୍ରଶାସନ, ତାଲୁକ ଆଇନ ସେବାକମିଟି ସହିତ ବିଭିନ୍ନ ଅନୁଷ୍ଠାନ, ପରିବେଶବିତ, ଡାକ୍ତର, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧିମାନେ ବୃକ୍ଷରୋପଣ କରିଛନ୍ତି। ଚମ୍ପୁଆ କୋର୍ଟ ପରିସରରେ ସବଜଜ ଜୀତେନ୍ଦ୍ର ଦାଶ, ଏସଡିଜେଏମ ସାଧନଜୀତ ପଣ୍ଡା, ଉପଜିଲାପାଳ ଉମାକାନ୍ତ ପରିଡା, ଓକିଲ ସଂଘ ସଭାପତି ହରେକୃଷ୍ଣ ମିଶ୍ର, ସମେତ ତପସ୍ୱିନୀ ମହାନ୍ତ, ରାମକୃଷ୍ଣ ଜୀତ ଓ ଅବଦୁଲ ସୁରଜ ଖାନ ପ୍ରମୁଖ ବୃକ୍ଷରୋପଣ କରିଥିଲେ। ସେହିପରି ଏକ ପେଡ ମା କି ନାମ ପରିପ୍ରେକ୍ଷୀରେ ଚମ୍ପୁଆ ବନବିଭାଗ ଦ୍ୱାରା ସମସ୍ତ ସରପଞ୍ଚଙ୍କୁ ଚାରା ପ୍ରଦାନ କରାଯାଇଛି।

### ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ

## ପରିବେଶ ସୁରକ୍ଷା, ସବୁଜ ପୃଥିବୀ ଗଠନ ଏବଂ ଜନସଚେତନତା ଉପରେ ଗୁରୁତ୍ୱ



ଯୋଡ଼ା, ୫।୬(ସମିସ): କେନ୍ଦୁଝର ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ଅବସରରେ ସଚେତନତା ସମାରୋହ ବଡ଼ବିଲଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ବନଖଣ୍ଡ, ବଡ଼ବିଲ ପୌରପାଳିକା ଏବଂ ନେଟିଭ୍ ଭଏସ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଡିଏଫ୍‌ଓ ଧନରାଜ ହନୁମନ୍ତ ଧାମଧେରେ, ଡିସିଏଫ୍ ରାମଚନ୍ଦ୍ର ମୁର୍ମୁ, ଆଇଏମସିଟିଏଫ୍ ରାଜ୍ୟ ସଭାପତି ମୁରଲୀ ମନୋହର ଶର୍ମା, ବଡ଼ବିଲ ପୌର ନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାଏକ, କର୍ଣ୍ଣଲ ଜେଏମ୍ ଯୋଶୀ, ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ ଓ ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ ପ୍ରାକୃତିକ ସମ୍ପଦର ସଂରକ୍ଷଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ପରିବେଶର ସୁରକ୍ଷା ଓ ସଂରକ୍ଷଣ ପାଇଁ ଉପସ୍ଥିତ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀ ସମୂହ ଶପଥ ଗ୍ରହଣ କରିଥିଲେ। କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକର ବିଦ୍ୟାଳୟଗୁଡ଼ିକୁ 'ପ୍ରକୃତି ମିତ୍ର ପୁରସ୍କାର' ପ୍ରଦାନ କରାଯାଇଥିଲା। ପୁରସ୍କୃତ ବିଦ୍ୟାଳୟଗୁଡ଼ିକୁ ୨୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ସହ ପ୍ରମାଣପତ୍ର ଦିଆଯାଇଛି। ସେହିପରି ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେକ ବ୍ୟକ୍ତିବିଶେଷଙ୍କୁ 'ପ୍ରକୃତି ବନ୍ଧୁ ପୁରସ୍କାର' ଦେଇ ସମ୍ମାନିତ କରାଯାଇଥିଲା। ଔଷଧୀୟ ବୃକ୍ଷରୋପଣ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ମମତା ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିବାବେଳେ, ନଦୀକୂଳକୁ ଆବର୍ଜନାମୁକ୍ତ କରିବା ଓ ବୃକ୍ଷରୋପଣ ଅଭିଯାନରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ 'ଖୁସୀ ଦି ଇନକ୍ରେଡିବଲ୍ ଭାରତ'କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅନ୍ୟପକ୍ଷରେ, ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ବିର୍ସା ମୁଣ୍ଡା ଓ ରଇବୁ ନାଏକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରାଯାଇଥିଲା। ଏହାସହ କିଛି ହିତାଧିକାରୀଙ୍କୁ ପରିବେଶ ଅନୁକୂଳ ଉନ୍ନତ କାଠ ଚୁଲା ଓ ଶସ୍ୟ ସଂରକ୍ଷଣ ପାଇଁ ଧାନ ବାକ୍ସ ବଣ୍ଟନ କରାଯାଇଥିଲା।

## ଚମ୍ପୁଆ ଏନ୍‌ଏସି ପକ୍ଷରୁ ଏସ୍‌ଆଇଆର୍ ସଚେତନତା



ଚମ୍ପୁଆ, ୫।୬(ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ ଏସଆଇଆର-୨୦୨୬ କାର୍ଯ୍ୟକ୍ରମକୁ ନେଇ ସଚେତନତା ବୃଦ୍ଧି ଏବଂ ମତଦାତାଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ସ୍ଥାନୀୟ ଏନ୍‌ଏସି ତରଫରୁ ୱାର୍ଡ ନଂ ୯, ୧୦, ୧୧ରେ ମତଦାତାଙ୍କ ବ୍ୟବସ୍ଥିତ ଶିକ୍ଷା ସମ୍ପର୍କରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଉପଜିଲ୍ଲାପାଳ ତଥା ଚମ୍ପୁଆ ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଉମାକାନ୍ତ ପରିଡା ଏକ ନିର୍ଭୁଲ ଓ ସମାବେଶୀ ମତଦାତା ତାଲିକା ପ୍ରସ୍ତୁତି ପାଇଁ ଜନସାଧାରଣଙ୍କ ସହଭାଗିତା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଏହାସହ ଭୋଟର ତାଲିକାରେ ନାମ ସଂଯୋଜନ, ବିଲୋପ, ସଂଶୋଧନ ଓ ସ୍ଥାନାନ୍ତରଣ ସମ୍ପର୍କିତ ସୂଚନା ସମ୍ପର୍କରେ ଉପଜିଲ୍ଲାପାଳ ବୁଝାଇଥିଲେ। ଏହି ଜାତୀୟ କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ପରିଷଦର ଉପାଧ୍ୟକ୍ଷା, କର୍ମଚାରୀ ସୁବ୍ରତ ଦେହୁରୀ, ଅନ୍ୟାନ୍ୟ ପାରିଷଦ ବର୍ଗ, ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ, ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ, ସାଧାରଣ ଜନତା ଓ ସାମ୍ବାଦିକ ଉପସ୍ଥିତ ଥିଲେ।

## ଏସ୍‌ଆଇଆର୍ ପାଇଁ ସହଯୋଗ ଲୋଡ଼ିଲା ପ୍ରଶାସନ

କେନ୍ଦୁଝର, ୫।୬(ସମିସ): ପାଟଣା ଥାନା ଅନ୍ତର୍ଗତ ବେଗନା ଗ୍ରାମରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ସମୟରେ ଜଣେ ବୁଥ୍‌ସ୍ତରୀୟ ଅଧିକାରୀ ବାଧାବିଘ୍ନର ସମ୍ମୁଖୀନ ହୋଇଥିବା ରିପୋର୍ଟ ପ୍ରକାଶ ପାଇବା ପରେ, ଜିଲ୍ଲା ପ୍ରଶାସନ ସମସ୍ତ ନାଗରିକଙ୍କୁ ନିର୍ବାଚନ ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଏବଂ ଆଇନକୁ ନିଜ ହାତକୁ ନେବାରୁ ବିରତ ରହିବାକୁ ନିବେଦନ କରିଛି। ବିଜ୍ଞପ୍ତି ସୂଚୀ ଅନୁଯାୟୀ, ଭୋଟରଙ୍କ ନାମ, ଠିକଣା ଏବଂ ମତଦାନ କେନ୍ଦ୍ରର ମ୍ୟାପିଂ ସଂଶୋଧନ ସହିତ ଭୋଟର ତାଲିକାର ଯୁକ୍ତିଯୁକ୍ତକରଣ ୨୮ ଜୁନ୍ ୨୦୨୬ରେ କରାଯିବ। ଏହାପରେ, ନାଗରିକମାନଙ୍କୁ ସେମାନଙ୍କର ଅଭିଯୋଗ ଦାଖଲ କରିବା, ସଂଶୋଧନ କରିବା, ଆପତ୍ତି ଉଠାଇବା କିମ୍ବା ଯୋଗ୍ୟ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଅବଧି ପ୍ରଦାନ କରାଯାଇଛି। ୨ ସେପ୍ଟେମ୍ବର ୨୦୨୬ ମଧ୍ୟରେ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ, କ୍ଷେତ୍ରସ୍ତରୀୟ ଯାଞ୍ଚ ଏବଂ ପରିଗଣନା କାର୍ଯ୍ୟ ସମୟରେ ବିଏଲଓ, ସୁପରଭାଇଜର ଏବଂ ଅନ୍ୟାନ୍ୟ ନିର୍ବାଚନ କର୍ମଚାରୀଙ୍କୁ ସହଯୋଗ କରିବାକୁ ନାଗରିକଙ୍କୁ ଅନୁରୋଧ କରାଯାଇଛି।

## ହଟିଲେ ପୁରୁଣା ମୁହଁ, ବାଜି ମାରିଲେ ନବାଗତ

ହାଟଡ଼ିହୀ, ୫।୬(ସମିସ): କେନ୍ଦୁଝର ଜିଲ୍ଲାରେ ବିଦେଶୀ ଠିପି ବନ୍ଦ ମଦ ଦୋକାନ ନିମନ୍ତେ ଲଟେରୀ ମାଧ୍ୟମରେ ଆସନ୍ତା ୩ବର୍ଷ ପାଇଁ ବ୍ୟବସାୟୀଙ୍କୁ ଚିହ୍ନଟ କରାଯାଇଛି। ଲଟେରୀରେ ସ୍ୱଚ୍ଛତା ଯୋଗୁଁ ଅନେକ ଅଭିଜ୍ଞ ମଦ ବ୍ୟବସାୟୀ ହତାଶ ହୋଇଥିବା ବେଳେ ଅନେକ ନୂଆ ମୁହଁ ମଦ ବେପାରରେ ପ୍ରବେଶ କରିଥିବା ଚର୍ଚ୍ଚାର ବିଷୟ ହୋଇଛି। ହାଟଡ଼ିହୀ ବ୍ଲକର ଛେନାପଦି, ବିଦ୍ୟାଧରପୁର ଏବଂ ଶାଳଣିଆଁ ଭଳି ସ୍ଥାନରେ ନୂଆ ମୁହଁ ସ୍ଥାନ ପାଇଛନ୍ତି। ହାଟଡ଼ିହୀ ଅଞ୍ଚଳର କିଛି ପ୍ରତିଷ୍ଠିତ ବ୍ୟକ୍ତି ମଦ ଦୋକାନ ହାତେଇବାକୁ ଏକାଧିକ ଆବେଦନ କରି ବିଫଳ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ମଙ୍ଗଳବାର ଲଟେରୀ ଉଠାଣ ସମୟରେ ଜିଲ୍ଲାପାଳ ବିଶାଳ ସିଂଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତରେ କଡା ସୁରକ୍ଷା ଏବଂ ସ୍ୱଚ୍ଛତା ପାଇଁ ଭିଡିଓଗ୍ରାଫି ମଧ୍ୟରେ ଆବେଦନକାରୀଙ୍କ ଉପସ୍ଥିତରେ ଲଟେରୀ ଉଠାଣ ହୋଇଥିଲା। ଭାଗ୍ୟବାନ ବ୍ୟବସାୟୀ ଲଟେରୀ ମାଧ୍ୟମରେ ଦୋକାନ ହାତେଇଥିବା ଜଣାପଡିଛି। ଛେନାପଦି ପାଇଁ ସନ୍ଧ୍ୟା ଜୟସ୍ୱାଲ, ବିଦ୍ୟାଧରପୁର ପାଇଁ ରମେଶଚନ୍ଦ୍ର ବିଶ୍ୱାଳ ଏବଂ ଶାଳଣିଆ ପାଇଁ ପ୍ରସନ୍ନ କୁମାର ସା ଲଟେରୀ ମାଧ୍ୟମରେ ବିଜେତା ହୋଇଥିବା ସୂଚନା ମିଳିଛି।

## ଅଳତିରେ ଶାନ୍ତିଲତା ଦାଶଙ୍କ ସ୍ମୃତିସଭା



ଆନନ୍ଦପୁର ୫।୬ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଗ୍ରାମର କୁଳପୁରୋହିତ ତଥା ଗ୍ରାମର ଆରାଧ୍ୟା ଦେବୀ ମା' ହରଚଣ୍ଡୀଙ୍କ ମୁଖ୍ୟ ପୂଜକ ସ୍ୱର୍ଗତ ଶତ୍ରୁଘ୍ନ ଦାଶଙ୍କ ସହଧର୍ମିଣୀ ତଥା ଧର୍ମପରାୟଣା ଶାନ୍ତିଲତା ଦାଶ ଦ୍ୱାଦଶ କ୍ରିୟାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଦିନକୃଷ୍ଣ ଦାଶଙ୍କ ସଂଯୋଜନାରେ ଆୟୋଜିତ ଶୋକସଭାରେ ପ୍ରଥମେ ନିମନ୍ତ୍ରିତ ଅତିଥି ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମାଜସେବୀ ପ୍ରଭାତ ବରାଳ, ହରେକୃଷ୍ଣ ମହାରଣା, ପ୍ରତାପ ଦେଓଙ୍କ ସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ଦାଶଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଦେବା ସହ ସ୍ମୃତିଚାରଣ କରିଥିଲେ। ଶାନ୍ତିଲତାଙ୍କ ଭଳି ଜଣେ ସୁଗୃହିଣୀ, ଧର୍ମପରାୟଣା, ପରୋପକାରୀ ମହିଳାଙ୍କ ବିୟୋଗରେ ପରିବାର ସହ ବହୁ ବୁଦ୍ଧିଜୀବୀ ଶୋକସଭାରେ ଉପସ୍ଥିତ ଥିଲେ। ଏହି ଶୋକସଭାକୁ ନୃସିଂହଚନ୍ଦ୍ର ଦାଶଙ୍କ ସହ ସମସ୍ତ ପରିବାରବର୍ଗ ପରିଚାଳନା କରିଥିଲେ।

## ଧର୍ମପତ୍ନୀଙ୍କ ଜନ୍ମଦିନରେ ରକ୍ତଦାନ କଲେ ଉପଜିଲ୍ଲାପାଳ

ଚମ୍ପୁଆ, ୫।୬(ସମିସ): ବିଭିନ୍ନ ସମୟରେ ରକ୍ତଦାନ କରିଆସୁଥିବା ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ନିଜ ଧର୍ମପତ୍ନୀ ସଙ୍ଗମିତ୍ର ସାହୁଙ୍କ ଜନ୍ମଦିନରେ ଆଜି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ରକ୍ତ କେନ୍ଦ୍ରଠାରେ ରକ୍ତଦାନ କରିଛନ୍ତି। ଚମ୍ପୁଆ ଚିକିତ୍ସାଧିକାରୀ ବିଜୟ କେତନ ଦାସ, ରକ୍ତଭଣ୍ଡାର ଡାକ୍ତର ଜ୍ୟୋତିରଂଜନ ମଲ୍ଲୀକ, ରକ୍ତକେନ୍ଦ୍ର ଚମ୍ପୁଆ ମୋଟିଭେଟର ମହେଶ୍ୱର ଦାସ, ବରିଷ୍ଠ ସାମ୍ବାଦିକ ସଂଜିବ କୁମାର ରାଜ,



ପରିବେଶବିତ ରମାକାନ୍ତ ପ୍ରଧାନ, ଆଇନଜୀବୀ ବିଷ୍ଣୁଚରଣ ପାଣି, ପିଏମଶ୍ରୀ ମହତାବ ଉଚ୍ଚ ବିଦ୍ୟାଳୟ ସଭାପତି ପ୍ରଦିପ କୁମାଚ ରାଜଙ୍କ ଉପସ୍ଥିତିରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି। ରକ୍ତ କେନ୍ଦ୍ର ପକ୍ଷରୁ ଉପଜିଲ୍ଲାପାଳଙ୍କୁ ପୁଷ୍ପଗୁଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

କଣ୍ଟିପାଳ ରାଜସ୍ୱ କାର୍ଯ୍ୟାଳୟ ନାକତଳେ ଚୋରା କାରବାର

## ରାଇପାଳ ପାହାଡ଼ରୁ ପଥର ଲୁଟ୍

ଆନନ୍ଦପୁର, ୫।୬ (ସମିସ)



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ତହସିଲ ଅନ୍ତର୍ଗତ କଣ୍ଟିପାଳ ରାଜସ୍ୱ ସର୍କଲରେ ମାତିଛନ୍ତି ପଥର ମାଫିଆ। ଏଠାକାର ରାଇପାଳ ପାହାଡ଼ରୁ ପଥର ଚୋରି କରିବା ପାଇଁ ଆରମ୍ଭ ହୋଇଛି ଏକପ୍ରକାର ପ୍ରତିଦ୍ୱନ୍ଦ୍ୱିତା। ଏହି ପଥର କାରବାର ଯୋଗୁଁ ପ୍ରଭାବିତ ହେଉଛନ୍ତି ବନ୍ୟଜନ୍ତୁ। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ପାହାଡ଼କୁ ଲାଗି ରହିଥିବା ହଦଗଡ଼ ହସ୍ତୀ ଅଭୟାରଣ୍ୟରେ ଥିବା ବନ୍ୟଜନ୍ତୁଙ୍କ ଉପରେ ବେଧଡ଼କ ପଥର ଲୁଟ୍‌ର ପ୍ରଭାବ ପଡୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଇପାଳ ପାହାଡ଼ ଏବେ ଚୋରଙ୍କ ଟାର୍ଗେଟ୍‌ରେ ରହିଛି। ପାହାଡ଼ର ପଥର ଫଟାଯିବା ସହ ଦିନରାତି ଟ୍ରାକ୍ଟରରେ ପଥର ବୁହା ଚାଲିଛି। ସଞ୍ଜ ନଇଁବା ପରେ ଗ୍ରାମାଞ୍ଚଳ ରାସ୍ତାରେ ବହୁ ସଂଖ୍ୟାରେ ପଥର ବୋଝେଇ ଟ୍ରାକ୍ଟର ଅତ୍ୟନ୍ତ ବେପରୁଆ ଭାବେ ଚଳାଚଳ କରୁଥିବାରୁ ଲୋକେ ଭୟଭୀତ ହୋଇ ଯାତାୟାତ କରୁଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ବାରୁଆଁରେ ଏକ ପଥର ଖାଦାନକୁ ଲିଜ୍ ଦିଆଯାଇଛି। ତେବେ ସେଠାରୁ କୌଣସି ପଥର ଉତ୍ତୋଳନ ହେଉନାହିଁ। ବାରୁଆଁରେ ନିଲାମ ଆଳରେ କେତେକ ବ୍ୟବସାୟୀ ରାଇପାଳ ପାହାଡ଼ର ବିଭିନ୍ନ ସ୍ଥାନରୁ ପଥର ଉତ୍ତୋଳନ କରୁଛନ୍ତି। ଏପଟେ କୁଆମରା ପାହାଡ଼କୁ ଲାଗିରହିଛି ହଦଗଡ଼ ହସ୍ତୀ ଅଭୟାରଣ୍ୟ ଏହି ଅଞ୍ଚଳ ଦେଇ ସବୁ ସମୟରେ ହାତୀ, ହରିଣ ସମେତ ଅନ୍ୟ ବନ୍ୟଜନ୍ତୁଙ୍କ ଯାତାୟାତ ଲାଗି ରହୁଛି। ବେଆଇନ ପଥର ଉତ୍ତୋଳନର ପ୍ରଭାବ ବନ୍ୟଜନ୍ତୁଙ୍କ ଉପରେ ପଡୁଛି। ୨୦୨୧ରେ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ ହଦଗଡ଼ ଅଭୟାରଣ୍ୟ ମଧ୍ୟରେ କୌଣସି ପଥର ଖାଦାନ ଚଳାଇବାକୁ ବାରଣ କରିଥିଲେ। ଏନ୍‌ଜିଟି ନିର୍ଦ୍ଦେଶକୁ ବେଖାତିର କରି ଏଠାରେ ପଥର ଉତ୍ତୋଳନ କରାଯାଉଛି। ଏ ସମ୍ପର୍କରେ ହଦଗଡ଼ ରେଞ୍ଜର ମାର୍ଶାଲ କିସ୍କୁ କହିଛନ୍ତି, ରାଇପାଳ ପାହାଡ଼ ଅଭୟାରଣ୍ୟର ଅତି ନିକଟରେ ରହିଛି। ଏଠାରୁ ପଥର ଉତ୍ତୋଳନ କରିବା ଦ୍ୱାରା ଅଭୟାରଣ୍ୟ ମଧ୍ୟରେ ଥିବା ବନ୍ୟଜନ୍ତୁ ପ୍ରଭାବିତ ହେଉଛନ୍ତି। ପ୍ରଶାସନ ଓ ଲଘୁ ଖଣିଜ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ବିଭିନ୍ନ ସ୍ଥାନରେ ପରିବେଶ ଦିବସ

# ‘ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ’




**କୁଆଖିଆ, ୫ା୬(ସମିସ)**

ଜିଲ୍ଲା ପରିବେଶ ସମିତି ପକ୍ଷରୁ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ସାହୁ କହିଛନ୍ତି ଯେ ଆମେ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ପାଇଁ ସତର୍କ ନ ହେଲେ ଖୁବ ନିକଟରେ ଏ ଜୀବଜଗତ ଧ୍ୱଂସ ପାଇଯିବ। ରସୁଲପୁର ବ୍ଲକର ସହକାରୀ ଉଦ୍ୟାନ ଅଧିକାରୀ ପ୍ରିୟଦର୍ଶିନୀ ବେହେରା ମୁଖ୍ୟବକ୍ତା ରୂପେ ଯୋଗ ଦେଇ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ଶରତ କୁମାର ସାହୁ ଉତ୍ସବ ପାଳନ ଓ ଆଲୋଚନା ଚକ୍ର ଆୟୋଜନର ଉଦ୍ଦେଶ୍ୟ ସମ୍ବନ୍ଧରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନନ୍ଦ କୁମାର ରାଉତ ସଭା ପରିଚାଳନା କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ମହମ୍ମଦ ସଫିକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଡ.ମହେଶ୍ୱର ଜେନା ସାମନ୍ତ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରବନ୍ଧ, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରକୃତି ବନ୍ଧୁ ଏବଂ ପ୍ରକୃତି ମିତ୍ର ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ରୋଜାଲିନା ଆଇଚ, ଦେବେନ୍ଦ୍ର ନାୟକ ଓ ସମସ୍ତ ଶିକ୍ଷକ ଓ କର୍ମଚାରୀ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ବିଷ୍ଣୁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଦଶରଥପୁର:** ଦଶରଥପୁର ବ୍ଲକ ଅନ୍ତର୍ଗତ ବିରଜାପୁର ପଞ୍ଚାୟତ ବିରଜାପୁର ଗ୍ରାମ ରାହାସ ପଡ଼ିଆରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସ୍ୱତନ୍ତ୍ର ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ନିରାକାର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗ ଦେଇ ବିଶ୍ୱ ପରିବେଶ ଦିବସ ପାଳନର ମହତ୍ତ୍ୱ ଉପରେ ଉପାଦେୟ ବକ୍ତବ୍ୟ ରଖିବା ସହିତ ସୁସ୍ଥ ଜୀବନଯାପନ ପାଇଁ ସବୁଜ ପରିବେଶକୁ ଆପଣାଇବାକୁ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ଆହ୍ୱାନ ଜଣାଇଥିଲେ। ଅନ୍ୟତମ ଅତିଥିଭାବେ ବିଶିଷ୍ଟ ସମାଜସେବୀ ସନ୍ତୋଷ ନନ୍ଦ, ଶିକ୍ଷାବିତ ଦେବକୁମାର ରାଉତରାୟ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ପଣ୍ଡା, ଦଶରଥପୁର ବ୍ଲକର ସ୍ୱଚ୍ଛ ଭାରତ ମିଶନ ସଂଯୋଜକ ମାନସ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ରାହାସ ପଡ଼ିଆ ପରିସରରେ ବିଧାୟିକାଙ୍କ ସମେତ ସମସ୍ତ ଅତିଥି ବିଭିନ୍ନ କିସମର ଚାରାରୋପଣ କରିଥିଲେ। ଏଥି ସହିତ କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ସଂଖ୍ୟାରେ ମହିଳା ଓ ପୁରୁଷ ସାମିଲ ହୋଇ ବୃକ୍ଷ ରୋପଣ କରିଥିଲେ।






**ଯାଜପୁର:** ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଯାଜପୁର ବ୍ଲକର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ନାଥସାହି ପରିସରରେ ବିଶ୍ୱ ପରିବେଶ ଦିବସ ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ତଥା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ୍ ପ୍ରାରମ୍ଭିକ ବକ୍ତବ୍ୟ ସହ ସୂଚନା ପ୍ରଦାନ କରିଥିଲେ। ଏଥିରେ ଅତିଥି ଆଲୋକ ଭାବେ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ ସର୍ବେଶ୍ୱର ଦାସ, ସିଭିଲ ଜଜ୍ ସୁନାତା ବିଶ୍ୱାଳ, ଆଡିସନାଲ୍ ଏସ୍‌ପି ରତିକାନ୍ତ ଗିରି, ଫରେଷ୍ଟ ରେଞ୍ଜ ଅଫିସର ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ ଆଜି ଦିବସର ବିଶେଷତ୍ୱ, ସନ୍ତୁଳିତ ଓ ଅସନ୍ତୁଳିତ ପରିବେଶର ଜନଜୀବନ ଉପରେ ପ୍ରଭାବ ସହିତ ଚଳିତ ବର୍ଷର କଥାବସ୍ତୁ ଏବେଠୁ ଜଳବାୟୁ ପାଇଁ ଶୀର୍ଷକରେ ବିସ୍ତୃତ ଆଲୋଚନା କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଦୂଷଣ ପରିବେଶ ଓ ତାର କୁପରିଣତି ବିଷୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦିପ୍ତିମୟୀ ପୃଷ୍ଟି, କ୍ଷୀରାବ୍ଧୀତନୟା ରାୟ ଓ ରାହୁଲ ଦାସଙ୍କୁ ପ୍ରାଧିକରଣ ଅଧ୍ୟକ୍ଷ ସିଲ୍ ଓ ପ୍ରମାଣ ପତ୍ର ଦେଇ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୀୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିସରରେ ପ୍ରାଧିକରଣ ଅଧ୍ୟକ୍ଷ ଓ ଅନ୍ୟ ଅତିଥିମାନେ ଫଳ ଓ ଫୁଲ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ କର୍ମଚାରୀ ଓ ବିଦ୍ୟାଳୟ ଶିକ୍ଷକ ଏବଂ ଶିକ୍ଷାକର୍ମୀମାନେ ସହଯୋଗ କରିଥିଲେ।

## ଇମ୍ଫା ପକ୍ଷରୁ ପରିବେଶ ଦିବସ



**ଯଖପୁରା/ଦାନଗଦି, ୫ା୬(ସମିସ):** ଇମ୍ଫା ତରଫରୁ କଳିଙ୍ଗନଗର କାରଖାନା ମଧ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଶାଖା ଅଧିକାରୀ ମଦନ ମୋହନ ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପଦାଧିକାରୀ ହିମାଂଶୁ ଶେଖର ସାହୁ ଓ ସତ୍ୟସ୍ୱରୂପ ଦ୍ୱିବେଦୀ ଯୋଗଦେଇଥିଲେ। ପରିବେଶ ସୁରକ୍ଷା ତଥା ସଚେତନତାର ବାର୍ତ୍ତା ନେଇ ବନୀକରଣ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଅତିଥିମାନେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଇମ୍ଫା ପକ୍ଷରୁ ବ୍ୟୁରୋ ହେଡ୍ ତଥା ବରିଷ୍ଠ ଉପସଭାପତି ଚିରୁଗୁପଲ୍ଲୀ ସୁରେଶ ବାବୁ ଯୋଗଦେଇ ଇମ୍ଫା ଶିଳ୍ପଗୋଷ୍ଠୀର ଅଞ୍ଚଳରେ ପରିବେଶସୁରକ୍ଷା ପ୍ରତି ପ୍ରତିବଦ୍ଧତା ବିଷୟରେ କର୍ମଚାରୀ ତଥା ସ୍ଥାନୀୟ ନେତୃବୃନ୍ଦଙ୍କୁ ସୂଚନା ଦେଇଥିଲେ। ଇମ୍ଫା କଳିଙ୍ଗନଗର ପକ୍ଷରୁ ବଡ଼ଶୁଳିହିଡ଼, ମାନତିରା ଅଞ୍ଚଳରେ ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନୀୟ ସ୍କୁଲରେ ଚାଲୁଥିବା ବିଭିନ୍ନ ପରିବେଶ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ, ସୋଲାର ଚାଳିତ ଷ୍ଟ୍ରିଟଲାଇଟ ତଥା ସୌରଚାଳିତ ପିଇବା ପାଣି ପ୍ରକଳ୍ପ ବିଷୟରେ ସ୍ଥାନୀୟ ନେତୃବୃନ୍ଦ ତଥା ଗ୍ରାମବାସୀଙ୍କୁ ସୂଚାଇଥିଲେ। କୃତ୍ରିମ ଜଙ୍ଗଲ ସୃଷ୍ଟି କରାଯିବ ପାଇଁ ଆଗାମୀ ଦିନରେ କମ୍ପାନୀ ପକ୍ଷରୁ ୧୦ହଜାର ଚାରା ଯଖପୁରା, ଚାନ୍ଦିଆ ସମେତ ଅନ୍ୟାନ୍ୟ ସଂଲଗ୍ନ ପଞ୍ଚାୟତ ଗୁଡିକରେ ବଣ୍ଟା ଯିବାର ଯୋଜନା ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପରିବେଶ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାର ବିଜୟୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଇମ୍ଫା ତରଫରୁ ପ୍ରୋଜେକ୍ଟ ହେଡ ପିଭି କିଶୋର, ପ୍ରଡକ୍ସନ ହେଡ ସୁଜିତ ମିଶ୍ର, ନିହାର ରଞ୍ଜନ ବଳ, ଜିଏମ୍ ପାୱାର ଡିସଟ୍ରିବ୍ୟୁସନ, ସେଫ୍ଟି ହେଡ ଜଗଦୀଶ ପାଢ଼ୀ, ପରିବେଶ ବିଭାଗର ମୁଖ୍ୟ ହିମାଂଶୁ ଶେଖର ପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଇମ୍ଫା ଲୋକସମ୍ପର୍କ ବିଭାଗର ମୁଖ୍ୟ ବାସୁଦେବ ମୁଣ୍ଡା, ସହକାରୀ ଲୋକସମ୍ପର୍କ ଅଧିକାରୀ ପ୍ରିୟବ୍ରତ କେଶି, ଲୋକସମ୍ପର୍କ ବିଭାଗର ଅଫିସର ସୁଜିତ ରାଉତ, ମାନବ ସମ୍ବଳ ବିଭାଗର ସିନିୟର ମ୍ୟାନେଜର ସୁଧାଂଶୁ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ପରିବେଶ ଦିବସରେ ଜିନ୍ଦଲ ପକ୍ଷରୁ ସଚେତନତା

**ଦାନଗଦି, ୫ା୬(ସମିସ):** ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ କଳିଙ୍ଗନଗରରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଅନେକ ସଚେତନତା ଓ ସହଭାଗିତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ କର୍ମଚାରୀ, ଚୁକ୍ତିଭିତ୍ତିକ ଶ୍ରମିକ, ଆଖପାଖର ଗୋଷ୍ଠୀ ଏବଂ ଛାତ୍ରଛାତ୍ରୀଙ୍କୁ ନେଇ ଏକାଧିକ ସଚେତନତା ଏବଂ କାର୍ଯ୍ୟକଳାପ ଭିତ୍ତିକ ଅଧିବେଶନ ଆୟୋଜନ କରାଯାଇଥିଲା। ଏଥିରେ ସବୁଜ ବଳୟ ବୃଦ୍ଧି, ସ୍ଥାୟୀ ଜୀବନଶୈଳୀ ଅଭ୍ୟାସ, ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ ଭଳି ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏହା ସହିତ ଦାନଗଦୀସ୍ଥିତ ‘ଜିନ୍ଦଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଂ’ଠାରେ ଆଖପାଖ ଅଞ୍ଚଳର ମହିଳା ନେତ୍ରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟେନଲେସ୍, ଯାଜପୁରର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ ଯୋଗଦେଇଥିଲେ। ସହରରେ ସବୁଜ ବଳୟକୁ ସୁଦୃଢ଼ କରିବା ଏବଂ ପରିସ୍ଥିତିକୁ ସନ୍ତୁଳନ ବଜାୟ ରଖିବା ପାଇଁ କମ୍ପାନୀ ପକ୍ଷରୁ କାରଖାନା ପରିସର ଏବଂ ଏହାର ଆଖପାଖ ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଛି। ପିଲାମାନଙ୍କ ମଧ୍ୟରେ ପିଲାଦିନରୁ ପରିବେଶ ସଚେତନତା ଜାଗ୍ରତ କରିବା ଏବଂ ଭବିଷ୍ୟତ ପିଢ଼ିକୁ ପରିବେଶ ପ୍ରତି ସଚେତନ ନାଗରିକ ଭାବରେ ଗଢ଼ି ତୋଳିବା ପାଇଁ ପରିବେଶ ସମ୍ବନ୍ଧୀୟ ବିଷୟବସ୍ତୁକୁ ନେଇ ପାରସ୍ପରିକ କଥୋପକଥନ ଓ ସୃଜନଶୀଳ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା।




## ପରିବେଶ ସୁରକ୍ଷା ସମିତିକୁ ‘ପ୍ରକୃତି ମିତ୍ର’ ସମ୍ମାନ

**ଯଖପୁରା:** ବିଶ୍ୱ ପରିବେଶ ଦିବସ ଅବସରରେ ଜିଲ୍ଲା ପରିବେଶ ସମିତି ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ଯଖପୁରାଙ୍କୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କର ଦୀର୍ଘ ଦିନର ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ପ୍ରତି ଅବଦାନକୁ ସ୍ୱୀକୃତି ଦେଇ ସମିତିର ସଭାପତି ଅଶ୍ୱିନୀ କୁମାର ଧଳଙ୍କୁ ମାନପତ୍ର ସହ ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ଉତ୍ସବ ଆୟୋଜିତ ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ।



## ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଧର୍ମଶାଳା, ୫ା୬(ସମିସ):** ଧର୍ମଶାଳା ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ପ୍ରାଧ୍ୟାପକ ଅରବିନ୍ଦ କୁମାର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରାଧ୍ୟାପକ ସନ୍ତୋଷ କୁମାର ଦାଶଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ପରିରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରାଧ୍ୟାପକ ସୁରେଶ ଚନ୍ଦ୍ର ଦାସ, ଚତ୍ରୁଭୂଜ ବେହେରା, ବିନୟ କୁମାର ସାମଲ, ବିଜୟ ପ୍ରଧାନ, ବିଶ୍ୱଜିତ ନାୟକ, ଦୀପକ ଶତପଥୀ, ଅଧ୍ୟାପିକା କାନନ କୁସୁମ ଜେନା, ସସ୍ମିତା ପଣ୍ଡା, ଦେବସ୍ମିତା ଦାସ, ଶ୍ରୀପଦା ପ୍ରିୟର୍ଶିନୀ, ସୁଲିପ୍ତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ କଲେଜର ଅଣ-ଶିକ୍ଷକ କର୍ମଚାରୀ ଏବଂ ପ୍ରାଣୀବିଜ୍ଞାନ ବିଭାଗର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀ ମହାନ୍ତିଙ୍କୁ ଏକ ଶୋଭାଯାତ୍ରାରେ ନିଆଯାଇ ତାଙ୍କ ବାସଭବନରେ ଛଡାଯାଇଥିଲା।

## ସାଇବାବାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ

**ବ୍ରହ୍ମବରଦା, ୫ା୬(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଅତଲାପୁର ପଞ୍ଚାୟତ ବାଲିପାଟଣା ଖେଳପଡ଼ିଆ ନିକଟରେ ଶ୍ରୀସାଇବାବାଙ୍କ ପ୍ରାଣ ପ୍ରତିଷ୍ଠା ଓ ବିଗ୍ରହ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବାବନ ଦାଶ ଓ ପରୀକ୍ଷିତ ମିଶ୍ରଙ୍କ ମନ୍ତ୍ର ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କର୍ତ୍ତା ଭାବେ ପ୍ରଶାନ୍ତ ପୃଷ୍ଟି ଓ ତାଙ୍କ ପତ୍ନୀ ଅରୁନ୍ଧତୀ ପୃଷ୍ଟି ଯଜ୍ଞ କାର୍ଯ୍ୟ, ପ୍ରାଣ ପ୍ରତିଷ୍ଠା ବିଧି ପାଳନ କରିଥିଲେ। ଏକ ଦିନ ଧରି ପ୍ରତିଷ୍ଠା ଉତ୍ସବରେ ବେଦ ମନ୍ତ୍ର, ଭଜନ ଓ କୀର୍ତ୍ତନ କାର୍ଯ୍ୟକ୍ରମରେ ସମଗ୍ର ଅଞ୍ଚଳ ଭକ୍ତି ଭକ୍ତିମୟ ହୋଇଉଠିଥିଲା।

## ଖେଳପଡ଼ିଆରେ ଚାରାରୋପଣ

**ମଇଁଦା:** ବିଶ୍ୱ ପରିବେଶ ଦିବସ ଅବସରରେ ଟିଣା ଗ୍ରାମ ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ଖେଳପଡ଼ିଆରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପଞ୍ଚାୟତର ସରପଞ୍ଚ ବିଟାରଶ୍ମି ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ କୁଶଭଦ୍ରା ପଣ୍ଡା, ୱାର୍ଡ ସଭ୍ୟା-ସଭ୍ୟ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ସହ ବହୁ ସଚେତନ ନାଗରିକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯଦୁମଣି ନାୟକ, ଶାନ୍ତନୁ ଜେନା, ତାରାକାନ୍ତ ଜେନା, ସର୍ବେଶ୍ୱର ଜେନା, ନଟବର ଯେନା, ଦର୍ପରଞ୍ଜନ ବେହୁରିଆ ଓ ରାଜୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ‘ଏକ ପେଡ୍ ମା’ କେ ନାମ୍’ ଅଭିଯାନକୁ ସମର୍ଥନ କରି ସମସ୍ତେ ଗଛ ଲଗାଇବା ସହ ପରିବେଶ ସୁରକ୍ଷାର ସଂକଳ୍ପ ନେଇଥିଲେ। ବକ୍ତାମାନେ ‘ବୃକ୍ଷ ହିଁ ଭବିଷ୍ୟତ’ ବିଷୟରେ ମତବ୍ୟକ୍ତ କରିଥିଲେ। ଉପସ୍ଥିତ ସମସ୍ତେ ପ୍ରତିବର୍ଷ ଅତି କମରେ ଦୁଇଟି ଗଛ ଲଗାଇ ତାହାର ଯତ୍ନ ନେବାକୁ ଶପଥ ଗ୍ରହଣ କରିଥିଲେ।



## ଟାଟା ଷ୍ଟିଲ ଓ ନୀଳାଚଳ ପକ୍ଷରୁ ୩୩୦୦ ଚାରାରୋପଣ



**ଦାନଗଦି, ୫ା୬(ସମିସ):** ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସ୍‌କେ) ଏବଂ ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନ୍‌ଏଲ୍) ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟିସ୍‌କେ ପକ୍ଷରୁ ପ୍ଲାଣ୍ଟ ପରିସରରେ ୨୨୦୦ରୁ ଅଧିକ ଚାରାରୋପଣ କରାଯାଇଛି। ବ୍ୟାପକ ଚାରାରୋପଣ ବ୍ୟତୀତ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସପ୍ତାହ ଆରମ୍ଭରୁ ସ୍କୁଲ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ପରିବାରବର୍ଗଙ୍କ ପାଇଁ ଚିତ୍ରାଙ୍କନ, ହସ୍ତଶିଳ୍ପ ଓ ପ୍ରବନ୍ଧ ପ୍ରତିଯୋଗିତା ସହିତ କର୍ମଚାରୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ, କୁଇଜ୍ ଓ ଫଟୋଗ୍ରାଫି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହାବ୍ୟତୀତ କାରଖାନା ପରିସରରେ ପ୍ଲାଷ୍ଟିକ୍ ଆବର୍ଜନା ସଫେଇ ଅଭିଯାନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଟ୍ରେନିଂ ସେଣ୍ଟର ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିସ୍‌କେର ମେକାନିକାଲ ମେଣ୍ଟେନାନ୍ସ ଚିଫ୍ ଶଙ୍କର ବିଶ୍ୱାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ଚିଫ୍ ପଙ୍କଜ ଏଚ୍. ଭୁରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଏନ୍‌ଆଇଏନ୍‌ଏଲ୍ ପକ୍ଷରୁ କାରଖାନା ପରିସରସ୍ଥ ଟ୍ରାନ୍ସପୋର୍ଟ ପାର୍କ ନିକଟରେ କର୍ମଚାରୀ ଓ ଠିକା କର୍ମଚାରୀମାନଙ୍କ ଦ୍ୱାରା ୧୧୦୦ ଚାରାରୋପଣ କରାଯାଇଥିଲା। ଏହା ବ୍ୟତୀତ ସପ୍ତାହ ଆରମ୍ଭରୁ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ପୋଷ୍ଟର ପ୍ରସ୍ତୁତି ଓ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସେହିପରି ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ଗୋବରଘାଟି ଫେଜ୍-୧ର ଛାତ୍ରଛାତ୍ରୀଙ୍କ ପାଇଁ କମ୍ୟୁନିଟି ସେଣ୍ଟରଠାରେ ସଚେତନତା କାର୍ଯ୍ୟକ୍ରମ, କୁଇଜ୍ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ୧୨୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ସେଠାରେ ପୁରସ୍କୃତ କରାଯାଇଥିବାବେଳେ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତାର ବିଜେତାମାନଙ୍କୁ ପ୍ଲାଣ୍ଟ-୨ ଅଡିଟୋରିୟମରେ ଆୟୋଜିତ ମେଗା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ଟାଟା ଷ୍ଟିଲ ଏବଂ ଏନ୍‌ଆଇଏନ୍‌ଏଲ୍ ପକ୍ଷରୁ ଜୁନ୍ ମାସକୁ ‘ସଷ୍ଟେନେବିଲିଟି ମନ୍ଥ’ (ଦୀର୍ଘସ୍ଥାୟୀତ୍ୱ ମାସ) ଭାବେ ପାଳନ କରାଯାଉଥିବାରୁ ଏହି କାର୍ଯ୍ୟକ୍ରମଗୁଡ଼ିକ ମାସବ୍ୟାପୀ ଚାଲିବ।

## ଜଗନ୍ନାଥ ମଠ ପରିସରରେ ଚାରା ରୋପଣ



**ଧର୍ମଶାଳା:** ବିଶ୍ୱ ପରିବେଶ ଦିବସ ଅବସରରେ ଆଜି ଧର୍ମଶାଳା ବ୍ଲକ ଅନ୍ତର୍ଗତ କଣ୍ଟିଗଡ଼ିଆ ଗ୍ରାମର ଜଗନ୍ନାଥ ମଠ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଚିସ୍ମିତା ଦାସ, ମଣ୍ଡଳ ପ୍ରଭାରୀ ତପନ କୁମାର ମାହୁନ୍ତ, କଣ୍ଟିଗଡ଼ିଆ ପଞ୍ଚାୟତ ପ୍ରଭାରୀ ରବୀନ୍ଦ୍ର କୁମାର ବରାଳ, ସମାଜସେବୀ ଜୟରାମ ସ୍ୱାଇଁ, କ୍ଷେତ୍ରପାଳ ପଞ୍ଚାୟତ ପ୍ରଭାରୀ ଦେବାଶିଷ ମିଶ୍ର, ନେଉଳପୁର ପଞ୍ଚାୟତ ପ୍ରଭାରୀ ଅନାମ ଚରଣ ମହାପାତ୍ର, ମଣ୍ଡଳ ଉପସଭାପତି ଗୋକୁଳାନନ୍ଦ ମହାପାତ୍ର, ପଞ୍ଚାୟତ ମହିଳାମୋର୍ଚ୍ଚା ସଭାନେତ୍ରୀ ସୁଷମା ଦାସ, ବରିଷ୍ଠ ଶିକ୍ଷାବିତ ମନୋରଞ୍ଜନ କର, ପଞ୍ଚାୟତ କମିଟି ମେମ୍ବର ନଗେନ୍ଦ୍ର ସ୍ୱାଇଁ, ଅରକ୍ଷିତ ରାଉତ, ବାବାଜୀ ଚରଣ ଦାସ, ଶେଷଦେବ ସ୍ୱାଇଁ, ସୁଶାନ୍ତ ଜେନା, ଆଶୁତୋଷ ଜେନା, ଗୋକୁଳାନନ୍ଦ ମିଶ୍ର, ବିଷ୍ଣୁଚରଣ ସାହୁ, ନିତ୍ୟାନନ୍ଦ ଖିଲାର ଓ ବ୍ରଜକିଶୋର ଜେନା ପ୍ରମୁଖଙ୍କ ଦ୍ୱାରା ମଠ ପରିସରରେ ଆମ୍ବ ଓ କାଜୁ ଚାରା ରୋପଣ କରାଯାଇଥିଲା।

## ନ୍ୟୁ ଭିଷ୍ଟା ତରଫରୁ ପରିବେଶ ଦିବସ



**ଯଖପୁରା:** ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଯାଜପୁରର କଳିଙ୍ଗନଗରସ୍ଥିତ ନ୍ୟୁ ଭିଷ୍ଟା ଲିମିଟେଡ୍ କମ୍ପାନୀ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଆର୍‌ଓ ମଦନ ମୋହନ ସାହୁ ଓ ତାଙ୍କ ଟିମ୍ ଏବଂ କମ୍ପାନୀର ପ୍ଲାଣ୍ଟ ହେଡ୍ ସମୀର ପୂଜାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ବ୍ୟତୀତ ସମସ୍ତ ବିଭାଗୀୟ ମୁଖ୍ୟ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାୟ ୫୦୦ ଗଛ ଲଗାଯାଇଥିବା ବେଳେ, ପ୍ଲାଣ୍ଟ ହେଡ୍ ସମୀର ପୂଜାରୀ ସୂଚନା ଦେଇଛନ୍ତି ଯେ ଆଗାମୀ ଦିନରେ ପ୍ରତି ମାସରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯିବ। ଏହା ପରେ ମଧ୍ୟ କମ୍ପାନୀ ତରଫରୁ ସ୍ଥାନୀୟ ପଙ୍ଗପାଳ ପଞ୍ଚାୟତର ଜଟରାପାଳ ଗ୍ରାମରେ ଥିବା ବିଦ୍ୟାଳୟରେ ବୃକ୍ଷରୋପଣ କରାଯାଇଥିଲା।

# ଦୁଇ କାଜୁ ମିଲ୍ ମାଲିକଙ୍କୁ ଲୁଟ୍ ମାମଲା, ୫ ଅଭିଯୁକ୍ତ ଗିରଫ



ଜୟପୁର,୫।୬ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ବ୍ଲକ୍‌ର କେବଡି ଗ୍ରାମପଞ୍ଚାୟତର ଦୋରାଗୁଡା ସ୍ଥିତ ଜଗତ୍‌ଜନନୀ କାଜୁ ମିଲର ଦୁଇ ମାଲିକ ଗତ ୩୦ ତାରିଖ ରାତି ୮ ସମୟରେ କାଜୁ ମିଲରୁ ଘରକୁ ବାଇକ୍ ଯୋଗେ ଫେରୁଥିବା ବେଳେ ରାସ୍ତାରେ ଅଟକାଇ ମାଡମାରି ସୁନା ଚେନ, ମୁଦି ଏବଂ ୪ ହଜାର ଟଙ୍କା ଲୁଟ ମାମଲାରେ ପୁଲିସ ୫ ଜଣ ଅଭିଯୁକ୍ତଙ୍କ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛନ୍ତି। ଏହି ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ରହିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବୋରିଗୁମ୍ମା ଥାନା ଫୁଫୁଗାଁର ଆଲୋକ ହରିଜନ ଓରଫ ରମେଶ (୨୨), ସାନକେବିଡି ଗ୍ରାମର ଟୁକୁନା ହରିଜନ (୧୯), ଦଣ୍ଡସେନାଗୁଡାର ଡମ୍ବରୁଧର ମାଝି (୩୦). ଡାଙ୍ଗରା ଗ୍ରାମର ଦୈତାରୀ ହରିଜନ (୨୨) ଏବଂ ପ୍ରଫୁଲ୍ଲ ନାୟକ (୨୩)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ଡାଙ୍ଗରା ଗ୍ରାମର ବାବୁଲୁ ନାୟକ ଫେରାର ରହିଛି। ସେହିପରି ଅଭିଯୁକ୍ତ ମାନେ ଲୁଟରେ ବ୍ୟବହାର କରିଥିବା ଦୁଇଟି ବାଇକ୍ (ଓଡି-୧୦ ଏବି- ୭୧୦୭ ଏବଂ ଓଡି ୧୦ ଏସି ୮୪୭୩) ଜବତ କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ ଘଟଣାଦିନ ରାତିରେ କେବିଡି ଗ୍ରାମପଞ୍ଚାୟତର ଦୋରାଗୁଡା ସ୍ଥିତ ଜଗତଜନନୀ କାଜୁ ମିଲର ଦୁଇ ମାଲିକ ଜୟପୁର ଦାଶରୀ ସାହିର କେ ଅମରନାଥ ଏବଂ ଭୂପତି ସାହିର ଏସ, ବୈକୁଣ୍ଠ କାରାକାନର କାର୍ଯ୍ୟ ବନ୍ଦ ପରେ ବାଇକ ଯୋଗେ ନିଜ ଘରକୁ ଫେରୁଥିଲେ। ଏହିପରି କେବିଡି ଗ୍ରାମ ଏବଂ ବିଜେ-୨ ଗ୍ରାମ ରାସ୍ତାର ଦଣ୍ଡସେନା ଗୁଡା ଗ୍ରାମ ନିକଟରେ ରାସ୍ତା ଉପରେ ପ୍ରାୟ ୫ ଜଣ ମୁଖାଧାରୀ ଦୁର୍ବୃତ୍ତମାନେ ସେମାନଙ୍କୁ ଅଟକାଇ ମାଡ ମାରିବା ସହିତ ସୁନାଚେନ, ମୁଦି ଏବଂ ୪ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିବା ନେଇ ଜୟପୁର ସଦରଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ବେଳେ ଅଭିଯୋଗକାରୀଙ୍କୁ ଆକ୍ରମଣ କରିଥିବା ଏବଂ ନୀଳଗିରି କାଠ ଏବଂ ଭାଙ୍ଗିଥିବା ଖଣ୍ଡ ହେଲମେଟ ସହିତ ଗୋଟିଏ ଗାମୁଛା ଏବଂ ନାପକିନ୍ ପୁଲିସ ଜବତ କରିଥିଲେ। ତଦନ୍ତ ବେଳେ ଅଭିଯୁକ୍ତ ଫୁଂଫୁ ଗାଁର ରମେଶ ହରିଜନକୁ ଗିରଫ କରିଥିଲେ। ଅଭିଯୁକ୍ତକୁ ପଚରା ଉଚରା ବେଳେ ଏହି ଘଟଣାରେ ସଂଶ୍ଳିଷ୍ଟ ଅନ୍ୟାନ୍ୟ ୪ଜଣ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଏହି ଘଟଣା ଘଟାଇବାର ମାଷ୍ଟର ମାଇଣ୍ଡ କାଜୁ ମିଲର କର୍ମଚାରୀ ଦଣ୍ଡସେନାଗୁଡା ଗ୍ରାମର ଡମ୍ବରୁଧର ମାଝି ବୋଲି ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲେ। ଏହିପରି ଅଭିଯୁକ୍ତ ଗତ ୧୪ ମାସ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଛୁଟିରେ ରହିଥିଲେ ଏବଂ ୨ ହଜାର ଟଙ୍କା ଉଦ୍ଧାର ମାଲିକଙ୍କୁ ମାଗିଥିଲେ। କିନ୍ତୁ ମାଲିକମାନେ ଉଦ୍ଧାର ଦେବାକୁ ମନା କରିବାରୁ ଏହି ଲୁଟ କରିଥିବା ନେଇ ଯୋଜାନ କରିଥିବା ଅଭିଯୁକ୍ତ ମିଲ କର୍ମଚାରୀ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ସେହିପରି ଏହି ଲୁଟର ଅନ୍ୟତମ ଫେରାର ଅଭିଯୁକ୍ତ ବବୁଲୁ ନାୟକଙ୍କ ଭାଇ ପ୍ରଫୁଲ୍ଲ ସେମିଳିଗୁଡାରେ ଗାଡି ମେକାନିକ୍ ଭାବେ କାର୍ଯ୍ୟରତ ରହିଥିବା ବେଳେ ତାଙ୍କ ଦ୍ୱାରା ସେମିଳିଗୁଡାର ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାରେ ଉକ୍ତ ଲୁଟ୍ ସୁନା ଚେନ ଏବଂ ସୁନା ମୁଦି ବନ୍ଧକ ରଖିବା ସହିତ ୪୦ ହଜାର ୮୯୧ ଟଙ୍କା ଉଠାଣ କରିଥିଲେ। ଏହି ମାମଲାର ତଦନ୍ତ ଏସ୍.ଆଇ ସିରିଶ ମହାପାତ୍ର କରିବା ସହିତ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିବା ବେଳେ ଅନ୍ୟତମ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

■ ଟାଇଲ୍ କଟିଂ ମେସିନକୁ ନେଇ ବଚସା

# ବିଳମ୍ବିତ ରାତ୍ରିରେ ଛୁରାମାଡ଼



ରାୟଗଡ,୫।୬(ସମିସ): ଗତକାଲି ଗୁରୁବାର ବିଳମ୍ବିତ ରାତିରେ ଟାଇଲ୍ କଟିଙ୍ଗ ମେସିନକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇ ଜଣଙ୍କୁ ଛୁରା ମାଡ ହୋଇଛି। ଛୁରା ମାଡ଼ ପରେ ଗୁରୁତର ଅବସ୍ଥାରେ ରାୟଗଡ଼ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଛି। ଗୁରୁତର ହୋଇଥିବା ଯୁବକ ଜଣକ ହେଲେ ବିହାର ରାଜ୍ୟର ମହମ୍ମଦ ସରଫରାଜ। ସୂଚନାରୁ ଜଣାପଡିଛି ଯେ ରାୟଗଡ କସ୍ତୁରୀ ନଗର ଅଞ୍ଚଳରେ ବିହାର ରାଜ୍ୟର ବେଲା ଅଞ୍ଚଳର କିଛି ଯୁବକ ସହରରେ ରହି ଟାଇଲ କାମ କରୁଥିଲେ। ସରଫରାଜଙ୍କ ପଡୋଶୀ ମହମ୍ମଦ ସୟଦ ତାଙ୍କ ଠାରୁ ଟାଇଲ୍ କଟିଙ୍ଗ ମେସିନ ନେଇ ଫେରାଉ ନଥିଲେ। ଉକ୍ତ ଘଟଣାକୁ ନେଇ ସରଫରାଜ ଓ ସୟଦ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସୟଦ ଛୁରୀରେ ଶରୀରର ବିଭିନ୍ନ ସ୍ଥାନରେ ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ସରଫରାଜଙ୍କ ସହଯୋଗୀ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏ ନେଇ ରାୟଗଡା ଥାନାରେ ସୂଚନା ଦେବା ପରେ ରାୟଗଡ ଟାଉନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛ।

# ନୂଆ ମେଡିକାଲ୍ ବିଲ୍ଡିଂରେ ଆରମ୍ଭ ହେଲା ରୋଗୀ ସେବା



'ସକାଳ' ପ୍ରଭାବ

ଅମ୍ବାଦଳା,୫।୬(ସମିସ): ଅମ୍ବାଦଳାରେ ସ୍ୱାସ୍ଥ୍ୟକେନ୍ଦ୍ର ଭବନ ନିର୍ମାଣ ଶେଷ ହୋଇ ହସ୍ତାନ୍ତର କରାଯାଇଥିଲେ ମଧ୍ୟ ସେଠାରେ ରୋଗୀ ସେବା ଆରମ୍ଭ ହୋଇନଥିଲା। ଏ ନେଇ "ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରି ନୂତନ ଭବନରେ ସ୍ୱାସ୍ଥ୍ୟସେବା ଆରମ୍ଭ କରିଛି। ଗୁରୁବାର ସକାଳେ ବିଧିବଦ୍ଧ ପୂଜାର୍ଚ୍ଚନା ପରେ ନୂତନ ଭବନରେ ଓପିଡି ସେବା ଆରମ୍ଭ ହୋଇଥିଲା। ଏହା ଫଳରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଥିବାବେଳେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଆଶ୍ୱସ୍ତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପୁରୁଣା ସ୍ୱାସ୍ଥ୍ୟ କେନ୍ଦ୍ର ଭବନରେ ସ୍ଥାନାଭାବ ଓ ଆବଶ୍ୟକ ସୁବିଧାର ଅଭାବ ଯୋଗୁଁ ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ନୂତନ ଭବନରେ ପ୍ରଶସ୍ତ କକ୍ଷ, ଅପେକ୍ଷାକୃତ ଭଲ ପରିବେଶ ଓ ଉନ୍ନତ ସୁବିଧା ଉପଲବ୍ଧ ହୋଇଥିବାରୁ ଚିକିତ୍ସା ସେବା ଅଧିକ ସୁଚାରୁ ଭାବେ ପ୍ରଦାନ କରାଯାଇପାରିବ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି। ନୂତନ ଭବନରେ ରୋଗୀ ସେବା ଆରମ୍ଭ ହେବା ପରେ ଅମ୍ବାଦଳା ଓ ଆଖପାଖ ଅଞ୍ଚଳର ଲୋକମାନେ ଖୁସି ବ୍ୟକ୍ତ କରିବା ସହ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

# ଅଧିକାରୀଙ୍କ କୃଷି ଉତ୍ପାଦନ ଗୁଚ୍ଛ ପରିଦର୍ଶନ



କୋଷାଗୁମୁଡ଼ା,୫।୬(ସମିସ): ଆଜି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ଛଚ୍ଛାଣକଟ ଏବଂ ପୂଜାରୀଗୁଡା ଠାରେ ଥିବା କୃଷି ଉତ୍ପାଦନ ଗୁଚ୍ଛ ପରିଦର୍ଶନ କରିଛନ୍ତି କୋଷାଗୁମୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ । ଜୈବିକ ପଦ୍ଧତିରେ କୃଷି ଉତ୍ପାଦନକୁ ଦୁଇ ଗୁଣିତ କରିବା ସହ ମାର୍କେଟିଙ୍ଗ ଲିଙ୍କେଜ କରିବା ସହ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ନେଇ ମତ ଦେଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ। ଉଦ୍ୟାନ କୃଷି ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ମତ୍ସ୍ୟ ବିଭାଗ, ଏପିସି, ଆରସିଡିସି, ପ୍ରଦାନ ମିଳିତ ସହାଭାଗିତାରେ ମହିଳାଙ୍କୁ କୃଷି ମାଧ୍ୟମରେ ସଶକ୍ତ ସ୍ୱାବଲମ୍ବୀ କରାଯାଉଛି। ଛଚ୍ଛାଣକଟ ଠାରେ ପିଜି ଗ୍ରୁପର ମହିଳା ମାନେ ପ୍ରାୟ ୨୫ ଏକରରେ ବାଇଗଣ ଚାଷ କରି ସ୍ୱବଲମ୍ବୀ ହୋଇପାରିଛନ୍ତି। ସେହିପରି ପୂଜାରୀଗୁଡା ଗ୍ରାମରେ ପିଜି ଗ୍ରୁପର ମହିଳା ମାନେ ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ର ତଥା ଛତୁ ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଉଭୟ ଦୁଇ ଗ୍ରାମର ଗ୍ରୁପ ର ମହିଳା ମାନଙ୍କୁ ନେଇ ପୃଥକ ପୃଥକ ବୈଠକ କରିବା ସହ ଆଗକୁ କିପରି ଅଧିକ ମାତ୍ରାରେ ନିଜ ରୋଜଗାରକୁ ବଢାଇବା ସହ ମାର୍କେଟିଙ୍ଗ ଲିଂକେଜ କରାଯିବ ସେ ନେଇ ଆଲୋଚନ ହୋଇଥିଲା । ସମସ୍ତ ଅଧିକାରୀ ଚାଷ କରିଥିବା ଜମିକୁ ପରିଦର୍ଶନ କରିବା ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସେମାନଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସମସ୍ତ ଚାଷ କେବଳ ଜୈବିକ ପଦ୍ଧତିରେ ହିଁ କରାଯାଇଛି, ଜୈବିକ ଚାଷ ନିଜେ ତିଆରି କରିବା ସହ କିପରି ପ୍ରୟୋଗ କରିଛନ୍ତି ମହିଳା ମାନେ ଉପସ୍ଥାପନ କରିଥିଲେ। ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନ ତଥା ଚାଷୀଙ୍କୁ ଚାଷରେ ଦୁଇ ଗୁଣିତ କରିବ। ଏହି କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ରବି ଶଙ୍କର ପଣ୍ଡା, ବ୍ଲକ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଯାନୀ, ବ୍ଲକ ପ୍ରାଣୀ ଚିକିତ୍ସକ ପ୍ରିତମ ଦିବେଦୀ, ସହକାରୀ ମତ୍ସ୍ୟ ଅଧିକାରୀ ନିପ୍ରବର ରାଉତ, ଆରସିଡିସି ରିଜିଅନାଲ ମ୍ୟନେଜର କେଶବ ଚନ୍ଦ୍ର ଦାସ, ପ୍ରଦାନ ରିଜିଓନାଲ ମେନେଜର ଭାସ୍କର ବରା ସମେତ ପିଜି ଗ୍ରୁପର ସମସ୍ତ ମହିଳା ଉପସ୍ଥିତ ରହିଥିଲେ।

# କୃଷି ଜନଗଣନା ନେଇ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ



ନବରଙ୍ଗପୁର,୫।୬(ସମିସ): ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ଚନ୍ଦ୍ର ବର୍ମନଙ୍କ ଅଧ୍ୟକ୍ଷତାରେ ତୃତୀୟ ପର୍ଯ୍ୟାୟ ୧୧ ତମ କୃଷି ଜନଗଣନା ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁମୋଦନ ପରେ କେନ୍ଦ୍ର ସରକାରଙ୍କ ନିକଟକୁ କୃଷିର ଉନ୍ନତି ସକାଶେ ପ୍ରଭାବଶାଳୀ ଯୋଜନା ଓ ନୀତି ନିର୍ଦ୍ଧାରଣ ପାଇଁ ତଥ୍ୟ ପ୍ରେରଣ କରାଯିବ। ନବରଙ୍ଗପୁର ଜିଲ୍ଲାରେ କୃଷି ସମ୍ବନ୍ଧୀୟ ନିର୍ଭର ଯୋଗ୍ୟ ଓ ସମ୍ପୂର୍ଣ୍ଣ ତଥ୍ୟ ପାଇବା ପାଇଁ ୨୦୨୨-୨୩ ଆଧାର ବର୍ଷରେ ଚାଷୀଙ୍କ ସଂଖ୍ୟା, ଜମିର ଆକାର, ସାର ବ୍ୟବହାର, କୀଟନାଶକ, ଫସଲ ବୀମା, ମୃତ୍ତିକା ସ୍ୱାସ୍ଥ୍ୟ, କୃଷି ଯାନ୍ତ୍ରିକୀକରଣ, ବିହନ, ଜଳସେଚନ, ଚାଷୀଙ୍କ ଆୟ, ନାମକୁ ମାତ୍ର, କ୍ଷୁଦ୍ର, ମଧ୍ୟମ ଚାଷୀଙ୍କ ଗଣନା, ପ୍ରାଣୀ, ମତ୍ସ୍ୟ ଓ ଉଦ୍ୟାନ ଚାଷୀ, କୃଷି ଋଣ ଇତ୍ୟାଦି ଉପରେ କୃଷି ଜନଗଣନା ତୃତୀୟ ପର୍ଯ୍ୟାୟ ସର୍ଭେ ୬୭ଟି ଚିହ୍ନଟ ନମୁନା ଗ୍ରାମରେ କରାଯାଇଥିଲା। ଯାହା ୨୦୨୫ ଅକ୍ଟୋବର ୧୪ ତାରିଖରେ ସମ୍ପୂର୍ଣ୍ଣ ହୋଇଥିଲା। ଏଡିଡି ପ୍ଲାନିଙ୍ଗ ଐଶ୍ୱର୍ଯ୍ୟ ଭଞ୍ଜ ସଭା ପରିଚାଳନା ସହ ସ୍ଲାଇଡ୍ ମାଧ୍ୟମରେ ତଥ୍ୟ ପରିବେଷଣ କରିଥିଲେ। ସଭାରେ ଡିଡି, ଡିପିଏମୟୁ ଜୟନ୍ତୀମାଳା ନାୟକ ସିଡିଏଓ ସୁଧିର ରଞ୍ଜନ ବେହେରା, ସିଡିଭିଓ ଡ.ରମେଶ ଚନ୍ଦ୍ର ବେହେରା, ଡିଡିଏଚ୍ ସୁବ୍ରତ ମହାନ୍ତି, ଡିଆଇପିଆର୍‌ଓ ମନୋଜ ବେହେରା, ଡିଆର୍‌ସିଏସ ଶରତ ଚନ୍ଦ୍ର ପାଣିଗ୍ରାହୀ, ଏଡିଏଚ ଶୁଭେନ୍ଦୁ ବିଶ୍ୱାସ , ଏଡିଭିଓ ଦିଲ୍ଲୀପ କୁମାର କବିରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧୁଗାଁ ବ୍ଲକରେ ପରିବେଶ ସଚେତନତା



ବନ୍ଧୁଗାଁ,୫।୬(ସମିସ): ବନ୍ଧୁଗାଁ ବ୍ଲକର ୧୩ଟି ପଞ୍ଚାୟତରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବିଶ୍ୱ ପରିବେଶକୁ ନେଇ ଗ୍ରାମସଭା ମାଧ୍ୟମରେ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର, ଅଙ୍ଗନୱାଡ଼ି କର୍ମୀ, ଆଶା ଓ ଜନସାଧାରଣଙ୍କ ଉପସ୍ଥିତିରେ ସଚେତନତା ସୃଷ୍ଟି କରାଯାଇଥିଲା। ବିଶେଷ କରି ଜଙ୍ଗଲ କ୍ଷୟ, ଜଙ୍ଗଲରେ ନିଆଁ ଲଗାଇବା, ଜଳ ପ୍ରଦୂଷଣ, ପ୍ଲାଷ୍ଟିକ ଆବର୍ଜନା, ଝରି, ଚାଷରେ ୟୁରିଆ ସାର ପ୍ରୟୋଗ ବଢୁ ଥିବାରୁ ଆଜି ପ୍ରବଳ ଗ୍ରୀଷ୍ମ ପ୍ରବାହ, ଅଦିନିଆ ବର୍ଷା, ବିଜୁଳୀ ଘଡଘଡି, କମ୍ ବର୍ଷା ହେଉଛି। ଏଥିପାଇଁ ଆମେ ସଚେତନତା ହେବା ଓ ଅନ୍ୟ ମାନଙ୍କୁ ସଚେତନ କରିବା ପାଇଁ ସରପଞ୍ଚ ଲକ୍ଷ୍ମୀ କାଡ୍ରାକା, ଭାସ୍କର ୱାଟେକା, ଶେଖର କଣ୍ଡାଗରି, ଲୁଦ୍ର ଜାକାକା, ସୁନ୍ଧୁରୁ ପିଡିକା, ସୁସ୍ମିତା ପିଡିକା, ଗୌରୀ ମେଲେକା, ମୋତି ମାଣ୍ଡିଙ୍ଗୀ, ସମସ୍ତ ପିଇଓ, ବ୍ଲକର କିଛି ବିଭାଗ ଅଧିକାରୀ ଓ ବେସରକାରୀ ଅନୁଷ୍ଠାନ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ। ପରେ ଜଙ୍ଗଲ ବିଭାଗ ପକ୍ଷରୁ କିଛି ଚାରାରୋପଣ ପାଇଁ ଯୋଗାଇ ଥିବାରୁ ତାହାକୁ ପଞ୍ଚାୟତ ପରିସରରେ ରୋପଣ କରାଯାଇଥିଲା।

# ଦରଦାମ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ



ତେନ୍ତୁଲିଖୁଣ୍ଟି,୫।୬(ସମିସ): ତୈଳ ଦର ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ତେନ୍ତୁଲିଖୁଣ୍ଟି ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପଦର୍ଶନ କରାଯାଇଛି। ଯୁବନେତା ଅଖିଳ ଭତରାଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରହଲ୍ଲାଦ ହିଆଲ, ଜିଲ୍ଲା କଂଗ୍ରେସ ମହିଳା ଶୋଭାନେତ୍ରୀ ପି. ନଗରତ୍ନମ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ବରିଷ୍ଠ ନେତା କିଶୋର ଚନ୍ଦ୍ର ସିଂଘ,ପଙ୍କଜ ଖୁରା,ଅଜୟ ହିଆଲଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଦରଦାମ ବୃଦ୍ଧି ପ୍ରତିବାଦରେ କୁର୍ମାକୋଟ ପେଟ୍ରୋଲ ପମ୍ପ ସମ୍ମୁଖରେ ଶାନ୍ତି ଶୃଙ୍ଖଳାର ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବାରମ୍ବାର ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପାଇବା ଯୋଗୁଁ ଅନ୍ୟ ସାମଗ୍ରୀ ବୃଦ୍ଧି ଉପରେ ଏହାର ପ୍ରଭାବ ପଡୁଛି। ଯାହାକୁ ନେଇଁ ଜନସାଧାରଣ ତ୍ରାହି ତ୍ରାହି ହେବାକୁ ଲାଗିଲେଣି। ଏହାରି ପ୍ରତିବାଦରେ ତେନ୍ତୁଲିଖୁଣ୍ଟି ବ୍ଲକ କଂଗ୍ରେସ ପକ୍ଷରୁ କୁର୍ମାକୋଟ ପେଟ୍ରୋଲ ପମ୍ପ ସମ୍ମୁଖରେ ପ୍ଲାକାର୍ଡ ଧରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ଏକ ଘଣ୍ଟା କାଳ ଶାନ୍ତିପୁର୍ଣ ବିକ୍ଷୋଭ ପଦର୍ଶନ କରାଯାଇଥିଲା। କଂଗ୍ରେସ ବରିଷ୍ଠ ନେତା ବିଶ୍ୱନାଥ ସିଂଘ, ରୁନୁ ପାଣି, ଲିଙ୍ଗରାଜ ଭଞ୍ଜଙ୍କ ସମେତ ବହୁ କଂଗ୍ରେସ କର୍ମୀ ଆଜିର ବିକ୍ଷୋଭ ପଦର୍ଶନରେ ସାମିଲ ଥିଲେ।

# ଶିକ୍ଷା ବିଭାଗର ନିର୍ଦ୍ଦେଶ ନ ମାନି ଶିକ୍ଷକ ଅଡୁଆରେ

ମାଥିଲି, ୫।୬ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଟେମୁରପାଲି ପଞ୍ଚାୟତ ଅନ୍ତର୍ଗତ ଦୁରୁମାଗୁଡା ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତ ଶିକ୍ଷକ ମହେଶ୍ୱର ପଣ୍ଡା ବାରମ୍ବାର କାର୍ଯ୍ୟରେ ଅବହେଳା କରିବା ଯୋଗୁ କିଛି ଦିନ ତଳେ ନିଲମ୍ବିତ ହୋଇଥିଲେ। ନିଲମ୍ବନ ସମୟରେ ସେ ମାଥିଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଜ ଉପସ୍ଥାନ ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ଶ୍ରୀ ପଣ୍ଡା ସେଠାରେ ଉପସ୍ଥାନ ନଦେଇ ତାଙ୍କର ବ୍ୟକ୍ତିଗତ କାର୍ଯ୍ୟରେ ଚାଲି ଯାଇଥିଲେ। ଏହି ଘଟଣାକୁ ନେଇ ଏବେ ଶ୍ରୀ ପଣ୍ଡା ଅଡୁଆରେ ପଡ଼ିଛନ୍ତି। ମାଥିଲି ସରକାରୀ ଉଚ୍ଚ ବିଦ୍ୟାଳୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାଙ୍କର ଅନୁପସ୍ଥିତ ସମ୍ପର୍କରେ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରିବାପରେ ଶ୍ରୀ ପଣ୍ଡାଙ୍କ ନିଜସ୍ୱ ଠିକଣାରେ କାରଣ ଦର୍ଶାଅ ନୋଟିସ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜାରି ହୋଇଥିଲା। ତିନିଥରରୁ ଅଧିକ ତାଙ୍କୁ ଜଣାଇବା ପରେ ଶେଷ ଥର ପାଇଁ ଶ୍ରୀ ପଣ୍ଡା ନିଜ ପକ୍ଷ ରଖିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚିଠି ସଂଖ୍ୟା ୧୮୫୯/୨୦୨୬ ଅନୁସାରେ ସାର୍ବଜନୀନ ସୂଚନା ଜାରି କରିଛି। ୭ଦିନ ମଧ୍ୟରେ ନିଜର ମତ ଓ ପକ୍ଷ ରଖିବାକୁ କୁହାଯାଇଛି। ଏଥିରେ ଅବହେଳା କଲେ ଚାକିରିରୁ ବହିଷ୍କାର କରାଯିବା ବୋଲି ଉଲ୍ଲେଖ ରହିଛି। ସୂଚନାନୁଯାୟୀ ଶ୍ରୀ ପଣ୍ଡା ନିଜ କର୍ତ୍ତବ୍ୟ ଅବହେଳା ପାଇଁ ନିଜର ଚାକିରି କାଳରେ ୪/୫ଥର ନିଲମ୍ବିତ ସହ ବାରମ୍ବାର ଦରମା ବନ୍ଦ ଓ ବିଭିନ୍ନ ଆପତି ପୂର୍ଣ କାର୍ଯ୍ୟ ପାଇଁ ଚର୍ଚ୍ଚାରେ ରହିଆସିଛନ୍ତି। କିଛି ମାସ ତଳେ ଦରମା ଜିପିଏଫ ମିଳୁ ନାହିଁ କହି ବିଇଓ କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହିଥିଲେ।

# ଜି ଗୋଲ୍ଡସ୍ମିଥ୍‌ଙ୍କ ସ୍ମୃତିରେ ରକ୍ତଦାନ ଶିବିର; ୩୨ ୟୁନିଟ୍ ରକ୍ତ ସଂଗ୍ରହ

## ଉତ୍କଳ କଳା ସଂସଦର ସାମାଜିକ ସେବାକୁ ପ୍ରଶଂସା




ଉମରକୋଟ,୫।୬(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଦଣ୍ଡକାରଣ୍ୟ ସ୍ଥିତ ଉତ୍କଳ କଳା ସଂସଦ ପକ୍ଷରୁ ଅବସରପ୍ରାପ୍ତ ନୌସେନା ଅଧିକାରୀ ଜି ଗୋଲ୍ଡସ୍ମିଥ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମାନବ ସେବା ହିଁ ମାଧବ ସେବା ଉକ୍ତିକୁ ସାର୍ଥକ କରି ଉତ୍କଳ କଳା ସଂସଦ କ୍ଲବ୍ ପକ୍ଷରୁ ଆୟୋଜିତ ଏହି ମହତ୍ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଯୁବକ, ଯୁବତୀ ସାମାଜିକ କର୍ମୀ ଏବଂ ସ୍ୱେଚ୍ଛାସେବୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ବରିଷ୍ଠ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ସୁରେନ୍ଦ୍ରନାଥ ଦାଶ ଯୋଗଦେଇ ଉଦ୍‌ଘାଟନ କରି ରକ୍ତଦାନ ଭଳି ମହାନ ସେବା କାର୍ଯ୍ୟ ସମାଜରେ ଜୀବନ ବଞ୍ଚାଇବାର ଏକ ପବିତ୍ର ପ୍ରୟାସ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ନୌସେନା ଅଧିକାରୀଙ୍କ ମାଁ ଜି ଦମୟନ୍ତୀ ରାଜୁ , ଧର୍ମପତ୍ନୀ ଅର୍ଚ୍ଚନା ମିଶ୍ର, , ଝିଅ ଜି ରେହେନା , ବଡ ଭାଇ ଜି ସଲମନ ରାଜୁ, ବୁଦ୍ଧିଜୀବୀ ନାରାୟଣ ବାରିକ, ସଂସଦ ପ୍ରତିନିଧି ରାମ ନାୟକ, ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ,ସମାଜସେବୀ ମନୋଜ କୁମାର ପାତ୍ର, ବରିଷ୍ଠ ନେତା ଅକ୍ଷୟ କୁମାର ସାହୁ, ଏହା ସହିତ ଯୁବପିଢ଼ିଙ୍କୁ ନିୟମିତ ଭାବେ ରକ୍ତଦାନ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍କଳ କଳା ସଂସଦର ସଭାପତି ବିପିନ କୁମାର ମାଝୀ ଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ସମ୍ପାଦକ ସତ୍ୟ ନାରାୟଣ ଦାସ, କୋଷାଧ୍ୟକ୍ଷ ନକୁଳ ଚାନ୍ଦ,ପ୍ରଦୀପ କୁମାର ନାୟକ ,କୁନା ସାହୁ, ରାମ ତୁରୁକ, ଲିକନ ଦାସ, ଶଙ୍କର ତୁରୁକ, ସାଧନ ମଣ୍ଡଲ, ଶୁଶିଲ ପଣ୍ଡା , ନାରାୟଣ ସାହୁଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ସକ୍ରିୟ ଭାବେ ସହଯୋଗ କରିଥିଲେ। ଶିବିରକୁ ସୁଚାରୁ ଭାବେ ପରିଚାଳନା କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବାରେ ସଂଗଠନର ସମସ୍ତ କର୍ମକର୍ତ୍ତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରକ୍ତଦାନ ଶିବିରରେ ମୋଟ ୩୨ରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସଂଗୃହୀତ ରକ୍ତ ଆଗାମୀ ଦିନରେ ବିଭିନ୍ନ ଜରୁରୀ ପରିସ୍ଥିତିରେ ରୋଗୀମାନଙ୍କ ଜୀବନ ରକ୍ଷାରେ ସହାୟକ ହେବ। ଶେଷରେ ସମସ୍ତ ରକ୍ତଦାତାଙ୍କୁ ପ୍ରଶଂସାପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଭବିଷ୍ୟତରେ ଏଭଳି ଜନହିତକର କାର୍ଯ୍ୟକ୍ରମ ଜାରି ରହିବ ବୋଲି ଉତ୍କଳ କଳା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଶିବିର ଅଞ୍ଚଳରେ ସାମାଜିକ ସଚେତନତା ଓ ମାନବିକତାର ଏକ ଉଜ୍ଜ୍ୱଳ ନିର୍ଦ୍ଦଶନ ସୃଷ୍ଟି କରିଛି।

# ମୁଖ୍ୟମନ୍ତ୍ରୀ ଟ୍ରଫି ଫାଇନାଲ୍‌ରେ ନବରଙ୍ଗପୁର ଜିଲ୍ଲା ବାଳିକା ଦଳ



ନବରଙ୍ଗପୁର, ୫।୬ (ସମିସ): ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିଅମ ଠାରେ ଚାଲିଥିବା ଜୋନାଲ୍ ସ୍ତରୀୟ ୧୪ ବର୍ଷରୁ କମ୍ ଅନ୍ତଃ ଜିଲ୍ଲା ମୁଖ୍ୟମନ୍ତ୍ରୀ ଟ୍ରଫି-୨୬ ଚାମ୍ପିଅନ୍‌ସିପରେ ନବରଙ୍ଗପୁର ଜିଲ୍ଲା ବାଳିକା ଦଳ ନିଜର ଶେଷ ଲିଗ୍ ମ୍ୟାଚ୍‌ରେ ଗଞ୍ଜାମ ଜିଲ୍ଲା ବାଳିକା ଦଳକୁ ୭-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ନବରଙ୍ଗପୁର ଦଳ ପକ୍ଷରୁ ରଶ୍ମିତା ଗଣ୍ଡ ୩ଟି, ପିଙ୍କି ଗଣ୍ଡ ୩ଟି ଏବଂ ନାଇକା ବାଘ ଗୋଟିଏ ଗୋଲ କରିଥିଲେ। ଦଳର କୋଚ ଭାବେ ସପନ ବୈରାଗି, ଫିରୋଜ ହିଆଲ ଓ ଲାଲୁ ହରିଜନ ଦାଇତ୍ୱ ନେଉଥିବା ବେଳେ ମ୍ୟାନେଜର ଭାବେ ଶଶାଙ୍କ ଶେଖର ବେହେରା ଏବଂ ଦୁର୍ଯ୍ୟ ହରିଜନ ଦାୟିତ୍ୱ ନିର୍ବାହ କରୁଛନ୍ତି। ନବରଙ୍ଗପୁର ବାଳିକା ଦଳର ଏହି ସଫଳତା ନବରଙ୍ଗପୁର ମାଟିକୁ ରାଜ୍ୟ ସ୍ତରରେ ଗର୍ବିତ କରିଛି।ଏହି ଖବର ପ୍ରାପ୍ତ ହେଲାପରେ ନବରଙ୍ଗପୁର କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପ ସଭାପତି ଏମ.ବାଲା କୃଷ୍ଣ ରାଓ , ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରୀଡା ସମ୍ପାଦକ ଜ୍ୟୋତି ପରିଛା, ଇଣ୍ଡୋର ସମ୍ପାଦକ କୃଷ୍ଣ ପଟ୍ଟନାୟକ, ହକି ସମ୍ପାଦକ ଦୁର୍ଗା ମଲିକ୍, ମହିଳା ସମ୍ପାଦିକା ଇଁ. ଚନ୍ଦନା ମଲ୍ଲିକ, କ୍ରିକେଟ୍ ସମ୍ପାଦକ ଅଶୋକ ନାୟକ ସମେତ କ୍ରୀଡା ସଂଘର ଅନ୍ୟ ସମସ୍ତ ସଦସ୍ୟ ମାନେ ବାଳିକା ଦଳକୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଯେ ଟୁର୍ଣ୍ଣାମେଣ୍ଟରେ ଏଥି ପୂର୍ବରୁ ନିଜ ଅନ୍ୟ ଲିଗ୍ ମ୍ୟାଚରେ କୋରାପୁଟ ଜିଲ୍ଲା ଦଳକୁ ୮-୦ ଗୋଲ ଏବଂ ମାଲକାନଗିରି ଜିଲ୍ଲା ଦଳକୁ ୫-୦ ଗୋଲ ରେ ପରାସ୍ତ କରିଥିବା ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ମିଳୁନି ମୃତ ପ୍ରାଣୀର ବୀମା ଅର୍ଥ; ଚାଷୀ ହନ୍ତସନ୍ତ



## ଠକି ଚାଲିଛି ବୀମା କମ୍ପାନୀ, ପ୍ରଶାସନ ନିରବ

ଗୁଡାରୀ,୫।୬ (ସମିସ): ରାଜ୍ୟରେ ଆଜି ବି ବିମା କମ୍ପାନୀ ଗୁଡିକର ମନମାନୀ ବଢି ଚାଲିଛି। ମୃତ୍ୟୁବରଣ କଲେ ବି ବୀମା କମ୍ପାନି ଠାରୁ ଟଙ୍କା ମିଳିବା କଷ୍ଟକର ହେଉଛି। ପ୍ରଥମେ ସେମାନେ ଲୋକଙ୍କୁ ବିଭିନ୍ନ ଲୋଭ ଦେଖାଇ ବୀମା କରି ନିଅନ୍ତି । ପରେ ବିମାଧାରୀ ଟଙ୍କା ଲାଳସାରେ ବୁଲିବୁଲି ନିୟାନ୍ତ ହେଉଥିବା ଅଭିଯୋଗ ହେଉଛି। ଗୁଡାରୀ ପଶୁ ଚିକିତ୍ସାଳୟରେ ଛେଳି, ଗାଈଗୋରୁ ମୃତ୍ୟୁବରଣ କଲେ ବିମା ଅର୍ଥ ମିଳିବ ବୋଲି କହି ପଶୁ ବ୍ୟବସାୟୀଙ୍କ ଠାରୁ ବୀମା କରି ନେଇଛନ୍ତି ଭୁବନେଶ୍ୱର ଅବସ୍ଥିତ ନ୍ୟାସନାଲ ଇନ୍ସ୍ୟୁରାନସ୍ କମ୍ପାନି। ଗାଈଗୋରୁଙ୍କ ମୃତ୍ୟୁପରେ ବିମା କମ୍ପାନୀ ମନମାନି ଦାଣ୍ଡରେ ପଡି ହାଟରେ ଗଡ଼ିବାରେ ଲାଗିଛି। ଏମିତ ଘଟଣା ଗୁଡାରୀ ଗୋଷ୍ଠୀ ପଶୁ ଚିକିତ୍ସାଳୟରେ ଦେଖିବାକୁ ମିଳିଛି। ନଭେମ୍ବର ମାସ ଠାରୁ ଆଜି ପର୍ଯ୍ୟନ୍ତ ମୃତ୍ୟୁବରଣ କରିଥିବା ପଶୁମାନଙ୍କର ବୀମା ଟଙ୍କା ପଶୁ ବ୍ୟବସାୟୀଙ୍କୁ ମିଳିପାରିନାହିଁ। ଡେପଗୌଡ଼ସାହିର ଟୁନା ଗୌଡ ଗାଈ ପାଳନ କରି ନିଜର ଗୁଜରାଣ ମେଣ୍ଟଉଥିଲେ। ସେହି ଗାଈ ଜାନୁୟାରୀ ମାସରେ ମୃତ୍ୟୁବରଣ କରିଛି । କିନ୍ତୁ ଆଜି ପର୍ଯ୍ୟନ୍ତ ନ୍ୟାସନାଲ ଇନ୍ସୁରାନ୍ସ କମ୍ପାନି ତାଙ୍କର ବୀମା ଟଙ୍କା ଦେଇନାହିଁ। ସେ ୫ଟି ଗାଈ ପାଇଁ ବୀମା ବାବଦକୁ ୧୫୦୦ ରୁ ୨୦୦୦ ପଇଠ କରିଥିବା କହିଛନ୍ତି। ଆମ ପାଖରେ ଗାଈ କିଣିବାକୁ ଟଙ୍କା ନାହିଁ । ମାସ ମାସ ହେଲାଣି ବିମା ଟଙ୍କା ମିଳିନୁ ବୋଲି ଦୁଃଖ ପ୍ରକାଶ କରିଛନ୍ତି। ପ୍ରାୟ ୧୨ ଲୋକଙ୍କୁ ବିମା କମ୍ପାନି ବୀମା ଟଙ୍କା ନଦେବା ଫଳରେ ହତାଶ ହୋଇ ସେମାନେ ଗୁଡାରୀ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ସତନ ଜେନାଙ୍କୁ ଗୁହାରି କରିଛନ୍ତି । ଶ୍ରୀ ଜେନା ଏହି ବିଷୟକୁ ନେଇ ରାୟଗଡ଼ା ଜିଲ୍ଲା ମହକୁମାରେ ଏଡିସିଡିଭିଓ ଏବଂ ବିମା ଦାୟୀତ୍ୱରେ ଥିବା ପ୍ରବୀଣ ମହାପତ୍ରଙ୍କୁ ମିଶି ପଚାରିବୁଝିବାରୁ ଶ୍ରୀ ମହାପାତ୍ର କହିଛନ୍ତି. ଆଗରୁ କମ୍ପାନିର ଅନୁସୁଚି ଅଲଗା ଥିଲା । କିନ୍ତୁ ଏବେ ବିମା କମ୍ପାନି ସବୁ ଜିଲ୍ଲାଭିତିକ କାର୍ଯ୍ୟ କରୁଥିବା ଯୋଗୁଁ ବିଳମ୍ବ ହେବା ସ୍ୱାଭାବିକ। ଏଣୁ ଯେଉଁ ବ୍ୟକ୍ତିର ପଶୁ ପ୍ରାଣ ହରାଇଛ ଅପେକ୍ଷା କରିବାକୁ ପଡିବ। ଏହାକୁ ନେଇ ଗୁଡାରୀ ଗୋଷ୍ଠୀ ପ୍ରାଣି ଚିକିତ୍ସକ ଶ୍ରୀ ଜେନା ବିମାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଆଗାମୀ ଦିନରେ ଏହି ବିମା କମ୍ପାନିକୁ ରଦ୍ଦ କରାଯାଇଛି ବୋଲି କହିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବା ସହ ବିମା କମ୍ପାନୀ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଆମ୍ବୁଲାନ୍ସ ନ ମିଳିବାରୁ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମୃତ୍ୟୁ ଅଭିଯୋଗ



ରାୟଗଡ,୫।୬(ସମିସ): ଦୁର୍ଘଟଣାଗ୍ରସ୍ତ ହୋଇ ଚିକିତ୍ସାଧୀନ ଥିବା ଜଣେ ଯୁବକଙ୍କୁ ରେଫରପରେଆମ୍ବୁଲାନ୍ସସେବା ନମିଳିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୃତ ଯୁବକ ଜଣଙ୍କ ହେଲେ କଲ୍ୟାଣସିଂହପୁର ବ୍ଲକ ଡାଲୁମାସ୍କା ଅଞ୍ଚଳର ଅରୁଣ ପ୍ରାସ୍କଓ । ସେ ଜଣେ ସାଙ୍ଗର ଜନ୍ମଦିନ ପାଳନ ପାଇଁ ରାୟଗଡ଼ ଅସିଥିଲେ। ଘରକୁ ଫେରିବା ସମୟରେ କୌଣସି କାରଣ ବଶତଃ ଦୁର୍ଘଟଣାର ଶିକାର ହୋଇଥିଲେ । ସୂଚନାରୁ ଜଣାପଡିଛି ଗତକାଲି ବିଳମ୍ବିତ ରାତ୍ରିରେ ରାୟଗଡା ସହର ସ୍ଥିତ ରୟତ କଲୋନୀ ନିକଟରେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ଅବସ୍ଥାରେ ପଡ଼ିଥିଲେ । ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ଓ ଖବର ପାଇ ପରିବାର ଲୋକ ପହଞ୍ଚିଥିଲେ। ଅରୁଣଙ୍କର ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର ପାଇଁ କହିଥିଲେ। କିନ୍ତୁ ରାତିରେ ଅରୁଣର ସମ୍ପର୍କୀୟ ୧୦୮ ଆମ୍ବୁଲାନ୍ସ ନ ପାଇ ଆମ୍ବୁଲାନ୍ସ ଯୋଗାଇବା ପାଇଁ ହସପିଟାଲ ମ୍ୟାନେଜରଙ୍କୁ ଯୋଗାଯୋଗ କରିଥିଲେ। କିନ୍ତୁ ହସପିଟାଲ ମ୍ୟାନେଜର କୌଣସି ସହଯୋଗ କରି ନଥିବା ସମ୍ପର୍କୀୟ କହିଛନ୍ତି । ଆମ୍ବୁଲାନ୍ସ ନ ମିଳିବା ଓ ଚିକିତ୍ସାରେ ଅବହେଳା ଯୋଗୁଁ ଅରୁଣର ମୃତ୍ୟୁ ଘଟିଲା ବୋଲି ସମ୍ପର୍କୀୟ ମହେଶ୍ୱର କୁଣ୍ଡୁ ଅଭିଯୋଗ କରିଛନ୍ତି । ଏନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ସେହିପରି ଅନ୍ୟ ଏକ ଦୁର୍ଘଟଣାରେ ଅଜଣା ଯୁବକଙ୍କ ରକ୍ତ ଜୁଡୁବୁଡୁ ଶରୀର ସ୍ଥାନୀୟ ସାଇପ୍ରିୟା ନଗର ନିକଟ ଜାତୀୟ ରାଜପଥ ନିକଟରେ ମିଳିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟର ଜଣେ ଯୁବକ ଦେବଦତ୍ତ ପାତ୍ର ଉଦ୍ଧାର କରି ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତାଙ୍କୁ କୋରାପୁଟ ଏସ୍ଏଲ୍ଏନ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ

## ଏସ୍‌ବିଆଇ ଗ୍ରାମ ସେବା ପ୍ରକଳ୍ପ



ରାୟଗଡ,୫।୬(ସମିସ): ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ରାୟଗଡ ଜିଲ୍ଲାରେ ଏସ୍‌ବିଆଇ ଗ୍ରାମସେବା ପ୍ରକଳ୍ପ ଅଧୀନରେ ପରିବେଶ ସଚେତନତା ଓ ସଂରକ୍ଷଣ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରୟତ୍ନ ସଂସ୍ଥାର କର୍ମକର୍ତ୍ତା ଏବଂ ସ୍ଥାନୀୟ ସମୁଦାୟର ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟା ପଦ୍ମାବତୀ ମାଣ୍ଡାଙ୍ଗି , ପିପିଲିଗୁଡ଼ା ଗ୍ରାମ ପଞ୍ଚାୟତ ନାୟବ ସରପଞ୍ଚ ସିନା ଜିଲାକାରା, ୱାର୍ଡ ସଦସ୍ୟ ଅମିତାଭ ଜିଲାକାରାଙ୍କ ସମେତ ମାରିୟା ସିରିକା ସରପଞ୍ଚ, କରୁବାଇ ଗ୍ରାମ ପଞ୍ଚାୟତର ପ୍ରତିନିଧିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ପରିବେଶ ସଚେତନତା ରାଲି ଏବଂ ବୃକ୍ଷରୋପଣ ଅଭିଯାନ ଆୟୋଜନ କରାଯାଇଥିଲା। ପରିବେଶ ସୁରକ୍ଷାରେ ସାମୁଦାୟିକ ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା , ଯୁବକ-ଯୁବତୀ ଏବଂ ସାମାଜିକ କର୍ମୀମାନେ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀମାନେ ପରିବେଶ ସୁରକ୍ଷା, ଜୈବ ବିବିଧତା ସଂରକ୍ଷଣ ଏବଂ ପ୍ଲାଷ୍ଟିକ ବ୍ୟବହାର ହ୍ରାସ ପାଇଁ ସାମୂହିକ ଶପଥ ଗ୍ରହଣ କରିଥିଲେ। ପ୍ରୟତ୍ନ ସଂସ୍ଥା ଓ ଏସବିଆଇ ଫାଉଣ୍ଡେସନଙ୍କ ମିଳିତ ପ୍ରୟାସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବକ୍ତାମାନେ ଭବିଷ୍ୟତ ପିଢ଼ୀ ପାଇଁ ଏକ ସୁସ୍ଥ, ସବୁଜ ଓ ପ୍ରଦୂଷଣମୁକ୍ତ ପରିବେଶ ଗଠନରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ।

## ଶାଲାର ଫାଉଣ୍ଡେସନ୍‌ର ସଚେତନତା କାର୍ଯ୍ୟକ୍ରମ



ରାୟଗଡ, ୫।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ରାୟଗଡ ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମ ପଞ୍ଚାୟତର ପିଟୁଡ଼ି ଗ୍ରାମରେ ଶାଲାର ଫାଉଣ୍ଡେସନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଶାଲାର ଫାଉଣ୍ଡେସନର କର୍ମଚାରୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଦୀପ୍ତିମୟୀ ନାୟକ, ରଞ୍ଜନ ମାଣ୍ଡାଙ୍ଗୀ ଏବଂ ନର୍ସ କୁଲେସିକା ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ରାୟଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ୬ ଜଣ ଇଣ୍ଟର୍ନ ଛାତ୍ରଛାତ୍ରୀ ମଧ୍ୟ ଉପସ୍ଥିତ ରହି ପରିବେଶ ସୁରକ୍ଷା ଓ ସବୁଜ ପୃଥିବୀ ଗଠନର ସନ୍ଦେଶ ଦେଇଥିଲେ। କୋସକୋନା, ପିଟୁଡ଼ି, ଉଦୟପୁର ଏବଂ ଫୁଲକୋନା ଗ୍ରାମରୁ ୧୦୦ରୁ ଅଧିକ ଗ୍ରାମବାସୀ କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବୃକ୍ଷରୋପଣ, ପରିବେଶ ସଚେତନତା ରାଲି ଓ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା। ଶାଲାର ଫାଉଣ୍ଡେସନର ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡା ନିଜ ବାର୍ତ୍ତାରେ କହିଥିଲେ ଯେ, ପରିବେଶର ସୁରକ୍ଷା ହିଁ ଆମର ଭବିଷ୍ୟତର ସୁରକ୍ଷା। ଆସନ୍ତୁ, ସମସ୍ତେ ମିଶି ସବୁଜ ଓ ସୁସ୍ଥ ପୃଥିବୀ ଗଠନରେ ନିଜ ନିଜ ଭୂମିକା ନିର୍ବାହ କରିବା। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତେ ପରିବେଶ ସୁରକ୍ଷା ଓ ଅଧିକ ବୃକ୍ଷରୋପଣ ପାଇଁ ଶପଥ ଗ୍ରହଣ କରିଥିଲେ।

## ଅମ୍ଲାଭଟା ପଞ୍ଚାୟତରେ ଚାରାରୋପଣ କାର୍ଯ୍ୟକ୍ରମ



ଅମ୍ବାଦଳା , ୫।୬ (ସମିସ): ରାୟଗଡ଼ ଜିଲ୍ଲାର ଅମ୍ଲାଭଟା ପଞ୍ଚାୟତ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉତ୍ସାହର ସହ ପାଳନ କରାଯାଇଛି। ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପଞ୍ଚାୟତ ପରିସରରେ ଚାରାରୋପଣ ଓ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପିଇଓ ଗୋବିନ୍ଦ ବାବୁ, ଏଡିଇଓ ଜଗଦୀଶ ବାବୁ ଏବଂ ସରପଞ୍ଚ ଗୁରୁବାରୀ ଭୋଇ ଯୋଗଦେଇ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ବର୍ଜନ ଓ ଅଧିକରୁ ଅଧିକ ଗଛ ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପଞ୍ଚାୟତ କର୍ମଚାରୀ, ଜନପ୍ରତିନିଧି ଓ ସ୍ଥାନୀୟବାସିନ୍ଦାମାନେ ଚାରାରୋପଣ କରି ପରିବେଶ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ପରିବେଶର ସନ୍ତୁଳନ ରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ଅବଦାନ ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

## ଜେକେ କାଗଜକଳରେ ୧୫୦୦ ଚାରାରୋପଣ




ରାୟଗଡ଼, ୫।୬(ସମିସ): ରାୟଗଡ ଜିଲ୍ଲାର ଜେକେପୁର ସ୍ଥିତ ଜିଲ୍ଲାର ଅଗ୍ରଣୀ ଶିଳ୍ପାନୁଷ୍ଠାନ ଜେକେ କାଗଜ କଳ ତରଫରୁ ଆଜି କାଗଜ କଳ ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱଜିତ ଦ୍ୱିବେଦୀ, ଉପସଭାପତି (ବାଣିଜ୍ୟ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାରାରୋପଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାଗଜ କଳର କର୍ମଚାରୀ ମାନେ ମଧ୍ୟ ପାଖାପାଖି ୧୫୦୦ଟି ଚାରାରୋପଣ କରିଥିଲେ। ଶ୍ରୀ ଦ୍ୱିବେଦୀ ତାଙ୍କ ବକ୍ତବ୍ୟରେ ଜଳବାୟୁ ପରିବର୍ତ୍ତନ ଆଜି ବିଶ୍ୱର ଏକ ଗୁରୁତର ସମସ୍ୟା ହୋଇପଡ଼ିଛି। ଚାରାରୋପଣ, ଶକ୍ତି ସଞ୍ଚୟ, ପ୍ଲାଷ୍ଟିକର ବ୍ୟବହାର କମାଇବା ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ମାଧ୍ୟମରେ ଏହାର ମୁକାବିଲା କରାଯାଇ ପାରିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ ଭୋଇ, ରାଜ୍ୟ ପ୍ରଦୂଷଣ ବୋର୍ଡ, ରାୟଗଡ ଶାଖାର ଆଞ୍ଚଳିକ ଅଧିକାରୀ ଓ ପ୍ରଭୁଦେବ ବେହେରା, ସହକାରୀ ଯନ୍ତ୍ରୀ, ରାଜ୍ୟ ପ୍ରଦୂଷଣ ବୋର୍ଡ, ରାୟଗଡ ଶାଖା ଓ କାଗଜ କଳର ଏମ୍ ଆର୍ କେ ରାୟ, ବରିଷ୍ଠ ମହା ପ୍ରବନ୍ଧକ ଓ ବରିଷ୍ଠ ଅଧିକାରୀ ମାନେ ଯୋଗଦାନ କରିଥିଲେ। ସେହିପରି ସତ୍ୟଜିତ ମହାନ୍ତି, ମହାପ୍ରବନ୍ଧକ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିବେଶ ନିୟନ୍ତ୍ରଣ ଓ ସୁରକ୍ଷା ବିଭାଗର ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସେଞ୍ଚୁରିଅନ୍ ୟୁନିଭର୍ସିଟିରେ ‘ପ୍ରକୃତିରୁ ପ୍ରେରଣା, ଜଳବାୟୁ ପାଇଁ, ଆମ ଭବିଷ୍ୟତ ପାଇଁ’ କାର୍ଯ୍ୟକ୍ରମ



ରାୟଗଡ଼,୫।୬(ସମିସ): ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍), ରାୟଗଡ଼ର ସ୍କୁଲ ଅଫ୍ ନର୍ସିଂ ଏବଂ ସ୍କୁଲ ଅଫ୍ ଫାର୍ମାସି ପକ୍ଷରୁ ‘ପ୍ରକୃତିରୁ ପ୍ରେରଣା, ଜଳବାୟୁ ପାଇଁ, ଆମ ଭବିଷ୍ୟତ ପାଇଁ’ ଥିମ୍ ଆଧାରରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନର୍ସିଂ ଏବଂ ଫାର୍ମାସି ବିଭାଗର ୫ମ ସେମିଷ୍ଟର ଛାତ୍ରଛାତ୍ରୀ ଓ ଅଧ୍ୟାପକ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍‌ର ପରିବେଶବିତ୍ ଭାସ୍କର ପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ସିୟୁଟିଏମର ଆଞ୍ଚଳିକ ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ ଯୋଗ ଦେଇଥିଲେ। ସେମାନେ ନିଜ ବକ୍ତବ୍ୟରେ ପରିବେଶ ସଂରକ୍ଷଣ ଓ ଜନସ୍ୱାସ୍ଥ୍ୟ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କ ବିଷୟରେ ଆଲୋଚନା କରି ଜଳବାୟୁ ପରିବର୍ତ୍ତନ ରୋକିବା ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ସାମୂହିକ ପଦକ୍ଷେପ ଗ୍ରହଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ଅଫ୍ ଫାର୍ମାସିର ପ୍ରଧାନାଚାର୍ଯ୍ୟ ଡ.ଚନ୍ଦ୍ରଶେଖର ପାତ୍ର ଏବଂ ସ୍କୁଲ ଅଫ୍ ନର୍ସିଂର ପ୍ରଧାନାଚାର୍ଯ୍ୟା ଡ. ଉର୍ମିଳା କାଟ୍ରୁ ଉପସ୍ଥିତ ଥିଲେ। ସେମାନେ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ବିକାଶର ଦୂତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ। ଏଥିରେ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅତିଥିମାନେ ମିଳିତ ଭାବେ ଆମ୍ବ, ପିଜୁଳି, ଅଁଳା, ଜାମୁ, ଲେମ୍ବୁ ଓ ବରଗଛ ଭଳି ବିଭିନ୍ନ ଫଳଦାୟକ ଏବଂ ଛାୟାଦାୟକ ଚାରାରୋପଣ କରିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀ ଗୋଟିଏ ଚାରାର ଯତ୍ନ ନେବା ପାଇଁ ସଂକଳ୍ପ ନେଇଥିଲେ। ସମସ୍ତେ ପ୍ଲାଷ୍ଟିକ୍ ବ୍ୟବହାର କମାଇବା, ପରିବେଶ ଅନୁକୂଳ ଅଭ୍ୟାସ ଅପନାଇବା ଏବଂ ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନରେ ସହଯୋଗ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ଶେଷରେ ଡ. ଉର୍ମିଳା କାଟ୍ରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାୟଗଡ଼ ପୌରପରିଷଦର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ





ରାୟଗଡ,୫।୬(ସମିସ): ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ରାୟଗଡ଼ ପୌରପରିଷଦ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଏବଂ ପରିମଳ ଉଦ୍ୟାନର ମୁଖ୍ୟ ଫାଟକ ଉଦ୍‌ଘାଟନ ସମାରୋହ ଆୟୋଜିତ ହୋଇଥିଲା। ଏହା ସହିତ ‘ମୋ ବଗିଚା’, ‘ୱେଷ୍ଟ ଟୁ ୱାଣ୍ଡର ପାର୍କ’ ଏବଂ ‘ନିର୍ମାଣ ଓ ଭଗ୍ନଜନିତ ଆବର୍ଜନା ପ୍ରକ୍ରିୟାକରଣ କେନ୍ଦ୍ର’ର ମଧ୍ୟ ଉଦ୍‌ଘାଟନ ହୋଇଛି। ସମାରୋହରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ଜିଲ୍ଲା ବନଖଣ୍ଡ ଅଧିକାର ସଚିନ ଆନ୍ନାସାହେବ ଓହୋଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡ, ରାୟଗଡ଼ ପୌରପରିଷଦ ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ସମସ୍ତ ୱାର୍ଡର ପାରିଷଦ , ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, କନିଷ୍ଠ ପରିମଳ ନିରୀକ୍ଷକ ଓ ପୌରପରିଷଦର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟିକୁ ରାୟଗଡ଼ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର ପରିଚାଳନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ପରିମଳ ଉଦ୍ୟାନର ମୁଖ୍ୟ ଫାଟକ ଉଦ୍‌ଘାଟନ କରାଯିବା ପରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ପାରିଷଦବୃନ୍ଦ ‘ମୋ ବଗିଚା’ ପରିସରରେ ଚାରାରୋପଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ‘ୱେଷ୍ଟ ଟୁ ୱାଣ୍ଡର ପାର୍କ’ ଏବଂ ‘ନିର୍ମାଣ ଓ ଭଗ୍ନଜନିତ ଆବର୍ଜନା ପ୍ରକ୍ରିୟାକରଣ କେନ୍ଦ୍ର’ର ଉଦ୍‌ଘାଟନ କରାଯାଇଥିଲା। ଜିଲ୍ଲାପାଳ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ପ୍ରକଳ୍ପଗୁଡ଼ିକୁ ପରିଦର୍ଶନ କରିବା ସହ ରାୟଗଡ଼ ପୌରପରିଷଦ ଦ୍ୱାରା ନିର୍ମିତ ଏହି ଅଭିନବ ପ୍ରକଳ୍ପଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ। ଏହାପରେ ପ୍ଲାଣ୍ଟ ପରିସରସ୍ଥିତ ମିନି କନଫରେନ୍ସ ହଲ୍‌ରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ପାରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୌରପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ପରିମଳ ବ୍ୟବସ୍ଥା ଓ ଆବର୍ଜନା ପରିଚାଳନା ସମ୍ବନ୍ଧୀୟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର ସମସ୍ତ ଅତିଥି ଓ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଜଣାଇଥିଲେ।

## ‘ସର୍ବେ ଭବନ୍ତୁ ସୁଖିନଃ’ ଟିମ୍‌ର ଚାରାରୋପଣ



ରାମନାଗୁଡ଼ା,୫।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ସଦର ସ୍ଥିତ “ସର୍ବେ ଭବନ୍ତୁ ସୁଖିନଃ’ ଟିମ୍ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିବେଶ ସୁରକ୍ଷା, ବୃକ୍ଷରୋପଣର ଗୁରୁତ୍ୱ ଏବଂ ସବୁଜ ସୁନ୍ଦର ପରିବେଶ ଗଠନ ଲକ୍ଷ୍ୟରେ ଟିମର ସଦସ୍ୟମାନେ ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ। ଏକ ସୁସ୍ଥ ପରିବେଶ ଗଢ଼ି ତୋଳିବା ନିମନ୍ତେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅତି କମ୍‌ରେ ଗୋଟିଏ ଚାରା ରୋପଣ କରି ତାହାର ଯତ୍ନ ନେବା ପାଇଁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରଘୁନାଥ ସାମଲ, ଶକ୍ତି ପ୍ରସାଦ ପାତ୍ର, ଆଶିଷ କୁମାର ବେହେରା, କୃଷ୍ଣ ଚନ୍ଦ୍ର ସାହୁ, ରାକେଶ କଂସ ବେହେରା, ଭି. ମାଣି ଅମିତ କୁମାର ସାହୁ, ଜଗଦିଶ ପାତ୍ର, ସୁଧୀର କୁମାର ମିଶାଲ, ବି. ମାଣି,ଶିବ ପ୍ରସାଦ ବ୍ରହ୍ମାଙ୍କ ସମେତ ଟିମର ସମସ୍ତ ସଦସ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରି ପରିବେଶ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଶେଷରେ ପୃଥିବୀକୁ ସବୁଜ ଓ ପ୍ରଦୂଷଣମୁକ୍ତ ରଖିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

## ଇଙ୍ଗା ଥେରୁବାଲିରେ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ









ରାୟଗଡ,୫।୬(ସମିସ): ‘ପ୍ରକୃତିରୁ ପ୍ରେରଣା, ଜଳବାୟୁ ଓ ଆମର ଭବିଷ୍ୟତ’ ବାର୍ତ୍ତାକୁ ଆଧାର କରି ରାୟଗଡ ଜିଲ୍ଲା କୋଲନରା ବ୍ଲକ ଥେରୁବାଲି ସ୍ଥିତ ଇମ୍ଫା କାରଖାନା ପକ୍ଷରୁ ବିଶ୍ୱ ପରିବେଶ ଦିବସ-୨୦୨୬ ଅବସରରେ ପରିବେଶ ସଚେତନତା ଓ ସଂରକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଇମ୍ଫା କାରଖାନାର ୟୁନିଟ୍ ମୁଖ୍ୟ ତଥା ଇଆଇସି ଜି.ଭି.ରାକେଶଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ରାୟଗଡ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଉପ ପରିବେଶ ଯନ୍ତ୍ରୀ ରିପୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିଜ ଅଭିଭାଷଣରେ ଶ୍ରୀ ସାହୁ ଇମ୍ଫାର ଉତ୍କୃଷ୍ଟ ପରିବେଶ ଅନୁପାଳନ ଓ ସ୍ଥାୟୀ ବିକାଶମୂଳକ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। କମ୍ପାନୀର ୨୫୦ କେଏଲଡି ଏସଟିପି, ଶୂନ୍ୟ ଜଳ ଅପଚୟ ନୀତି ଓ ଜଳ ସଂରକ୍ଷଣ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଜି. ଭି. ରାକେଶ ଇମ୍ଫାର ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ମୁକାବିଲା ପ୍ରତି ଦୃଢ଼ ପ୍ରତିବଦ୍ଧତା ବିଷୟରେ ଆଲୋକପାତ କରିଥିଲେ। ସେ କମ୍ପାନୀର ସମ୍ପ୍ରତି ଆରମ୍ଭ ହୋଇଥିବା ୧୩୫ ମେଗାୱାଟ ନବୀକରଣ ଯୋଗ୍ୟ ଶକ୍ତି ପ୍ରକଳ୍ପ ବିଷୟରେ ସୂଚନା ଦେଇ କହିଥିଲେ ଯେ, ଏହା କୋଇଲା ଆଧାରିତ ବିଦ୍ୟୁତ ଉପରେ ନିର୍ଭରଶୀଳତାକୁ ହ୍ରାସ କରିବ। ସେ ବୃକ୍ଷରୋପଣ ଓ ଜନସହଭାଗିତାକୁ ପରିବେଶ ସୁରକ୍ଷାର ମୂଳ ଆଧାର ବୋଲି ବର୍ଣ୍ଣନା କରିଥିଲେ। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଅନ୍ତର୍ଗତ ଡିପି କ୍ୟାମ୍ପ ମାର୍କେଟ ସମେତ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ, ଫଳ ଚାରା ବଣ୍ଟନ, ଗୋପବନ୍ଧୁ ନଗର କଲୋନୀ ଓ ବଜାର ଅଞ୍ଚଳରେ ସଚେତନତା ରାଲି, ପରିବେଶ ବିଷୟ କୁଇଜ୍ ପ୍ରତିଯୋଗିତା ଏବଂ ପରିବେଶ ସୁରକ୍ଷା ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ସୋନିଆ ପୁରୋହିତ, ବରିଷ୍ଠ ଅଧିକାରିଣୀ ଏବଂ ଦେବାଶିଷ ମିଶ୍ର, ଅଧିକାରୀ (କ୍ୱାଲିଟି କଣ୍ଟ୍ରୋଲ୍) ସଫଳତାର ସହ ସଂଯୋଜନା କରିଥିଲେ। ଉପ ମହାପ୍ରବନ୍ଧକ ମାନବ ସମ୍ବଳ ଓ ପ୍ରଶାସନ କ୍ଷିତିଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀମାନଙ୍କ ଦ୍ୱାରା ପରିବେଶ ସଚେତନତା ଭିତ୍ତିକ ଏକ ନାଟକ ପରିବେଷଣ କରାଯାଇଥିଲା ଏବଂ ଚାରାରୋପଣ କାର୍ଯ୍ୟକ୍ରମ ସହ ଏହାର ସମାପନ ହୋଇଥିଲା।

# ବୋମା ମାଡ଼ ଘଟଣାରେ ୪ ଗିରଫ

**ଯାଜପୁର,୫।୬(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ବୁଲାକିପୁର ଗ୍ରାମରେ ଭାଗବତ ଟୁଙ୍ଗି ନିର୍ମାଣକୁ କେନ୍ଦ୍ରକରି ଘଟିଥିବା ବୋମା ମାଡ଼ ଘଟଣାରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଏହି ଗଣ୍ଡଗୋଳରେ ଉଭୟ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ୨ଟି ଲିଖିତ ଅଭିଯୋଗ ପରେ ସଦର ପୁଲିସ କେସ ନମ୍ବର୍ ୨୦୨/୨୬, ୨୦୩/୨୬ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଏକ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳ ଅନୁଧ୍ୟାନ କରିଥିବା ଜଣାପଡିଛି । ଗିରଫ ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ଗଜେନ୍ଦ୍ର ପ୍ରଧାନ (୩୦), ନରେନ୍ଦ୍ର ପ୍ରଧାନ(୩୩), ବିକାଶ ନାରାୟଣ ଘଡେଇ(୩୨), ଜିତେନ୍ଦ୍ର କୁମାର କାଣ୍ଡି (୩୬) । ଏହି ଗଣ୍ଡଗୋଳରେ ସମ୍ପୃକ୍ତ ୫୧ ଜଣଙ୍କ ମଧ୍ୟରୁ ୪ ଜଣ ଗିରଫ ହୋଇଥିବା ସଦର ପୋଲିସ ପକ୍ଷରୁ ପ୍ରକାଶ । ଏହି ଗ୍ରାମ ଏବେ ପୁରୁଷ ଶୂନ୍ୟ ହୋଇଥିବାବେଳେ ଘଟଣା ସ୍ଥଳରେ ପୁଲିସ ଫୋର୍ସ ମୁତୟନ କରାଯାଇଛି । ଗଣ୍ଡଗୋଳରେ ସମ୍ପୃକ୍ତ ବ୍ୟକ୍ତି ମାନଙ୍କୁ ଗିରଫ କରିବା ପାଇଁ ସଦର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରୀ ରହିଛି ।

# ଡାକ୍ତରଖାନାକୁ ଅଣାଯାଇଥିବା ଅଭିଯୁକ୍ତ ଫେରାର୍

**ଧର୍ମଶାଳା,୫।୫(ସମିସ):** ଧର୍ମଶାଳା ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ୧୧୨ ପୁଲିସ ଗାଡିରେ ଅଣାଯାଇଥିବା ଜଣେ ଅଭିଯୁକ୍ତ ଚମ୍ପଟ ମାରିଥିବା ଜଣାଯାଇଛି । ସୂଚନା ମୁତାବକ ଅଜି ଧର୍ମଶାଳା ଥନା ଅଞ୍ଚଳରେ ଏକ ଟ୍ରକ୍ ସହିତ ଜଣେ ଯୁବକ ବଚସା କରୁଥିବା ବେଳେ ଖବର ପାଇ ୧୧୨ ପୁଲିସ ଗାଡି ସେଠାରେ ପହଞ୍ଚି ଯୁବକକୁ କାବୁ କରି ନେଇ ଆସିଥିଲା । ତେବେ ଥାନାକୁ ନେବା ପୁର୍ବରୁ ଉକ୍ତ ଯୁବକକୁ ୧୧୨ ପୁଲିସ ତାର ଡାକ୍ତରୀ ପରୀକ୍ଷା ଲାଗି ଧର୍ମଶାଳା ଡାକ୍ତରଖାନାକୁ ଆଣିଥିବା ବେଳେ ସୁଯୋଗ ପାଇ ଉକ୍ତ ଯୁବକ ଡାକ୍ତରଖାନାରୁ ଚମ୍ପଟ ମାରିଥିବା ଶୁଣିବାକୁ ମିଳୁଛି । ତେବେ ଥନାରେ ଏସମ୍ପର୍କରେ କୌଣସି କେଶ ହୋଇନଥିବା ବେଳେ ଧର୍ମଶାଳା ଥାନା ପୁଲିସ ଏସମ୍ପର୍କରେ କିଛି ବି ଜାଣି ନଥିବା ସୂଚନା ଦେଇଛି ।

# ଅବସରପ୍ରାପ୍ତ ବରିଷ୍ଠ ଯନ୍ତ୍ରୀଙ୍କ ଦେହାନ୍ତ



**ମଇଁଦା,୫।୬(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ପଞ୍ଚାୟତର ବରିଷ୍ଠ ମୁରବୀ ତଥା ବରିଷ୍ଠ ଯନ୍ତ୍ରୀ ବ୍ରହ୍ମାନନ୍ଦ ମହାଲିକଙ୍କ ଗତକାଲି ଦେହାନ୍ତ ହୋଇଯାଇଛି । ଖବର ପାଇ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସମାଜସେବୀ କୈଳାସ ଚନ୍ଦ୍ର ସେଠୀ, ସରପଞ୍ଚ ପାର୍ବତୀ ମଲିକ, ପୂର୍ବତନ ସରପଞ୍ଚ ଧ୍ରୁବଚରଣ ସେଠୀ, ପ୍ରଦୀପ ମଲିକ, ପର୍ଶୁରାମ କବି, ସାମ୍ବାଦିକ କରୁଣାକର ବେହେରା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ସେ ପ୍ରଥମେ ଜଳସମ୍ପଦ ବିଭାଗର ଦୀର୍ଘଦିନ ଧରି କାର୍ଯ୍ୟ କଲା ପରେ ବିଞ୍ଝାରପୁର ବ୍ଲକର ଯନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଥିଲେ । ତାଙ୍କ ପାର୍ଥିବ ଶରୀରକୁ ଗ୍ରାମ ପରିକ୍ରମା ପରେ ମଶାଣିରେ ଶେଷକୃତ୍ୟ କରାଯାଇଥିଲା । ପୁଅ ସତ୍ୟନାରାୟଣ ମହାଲିକ ମୁଖାଗ୍ନି ଦେଇଥିଲେ ।

# ବିଦ୍ୟୁତ୍ ଆଘାତରେ ରାଜମିସ୍ତ୍ରିଙ୍କ ମୃତ୍ୟୁ

**ବିଞ୍ଝାରପୁର,୫।୬(ସମିସ):** ବିଞ୍ଝାରପୁର ବ୍ଲକ ବରୁଣେଶ୍ୱର ଛକ ଅଞ୍ଚଳରେ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ଜଇଁମରା ଗ୍ରାମର ଜ୍ୟୋତିରଞ୍ଜନ ସାହୁ (୩୫) ଜଣେ ଦିବ୍ୟାଙ୍ଗ (ମୂକ) ବ୍ୟକ୍ତି ଥିଲେ । ସେ ବରୁଣେଶ୍ୱର ଛକରେ ଏକ ଦୋକାନ ଗୃହ ନିର୍ମାଣ କାର୍ଯ୍ୟରେ ରାଜମିସ୍ତ୍ରି ଭାବେ କାମ କରୁଥିଲେ । ଗୃହର ମେଜିଆ କାମ ଚାଲିଥିବା ବେଳେ ଘର ଭିତରେ ଥିବା ଏକ ବିଦ୍ୟୁତ୍ ତାର ଗ୍ରୀଲ୍ ଦ୍ୱାରା ଚାପି ହୋଇ ଛିଣ୍ଡିଯାଇଥିଲା । ଏହା ଫଳରେ ଗ୍ରୀଲ୍‌ରେ ବିଦ୍ୟୁତ୍ ପ୍ରବାହିତ ହୋଇପଡ଼ିଥିଲା । କାମ କରୁଥିବା ସମୟରେ ଜ୍ୟୋତିରଞ୍ଜନ ଗ୍ରୀଲ୍ ସଂସ୍ପର୍ଶରେ ଆସି ଶକ୍ତ ବିଦ୍ୟୁତ୍ ଆଘାତ ପାଇଥିଲେ । ସେ ମୂକ ହୋଇଥିବାରୁ ସହାୟତା ପାଇଁ ଡାକିପାରିନଥିଲେ । ପରେ ସହକର୍ମୀ ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଟୋ ଯୋଗେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ, ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ସୂଚନା ମିଳିଛି ।

# ମଦ ଦୋକାନ ଖୋଲିବା ପ୍ରତିବାଦରେ ଦାବିପତ୍ର

**ଯାଜପୁର, ୫।୬(ସମିସ):** ସାମାଜିକ ସୁରକ୍ଷା କମିଟି ଯାଜପୁର ପକ୍ଷରୁ ଜିଲ୍ଲାରେ ୫୬ଟି ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ଲଟେରି ମାଧ୍ୟମରେ ଦିଆଯାଇଥିବା ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର କମିଟିର ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଡ. ହରିଶ୍ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଅଧ୍ୟକ୍ଷ ଅନୀଲ କୁମାର ମହାନ୍ତି, ସଭାପତି ଅବସରପ୍ରାପ୍ତ ପ୍ରଧାପକ ବିଷ୍ଣୁଚରଣ ବେହେରା, ସମ୍ପାଦିକା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି, ଯୁଗ୍ମ ସମ୍ପାଦିକା ଆଇନଜୀବୀ ସଂଘମିତ୍ରା ପଟ୍ଟନାୟକ, ଉପସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷୀରୋଦ ମିଶ୍ର, ସହ ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ମଲ୍ଲିକ, ଶିକ୍ଷକ ଟିକିନ ମହାରଣା ପ୍ରଭୃତିଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିଲା । ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ସହ ଆଲୋଚନା ବେଳେ କହିଥିଲେ ଯେ ବର୍ତ୍ତମାନ ସମାଜରେ ମହିଳାମାନେ ନିର୍ଯାତିତ ହେଉଥିଲାବେଳେ ଆଜି ସରକାର ମହିଳା ସଶକ୍ତୀକରଣ ନାମରେ ୧୪ଜଣ ମହିଳାଙ୍କୁ ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ପ୍ରଦାନ କରିଛନ୍ତି । ଯାହା ଅତ୍ୟନ୍ତ ପରିତାପର ବିଷୟ । ଏଣୁ କମିଟି ପୁରାତନ ମଦ ଦୋକାନ ସହ ନୂତନ ଭାବେ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ଗୁଡିକୁ ଅବିଳମ୍ବେ ବନ୍ଦ କରି ସମାଜରେ ସ୍ଥିରତା ଆଣିବା ପାଇଁ ଦୃଢ଼ ଦାବି ଜଣାଉଛି ।

# ୬ ମାସ ହେଲା ଅଚଳ ନଳକୂପ; ବସୁଧା ଯୋଜନା ବି ଫେଲ୍

ଅସୁରାଳି,୫।୬(ସମିସ)



ଗ୍ରୀଷ୍ମ ପ୍ରବାହରେ ସାରା ଓଡ଼ିଶା ସନ୍ତୁଳି ହେଉଥିବା ବେଳେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରୁ ଆସିଛି ପାନୀୟ ଜଳର ଏକ ବିକଳ ଚିତ୍ର । ବ୍ଲକ ଅନ୍ତର୍ଗତ ପାଳସାହି ପଂଚାୟତ ୪ ନମ୍ବର ୱାର୍ଡ ସାମ୍ରାଜ୍ୟ ବାଡ଼ି ଗ୍ରାମରେ ଦୀର୍ଘ ଛଅ ମାସ ଧରି ଏକମାତ୍ର ନଳକୂପଟି ଅଚଳ ହୋଇ ପଡ଼ିରହିଛି । ପ୍ରଚଣ୍ଡ ଖରାରେ ନଦୀ-ପୋଖରୀ ଶୁଖି ଆଁ କରୁଥିବା ବେଳେ ଟୋପେ ପାଣି ପାଇଁ ତହଲବିକଳ ହେଉଛନ୍ତି ସ୍ଥାନୀୟ ଗ୍ରାମବାସୀ । ସାମ୍ରାଜ୍ୟ ବାଡ଼ି ଗ୍ରାମର ବାସିନ୍ଦାମାନେ ପାନୀୟ ଜଳର ସମାଧାନ ପାଇଁ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ଧାମନଗର ଜଡଫ୍‌ଏଫ୍ (ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ) ବିଭାଗର ପାନୀୟ ଜଳ ଅଧିକାରୀଙ୍କ ପର୍ଯ୍ୟନ୍ତ ବାରମ୍ବାର ଅବଗତ କରାଇଛନ୍ତି । କିନ୍ତୁ ଅଭିଯୋଗର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଅଫିସରଙ୍କ ଏଭଳି ଦାୟିତ୍ୱହୀନତାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବସୁଧା ଯୋଜନା ନାମକୁ ମାତ୍ରରାଜ୍ୟ ସରକାରଙ୍କ ଘରକୁ ଘର ପାନୀୟ ଜଳ ଯୋଗାଣର ମହତ ଯୋଜନା 'ବସୁଧା' ଏଠାରେ ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପାଇପ୍ ଯୋଗେ ଆସୁଥିବା ପାଣି କେବେ ୨ଦିନରେ ଥରେ ତ କେବେ ଦଶ ଦିନରେ ଥରେ ଆସୁଛି । ଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଏହି ଗମ୍ଭୀର ଜଳ ସଙ୍କଟକୁ ନେଇ ଗ୍ରାମବାସୀମାନେ ସ୍ଥାନୀୟ ବିଧାୟକ ତଥା ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ନିଜ ନିର୍ବାଚନ ମଣ୍ଡଳୀର ଏହି ଜନସମସ୍ୟା ପ୍ରତି ମନ୍ତ୍ରୀ ସ୍ୱତନ୍ତ୍ର ନଜର ଦେଇ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିବାକୁ ସେମାନେ ନିବେଦନ କରିଛନ୍ତି । ସ୍ଥାନୀୟ ପ୍ରଶାସନ ଏବଂ ଜଡଫ୍‌ଏଫ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ଯଥାଶୀଘ୍ର ସମ୍ପୃକ୍ତ ନଳକୂପଟିର ମରାମତି କରାଯାଇ ପୁନଃ କାର୍ଯ୍ୟକ୍ଷମ କରାଯାଉ ଏବଂ ଗ୍ରାମକୁ ନିୟମିତ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରାଯାଉ ।

# ଚୋରି ବେଳେ ବାଇକ୍ ଦୁର୍ଘଟଣାଗ୍ରସ୍ତ, ୨ ଗୁରୁତର

**କବାଟବନ୍ଧ,୫।୬(ସମିସ):** ବଡ଼ଚଣା ଥାନା ଅଞ୍ଚଳରୁ ଏକ ବାଇକ୍ ଚୋରି କରି ପଳେଇ ଯାଉଥିବା ବେଳେ ୨ ଚୋର ଜେନାପୁର ଥାନା ଅଞ୍ଚଳରେ ଦୁର୍ଘଟଣାର ଶିକାର ହୋଇଛନ୍ତି । ଦୁର୍ଘଟଣାରେ ଆହତ ଚୋର ୨ ଜଣକୁ ଲୋକମାନେ ଉଦ୍ଧାର କରି ମେଡିକାଲ ପଠାଇଥିଲେ । ଚୋରି ମୋଟର ସାଇକଲଟି (ନଂ ଓଡି୩୩ ଡବ୍ଲୁ ୨୩୭୨) ବଡ଼ଚଣା ଥାନା ଅନ୍ତର୍ଗତ ସୁଙ୍ଗୁଡା ଗ୍ରାମର ଆନନ୍ଦ ମାହାଲା ଚଣ୍ଡିଖୋଲ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ଚୋର ଗାଡ଼ି ନେଇ ଫେରାର ହେଉଥିବା ସମୟରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କନ୍ତପଡ଼ା ଛକ ନିକଟରେ ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ପଡ଼ି ରହିଥିବା ପ୍ରାୟ ୫ ଫୁଟ ଉଚ୍ଚତାର ଚିପ୍ସ ଉପରେ ଚଢ଼ି ଯାଇଥିଲେ । ଫଳରେ ଉଭୟ ବାଇକ୍ ଚୋର ଦୁଇ ଜଣ ପ୍ରାୟ ୧୦ ଫୁଟ ଉପରକୁ ଉଠି ଯାଇଥିଲେ । ଉଭୟଙ୍କୁ ଆହତ ଅବସ୍ଥାରେ ଚିକିତ୍ସା ପାଇଁ ଦାନଗଦି ମେଡିକାଲ ପଠା ଯାଇଥିଲା । କିଛି ସମୟ ପରେ ବଡ଼ଚଣା ଆଇଆଇସି ଜଗଦିଶ କର ଦୁର୍ଘଟଣା ସ୍ଥଳରେ ପହଞ୍ଚି ଚୋରି ବାଇକ୍‌କୁ ଜବତ କରିବା ସହିତ ଦାନଗଦି ମେଡ଼ିକାଲ ପହଞ୍ଚି ଆହତ ଚୋରକୁ ଧରିବାରେ ସକ୍ଷମ ହୋଇଥିଲେ ।

# ବଜ୍ରପାତରେ ଶ୍ରମିକ ମୃତ

**ଯାଜପୁର,୫।୬(ସମିସ):** ପାଣିକୋଇଲି ଥାନା ସଠିପୁରରେ ବଜ୍ରପାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଯାଇଛି । ମୃତକ ହେଲେ ସୁନିଆ ମଳିକ । ବିଲରେ କାମ କରୁଥିବା ସମୟରେ ବଜ୍ରପାତ ମାରିବାରୁ ସୁନିଆଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ ସୁନିଆ ମାଟି କାମ କରିବାକୁ ବିଲକୁ ଯାଇଥିଲେ । ଅପରାହ୍ନରେ କାମ କରୁଥିବା ସମୟରେ ହଠାତ ଘଡ଼ଘଡ଼ି ସହ ବିଜୁଳି ମାରିବାରୁ ସେଠାରେ ସେ ଟଳି ପଡ଼ିଥିଲେ । ସାଥି ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ ପାଣିକୋଇଲି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ମୃତ ଶରୀର ପଠାଇ ତଦନ୍ତ ଆରମ୍ଭ କରିଛି । ଅନ୍ୟପଟେ ସୁନିଆ ପରିବାରର ଏକମାତ୍ର ରୋଜଗରିଆ ପୁଅଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

**ଲୋକଙ୍କ ସମସ୍ୟାର ଅଭିଯୋଗ ଶୁଣୁନି ବିଦ୍ୟୁତ୍ ବିଭାଗ**

# ପ୍ରତିବାଦରେ ଉପଭୋକ୍ତାଙ୍କ ଧାରଣା



**ଦଶରଥପୁର,୫।୬(ସମିସ):** ଟାଟାପାୱାର ବିଭାଗର ମନମୁଖୀ କାର୍ଯ୍ୟକ୍ରମ ପ୍ରତିବାଦରେ ଉପଭୋକ୍ତାମାନେ ଦଶରଥପୁର ବ୍ଲକ ମଙ୍ଗଳପୁର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଅପରାହ୍ନ ୩ ଘଟିକା ଠାରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଧାରଣାରେ ବସିଥିବା ଜଣାପଡିଛି । ମାତ୍ର ଜେଇ ସୌଭାଗ୍ୟ ରଞ୍ଜନ ବେହେରା ଅଭିଯୋଗ କରିବାକୁ ଆସିଥିବା ଉପଭୋକ୍ତାଙ୍କ ଉପରେ ଉତ୍ତ୍ୟକ୍ତ ହୋଇ ଅଶ୍ଳୀଳ ମନ୍ତବ୍ୟ ଦେଇ ଗାଳିଗୁଲଜ କରିଥିଲେ । ଏଣୁ ବାଧହୋଇ ଉପଭୋକ୍ତାମାନେ ଧାରଣାରେ ବସିଥିଲେ । ଅଭିଯୋଗ ଅନୁସାରେ ଗତ ୬ ମାସ ଧରି ମଙ୍ଗଳପୁର ଜେଇ, ଦଶରଥପୁର ଏସ୍‌ଡିଓ, ଯାଜପୁର ଜିଲ୍ଲାପାଳଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ । ଗତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ପରେ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର କେହି ଶୁଣିନଥିବା ଅଭିଯୋଗ ହୋଇଛି । ସୂଚନାଅନୁସାରେ ପାଲଟପୁର ପଞ୍ଚାୟତ ପାଲଟପୁର ଗ୍ରାମର କେଶବ ମଲିକ, ମୁରାରୀପୁର ଗ୍ରାମର ଅକ୍ଷୟ କୁମାର ପତି, ବିନ୍ଧାନନ୍ଦିପୁର ଗ୍ରାମର କମଳିନୀ ନାୟକଙ୍କ ଘରକୁ ଲାଗି ବିଦ୍ୟୁତ ଖୁଣ୍ଟ ଏବଂ ତାର ଲାଗି ରହିଛି । ସେହିପରି ପାଲଟପୁର ଗ୍ରାମର ଶ୍ରୀଧର ମଲିକଙ୍କ ଘରୁ ବିଦ୍ୟୁତ ସଂଯୋଗ କାଟିଦେବା, ବିନ୍ଧାନନ୍ଦିପୁର ଗ୍ରାମର ଭିନ୍ନକ୍ଷମ ଉମେଶ ଦାସଙ୍କ ବିଲ୍ ଆଦାୟ କରୁଥିବା ରାଜକିଶୋର ପଣ୍ଡା ଟଙ୍କା ନେଇ ପୈଠ କରିନଥିବାରୁ ୨୨ ଟଙ୍କା ବାକି ରହିଛି । ଏଣୁ ବାରମ୍ବାର ବିଦ୍ୟୁତ ସଂଯୋଗ କାଟିବାକୁ ଧମକ, ପାଲଟପୁର ଦଳିତ ସାହିରେ ୧୬ କିଲୋୱାଟ ମେସିନକୁ ୪୫ ଜଣ ଉପଭୋକ୍ତାଙ୍କୁ ସଂଯୋଗ ଦିଆଯିବାରୁ ଲୋ ଭୋଲ୍ଟେଜ ହେବା, ଗାଁ ମଝିରେ ଟ୍ରାନ୍ସଫର୍ମ ରହିଥିବାରୁ ବିପଦପୂର୍ଣ୍ଣ ଅବସ୍ଥାରେ ରହିବା ଭଳି ଅଭିଯୋଗ ରହିଛି । ଏଣୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମାଧାନ ନହେବାରୁ ପଚାରିବାରୁ ଜେଇ ସୋଭାଗ୍ୟ ରଞ୍ଜନ ବେହେରାଙ୍କ ନାଲିଆଖି ପ୍ରତିବାଦରେ ଧାରଣା ବସିରହିଛନ୍ତି । ସରପଞ୍ଚ ଲିପିକା ମଲିକ, ଚନ୍ଦ୍ରଶେଖର ସାହୁ, ଯୁବରାଜ ମଲିକ, ସୋମ୍ୟ ରଞ୍ଜନ ବେହେରା, ଅନନ୍ତ କୁମାର ବେହେରା, ରାଜୀବ ମଲିକ, ଉମେଶ ଦାସ, ଅକ୍ଷୟ କୁମାର ପତି, ପାଣ୍ଡବ ମଲିକ, ନିରଞ୍ଜନ ଜେନାଙ୍କ ସମେତ ବହୁତ ବ୍ୟକ୍ତି ଧାରଣାରେ ବସିରହିଛନ୍ତି ।

# ପ୍ରଧାନ ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର ଦାବି



**ବରୀ,୫।୬(ସମିସ):** ପ୍ରଧାନ ଶିକ୍ଷକଙ୍କ ଅନ୍ୟତ୍ର ବଦଳି ପ୍ରତ୍ୟାହାର ଦାବିରେ ଧାରଣାରେ ଛାତ୍ରଛାତ୍ରୀ ଓ ଅଭିଭାବକ ବସିଥିବା ଦେଖିବାକୁ ମିଳିଛି । ବରୀ ବ୍ଲକ ଅନ୍ତର୍ଗତ ଇଶାଣପୁର ସ୍ଥିତ ଇଶାଣେଶ୍ୱରୀ ହାଇସ୍କୁଲର ସୁବୋଧ ପ୍ରଧାନଙ୍କର ଅନ୍ୟତ୍ର ବଦଳି ହୋଇଛି । ଏହି ଖବର ଶୁଣିବା ପରେ ଆଜି ସମ୍ପୃକ୍ତ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ସହିତ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନେ ଆଜି ସ୍କୁଲର ମୁଖ୍ୟଫାଟକ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ଇଶାଣେଶ୍ୱରୀ ହାଇସ୍କୁଲରେ ନବମ ଓ ଦଶମ ଶ୍ରେଣୀରେ ୨୭୦ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ପ୍ରଧାନ ଶିକ୍ଷକଙ୍କୁ ଲଗାଇ ୧୦ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ପାଠ ପଢ଼ାଉଥିଲେ । ତେବେ ପ୍ରଧାନ ଶିକ୍ଷକଙ୍କ ଅନ୍ୟତ୍ର ବଦଳିକୁ ସମ୍ପୃକ୍ତ ବିଭାଗ ବାତିଲ୍ କରିବା ସହିତ ପୁନର୍ବାର ଏହି ସ୍କୁଲରେ ରହିବା ପାଇଁ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବି କରିଛନ୍ତି । ଛାତ୍ରଛାତ୍ରୀଙ୍କ ଦାବି ପ୍ରତି ଶିକ୍ଷା ଅଧିକାରୀ ନଜର ନ ଦେଲେ ଆଗାମୀ ଦିନରେ ବରୀ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଛାତ୍ରଛାତ୍ରୀ ଓ ଅଭିଭାବକମାନେ କହିଛନ୍ତି । ଶୁକ୍ରବାର ଦିନ ଛାତ୍ରଛାତ୍ରୀ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନେ ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ହେଁ ଉଭୟ କୌଣସି ପ୍ରତିଶ୍ରୁତି ଦେବାକୁ ମନା କରିଛନ୍ତି ।

# କୃତୀ ମାଟ୍ରିକ୍ ଛାତ୍ରଛାତ୍ରୀଙ୍କୁ 'ଶ୍ରୀୟାଂଶୁ ଫାଉଣ୍ଡେସନ' ପକ୍ଷରୁ ସମ୍ବର୍ଦ୍ଧନା




**ଅସୁରାଳି,୫।୬(ସମିସ):** ଚଳିତ ମାଟ୍ରିକ୍ ପରୀକ୍ଷାରେ ଧାମନଗର ବ୍ଲକ୍‌ର ସୁନାମଧନ୍ୟ ବିଦ୍ୟାଳୟଗୁଡ଼ିକରୁ ଏ-୧' ଗ୍ରେଡ୍ ହାସଲ କରି ସଫଳତା ପାଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଶ୍ରୀୟାଂଶୁ ଫାଉଣ୍ଡେସନ ପକ୍ଷରୁ ଧୂଷୁରୀଠାରେ ଏକ ସ୍ୱତନ୍ତ୍ର ସାରସ୍ୱତ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି । ଛାତ୍ରଛାତ୍ରୀଙ୍କ ଏହି ଗୌରବମୟ ସଫଳତାକୁ ଉତ୍ସାହିତ କରିବା ଏବଂ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଫାଉଣ୍ଡେସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ ବାପୁଜୀ ନୋଡାଲ ହାଇସ୍କୁଲର କୃତୀ ଛାତ୍ର ଶମ୍ଭୁନାଥ ରାଉତ ଓ ହିତାଂଶୁ ଶେଖର ସାହୁ, ସହିଦନଗର ନୋଡାଲ ହାଇସ୍କୁଲର ସାଇସାର୍ଥକ ନାୟକ, କୋରୁଆ ଗୋବିନ୍ଦପୁର ନୋଡାଲ ହାଇସ୍କୁଲର ତମନ୍ନା ନାୟକ ଏବଂ ଠାକୁରପାଟଣାର ଲୋକନାଥ ସୁତାରଙ୍କ ଭଳି ମେଧାବୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଅସାଧାରଣ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ସହ ଅତିଥିଗଣ ତଥା ହେମନ୍ତ ସୁତାରଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିଶିର ରଞ୍ଜନ ମିଶ୍ର, ତପନ ମିଶ୍ର, ହିମାଂଶୁ ସାହୁ, ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ, ଅନୁଷ୍ଠାନର ମୁଖ୍ୟ ପ୍ରଭାତ ପଣ୍ଡା, ରତିକାନ୍ତ ନାୟକ, ସୁକାନ୍ତ ନାୟକ, ବେଣୁଧର ମହାନ୍ତି, ସପନ ଦାସ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବା ସହ ଉତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସାମ୍ବାଦିକ ସନ୍ତୋଷ ଦାସ ପରିଚାଳନା କରିଥିବାବେଳେ ଶେଷରେ ସମସ୍ତ କୃତୀ ଶିକ୍ଷାର୍ଥୀଙ୍କୁ ଉପହାର ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

# କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବାରିକପୁର,୫।୬(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ନେରଡ଼ା ପଞ୍ଚାୟତ ଆଖୁଆପଦା ଗାଁର ସୁଦାମ ଦାସଙ୍କ ଝିଅ ଲକ୍ଷ୍ମୀପ୍ରିୟା ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଦ୍ୟାର୍ଥୀ କୋଚିଂ ସେଣ୍ଟରର ପ୍ରୟାସ ଯୋଗୁଁ ଲକ୍ଷ୍ମୀପ୍ରିୟା ସଫଳତା ପାଇଥିବା କହିଛନ୍ତି । ଏହି ଉପଲକ୍ଷେ ଶିକ୍ଷାନୁଷ୍ଠାନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ତଥା ଯୁବ ସମାଜସେବୀ ସୌମ୍ୟରଞ୍ଜନ ଜେନା ଯୋଗଦେଇ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ କୋଚିଂ ସେଣ୍ଟରର ପରିଚାଳକ ପ୍ରକାଶ ବେହେରା ଏବଂ ଧର୍ମେନ୍ଦ୍ର ସାମଲଙ୍କ ସମେତ ସମସ୍ତ ଶିକ୍ଷକ ବୃନ୍ଦ ଉପସ୍ଥିତ ଥିଲେ ।

# ବ୍ଲକ୍‌ସ୍ତରୀୟ ଜନ ଅଭିଯୋଗ ଶୁଣାଣି

ବାସୁଦେବପୁର,୫।୬(ସମିସ)




ବାସୁଦେବପୁର ବ୍ଲକ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି ଶିକ୍ଷା ବିଭାଗ ପକ୍ଷରୁ ସମଗ୍ର ଶିକ୍ଷା ଯୋଜନାରେ ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣୀ ଅଭିଯୋଗ । ଶିବିରରେ ବିଡିଓ ତନ୍ମିତା କର, ବ୍ଲକ ଶିକ୍ଷାଧିକାରୀ ମଧୁସ୍ମିତା ଗିରି, ଭଦ୍ରକ ଜିଲ୍ଲା ସାମାଜିକ ସମୀକ୍ଷକ ସତ୍ୟଜିତ ପୃଷ୍ଟି ,ଏବିଇଓ ଉର୍ମିଳା କର, ଏବିଇଓ ଅମୀୟ ମହାଲିକ ଓ ବ୍ଲକ ସାମାଜିକ ସମୀକ୍ଷକ ଜଗତ ଜୀବନ ନାୟକ ଯୋଗଦେଇ ଥିଲେ । ଶିକ୍ଷା ବିଭାଗ ସମଗ୍ର ଶିକ୍ଷା ଯୋଜନାର ଅର୍ଥ ଯୋଗାଇ ଦେଇଛନ୍ତି । ଛାତ୍ରଛାତ୍ରୀଙ୍କ ସୁରକ୍ଷା,ଗୁଣାତ୍ମକ ଶିକ୍ଷାଦାନ, ବିଦ୍ୟାଳୟର ସ୍ୱଚ୍ଛତା, ଉନ୍ନୟନ ମୂଳକ କାର୍ଯ୍ୟକ୍ରମ, ପରିମଳ ଓ କମ୍ପୋଜିଟ୍ ଗ୍ରାଂଟ ମିଳିଥିବା ଅର୍ଥ ସମ୍ପର୍କରେ ଯାଞ୍ଚ କରି ସମୀକ୍ଷା କରାଯାଇ ଥିଲା । ବହୁ ବିଦ୍ୟାଳୟର ଶ୍ରେଣୀ ଗୃହର ଅଭାବ, ମଧ୍ୟାହ୍ନ ଭୋଜନ ରୋଷେଇଆ ଡ୍ରେସ କୋଡରେ ନଆସିବା, ମଧ୍ୟାହ୍ନ ଭୋଜନ ପରେ ବାରଣ୍ଡା ସଫେଇ ରୋଷେଇଆ ପରିବର୍ତ୍ତେ ପିଲାମାନଙ୍କ ଦ୍ୱାରା କରାଇବା, ପାନୀୟ ଜଳର ସଂକଟ, ଫାୟାର ଏକ୍ସଟନର ଅପଟୁଡେଟ କରିବା, ପ୍ରାଥମିକ ଚିକିତ୍ସା ବାକ୍ସର ଔଷଧ ଗୁଡିକ ଯାଂଚ କରି ସମସ୍ତଙ୍କ ପାଇଁ ଗ୍ରହଣଯୋଗ୍ୟ ସ୍ଥାନରେ ରଖିବା ଅଭିଯୋଗ ଆସିଥିଲା । ମାଳ ମାଳ ଅଭିଯୋଗ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜାଣିଶୁଣି ଅନୁପସ୍ଥିତ ରହିଥିଲେ । କାରଣ ସ୍କୁଲକୁ ଆସିଥିବା ଅର୍ଥକୁ ବାଟମାରଣା କରିଛନ୍ତି । ଏହି ସବୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଲାଗିବ ବୋଲି ବିଇଓ ମଧୁସ୍ମିତା ଗିରି କହିଥିଲେ । ମୁଖ୍ୟ ଉଦ୍ଦେଶ୍ୟ ବିଦ୍ୟାଳୟମାନଙ୍କୁ ପ୍ରଦାନ କରାଯାଉଥିବା ଅର୍ଥ ସୁବିନିଯୋଗ କରି ଶୈକ୍ଷିକ ପରିବେଶ ସୃଷ୍ଟି କରିବା । ଶିବିରରେ ସ୍କୁଲର ପ୍ରଧାନ ଶିକ୍ଷକ ଓ ସାମାଜିକ ସମୀକ୍ଷା କରିଥିବା ଭିଆରପି ଯୋଗଦେଇ ଥିଲେ । ଶିକ୍ଷକ ଅମୀୟ କୁମାର ମହାଲିକ ଶିବିରରେ ସଂଯୋଜନା କରିଥିଲେ ।

# ରାସ୍ତା ପାଲଟିଛି ଖେଳ ପଡ଼ିଆ



**ବାରିକପୁର,୫।୬(ସମିସ):** ଭଣ୍ଡାରିପୋଖରୀ ତହସିଲ୍ ଅଧୀନସ୍ଥ ସମସ୍ତ ରାଜସ୍ୱ ଗ୍ରାମରେ ବର୍ଷ ବର୍ଷ ଧରି ସରକାରୀ ଜମି ଜବରଦଖଲ ବୃଦ୍ଧି ପାଉଛି । ବିଶେଷ କରି ଗ୍ରାମ୍ୟ ଜଙ୍ଗଲ, ଶ୍ମଶାନ, ସର୍ବସାଧାରଣ ସ୍ଥାନ ଓ ସର୍ବୋପରି ଖେଳ ପଡ଼ିଆଗୁଡ଼ିକୁ ମଧ୍ୟ ଜବରଦଖଲକାରୀମାନେ ନିଜ ଅକ୍ତିଆରକୁ ନେଉଛନ୍ତି । ଆଗଭଳି ଆଉ ଗାଁ ସଂଯୁକ୍ତ ସ୍ଥାନରେ ଖେଳ ପଡ଼ିଆ ଦେଖିବାକୁ ମିଳୁନାହିଁ । ଖେଳ ପଡ଼ିଆ କିସମ ଏବେ ଚାଷଜମି ଓ ଆବଦ୍ଧ ବାଡ଼ି ବଗିଚାରେ ପରିଣତ ହୋଇଛି । ବର୍ଷକୁ ବର୍ଷ ଖେଳ ପଡ଼ିଆ ସଙ୍କୁଚିତ ହେଉଥିବାବେଳେ କେତେକ ଗ୍ରାମର ପଡ଼ିଆ ମଧ୍ୟ ନିଶ୍ଚିହ୍ନ ହୋଇଯାଇଛି । ତେଣୁ ଗାଁର ଛୋଟ ଛୋଟ ପିଲାମାନେ ଗ୍ରାମ୍ୟ ରାସ୍ତାରେ କ୍ରିକେଟ ସହିତ ଅନ୍ୟାନ୍ୟ ଖେଳ ଖେଳୁଥିବା ଦେଖିବାକୁ ମିଳିଛି । ଖରାଦିନେ ଚାଷଜମି ଓ ବର୍ଷା ହେଲେ ଗାଁ ରାସ୍ତା ପିଲାଙ୍କ ପାଇଁ ଖେଳ ପଡ଼ିଆ ପାଲଟି ଯାଉଛି । ହାତଗଣତି କେତେକ ସ୍ଥାନକୁ ଛାଡ଼ିଦେଲେ ଅର୍ଦ୍ଧାଧିକ ଗାଁରେ ପିଲାଙ୍କ ପାଇଁ ଖେଳ ପଡ଼ିଆ ନାହିଁ । ବିଶେଷ କରି ରହଣିଆ, ରାଢୋ, ନପଙ୍ଗ, ମାଳଦା, ବାଙ୍କମୁହାଁ, କୁମ୍ଭାରିଆ, ପୁରସ୍ତମପୁର, ଆକୁଳିକଣା, ମଞ୍ଜୁରୀ, ଖଡ଼ିସିଙ୍ଗା, ରାଣୀଗଡ଼ିଆ, ନୂଆପୋଖରୀ, ବେଲଗଡ଼ିଆ, ବନସ୍ତା, ଜୋରାଗଡ଼ିଆ ପ୍ରମୁଖ ଅଞ୍ଚଳରେ ଆଉ ଖେଳ ପଡ଼ିଆ ଦେଖିବାକୁ ମିଳୁନାହିଁ । ଆହୁରି ଅନେକ ଗାଁ ଅଛି ଯେଉଁଠି ଖେଳ ପଡ଼ିଆ ନାହିଁ । ତେଣୁ ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ ସହିତ ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ବୃଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ଜଳବାୟୁ ନିୟନ୍ତ୍ରଣ ପାଇଁ ସୁସ୍ଥ ପରିବେଶ ଜରୁରୀ







ଖୋର୍ଦ୍ଧା,୫।୬(ସମିସ): ସାମାଜିକ ଅନୁଷ୍ଠାନ ଜାଗୃତି ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ପରିବେଶ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିବେଶ ସନ୍ତୁଳନ ଲାଗି ବୃକ୍ଷରୋପଣର ଆବଶ୍ୟକତା ରହିଛି। ସୁନ୍ଦର ସବୁଜିମା ପରିବେଶ ପାଇଁ ଆଗାମୀ ପିଢି ଲାଗି ଏବେଠୁ ଚିନ୍ତା କରିବାର ସମୟ ଆସିଛି। ପ୍ରତ୍ୟେକ ବ୍ୟକ୍ତି ଚାରାଟିଏ ଲଗାଇ ପରିବେଶ ସୁରକ୍ଷା ପାଇଁ ସଂକଳ୍ପ ନେବା ପାଇଁ ଆହ୍ୱାନ ଦିଆଯାଇଛି। ଦ୍ରୁତ ଶିଳ୍ପାୟନ, ସହରାଞ୍ଚଳ ଯୋଗୁ ଜଙ୍ଗଲ ନଷ୍ଟ ହେଉଛି। ଏହାର ପ୍ରଭାବ ଜୀବଜଗତ ଉପରେ ପଡିବା ସହ ଚାଷଜମି କମିବାରେ ଲାଗିଛି। ଜଙ୍ଗଲ କ୍ଷୟ ଯୋଗୁ ଜୈବ ବିବିଧତା ନଷ୍ଟ ହେବା ସହ ଜଳବାୟୁ ପରିବର୍ତ୍ତନର ଅନ୍ୟତମ କାରଣ ସାଜିଛି। ସଭ୍ୟତାର ବିକାଶ ଆଳରେ ସବୁଜିମା ଭରା ପରିବେଶ ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି ବୋଲି ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଥିଲେ। ବିଶ୍ୱତାପନ ପ୍ରକ୍ରିୟା ଫଳରେ ଜଳବାୟୁ ପରିବର୍ତ୍ତନ ଘଟୁଛି। ଏହାଦ୍ୱାରା ଜୀବଜଗତ ପ୍ରଭାବିତ ହେଉଛନ୍ତି। ଦିନକୁ ଦିନ ତାପମାତ୍ରା ବୃଦ୍ଧି ହେଉଛି। ଅଧିକରୁ ଅଧିକ ଗରମ ହେଉଛି। ଏବେ ରାଜ୍ୟର ଏକାଧିକ ସହର ଉତ୍ତପ୍ତ ପିଣ୍ଡରେ ପରିଣତ ହୋଇଛି। ଜଳବାୟୁ ନିୟମିତ ହେବା ଲାଗୁ ସୁସ୍ଥ ପରିବେଶ ଜରୁରୀ। ଏଥିଲାଗି ବ୍ୟାପକ ସଚେତନତା ଜରୁରୀ। ଆଗାମୀ ଜୁନ, ଜୁଲାଇ ବର୍ଷା ଋତୁରେ ଗାଁ ଠାରୁ ସହରାଂଚଳ ସବୁଠି ବ୍ୟାପକ ଚାରାରୋପଣ ପାଇଁ ସମସ୍ତେ ଆଗେଇ ଆସିବା ଦରକାର। ଜଳବାୟୁ ପରିବର୍ତ୍ତନ ଏବଂ ବୃଦ୍ଧି ପାଉଥିବା ତାପାୟନରୁ ବିଶ୍ୱକୁ ରକ୍ଷା କରିବାକୁ ହେଲେ ଜଙ୍ଗଲ ସୃଷ୍ଟି, ପରିବେଶ ସଚେତନତା କାର୍ଯ୍ୟକ୍ରମ ଏବଂ ସବୁଜିମା ପରିବେଶ ଆବଶ୍ୟକତା ରହିଛି ବୋଲି ପାଣିଗ୍ରାହୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ଦିଲୀପ ପଟନାୟକ, ଅବ୍ୟକ୍ତ ହରିହର ଖାଡଙ୍ଗା, ଶୁଭକାନ୍ତ ମହାପାତ୍ର, ଜିତେନ୍ଦ୍ର ବେହେରା, ଗୋପାଳ କୃଷ୍ଣ ଦାସ, ସତ୍ୟ ନାରାୟଣ ବିଶୋଇ, କ୍ଷତିଶମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ବ୍ରହ୍ମାକୁମାରୀ ସେବାକେନ୍ଦ୍ର :** ସ୍ଥାନୀୟ ମଙ୍ଗଳାନଗରସ୍ଥିତ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପରିସରରେ ବିଶ୍ୱ ପରିବେଶ ଦିବସ ସଂଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କ ସଭାପତିତ୍ୱରେ ପାଳନ କରାଯାଇଛି। ଏହି ସଂସ୍ଥାର କୃଷି ଓ ଗ୍ରାମ ବିକାଶ ପ୍ରଭାଗ ମାଧ୍ୟମରେ ଆୟୋଜିତ ଏହି ବିଶେଷ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଗ୍ରାମରେ ଥିବା ବ୍ରହ୍ମାକୁମାରୀ ପାଠଶାଳା ରୁ ଶତାଧିକ ଭାଇଭଉଣୀମାନେ ଧ୍ୟାନଯୋଗ ମାଧ୍ୟମରେ ନିଜ ମନର ସକରାତ୍ମକ ଶକ୍ତି ଦ୍ୱାରା ପ୍ରକୃତି ପରିବର୍ତ୍ତନ ପାଇଁ ପରମାତ୍ମାଙ୍କୁ ମନେ ପକାଇ ପରିବେଶ ସୁରକ୍ଷା ନିମନ୍ତେ ଏଠାରେ ବୃକ୍ଷରୋପଣ କରିଥିଲେ। ବ୍ରହ୍ମକୁମାର ଜୟକୃଷ୍ଣ ଭାଇ ପରିବେଶ ସ୍ୱଚ୍ଛ ରଖିବାକୁ ପରାମର୍ଶ ଦେଇଥିଲେ। ଯୋଗ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ ଓ ୧୭ ନମ୍ବର ୱାର୍ଡର କାଉନ୍ସିଲର ଲୀନା ସ୍ୱାଇଁ ଅତିଥି ଭାବରେ ଯୋଗଦେଇ ସେବାକେନ୍ଦ୍ର ପରିସରରେ ଆମ୍ବ, ଅଁଳା, ବେଲ, ଚେରି, ଅମୃତଭଣ୍ଡା, ଭୃସୁଙ୍ଗା, ତୁଳସୀ ଇତ୍ୟାଦି ବୃକ୍ଷ ରୋପଣ କରି ଜଳ ସିଂଚନ କରିଥିଲେ। ଶେଷରେ ବ୍ରହ୍ମାକୁମାରୀ ଉପ-ସେବାକେନ୍ଦ୍ର ସୀମରର ସଂଚାଳିକା ରଶ୍ମୀଭଉଣୀ ଧନ୍ୟବାଦ ଅର୍ପଣ କରିଥିଲେ।



ଟାଙ୍ଗୀ: ଟାଙ୍ଗୀ ବ୍ଲକ କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ତରଫରୁ ବିଶ୍ୱ ପରିବେଶ ଦିବସ ଆଲୋଚନା ଚକ୍ର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟଭାମା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ମୁଖ୍ୟ ବକ୍ତାଭାବେ ପ୍ରକୃତି ବନ୍ଧୁ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ମହାରଣା, ଶିକ୍ଷକ କାହ୍ନୁ ଚରଣ ବେହେରା, ସସ୍ମିତା ଦଳବେହେରା, ଶୈଳବାଳା ମହାରଣା, ସମରେଶ ବେହେରା ପ୍ରମୁଖ ଯୋଗଦେଇଥିଲେ। ପରିବେଶ ସୁରକ୍ଷା ଉପରେ କୃତିତ୍ୱ ହାସଲ କରିଥିବା ୩ ଜଣ ଛାତ୍ରଛାତ୍ରୀ ମିଳନ ବେହେରା, ସରସ୍ୱତୀ ବେହେରା, ସୁଶାନ୍ତ ସ୍ୱାଇଁଙ୍କୁ ଅତିଥିବର୍ଗ ପୁରସ୍କାର ପ୍ରଦାନ କରିଥିଲେ। ପୁରାତନ ଛାତ୍ର ଅସିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ନିରାକାରପୁର :** ଖୋର୍ଦ୍ଧା ଜିଲ୍ଲା କମାଗୁରୁ ସ୍ଥିତ ପ୍ରତିଷ୍ଠିତ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଧାଂଶୁ ଶେଖର ମହାନ୍ତି ପୌରୋହିତ୍ୟ କରିବା ସହ ପରିବେଶ ପ୍ରଦୂଷଣ ରୋକିବା ଏବଂ ବୃକ୍ଷରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଓ ବକ୍ତା ଭାବେ ଅଧ୍ୟାପିକା ଡ. ରେଣୁବାଳା ସାମନ୍ତରାୟ, ଅଧ୍ୟାପକ ଅଭିରାମ ପଣ୍ଡ, ମନମୋହନ ନାୟକ, ଦିଲ୍ଲୀପ ବେହେରା, ଆଦିକନ୍ଦ ପ୍ରଧାନ, ଆଲୋକ ମଙ୍ଗରାଜ, ମୃତ୍ୟୁଞ୍ଜୟ ପଣ୍ଡା, ବିଶ୍ୱଜିତ ପଟ୍ଟନାୟକ ଓ ରାଜକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପରିବେଶ ସନ୍ତୁଳନ ରକ୍ଷା ଦିଗରେ ଛାତ୍ର ସମାଜର ଭୂମିକା ସମ୍ପର୍କରେ ନିଜ ନିଜର ମୂଲ୍ୟବାନ ମତାମତ ରଖିଥିଲେ। ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇକୋ କ୍ଲବର ସଦସ୍ୟାଙ୍କ ସମେତ ଛାତ୍ରୀ ଗାୟତ୍ରୀ ଜେନା, ରୋଜି ତାଡ଼, ବନଜା ମହାରଣା, ଲକ୍ଷ୍ମୀ ପ୍ରିୟା ସାହୁ, ସୁଜାତା ସାହୁ ଓ ଲକ୍ଷ୍ମୀ ପ୍ରୀୟା ନାଏକ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ସେହିପରି ମଣ୍ଡଳ ସଭାପତି ମାଧବ ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଖୋର୍ଦ୍ଧା ଜିଲ୍ଲା ବଡପୋଖରିଆ ମଣ୍ଡଳ ସ୍ତରୀୟ ବୃକ୍ଷ ରୋପଣ ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଟାଙ୍ଗୋଳସ୍ଥିତ ମା ଉଗ୍ରତାରାଙ୍କ ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବିଧାୟକଙ୍କ ପ୍ରତିନିଧି ଭାଗିରଥି ସାମନ୍ତରାୟ ଅତିଥି ଭାବରେ ଯୋଗଦେବା ସହିତ ମଣ୍ଡଳର ପଦାଧିକାରୀ ଓ ସାତଗୋଟି ପଞ୍ଚାୟତର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ମଣ୍ଡଳର ସାଧାରଣ ସମ୍ପାଦକ ତଥା ସମିତି ମେମ୍ବର ପୂର୍ଣ୍ଣ ଚନ୍ଦ୍ର ସିଂହ ଓ ସୁମିତ୍ରା ବୈରିସଲ ଉକ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

**ବେଗୁନିଆ :** ବେଗୁନିଆ ସଦର ମହକୁମାସ୍ଥିତ ପିଏମଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳନ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଓ ବରିଷ୍ଠ ଶିକ୍ଷକ ସୌମ୍ୟରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପାଇକରାୟ, ରିଶ୍ମାରଶ୍ମୀ ପାଇକରାୟ ଓ ଲକ୍ଷ୍ମୀପ୍ରିୟା ତ୍ରିପାଠୀ ବିଚାରକ ଭାବେ ଯୋଗ ଦେଇଥିଲେ। ବରିଷ୍ଠ ବିଭାଗ ବକ୍ତୃତାରେ ଆଦ୍ୟାଶା ସାହୁ, ଚିତ୍ରାଙ୍କନରେ ଶୁଭସ୍ମିତା ବେହେରା, କନିଷ୍ଠ ବିଭାଗ ବକ୍ତୃତାରେ ରାଜଲକ୍ଷ୍ମୀ ପାତ୍ର ଓ ଚିତ୍ରାଙ୍କନରେ ଶୁଭମ୍ ଜେନା ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ହୋଇଥିଲେ। ସଭାର ପ୍ରାରମ୍ଭରେ ଇକୋ କ୍ଲବ୍ ପକ୍ଷରୁ ଶିକ୍ଷକ ଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ଲା କାର୍ଡ ଧରି ବଜାର ଓ ସାହି ପରିକ୍ରମା କରି ସଚେତନତାର ସ୍ଲୋଗାନ ଦେବା ସହ "ମାଆଙ୍କ ନାମରେ ଗଛଟିଏ' ବୃକ୍ଷ ରୋପଣ କରିଥିଲେ।

**ବାଲୁଗାଁ :** ପରିବେଶର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ସାରା ବିଶ୍ୱରେ ପ୍ରତି ବର୍ଷ ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଥିବା ବେଳେ ଶୁକ୍ରବାର ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି। ଜାତୀୟ ସେବା ଯୋଜନା ଅଧିକାରୀ ରୀନା ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଯୋଗଦେଇ ସୁସ୍ଥ ପରିବେଶ ହେଉଛି ସୁସ୍ଥ ଜୀବନର ମୂଳ ଆଧାର। ତେଣୁ ପରିବେଶ ସନ୍ତୁଳନ ରକ୍ଷା ପାଇଁ ବୃକ୍ଷରୋପଣ ନିତ୍ୟାନ୍ତ ଆବଶ୍ୟକ ହୋଇ ପଡିଥିବା ବେଳେ ବିଶ୍ୱ ପରିବେଶ ଦିବସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଓ ଏନଏସଏସ ଅଧିକାରୀ ସ୍ୱେଚ୍ଛାସେବୀ ମାନଙ୍କ ସହ ସାମିଲ ହୋଇ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିବା ସହ ଚଳିତ ବର୍ଷ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବିଭାଗର ମିଳିତ ସହଯୋଗରେ ଛାତ୍ରଛାତ୍ରୀ ଚିଲିକା କୂଳରେ ପ୍ରାୟ ୧ ହଜାର ଚାରାରୋପଣ କରିବା ଲାଗି ସଂକଳ୍ପ ନେଇଥିଲେ।

## ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ବାଲୁଗାଁ, ୫।୬(ସମିସ) : ପୂର୍ବରୁ ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଦୀର୍ଘ ବର୍ଷ ହେବ ବାଲୁଗାଁ ସହରରେ ଅବସ୍ଥିତ ଥିବା ବେଳେ ବର୍ତ୍ତମାନ ନାଚୁଣୀ ସୁନାଖଳା ଛକସ୍ଥିତ ନାଚୁଣୀ ଥାନା ପରିସର ନିକଟରେ ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ନୂତନ କାର୍ଯ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଭିଡିଓ କନଫେନ୍ସ ମାଧ୍ୟମରେ ଉଦଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ଉଦଘାଟନ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ମିତ ପରମାର, ଚିଲିକା ପୂର୍ବତନ ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ବେହେରା, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ବାଲୁଗାଁ ଉପଖଣ୍ଡ ଅନ୍ତର୍ଗତ ବାଲୁଗାଁ ଥାନା ଅଧିକାରୀ ଶ୍ରଦ୍ଧା ନାୟକ, ବାଣପୁର ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା, ନାଚୁଣୀ ଥାନା ଅଧିକାରୀ ବିଭୁତିଭୁଷଣ ମହାପାତ୍ରଙ୍କ ସମେତ ଟାଙ୍ଗୀ, ନିରାକାରପୁର ଥାନା ଅଧିକାରୀ, ଥାନା ଓ ଫାଣ୍ଡି କର୍ମଚାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ସ୍ଥାନୀୟ ଜନପ୍ରତିନିଧି ଓ ବହୁ ବ୍ୟକ୍ତିବିଶେଷ ସାମିଲ ହୋଇ ଥିଲେ। ଏହି ନୂତନ କାର୍ଯ୍ୟାଳୟଟି ବର୍ତ୍ତମାନ ଜାତୀୟ ରାଜପଥ କଡରେ ଅବସ୍ଥିତ ହୋଇଥିବା ସହ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଥାନାର ମଧ୍ୟଭାଗରେ ରହିଥିବାରୁ ସମସ୍ତ କ୍ଷେତ୍ରରେ ବେଶ ସହାୟକ ହେବ ବୋଲି ଏସଡିପିଓ ପଟ୍ଟନାୟକ କହିଛନ୍ତି।

## ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଟାଙ୍ଗୀ,୫।୬ (ସମିସ): ନବଗଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସ୍ୱଚ୍ଛ ଭାରତ ଟାଙ୍ଗୀ' ଆନୁକୂଲ୍ୟରେ ଟାଙ୍ଗୀର ଆରାଧ୍ୟ ପ୍ରଭୁ ବଳରାମଦେବଙ୍କ ପରିସରକୁ ବିଭିନ୍ନ ଅନାବନା ବୃକ୍ଷ ଏକ ସପ୍ତାହ ଧରି ସଫେଇ କାର୍ଯ୍ୟ ପରେ ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ଏହି ମନ୍ଦିର ପରିସରରେ କଦମ୍ବ, ଅଳାଁ ଚାରା ରୋପଣ କରାଯାଇଛି। ଏହି ଅବସରରେ ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ପ୍ରକୃତି ବନ୍ଧୁ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସମାଜସେବୀ ରବିନ୍ଦ୍ର କୁମାର ବେହେରା, ଚିକିତ୍ସକ ଦିଲ୍ଲୀପ କୁମାର ନାଥ, ବରିଷ୍ଠ ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ, ଯୁବ ଶିଳ୍ପୋଦ୍ୟୋଗୀ ଦର୍ଶନ କୁମାର ସାହୁ, ସମାଜସେବୀ ପ୍ରକାଶ କୁମାର ସେଠୀ, ଟାଙ୍ଗୀ ଲୟର୍ସ ବାର ଆସୋସିଏସନ୍ ସଭାପତି ସୁରେନ୍ଦ୍ର କୁମାର ବେହେରା, ସୁବ୍ରତ କୁମାର ନାୟକ, ଜ୍ଞାନରଂଜନ ରାଉତ, ସଂଜୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ଅବନୀ ବରାଳଙ୍କ ୯୨ତମ ଜୟନ୍ତୀ

ଖୋର୍ଦ୍ଧା,୫।୬(ସମିସ): ବିଶ୍ୱସ୍ତରୀୟ ଶିକ୍ଷକ ନେତା, ଖ୍ୟାତନାମା ସାହିତ୍ୟିକ, ନାଟ୍ୟକାର ଅବନୀ ବରାଳଙ୍କ ୯୨ତମ ଜୟନ୍ତୀ ଜେମାଦେଇ ଜୟୀ ରାଜଗୁରୁ ଉଚ୍ଚ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶ୍ୱ ଶିକ୍ଷକ ସଂଘର ସଭାପତି ଅମୀୟ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ବରାଳଙ୍କ ବହୁମୁଖୀ ଗୁଣାବଳି ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ମହାସଂଘର ସଭାପତି ଅକ୍ଷୟ କୁମାର ଦାସ, ଶିକ୍ଷକ ମହସଂଘର ଯୁଗ୍ମ ସମ୍ପାଦକ ପ୍ରଫେସର ବୃନ୍ଦାବନ ମହାପାତ୍ର ଯୋଗ ଦେଇ ଶିକ୍ଷକମାନଙ୍କ ଦାବି ହାସଲ ସହିତ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ସ୍ୱର୍ଗତ ବରାଳ ଯାହା କରି ଯାଇଛନ୍ତି ସେଥି ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ତଥା ଶିକ୍ଷାବିତ୍ ପ୍ରଫେସର ଶଶାଙ୍କ ସେଖରେ ରଥ ତାଙ୍କ ସହିତ ଦୀର୍ଘ ଦିନର କାର୍ଯ୍ୟ କରିବାର ଅଭିଜ୍ଞତା ପ୍ରକାଶ କରି ସେ କିପରି ଜଣେ ଦୃଢ଼ ସଂଘଠକ ଓ ଉଦାର ଚରିତ୍ରର ବ୍ୟକ୍ତି ଥିଲେ ବୋଲି ବର୍ଣ୍ଣନା କରିଥିଲେ। ଶିକ୍ଷକ ନେତା ସୁରେଶ ଚନ୍ଦ୍ର ବିଶ୍ୱାଳ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଗୌରହରି ମିଶ୍ର, ସତ୍ୟବାନ୍ ଶ୍ରୀଚନ୍ଦନ, ଡ.ଅଶୋକ କୁମାର ରାୟସିଂହ, ପ୍ରାଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ ସ୍ୱର୍ଗତ ବରାଳଙ୍କୁ ଓଡ଼ିଶାର ଶିକ୍ଷା ଜଗତର ଏକ ଆଲୋକ ବର୍ତିକା ଓ ସାଧାରଣ ଶିକ୍ଷକଙ୍କର ରକ୍ଷା କର୍ତା ବୋଲି ଅଭିହିତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବଳିଆରସିଂହ, ଗୋବିନ୍ଦ ଚନ୍ଦ୍ର ସାହୁ, ପ୍ରାଥମିକ ଶିକ୍ଷକ ସଂଘ ନେତା ଅଗାଧୁ ସେଠୀ, ଯୁଧିଷ୍ଠିର ସାହୁ, ବରିଷ୍ଠ ଶିକ୍ଷକ ଭକ୍ତ ବଲ୍ଲଭ ଜେନା, ପ୍ରହଲ୍ଲାଦ ବାରିକ, ବେଣୁଧର ମହାପାତ୍ର, ରମେଶ ଚନ୍ଦ୍ର ବଡ଼ଜେନା ପ୍ରମୁଖ ସ୍ୱର୍ଗତ ବରାଳ କିପରି ଘରଦ୍ୱାର ଭୁଲି ଶିକ୍ଷକ ଓ ଶିକ୍ଷାୟତନ ପାଇଁ କାମ କରୁଥିଲେ ବୋଲି କହିଥିଲେ। ସ୍ୱର୍ଗତ ବରାଳ ଜୟୀ ରାଜଗୁରୁ ବିଦ୍ୟାଳୟ ଗଢିବା ପାଇଁ ଖୋର୍ଦ୍ଧା କଲେଜରେ ପଢୁଥିବା ପ୍ରତି ପିଲାଙ୍କ ଠାରୁ ଦୁଇ ଟଙ୍କା ଆଦାୟ କରି ସହାୟତା ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ସ୍ୱର୍ଗତ ବରାଳଙ୍କ ପ୍ରତିମୂର୍ତିରେ ଖୋର୍ଦ୍ଧାର ଅନେକ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଶ୍ରଦ୍ଧା ସୁମନ ଜ୍ଞାପନ କରି ସ୍ମୃତି ଚାରଣ କରିଥିଲେ।



## କୁଶପଲା ଶୀତଳ ଷଷ୍ଠୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା




ବେଗୁନିଆ, ୫।୬ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲା ଗ୍ରାମ୍ୟ କମିଟି ପକ୍ଷରୁ ଶୀତଳ ଷଷ୍ଠୀ ମହୋତ୍ସବ 'ବିଶ୍ୱାସ' ଶୁକ୍ରବାର ଦିନ ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହି ଉଦ୍ଦିନ ଅହମ୍ମଦଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ସମ୍ପାଦକ ଲଡ୍ଡୁ କିଶୋର ପଟ୍ଟନାୟକଙ୍କ ସଂଯୋଜନାରେ ଜଟଣୀ ବିଧାୟକ ସୁର ରାଉତରାୟ ମୁଖ୍ୟଅତିଥି, ବିଧାୟକ ପ୍ରାର୍ଥୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ସୋନାଲି ସାହୁ, ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ୟାସିର ନୱାଜ, ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ କଂଗ୍ରେସ ଦଳର ପୂର୍ବତନ ବ୍ଲକ ସମ୍ପାଦକ କାଳନ୍ଦୀ ଚରଣ ମହାପାତ୍ର, ଗ୍ରାମ୍ୟ କମିଟି ସହ ସମ୍ପାଦକ ଅଜମତ ଖାନ ଓ କୋଷାଧ୍ୟକ୍ଷ ଅବଦୁଲ ଦୟାନ ଖାଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ବନ୍ଧୁତ୍ୱ ଭାବ ସୃଷ୍ଟି କରିବାକୁ ସକ୍ଷମ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ସମ୍ପାଦକ ଲଡ୍ଡୁ କିଶୋର ପଟ୍ଟନାୟକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପରେ ଭୁବନେଶ୍ୱର କବିତା ମେଲୋଡି ଗ୍ରୁପ ମଡର୍ଣ୍ଣ ଡ୍ୟାନସ, ବଡବେରଣା ମା କାଳିକା ଦେବୀ ଡ୍ୟାନସ ଗ୍ରୁପ ଓ ଖୋର୍ଦ୍ଧା ମା ଅଁଳେଇ ପାଇକ ଆଖଡ଼ା ଆଦି ସାଂସ୍କୃତିକ କାର୍ଯ୍ୟ କଳାକାରମାନେ ପରିବେଷଣ କରିଥିଲେ।

## ସଖା ସଂଘ କ୍ରୀଡା ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା




ନିରାକାରପୁର,୫।୬ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ଅଗ୍ରଣୀ କ୍ରୀଡା ଅନୁଷ୍ଠାନ 'ସଖା ସଂଘ କ୍ରୀଡା ସଂସଦ'ର ପୂର୍ବତନ କ୍ୟାପଟେନ ତଥା ଅଞ୍ଚଳର ବିଶିଷ୍ଟ କ୍ରୀଡ଼ାବିତ୍ ଶିବ ଶଙ୍କର ମହାପାତ୍ରଙ୍କ ପରଲୋକ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ସଂଘ କାର୍ଯ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିପିନ କୁମାର ଜୟସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୋକସଭାରେ ସ୍ୱର୍ଗତ ମହାପାତ୍ରଙ୍କ କ୍ରୀଡ଼ା କ୍ଷେତ୍ରକୁ ଥିବା ଅବଦାନ ଏବଂ ସଂଘ ପ୍ରତି ତାଙ୍କର ନିଷ୍ଠାକୁ ସ୍ମରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକ ଦୀପକ ପ୍ରଧାନ, ଉପଦେଷ୍ଟା ମହେଶ୍ୱର ବେହେରା, କୋଷାଧ୍ୟକ୍ଷ ହରିବନ୍ଧୁ ସିଂହ, ଯୁଗ୍ମ ସମ୍ପାଦକ ହିମାଂଶୁ ଭୂଷଣ ଚମ୍ପତିରାୟ, ଉମେଶ ଚନ୍ଦ୍ର ମିଶ୍ର, ଉପ ସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ପ୍ରକାଶ ବଳିୟାରସିଂହ ବରିଷ୍ଠ ସଭ୍ୟ ଦେବ ନାରାୟଣ ଜେନା, ଲଛମନ ନାୟକ, ପ୍ରଶାନ୍ତ କୁମାର ପଟ୍ଟାଶାଣୀ, ସାରଙ୍ଗଧର ମହାପାତ୍ର, ପ୍ରମୋଦ ପ୍ରଧାନ ଏବଂ ବୁଲୁ ପ୍ରଧାନଙ୍କ ସମେତ ସଂଘର ଅନେକ ସଦସ୍ୟ ଓ ସ୍ଥାନୀୟ କ୍ରୀଡ଼ାପ୍ରେମୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ନାରୀ ଅଧିକାର ସୁରକ୍ଷା ସମାବେଶ

## ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ: ବିଜେଡି



ଖୋର୍ଦ୍ଧା,୫।୬(ସମିସ): ଖୋର୍ଦ୍ଧା ଜିଲ୍ଲା ବିଜେଡି ପକ୍ଷରୁ ନାରୀମାନଙ୍କ ବିରୋଧରେ ବଢୁଥିବା ଅତ୍ୟାଚାର ଏବଂ ଦରଦାମ୍ ବୃଦ୍ଧି ପ୍ରତିବାଦରେ ବିଶାଳ ମହିଳା ସମାବେଶ କରାଯାଇଛି। ଜିଲ୍ଲା ବିଜେଡି ସଭାପତି ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ହଜାର ହଜାର ମହିଳା ଓ ରାଜ୍ୟର ବରିଷ୍ଠ ନେତୃମଣ୍ଡଳୀ ଏକାଠି ହୋଇ ରାଜ୍ୟସରକାରଙ୍କ ଉପରେ ବିଷୋଦଗାର କରିଛନ୍ତି। ପ୍ରଥମେ ଖୋର୍ଦ୍ଧା ପୌରପରିଷଦ ୧୫ନ ୱାର୍ଡ କାଉନସିଲର ପ୍ରବୀଣା ଜଗଦ୍ଦେବଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ମହିଳା ଆସି ସ୍ଥାନୀୟ ଗୀତା ଭବନ ପଡ଼ିଆରେ ଏକାଠି ହୋଇଥିଲେ। ବେଗୁନିଆ, ବୋଲଗଡ, ଚିଲିକା, ଜଟଣୀ, ଟାଙ୍ଗୀ ବିଭିନ୍ନ ଅଂଚଳରୁ ବିଜେଡି ନେତା, କର୍ମୀ ସମସ୍ତେ ଗୀତା ଭବନ ପଡ଼ିଆରେ ଏକାଠି ହୋଇଥିଲେ। ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସାଂସଦ ସୁଲତା ଦେଓ, ମହିଳା ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ, ଯୁବ ବିଜେଡି ରାଜ୍ୟ ସଭାପତି ଚିନ୍ମୟ କୁମାର ସାହୁ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ମନ୍ମଥ କୁମାର ରାଉତରାୟ, ଚିଲିକା ପୂର୍ବତନ ବିଧାୟକ ରଘୁନାଥ ସାହୁ ପ୍ରମୁଖଙ୍କ ନେତୃତ୍ୱ ରେ ହଜାର ହଜାର ସଂଖ୍ୟାରେ ଯୁବ, ଛାତ୍ର, ମହିଳା, କର୍ମୀ, ଜନ ସାଧାରଣ ଏକାଠି ହୋଇ ନବୀନ ପଟ୍ଟନାୟକ ତୁମେ ଫେରିଆସ, ମୋହନ ମାଝୀଙ୍କ ସରକାର ବିରୁଦ୍ଧରେ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ।

ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭା ଯୁବ ବିଜେଡି ଉପସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ବିଜେଡି ସବୁ ବେଳେ ମାଆମାନଙ୍କ ପାଇଁ ଲଢୁଛି ଆଗକୁ ମଧ୍ୟ ଲଢିବ ବୋଲି ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ଛୁରିଆ କହିଥିଲେ। ଏହି ଆନ୍ଦୋଳନ ଆଗକୁ ମଧ୍ୟ ଜାରୀ ରହିବ ବୋଲି ବିଜେଡିର ତୁଙ୍ଗ ନେତା ଏବଂ ନେତ୍ରୀ ବୃନ୍ଦ ମଧ୍ୟ ଚେତାବନୀ ଦେଇଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର କାଦମ୍ବିନୀ ରାଉତ, ଅମିୟ କୁମାର ମହାନ୍ତି, ନାଗଭୂଷଣ ଜେନା, ବିଜେଡି ନେତା ଶୁଭକାନ୍ତ ମହାପାତ୍ର, ପି ବି ଜଗଦେବ ରାୟ, ପ୍ରମୋଦ ହରିଚନ୍ଦନ, ବଦ୍ରିନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଚମ୍ପାଇଲୋ ସିପିଏଲ-ସିଜିନ -୬, ଗୁରୁକୃପା କନ୍‌ଷ୍ଟ୍ରକସନ୍ ବିଜୟୀ

ବୋଲଗଡ଼, ୫।୬ (ସମିସ): ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମ ଖେଳ ପଡିଆରେ ଚାଲିଥିବା "ଚମ୍ପାଇଲୋ ପ୍ରିମିୟର ଲିଗ୍-ସିଜିନ -୬(ସିପିଏଲ) ରେ ଶୁକ୍ରବାର ତୃତୀୟ ମ୍ୟାଚରେ ଆଜି ଗୁରୁକୃପା କନ୍‌ଷ୍ଟ୍ରକସନ୍ କ୍ରିକେଟ ଟିମ ବିଜୟୀ ହୋଇଛି। ଏହି ମ୍ୟାଚଟି ମା'ବଘେଇ ବ୍ଲାଷ୍ଟର ଏବଂ ଗୁରୁକୃପା କନ୍‌ଷ୍ଟ୍ରକସନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୁରୁକୃପା ଟିମ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ହରାଇ ୧୫୫ ରନ୍ ସଂଗ୍ରହ କରିଥିଲା । ଜବାବ ରେ ୧୫୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ମା'ବଘେଇ ଟିମ ୧୨ ଓଭରରେ ୬ ଉଇକେଟ୍ ବିନିମୟରେ ୧୦୫ ରନ୍ କରିଥିଲା କ୍ଷ ଅତିଥି ଭାବେ ଶିକ୍ଷାବିତ୍ ବିଭୂତି ଭୂଷଣ ରଣସିଂହ, ଅବସରପ୍ରାପ୍ତ ପୁଲିସ କର୍ମଚାରୀ ପ୍ରସନ୍ନ ଚମ୍ପତିରାୟ ଓ ସମାଜସେବୀ ରତିକାନ୍ତ ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟାର ଭାବେ ଅନିଲ ମଙ୍ଗରାଜ ଓ ଚନ୍ଦ୍ରକାନ୍ତ ରଣସିଂହ ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର ଖେଳାଳି ବିଶ୍ୱଜିତ ସାମନ୍ତସିଂହାର ୨୫ଟି ବଲରୁ ୬୦ ରନ କରି "ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଭାବେ ପୁରସ୍କୃତ ହୋଇଛନ୍ତି । ଶନିବାର ଟୁର୍ଣ୍ଣାମେଣ୍ଟର ୪ର୍ଥ ମ୍ୟାଚ୍ ମା'ବଘେଇ ବ୍ଲାଷ୍ଟର ଏବଂ ଆରବ ରାଇଡର୍ସ ୟୁନାଟେଡ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

## ବେଆଇନ ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଜବତ

ନିରାକାରପୁର,୫।୬ (ସମିସ):

ଖୋର୍ଦ୍ଧା ଜିଲ୍ଲାରେ ବେଆଇନ ଖଣିଜ ସମ୍ପଦ ଚୋରା ଚାଲାଣ ବିରୋଧରେ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ଖୋର୍ଦ୍ଧା ଏସପିଙ୍କ ସ୍ପେସାଲ ସ୍କ୍ୱାଡ୍ ଏବଂ ଖୋର୍ଦ୍ଧା ଖଣି ବିଭାଗ ପକ୍ଷରୁ ମିଳିତ ଭାବେ ଏକ ବଡ଼ଧରଣର ଚଢ଼ାଉ କରାଯାଇ ୬ଟି ବେଆଇନ ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଜବତ କରାଯାଇଛି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଜବତ ଗାଡ଼ିଗୁଡ଼ିକୁ ନିରାକାରପୁର ଥାନାକୁ ହସ୍ତାନ୍ତର କରାଯାଇଛି। ଏହି ଚଢ଼ାଉ ପରେ ସ୍ଥାନୀୟ ଅଞ୍ଚଳର ବେଆଇନ ପଥର ମାଫିଆଙ୍କ ମଧ୍ୟରେ ଛନକା ପଶିଛି।

# ଅପହରଣ ଓ ଲୁଟ୍ ଘଟଣାରେ ୫ ଗିରଫ

ସମ୍ବଲପୁର, ୫।୬(ସମିସ)



ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଅଞ୍ଚଳରେ ଘଟିଥିବା ଏକ ସାଂଘାତିକ ଅପହରଣ, ମାରପିଟ୍ ଏବଂ ସଶସ୍ତ୍ର ଲୁଟପାଟ୍ ମାମଲାର ପୁଲିସ ସଫଳତାର ସହ ପର୍ଦ୍ଦାଫାଶ କରିଛି। ସଦର ପୁଲିସ ଏହି ମାମଲାରେ ସମ୍ପୃକ୍ତ ୫ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସଦର ଥାନା ଠେମରାର ସୁମନ ଗର୍ଡ଼ତିଆ(୨୦), ଶାସନ ଥାନା ଡୁମ୍ବେରପାଲିର ଶ୍ରୀକାନ୍ତ ସୁନାନି(୧୯), ରାଜେଶ ନନ୍ଦ(୧୯), ନିଳାମ୍ବର ବେସନ(୪୨) ଓ ଠେମରାର ଭୋଳାନାଥ ଚାନ୍ଦ(୨୭)। ସେମାନଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ, ଛୁରୀ, କାର ବାଇକ ସହ ନଗଦ ଟଙ୍କା ଜବତ କରିଛି।ପୁଲିସ ସୂଚନା ଅନୁଯାୟୀ, ଗତ ଜୁନ୍ ୧ ତାରିଖ କୁଚିଣ୍ଡା ଥାନା ଅନ୍ତର୍ଗତ କତରକେଲା ଗ୍ରାମର ସୁରେନ୍ଦ୍ର ଭୋଇ ତାଙ୍କର ଜଣେ ବନ୍ଧୁ ରାଜୀବ ଦାଶଙ୍କ ସହ ଏକ ବାଇକରେ (ଓଡି୧୫ଏକ୍ସ୩୦୯୫)ବାହାମ ଗ୍ରାମର ସଦାନନ୍ଦ ମିର୍ଦ୍ଧାଙ୍କ ଘରକୁ ଏକ ପୂଜା କାର୍ଯ୍ୟ ପାଇଁ ଯାଇଥିଲେ। ପୂଜା ସରିବା ପରେ ଦୁହେଁ ଫେରିବା ସମୟରେ ଏକ କେନାଲ୍ ନିକଟରେ ଶୌଚ ପାଇଁ ଅଟକିଥିଲେ।ସେହି ସମୟରେ ୩ଟି ମୋଟରସାଇକେଲରେ ୯ ଜଣ ଦୁର୍ବୃତ୍ତ ହଠାତ୍ ସେଠାରେ ପହଞ୍ଚି ମାରାଣତ୍ମକ ଅସ୍ତ୍ରଶସ୍ତ୍ର ଦେଖାଇ ସେମାନଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ସେମାନଙ୍କ ଠାରୁ ଏକ ମୋବାଇଲ୍ ଫୋନ୍, ବାଇକ୍ ଏବଂ ନଗଦ ୧୩୦୦ ଟଙ୍କା ଲୁଟି ନେଇଥିଲେ। ସେତିକିରେ ସେମାନଙ୍କ ମନ ବୁଝିନଥିଲା। ଅଭିଯୁକ୍ତମାନେ ଉଭୟଙ୍କୁ ଜବରଦସ୍ତ ଅପହରଣ କରି ଏକ ନିଛାଟିଆ ସ୍ଥାନକୁ ନେଇ ରାତିସାରା ଶାରୀରିକ ନିର୍ଯାତନା ଦେଇ ଅଟକ ରଖିଥିଲେ।ତା ପର ଦିନ ସକାଳେ ଅଭିଯୁକ୍ତମାନେ ସୁରେନ୍ଦ୍ରଙ୍କୁ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇବା ପାଇଁ ଏକ ସି.ଏସ.ସି କେନ୍ଦ୍ରକୁ ନେଇଥିଲେ। ମାତ୍ର ଆଧାର କାର୍ଡ ନଥିବା ଟଙ୍କା ଉଠାଇବାରେ ବିଫଳ ହୋଇଥିଲେ। ଏହାପରେ ସେମାନେ ରାଜୀବଙ୍କୁ ଏକ କାର୍‌ରେ ଅନ୍ୟତ୍ର ନେଇ ୩୦, ୦୦୦ ଟଙ୍କା ଦାବି କରିଥିଲେ। କିନ୍ତୁ କୌଶଳକ୍ରମେ ରାଜୀବ ସେଠାରୁ ପଳାଇବାରେ ସଫଳ ହୋଇଥିଲେ। ପରେ ଉକ୍ତ ଦିନ ରାତିରାତି ପ୍ରାୟ ୮ଟାରେ

### ବନ୍ଧୁକ ସହ କାର୍ ଓ ବାଇକ୍ ଜବତ

ଅଭିଯୁକ୍ତମାନେ ସୁରେନ୍ଦ୍ରଙ୍କୁ ସେରସୁଆଁତଲ ଛକ ନିକଟରେ ଛାଡ଼ି ଦେଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ କାର (ଓଡି୧୫ଏଫ୩୯୨୨), ଦୁଇଟି ବାଇକ (ଓଡି୧୫କେ୩୭୭୪) (ଓଡି୧୫ଏକ୍ସ୩୦୯୫), ଦେଶି ବନ୍ଧୁକ ଓ ୩ଟି ଛୁରୀ ଜବତ କରିଛି। ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

# ସମ୍ବଲପୁରର ପୁରାତନ ଶୀତଳଷଷ୍ଠୀ ଯାତ୍ରା କମିଟିରେ କେଁ

### ସଭାପତିଙ୍କ ଏକଛତ୍ରବାଦ, ସଦସ୍ୟଙ୍କ ମଧ୍ୟରେ ଠେଲାପେଲା

### ନକଲି ରସିଦ ବହିରେ ଚାନ୍ଦା ଆଦାୟ ଅଭିଯୋଗ

ସମ୍ବଲପୁର, ୫।୬(ସମିସ): ଆଉ କିଛି ଦିନ ପରେ ସମ୍ବଲପୁରରେ ଅନୁଷ୍ଠିତ ହେବ ଶୀତଳଷଷ୍ଠୀ ଯାତ୍ରା। ଏଥି ପାଇଁ ସବୁ କମିଟି ପ୍ରସ୍ତୁତି ଜୋରସୋରରେ ଜାରି ରଖିଛନ୍ତି। ହେଲେ ଏହି ସମୟରେ ସହରର ପୁରାତନ କମିଟିର ଗୁରୁତର ବିବାଦ ଦେଖାଦେଇଛି। ଦୁଇ ଦିନ ତଳେ ମିଟିଂରେ ଜଣେ ପୁରାତନ ସଦସ୍ୟ ପ୍ରଶ୍ନ ଉଠାଇଥିଲେ କମିଟି ପରିସରରେ ଯେଉଁ ନୂଆ କୋଠା ନିର୍ମାଣ ହୋଇଛି, ତାହା କାହା ପରାମର୍ଶରେ ହେଲା। ବିନା ମିଟିଂରେ ଏ ନିଷ୍ପତ୍ତି କିଏ ନେଲା ବୋଲି ପ୍ରଶ୍ନ କରିଥିଲେ। ଏଥିରେ ସଭାପତି ଉତ୍ତେଜିତ ହୋଇ ପାଟି କରିଥିଲେ। ଉକ୍ତ କମିଟିର ସଭାପତି ଓ ସଦସ୍ୟଙ୍କ ମଧ୍ୟରେ ଠେଲାପେଲା ମଧ୍ୟ ହୋଇଥିଲା। ଉପସ୍ଥିତ ଅନ୍ୟ ସଦସ୍ୟମାନେ ହସ୍ତକ୍ଷେପ କରି ପରିସ୍ଥିତି ସମ୍ଭାଳିଥିଲେ। କମିଟିର ଜଣେ ବରିଷ୍ଠ ସଦସ୍ୟ ଗତବର୍ଷ ଶୀତଳଷଷ୍ଠୀ ନାଁରେ ନକଲ ରସିଦ ବହି ଛାପି ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଥିଲା। ଧରାପଡ଼ିବା ପରେ ସେ ନିଜେ କମିଟି ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସ୍ୱୀକାର କରିଥିଲେ। ସେ କହିଥିଲେ, କମିଟି ଦ୍ୱାରା ଛପା ଯାଇଥିବା ୩, ୦୦୦ ବହି ବଦଳରେ ୩, ୦୨୫ ବହି ବାହାରିଥିଲା, ଏବଂ ସେ ଅତିରିକ୍ତ ୨୫ ବହିର ସମସ୍ତ ଟଙ୍କା କମିଟିକୁ ଫେରସ୍ତ କରିଦେଇଛନ୍ତି। ସଦସ୍ୟମାନଙ୍କ କହିବା କଥା ଯଦି ଏହା କୌଣସି ସାଧାରଣ ଲୋକ ଏପରି କରିଥାନ୍ତା, ତେବେ ତାକୁ କମିଟିରୁ ବହିଷ୍କାର କରାଯାଇଥାନ୍ତା କିମ୍ବା ଥାନାରେ ଏତଲା ହୋଇଥାନ୍ତା। କିନ୍ତୁ ବରିଷ୍ଠ ସଦସ୍ୟ ହୋଇଥିବାରୁ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

# ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ରେଢ଼ାଖୋଲ, ୫।୬(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଆର୍ଶିବାଦ ହୋଟେଲରେ ଶୁକ୍ରବାର ରେଢ଼ାଖୋଲ ବିଜେଡ଼ି ପକ୍ଷରୁ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ରେଢ଼ାଖୋଲ ବ୍ଲକ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ଅଞ୍ଚଳର ବିଭିନ୍ନ ସମସ୍ୟା ଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ। ତା ମଧ୍ୟରୁ ଗତ ବର୍ଷ ଅଗଷ୍ଟ ମାସରେ ରେଢ଼ାଖୋଲ ସହର ଦେଇ ଯାଉଥିବା ପାଉଁଶ ବୋଝେଇ ଗାଡ଼ି ଅନବରତ ଭାବରେ ନିର୍ଗତ ହୋଇ ୫୫ ନଂ ଜାତୀୟ ରାଜପଥ ଉପରେ ଗଦା ଗଦା ହୋଇ ପାଉଁଶ ଗୁଣ୍ଡ ପଡ଼ିରହି ଅଞ୍ଚଳସାରା



ଧୂଳିମୟ ପରିବେଶ ସୃଷ୍ଟି କରୁଛି। ଏ ସମ୍ପର୍କରେ ବିଜେଡ଼ି ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରି ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।ପ୍ରଶାସନ ପକ୍ଷରୁ ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହାର କୌଣସି ସମାଧାନ ଆଜି ପର୍ଯ୍ୟନ୍ତ ହୋଇ ପାରିନାହିଁ। ଆଜି ବି ଜାତୀୟ ରାଜପଥ ଉପରେ ପାଉଁଶ ଗୁଣ୍ଡ ଗଦାଗଦା ହୋଇ ପଡ଼ି ଅଞ୍ଚଳସାରା ଧୂଳିମୟ ପରିବେଶ ସୃଷ୍ଟି ହୋଇଛି। ଦ୍ୱିତୀୟତଃ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କ ପାଇଁ ରକ୍ତ ଭଣ୍ଡାର ନିର୍ମାଣ ହୋଇଥିଲା। ଏଥିରେ ରୋଗୀମାନେ ଉପକୃତ ହେଉଥିଲେ। କିନ୍ତୁ ଏହା ପ୍ରାୟ ୪ ମାସରୁ ଊର୍ଦ୍ଧ୍ୱ ହେବ ବନ୍ଦ ରହିଛି। ଫଳରେ ରୋଗୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ତୃତୀୟରେ ଅଘୋଷିତ ବିଦ୍ୟୁତ୍ କାଟ ଚାଲିଥିବା ବେଳେ ସାଧାରଣଲୋକଙ୍କ ପାଖରୁ ଜୋର୍ ଜବରଦସ୍ତ ମନମୁଖୀ ଭାବରେ ଫାଇନ୍ କରି ଟଙ୍କା ଆଦାୟ କରାଯାଉଛି। ଚତୁର୍ଥ ପ୍ରାୟ ୩ ମାସ ହେବ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ଠିକ୍ ସମୟ କରାଯାଉନାହିଁ। ହିତାଧିକାରୀ ମାନେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ପଞ୍ଚମ ମେଗା ଜଳ ସେଚନ ଗ୍ରାମାଞ୍ଚଳ ଗୁଡ଼ିକ ଠପ୍ ହୋଇପଡ଼ିଛି। ସହର ସହିତ ଗ୍ରାମାଞ୍ଚଳ ଗୁଡିକରେ ଜଳ ସଙ୍କଟ ଦେଖିବାକୁ ମିଳିଛି। ଷଷ୍ଠ ଜମି ଉନ୍ନତିକରଣ ପାଇଁ ୨୮୭ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ ହୋଇଥିଲା। କିନ୍ତୁ କାର୍ଯ୍ୟ ସାରିବା ପରେ ମଧ୍ୟ ଚାଷୀଙ୍କୁ ଅର୍ଥ ମଞ୍ଜୁର କରାଯାଇନାହିଁ। ରେଢ଼ାଖୋଲ ସହରର କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଶ୍ରୁତି ଦେବା ପରେ ଆଜି ପର୍ଯ୍ୟନ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ ହୋଇପାରି ନାହିଁ। ଉପରୋକ୍ତ ସମସ୍ୟା ଗୁଡିକୁ ଯଥାଶୀଘ୍ର ସମାଧାନ ନ କଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନୀକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ରେଢ଼ାଖୋଲ ବିଜେଡି ବ୍ଲକ ସଭାପତି ଉଦିତ ତ୍ରିପାଠୀ, ଜିଲ୍ଲା ଉପସଭାପତି ଅନାଦି ଚରଣ ସାହୁ, ନଗର ବିଜେଡି ସଭାପତି ସିଦ୍ଧାର୍ଥ ପ୍ରଧାନ, ପୂର୍ବତନ ଏନ୍ଏସି ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ନଗର ବିଜେଡି ଯୁବ ସଭାପତି ବିକାଶ ଦାସ, ଛାତ୍ର ସଭାପତି ଶିବ ଶମ୍ଭୁ ନନ୍ଦ, ପୂର୍ବତନ କାଉନସିଲର ରାଜୀବ ଲୋଚନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ହୀରାକୁଦ ଜଳଭଣ୍ଡାର ନିକଟରେ ପ୍ରସ୍ତାବିତ ପଞ୍ଚ ତାରକା ହୋଟେଲ ପ୍ରକଳ୍ପ ପ୍ରସଙ୍ଗ

# ପର୍ଯ୍ୟଟନ କାର୍ଯ୍ୟାଳୟର ଆର୍‌ଟିଆଇ ଉତ୍ତରକୁ ନେଇ ପ୍ରଶ୍ନବାଚୀ

ସମ୍ବଲପୁର, ୫।୬ (ସମିସ) : ହୀରାକୁଦ ଜଳଭଣ୍ଡାର ନିକଟରେ ପ୍ରସ୍ତାବିତ ପାଞ୍ଚ ତାରକା ହୋଟେଲ ପ୍ରକଳ୍ପକୁ ନେଇ ସମ୍ବଲପୁର ପର୍ଯ୍ୟଟନ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ଆର୍‌ଟିଆଇର ଉତ୍ତର ବର୍ତ୍ତମାନ ପାରଦର୍ଶିତା, ଜବାବଦେହିତା ଏବଂ ବିଭାଗୀୟ ସମନ୍ୱୟକୁ ନେଇ ପ୍ରଶ୍ନ ଉଠାଇଛି ବୋଲି ପ୍ରେସ ବିଜ୍ଞପ୍ତିରେ ସୁପ୍ରିମକୋର୍ଟ ଆଇନଜୀବୀ ସିଦ୍ଧାର୍ଥ ଶଙ୍କର ମିଶ୍ର ଉଲ୍ଲେଖ କରିଛନ୍ତି। ତାଙ୍କ ଆର୍‌ଟିଆଇ ଆବେଦନରେ ପର୍ଯ୍ୟଟନ ବିଭାଗ ନିକଟରୁ ସ୍ପଷ୍ଟ ଭାବରେ - ପ୍ରକଳ୍ପ ପ୍ରସ୍ତାବ / ଡିପିଆର୍ / ମାଷ୍ଟର ପ୍ଲାନ୍‌ର ନକଲ; ପ୍ରକଳ୍ପ ଅନୁମୋଦନର ବିବରଣୀ; ବେସରକାରୀ ସଂସ୍ଥା ଚୟନ ପ୍ରକ୍ରିୟା; ପରିବେଶ ଏବଂ ଷ୍ଟାଚ୍ୟୁଟାରୀ କ୍ଲିଅରେନ୍ସ ସମ୍ବନ୍ଧୀୟ ସୂଚନା; ଇଡ୍‌କୋ ଏବଂ ଅନ୍ୟ ବିଭାଗ ସହ ଯୋଗାଯୋଗ; ଜମିର କିସମ, କନ୍‌ଭର୍ସନ୍ ଏବଂ ଆଲଟ୍‌ମେଣ୍ଟର ଆଇନଗତ ପ୍ରକ୍ରିୟା ବିଷୟରେ ତଥ୍ୟ ମାଗିଥିଲେ। କିନ୍ତୁ ପର୍ଯ୍ୟଟନ ବିଭାଗ ପ୍ରକଳ୍ପ ସମ୍ବନ୍ଧୀୟ ମୂଳ ସୂଚନା ଦେବା ପରିବର୍ତ୍ତେ "ସୂଚନା ଏହି କାର୍ଯ୍ୟାଳୟରେ ଉପଲବ୍ଧ ନାହିଁ" ବୋଲି କହି ରାଜସ୍ୱ ବିଭାଗ ଏବଂ ଇଡ୍‌କୋ ଉପରେ ଦାୟିତ୍ୱ ଠେଲିଦେଇଛି। ପ୍ରକଳ୍ପଟି "ଡେଭଲପ୍‌ମେଣ୍ଟ ଅଫ୍ ନିଚେ ଟୁରିଜିମ୍ ପ୍ରଡକ୍ଟ ଏଜ୍ ଏ ପାର୍ଟ ଅଫ୍ ଇଣ୍ଟିଗ୍ରେଟେଡ୍ ମାଷ୍ଟର୍ ପ୍ଲାନ୍" ନାଁରେ ଚାଲୁଥିବା କୁହାଯାଉଛି। ଯଦି ପର୍ଯ୍ୟଟନ ବିଭାଗ ଏହି ପ୍ରକଳ୍ପର ପରିକଳ୍ପନା, ପ୍ରସାର କିମ୍ବା ପ୍ରକ୍ରିୟାକରଣ ସହ ଜଡିତ, ତେବେ ଡିପିଆର୍, ଅନୁମୋଦନ, ଯୋଗାଯୋଗ କିମ୍ବା ଫାଇଲ୍ ରେକର୍ଡ ନଥିବା କଥା ଗୁରୁତର ପ୍ରଶ୍ନ ସୃଷ୍ଟି କରୁଛି ବୋଲି ଆଇନଜୀବୀ ଶ୍ରୀ ମିଶ୍ର କହିଛନ୍ତି। ଅନ୍ୟପଟେ ରାଜସ୍ୱ ବିଭାଗ ମଧ୍ୟ ଜମିର କିସମ, କନ୍‌ଭର୍ସନ୍, ବୈଧତା ଏବଂ ଆଲଟ୍‌ମେଣ୍ଟ ପ୍ରକ୍ରିୟାକୁ ନେଇ ଏପର୍ଯ୍ୟନ୍ତ ନିରବ ଅଛି। ଏଠାରେ ବିଭାଗମାନେ ପରସ୍ପର ଉପରେ ଦାୟିତ୍ୱ ଓ ଜବାବଦେହିତା ଠେଲୁଛନ୍ତି, କିନ୍ତୁ କୌଣସି ବିଭାଗ ପ୍ରକଳ୍ପ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆଣୁନାହାନ୍ତି। ଯଦି ପ୍ରକୃତରେ ଏହା ଜନସ୍ୱାର୍ଥମୂଳକ ଏବଂ ବିକାଶମୂଳକ ପ୍ରକଳ୍ପ ଅଟେ, ତେବେ ତାହାର ସ୍ୱଚ୍ଛତା ଓ ଆଇନଗତ ପ୍ରଣାଳୀ ସ୍ୱାଭାବିକ ଭାବରେ ଦେଖାଯିବା ଉଚିତ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ପଞ୍ଚାୟତ ଅଫିସରେ ସ୍ୱାସ୍ଥ୍ୟକର୍ମୀଙ୍କୁ ମାଡ଼

ସମ୍ବଲପୁର, ୫।୬(ସମିସ): ପଞ୍ଚାୟତ କାର୍ଯ୍ୟାଳୟକୁ ହେଲଥ ୱାର୍କରଙ୍କୁ କାମ ପାଇଁ ଡାକିଲେ। ପରେ ଅକଥନୀୟ ନିର୍ଯାତନା ଦେଲେ। ଏପରି ଘଟଣା ଯୁଯୁମୁରା ଥାନା ଅଞ୍ଚଳରେ ଘଟିଛି।ଯୁଯୁମୁରା ବ୍ଲକ କେଶାପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି)ରେ ହେଲଥ ୱାର୍କର ଭାବେ କାର୍ଯ୍ୟରତ ଶିବ ଶଙ୍କର ବେହେରା (୨୫)ଙ୍କୁ ପଞ୍ଚାୟତ ଅଫିସକୁ ଡାକି ଶାରୀରିକ ନିର୍ଯାତନା ଦେବା ସହ ଜୀବନରେ ମାରିଦେବାକୁ ଧମକ ଦିଆଯାଇଛି।ଏନେଇ ସେ ଯୁଯୁମୁରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଗତକାଲି ଦିନ ପ୍ରାୟ ୨ଟା ୩୦ ମିନିଟ୍ ସମୟରେ ଶିବ ଶଙ୍କରଙ୍କୁ ଫୋନ ଯୋଗେ ଯୁଯୁମୁରା ପଞ୍ଚାୟତ ଅଫିସକୁ ଡକା ଯାଇଥିଲା। ସେ ସେଠାରେ ପହଞ୍ଚିବା ପରେ ଦୀପକ ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ ଓ ଅନ୍ୟ ଦୁଇ ଜଣ ବ୍ୟକ୍ତି ଉପସ୍ଥିତ ଥିଲେ। ଅଭିଯୋଗ ଅନୁଯାୟୀ, ସେମାନେ ଶିବ ଶଙ୍କରଙ୍କୁ ଏକ କକ୍ଷ ଭିତରକୁ ନେଇ କବାଟ ବନ୍ଦ କରି ଦେଇଥିଲେ। ପରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଶାରୀରିକ ଭାବେ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏହାସହ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ମଧ୍ୟ ସେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଶିବ ଶଙ୍କର ତାଙ୍କ ଅଭିଯୋଗରେ ଆହୁରି ଦର୍ଶାଇଛନ୍ତି ଯେ, ସେ ସ୍ୱାସ୍ଥ୍ୟ କର୍ମୀ ଭାବେ କାର୍ଯ୍ୟରତ ଥିବା ସମୟରେ ଧରଣୀ ନାଗ ନାମକ ଜଣେ ବ୍ୟକ୍ତି ତାଙ୍କୁ ଅନେକ ଥର ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ଏହି ଘଟଣାଗୁଡ଼ିକୁ ନେଇ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକୁ ଭିତ୍ତି କରି ଯୁଯୁମୁରା ଥାନା ପୁଲିସ କେସ୍ ନମ୍ବର ୧୦୦/୨୬ ରେ ମାମଲା ରୁଜୁ କରିଛି। ଅଭିଯୋଗ ଅନୁସାରେ ଏ ନେଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଅନିମା ଏକ୍କା କହିଛନ୍ତି।

# ଶ୍ୟାମ ମେଟାଲିକ୍ସରେ ବିଶ୍ୱ ପରିବେଶ ଦିବସ

ସମ୍ବଲପୁର, ୫।୬(ସମିସ): ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ୍, ସମ୍ବଲପୁର ପକ୍ଷରୁ ବିଶ୍ୱ ପରିବେଶ ଦିବସ୨୦୨୬ ଉତ୍ସାହ ଓ ଆଡମ୍ବରର ସହିତ ପାଳନ କରାଯାଇଛି। ଏହି ଅବସରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ସମ୍ବଲପୁରର ଆଞ୍ଚଳିକ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ପରିବେଶ ସୁରକ୍ଷା, ସ୍ଥାୟୀ ବିକାଶ ଓ ସବୁଜ ପୃଥିବୀ ଗଠନରେ ସମସ୍ତଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ନିର୍ଦ୍ଦେଶକ ଦେବ କୁମାର ତିୱାରୀ, ସିଓଓ ସୂର୍ଯ୍ୟକାନ୍ତ କାହାଲସିଂହ, ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।ସୁରଜିତ ବରପଣ୍ଡା ପରିବେଶ ଶପଥ ପାଠ କରାଇବା ସହିତ ସମଗ୍ର କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କମ୍ପାନୀ ପକ୍ଷରୁ ଏକ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



ପ୍ଲାଣ୍ଟ ପରିସର ଭିତରେ ଓ ବାହାରେ ତଥା ପୋଣ୍ଡଲୋଇ ଗ୍ରାମରେ ମୋଟ ୬୦୦ଟି ଚାରାରୋପଣ କରାଯାଇଥିଲା। ଉଦ୍ୟାନ ବିଭାଗର ମାର୍ଗଦର୍ଶନରେ ଏହି ବୃକ୍ଷରୋପଣ ସଫଳତାର ସହ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମର ଶେଷରେ ଉପସଭାପତି (ସେଫ୍ଟି ଏବଂ ଇନଭାୟରମେଣ୍ଟ) ରଞ୍ଜିତ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

# ଆପ୍‌ର ସଦସ୍ୟତା ଅଭିଯାନ: ଲକ୍ଷ୍ୟ ୧୦ ହଜାର

ସମ୍ବଲପୁର, ୫।୬ (ସମିସ) : ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ସମ୍ବଲପୁର ଜିଲ୍ଲାରେ ସଦସ୍ୟତା ଅଭିଯାନ ଜାରି ରହିଛି। ଆପ୍‌ର ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ଓ ରୋଜଗାର ମଡେଲ ଘରେ ଘରେ ପହଞ୍ଚାଇବାକୁ ଯୋଜନା ରହିଛି। ୱେବ୍‌ସାଇଟ୍ ଏବଂ ୯୯୩୮ ୭୧୦୧୦୧ ନମ୍ବରରେ ମିସ୍ କଲ୍ କରି ସଦସ୍ୟତା ଗ୍ରହଣ କରିପାରିବେ ବୋଲି ଜିଲ୍ଲା ସଭାପତି ଗାନ୍ଧି ରୋହିଦାସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜୁନ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସଦସ୍ୟତା ଅଭିଯାନ କରାଯାଉଥିବାବେଳେ ସମ୍ବଲପୁର ଜିଲ୍ଲାର ଲକ୍ଷ୍ୟ ୧୦ ହଜାର ଥିବା ସେ କହିଛନ୍ତି। ଆପ୍ ମହାନଗର ସଭାପତି ପ୍ରଶାନ୍ତ ମହାରଣା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ପଦ୍ମନାଭ ମେହେର, ଗୋପବନ୍ଧୁ ଜଗଦଲା, ମେହେଫୁଜ ଆଲମ, ଭୂପେନ ସାହୁ, ବିରକିଶୋର ଭୋଇସାଗର, ସୀତାକାନ୍ତ ରୋହିଦାସ, କୁଞ୍ଜ ରୋହିଦାସ, ତିବିକ୍ରମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଆୟୋଜିତ ସମ୍ମିଳନୀରେ ସୂଚନା ଅନୁଯାୟୀ, ଆପ୍‌ର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍ରିୱାଲଙ୍କ ନିର୍ଦ୍ଦେଶକ୍ରମେ ଏବଂ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ସାରା ଓଡ଼ିଶାରେ ୧୪୭ ବିଧାନସଭାରେ ପାର୍ଟିର ସଦସ୍ୟତା ଅଭିଯାନ ଜୁନ୍ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ପ୍ରତି ଜିଲ୍ଲାରେ ପଞ୍ଚାୟତ ତଥା ବ୍ଲକ ସ୍ତରରୁ ସଦସ୍ୟ ସଂଗ୍ରହ କରିବା ସହ ଆପ୍ ସଙ୍ଗଠନକୁ ମଜବୁତ କରିବା ଏହାର ଲକ୍ଷ୍ୟ। ଶ୍ରୀ କେଜ୍ରିୱାଲଙ୍କ ନିର୍ଦ୍ଦେଶରେ କେନ୍ଦ୍ରରୁ ଓଡ଼ିଶାର ପ୍ରଭାରୀ ବିରେନ୍ଦ୍ର ସିଂ କାଡିଆନ୍‌ଙ୍କ ସହ ୫ଜଣ ସହପ୍ରଭାରୀ ଓଡ଼ିଶାର ଦାୟିତ୍ୱ ନେଇଛନ୍ତି। ସମ୍ପ୍ରତି ଦଳ ଓଡ଼ିଶାରେ ଦଳର ସଙ୍ଗଠନ ଏବଂ ଓଡ଼ିଶା ରାଜନୀତି ଉପରେ ଗୁରୁତ୍ୱ ଦେଉଛି। ଆଗାମୀ ପଞ୍ଚାୟତ ଏବଂ ପୌରାଞ୍ଚଳ ନିର୍ବାଚନରେ ଆପ୍ ଦଳ ବିଭିନ୍ନ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା।

# ସ୍ୱାସ୍ଥ୍ୟ ମିତ୍ରଙ୍କ ଚାକିରି ସଙ୍କଟରେ: ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲା ସଂଘ

ସମ୍ବଲପୁର, ୫।୬(ସମିସ): ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ଼ ବିପର୍ଯ୍ୟୟ ଦେଖାଦେଇଛି। କାର୍ଯ୍ୟରତ ୯୯୩ ଜଣ ସ୍ୱାସ୍ଥ୍ୟମିତ୍ରଙ୍କ ଭବିଷ୍ୟତ ଏବେ ସମ୍ପୂର୍ଣ୍ଣ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି। ସେବା ଚୁକ୍ତି ସମାପ୍ତ ହେବାକୁ ନେଇ ସେବା ପ୍ରଦାନକାରୀ ସଂସ୍ଥା ପକ୍ଷରୁ ନୋଟିସ୍ ମିଳିବା ପରେ 'ଅଲ୍ ଓଡ଼ିଶା ସ୍ୱାସ୍ଥ୍ୟମିତ୍ର ଆସୋସିଏସନ'ତରଫରୁ ଦାବି ପତ୍ର ପ୍ରଦାନ କରାଯାଇଛି। ସମ୍ବଲପୁର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ଜୀବିକା ବଞ୍ଚାଇବାକୁ ନେହୁରା ହୋଇଛି ସଂଘ। ସଂଘ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ମେ ୨୯ରେ ସେବା ପ୍ରଦାନକାରୀ ଏଜେନ୍ସି 'କାପ୍ରୋ ମ୍ୟାନେଜମେଣ୍ଟ ସଲ୍ୟୁସନ୍ସ, ଭୁବନେଶ୍ୱର' ପକ୍ଷରୁ ସମସ୍ତ ସ୍ୱାସ୍ଥ୍ୟମିତ୍ରଙ୍କୁ ମେଲ ଜରିଆରେ ଚାକିରିଅବ୍ୟାହତି ଚିଠି ଆସିଛି। ଏଥିରେ ଜୁନ ୩୦ ତାରିଖ ଶେଷ କାର୍ଯ୍ୟଦିବସ ବୋଲି ଉଲ୍ଲେଖ ରହିଛି। ସେମାନଙ୍କ ଅଭିଯୋଗ ଅନୁସାରେ ସ୍ୱାସ୍ଥ୍ୟମିତ୍ରମାନେ ବିଗତ ୨୦୧୯ ମସିହାରୁ (ପ୍ରାୟ ୮ ବର୍ଷ ହେବ) ରାଜ୍ୟର ବିଭିନ୍ନ ସରକାରୀ ଓ ତାଲିକାଭୁକ୍ତ ବେସରକାରୀ ଡାକ୍ତରଖାନାଗୁଡ଼ିକରେ ସେବା ଦେଉଛନ୍ତି। ଦିନରାତି ଏକ କରି, ଏପରିକି ଭୟଙ୍କର କରୋନା ମହାମାରୀ ସମୟରେ ମଧ୍ୟ ସେମାନେ ନିଜ ଜୀବନକୁ ବାଜି ଲଗାଇ ନିରବଚ୍ଛିନ୍ନ ସେବା ଯୋଗାଇ ଦେଇଥିଲେ। ଏହି ମୋଟ କର୍ମଚାରୀଙ୍କ ମଧ୍ୟରୁ ୭୦ ପ୍ରତିଶତରୁ ଅଧିକ ହେଉଛନ୍ତି ମହିଳା ରହିଛନ୍ତି। ଅଧିକାଂଶ ପରିବାରରେ ଏହି ଚାକିରି ହିଁ ଏକମାତ୍ର ରୋଜଗାରର ମାଧ୍ୟମ ହୋଇଥିବାରୁ,



### ସମ୍ବଲପୁର ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର

### ୮ ବର୍ଷ ସେବା ପ୍ରଦାନ ପରେ ଅବ୍ୟାହତି ଚିଠି

ଚାକିରି ଗଲେ ଅନେକ କଷ୍ଟ ହେବ ବୋଲି କହିଛନ୍ତି। ଗୋଟିଏ ପଟେ ଚାକିରି ହରାଇବା ଆଶଙ୍କା ଥିବା ବେଳେ ବିଗତ ଦୁଇ ମାସ ହେବ ସେମାନଙ୍କୁ କୌଣସି ଦରମା ମିଳିନାହିଁ, ଯାହା ସେମାନଙ୍କ ଆର୍ଥିକ ସ୍ଥିତିକୁ ଆହୁରି ଦୟନୀୟ କରିଦେଇଛି। ଗତ ମାର୍ଚ୍ଚରେ ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱାସ୍ଥ୍ୟମିତ୍ରଙ୍କ ସମସ୍ୟା ନେଇ ସକାରାତ୍ମକ ବକ୍ତବ୍ୟ ରଖିଥିଲେ, ହେଲେ ଏହି ଅପ୍ରତ୍ୟାଶିତ ନିଷ୍ପତ୍ତି ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ନିକଟରେ ୪୦ ଜଣ ସ୍ୱାସ୍ଥ୍ୟମିତ୍ରଙ୍କୁ ସରକାରୀ ହସ୍ପିଟାଲଗୁଡ଼ିକରେ ପ୍ରଧାନମନ୍ତ୍ରୀ ଆରୋଗ୍ୟ ମିତ୍ର ଭାବେ ନିଯୁକ୍ତି କରାଯାଇଛି। କିନ୍ତୁ ବଳକା ୯୫୩ ଜଣଙ୍କୁ କୌଣସି ସୁବିଧା ନ କରାଯାଇ ଚାକିରିରୁ ଅବ୍ୟାହତି କରାଯାଉଛି ବୋଲି ସଂଘ ପ୍ରଶ୍ନ କରିଛି। ତେଣୁ ଏ ସମ୍ପର୍କରେ ସରକାର ଦୃଷ୍ଟି ଦେବାକୁ ସଂଘ ଦାବି କରିଛି। ଦାବି ପତ୍ର ଦେବା ବେଳେ ବିବେକାନନ୍ଦ ସାହୁ, ସୌମ୍ୟରଞ୍ଜନ ବାରିକ, ରଜକ କୁମାର ବରିହା, ସୁବୋଦ ବେହେରା, ଶ୍ରୀପନ ପ୍ରଧାନ, ଅନିଲ ପଧାନ, ନିହାରିକା ମାଝି, ଫାଲଗୁନି ପଣ୍ଡା, ପ୍ରିୟଙ୍କା ଭୁଏ, ଅନୁପମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବାରବାଙ୍କ ଉଚ୍ଚ ବିଦ୍ୟାଳୟକୁ 'ପ୍ରକୃତି ମିତ୍ର ପୁରସ୍କାର

ରେଢ଼ାଖୋଲ, ୫।୬ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବଂଶାଜାଲପଞ୍ଚାୟତ ବାରବାଙ୍କ ଉଚ୍ଚ ବିଦ୍ୟାଳୟ କୁ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ବିଦ୍ୟାଳୟ ପରିସରକୁ ସବୁଜ ଓ ପରିଚ୍ଛନ୍ନ ରଖିବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଚଳିତ ବର୍ଷର ଜିଲ୍ଲା ସ୍ତରରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ସମ୍ବଲପୁର ଦ୍ୱାରା ଆୟୋଜିତ ବିଶ୍ୱ ପରିବେଶ ଦିବସ ଅବସରରେ 'ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କ ସକ୍ରିୟ ସହଭାଗିତାରେ ବିଭିନ୍ନ ପରିବେଶ ସଚେତନତା କାର୍ଯ୍ୟକ୍ରମ, ବୃକ୍ଷରୋପଣ ଅଭିଯାନ, ପ୍ଲାଷ୍ଟିକ ବର୍ଜନ ଏବଂ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମସ୍ତ କାର୍ଯ୍ୟକଳାପକୁ ବିଚାର କରି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିଦ୍ୟାଳୟକୁ ଆଗାମୀ ଦିନରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଆହୁରି ଉତ୍ସାହିତ କରିବ ବୋଲି ପ୍ରଧାନଶିକ୍ଷୟତ୍ରୀ ସୁସ୍ମିତା ପ୍ରଧାନ ଓ ଇକୋ କ୍ଲବ୍ ଅଧିକାରୀ ସତ୍ୟ ନାରାୟଣ ପୋଢ଼ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ସର୍ବଭାରତୀୟ ସମ୍ବଲପୁର କପ୍ କବାଡ଼ି ପ୍ରତଯୋଗିତ




ସମ୍ବଲପୁର, ୫।୬(ସମିସ): ସର୍ବଭାରତୀୟ ସମ୍ବଲପୁର କପ୍ କବାଡି ପ୍ରତଯୋଗିତାର ଦ୍ୱିତୀୟ ସନ୍ଧ୍ୟାରେ ୭ ମ୍ୟାଚ୍ ଆୟୋଜିତ ହୋଇଛି।ଶ୍ୟାମ ମେଟାଲିକ୍ସର ଉପସଭାପତି ରଞ୍ଜିତ୍ ଘୋଷ, ସିନିୟର୍ ମ୍ୟାନେଜର ସୁରଜିତ ବଡ଼ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ୍ କଟକ ଏବଂ ଉତ୍ତରପ୍ରଦେଶ ମଧ୍ୟରେ ହୋଇଥିଲା ଯାହାକି ଉତ୍ତରପ୍ରଦେଶ ୪୩/୩୩ ରେ ଜିତିଥିଲା। ମଞ୍ଜିତ୍ ଠାକୁର ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍ ଗୁଜରାଟ ଏବଂ ଜବଲପୁର (ମଧ୍ୟପ୍ରଦେଶ) ମଧ୍ୟରେ ହୋଇଥିଲା। ଏଥିରେ ଜବଲପୁର ୪୦/୩୨ରେ ବିଜୟୀ ହୋଇଥିଲା, ପ୍ରୋ ଖେଳାଡି ଦୁର୍ଗେଶ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତୃତୀୟ ମ୍ୟାଚ୍ ଆନ୍ଧ୍ର ଏବଂ ଉତ୍ତରପ୍ରଦେଶ ମଧ୍ୟରେ ହୋଇଥିଲା ଓ ଏହାକୁ ଉତ୍ତରପ୍ରଦେଶ ଦଳ ୪୩/୨୫ ରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ୍ ମୁମ୍ବାଇ ପୁଲିସ ଓ ସମ୍ବଲପୁର ମଧ୍ୟରେ ହୋଇଥିଲା ଏହାକୁ ମୁମ୍ବାଇ ପୁଲିସ ୩୭/୨୬ ରେ ଜିତିଥିଲା।ଆୟୋଜକ କମିଟିର ସଭାପତି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ପାଦକ ସୁଶାନ୍ତ ପୁରୋହିତ ଉପସଭାପତି ସମୀର ବାବୁ, କୋଷାଧକ୍ଷ ଅନିଲ ବେହେରା, ଡାକ୍ତର ସଞ୍ଜୀବ ମିଶ୍ର ମ୍ୟାନ ଅଫ୍ ଦି ମ୍ୟାଚ୍‌ମାନଙ୍କୁ ପୁରସ୍ତୃତ କରିଥିଲେ। ରାଜୁ ସେଠ୍, ଫନୀ ମିଶ୍ର, ଅଜିତ୍ ବେହେରା, ଶ୍ରୀକାନ୍ତ ବାରିକ, ଅନୁପ ତରିଆ, ରାମଦାସ ପଣ୍ଡା, ମୋହନ ଦାସ, ସୁବ୍ରତ ପୁରୋହିତ, ଅଭିଜିତ୍ ପାଣିଗ୍ରାହୀ ସଞ୍ଚାଳନ କରିଥିଲେ।

# କୁଞ୍ଜମହୁଲ ପଶ୍ଚିମ ଓଡ଼ିଶାର ପ୍ରଥମ 'ସୂର୍ଯ୍ୟଘର ଗ୍ରାମ'

### ସମସ୍ତ ଗ୍ରାମବାସୀଙ୍କ ଛାତ ଉପରେ ବସିଲା ସୌର ପ୍ୟାନେଲ୍

ସମ୍ବଲପୁର, ୫।୬ (ସମିସ)

ପଶ୍ଚିମ ଓଡ଼ିଶାର ଅନେକ ଅପହଞ୍ଚ ଗ୍ରାମ ମଧ୍ୟରୁ ସୋନପୁର ଜିଲ୍ଲା ପିତାମହୁଲ ଗ୍ରାମ ପଞ୍ଚାୟତର କୁଞ୍ଜମହୁଲ ଗ୍ରାମଟି ଅନ୍ୟତମ। ଏହି ଗ୍ରାମରେ ୩୨ଟି ପରିବାର ବସବାସ କରନ୍ତି। ଏହି ୩୨ ପରିବାରଙ୍କ ମଧ୍ୟରୁ ଯୋଗ୍ୟ ୨୮ଟି ପରିବାରଙ୍କ ଛାତ ଉପରେ ଏବେ ସ୍ଥାପନ ହୋଇଛି ସୋଲାର ପ୍ୟାନେଲ୍। 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା' ଅନ୍ତର୍ଗତ ତଥା ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ପ୍ରଚଳିତ 'ୟୁଟିଲିଟି ଲେଡ ଏଗ୍ରିଗେସନ୍' (ଉଲା) ଯୋଜନାରେ ମାତ୍ର ୧୮୭୫ ଟଙ୍କା ବ୍ୟୟରେ ଗାଁର ସମସ୍ତ ଯୋଗ୍ୟ ବିଦ୍ୟୁତ୍ ଗ୍ରାହକଙ୍କ ଛାତ ଉପରେ ଏକ କିଲୋୱାଟର ସୌର ପ୍ୟାନେଲ୍ ସ୍ଥାପନ କରାଯାଇଛି। କୁଞ୍ଜମହୁଲ ଗ୍ରାମବାସୀଙ୍କ ସହ



କମ୍ପାନୀ ପକ୍ଷରୁ ସଚେତନତାମୂଳକ ଆଲୋଚନା ପରେ ସମସ୍ତେ ଏହି 'ଉଲା ଯୋଜନା' ଅଧିନରେ ନିଜ ଘରର ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନ କରିବା ପାଇଁ ସହମତି ପ୍ରକାଶ କରିଥିଲେ।

ଏନେଇ ଟିପିଡବ୍ଲ୍ୟୁଓଡିଏଲ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, କୁଞ୍ଜମହୁଲର ପଶ୍ଚିମ ଓଡ଼ିଶାର ପ୍ରଥମ 'ସୂର୍ଯ୍ୟଘର ଗ୍ରାମ' ଭାବେ ପରିଣତ ହେବା ଦର୍ଶାଉଛି ଯେ, ଯେତେବେଳେ କୌଣସି ସମୁଦାୟ ଏକାଠି ହୋଇ ଉନ୍ନୟନମୂଳକ ପଦକ୍ଷେପକୁ ଗ୍ରହଣ କରନ୍ତି, ସେତେବେଳେ ସବୁଜ ଶକ୍ତି ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିପାରେ। ଏହି ସଫଳତାର ସବୁଠାରୁ ବଡ଼ ବିଶେଷତା ହେଉଛି ଗ୍ରାମର ପ୍ରତ୍ୟେକ ଯୋଗ୍ୟ ପରିବାର ସୋଲାର ଶକ୍ତିକୁ ଆପଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କେବଳ ଗୋଟିଏ ଦିନରେ ହିଁ ସମସ୍ତ ୨୮ ଗ୍ରାମବାସୀଙ୍କ ଘରର ଛାତ ଉପରେ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ସୌର ପ୍ୟାନେଲ୍ ସ୍ଥାପନ କରାଯିବା ସହ ଏହାକୁ କାର୍ଯ୍ୟକ୍ଷମ କରାଯାଇଥିଲା। ଏହି ସୌର ପ୍ୟାନେଲ୍ ଦ୍ୱାରା ପ୍ରତ୍ୟେକ ଗ୍ରାମବାସୀ ମାସିକ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଉତ୍ପାଦନ କରିପାରିବେ ଏବଂ ବାର୍ଷିକ ବିଜୁଳି ଖର୍ଚ୍ଚରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ।

## ୧୨ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**ବିଜେପୁର, ୫।୬(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ୧୨ଟି ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଜେପୁର ବିଧାୟକ ସନତ ଗଡ଼ତିଆଙ୍କ କରକମଳରେ ଏହି ସମସ୍ତ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଛି। ଏହି ଅବସରରେ ବିଜେପୁର ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଙ୍କ ବିଭୁଦତ୍ତ ସାହୁ, ଏନ୍‌ଏସି ଅଧ୍ୟକ୍ଷା ସୀତା ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ବେହେରା, ଏଇ ଅଜୟ ପାତ୍ରଙ୍କ ସମେତ ବହୁ ଜନପ୍ରତିନିଧି, କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ଉଦ୍‌ଘାଟିତ ଓ ଭିତ୍ତିପ୍ରସ୍ତର ସ୍ଥାପିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୨୦ କିଲୋୱାଟ୍ ରୁଫଟପ୍ ହାଇବ୍ରିଡ୍ ସୋଲାର ପ୍ରକଳ୍ପ, ଇଭି ଚାର୍ଜିଂ ଷ୍ଟେସନ, ୫୦୦ ଆସନ ବିଶିଷ୍ଟ ହଲ୍, କଲ୍ୟାଣ ମଣ୍ଡପ, ଦାମୋଦର କଟାଠାରେ ବୋଟିଂ ସୁବିଧା, ପାର୍ବତୀ ଗିରି କମ୍ପ୍ଲେକ୍ସ, ସହରାଞ୍ଚଳ ବନୀକରଣ ପ୍ରକଳ୍ପ, ସ୍ମାର୍ଟ୍ ପାର୍କ, ସହରାଞ୍ଚଳ ହାଟ, ଫୁଡ୍ କୋର୍ଟ, ବୈଦ୍ୟୁତିକ ଯାନ ପରିଚାଳନା ବ୍ୟବସ୍ଥା ଏବଂ ଆଧୁନିକ ଶୌଚାଳୟ ପରିଚାଳନା ବ୍ୟବସ୍ଥା ପ୍ରମୁଖ ରହିଛି।

## ଅର୍ଦ୍ଧ ନିର୍ମିତ ଅବସ୍ଥାରେ କୁମୀର ଅଙ୍ଗନବାଡ଼ି ଗୃହ



**ଝାରବନ୍ଧ, ୫।୬(ସମିସ):** ଝାରବନ୍ଧ ବ୍ଲକ କୁମୀର ଗ୍ରାମରେ ନିର୍ମାଣାଧୀନ ଅଙ୍ଗନବାଡି ଗୃହ ଦୀର୍ଘଦିନ ଧରି ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଏଣୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଶିଶୁ ଓ ମାତୃ ସେବାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଅଙ୍ଗନବାଡି ଗୃହ ନିର୍ମାଣ ଯୋଜନା ଆରମ୍ଭ ହୋଇଥିଲେ ମଧ୍ୟ କୁମୀର ଗ୍ରାମରେ ଏହା କାଗଜପତ୍ରରେ ସୀମିତ ରହିଥିବା ଭଳି ମନେ ହେଉଛି। ବର୍ଷ ବର୍ଷ ଧରି କାର୍ଯ୍ୟ ବନ୍ଦ ରହିଛି। ଅଙ୍ଗନବାଡି ଗୃହ ଅଭାବରୁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଶିଶୁମାନଙ୍କ ପ୍ରାକ୍-ପ୍ରାଥମିକ ଶିକ୍ଷା ଏବଂ ପୌଷ୍ଟିକ ସେବା ମଧ୍ୟ ପ୍ରଭାବିତ ହେଉଛି। ଶୀଘ୍ର ନିର୍ମାଣ କାର୍ଯ୍ୟ ପୁନଃ ଆରମ୍ଭ କରି ଗୃହକୁ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମବାସୀ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି। ସରକାର ଅଙ୍ଗନବାଡି ଭିତ୍ତିଭୂମିର ଉନ୍ନତି ଉପରେ ଗୁରୁତ୍ୱ ଦେଉଥିବା ବେଳେ କୁମୀର ଗ୍ରାମର ଏହି ଅଧାପନ୍ତରିଆ ପ୍ରକଳ୍ପ କେବେ ସମ୍ପୂର୍ଣ୍ଣ ହେବ ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠିଛି। ଶିଶୁମାନଙ୍କ ପାଇଁ ସ୍ୱପ୍ନର ଅଙ୍ଗନବାଡି ଗୃହ ବର୍ତ୍ତମାନ ସ୍ୱପ୍ନ ପାଲଟିଥିବା କେବେ ନିର୍ମାଣ କାର୍ଯ୍ୟ ସମାପନ ହେବ ଲୋକଙ୍କ ନଜର ରହିଛି।

## ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ



**ବରଗଡ଼, ୫।୬(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅରେଇଗୁଡ଼ି ପଞ୍ଚାୟତର ଚାଷୀ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଗତ ୧୧ ତାରିଖରୁ ମଣ୍ଡିରେ ଧାନ ପଡ଼ି ରହିଥିବା ବେଳେ ମନ୍ଥର ଗତିରେ ଧାନ ଉଠୁଛି। ଏହାସହ କଟନୀ ଛଟନି ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ତେବେ ଆସନ୍ତା ୨ ଦିନ ମଧ୍ୟରେ ସମସ୍ତ ଧାନ ଉଠା ନ ଗଲେ ବରଗଡ଼ ଜିଲ୍ଲାରେ ଏକ ବିରାଟ ଧରଣର ଆନ୍ଦୋଳନ ହେବ ବୋଲି ଚାଷୀ ଚେତାବନୀ ଦେଇଛନ୍ତି।

### ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ

# ସୁସ୍ଥ ପରିବେଶ ପାଇଁ ଚାରାରୋପଣ ହିଁ ବିକଳ୍ପ

**ବରଗଡ଼, ୫।୬(ସମିସ)**

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଭଟଲି ବ୍ଲକ ପିପଲମୁଣ୍ଡା ନର୍ସରୀରେ ଶୁକ୍ରବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ପରିବେଶ ଗଠନ ନିମନ୍ତେ ଅଧିକରୁ ଅଧିକ ଚାରାରୋପଣ କରିବାକୁ ଆହ୍ୱାନ ଦିଆଯାଇଛି। ସୁସ୍ଥ ପରିବେଶ ପାଇଁ ଚାରାରୋପଣ ହିଁ ବିକଳ୍ପ ବୋଲି ମତ ପ୍ରକାଶ ପାଇଛି। ଏହି ଅବସରରେ ପରିବେଶର ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାର ୧୦ ଜଣଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ଏବଂ ୧୧ଟି ଅନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ସମ୍ମାନିତ ଅତିଥି ଭାବେ ବରଗଡ଼ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ରନାଥ ଶତପଥୀ, ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା ଏବଂ ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ବରଗଡ଼ ପୌରପରିଷଦ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକରୁ ବୀର ସୁରେନ୍ଦ୍ର ସାଏ ଛକ ପର୍ଯ୍ୟନ୍ତ ମଧ୍ୟ ଚାରାରୋପଣ କରାଯାଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝୀ, ସାଂସଦ ପ୍ରତିନିଧି ଲିପ୍ସିତ ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଉପଜିଲ୍ଲାପାଳ ପ୍ରସନ୍ନ ପଣ୍ଡା, ବରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

ସେହିଭଳି ଚକରକେନ୍ଦ ସନ୍ଥକବି ଭୀମ ଭୋଇ ମହିମା +୩ ମହାବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ କାର୍ତ୍ତିକେୟ ସାଥୁଆଙ୍କ ସଭାପତିତ୍ୱ ଓ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚର ସମ୍ପାଦକ ମିନିକେତନ ସାହୁଙ୍କ ପରିଚାଳନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମଳ ସା, ଜିଲ୍ଲା ପରିବେଶ ମଞ୍ଚ ଉପ ସଭାପତି ବଡ଼ ଶତପଥୀ, ଭୁବନେଶ୍ୱର ପଧାନ, ନବଜ୍ୟୋତି କଲେଜ ଅଧ୍ୟକ୍ଷ ହୃଷିକେଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ଼. ସୁରେଶ ଅଗ୍ରୱାଲ ଓ ପ୍ରକାଶ ଚନ୍ଦ୍ର ବରିହାଙ୍କୁ ପରିବେଶ ସେବକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଧାପକ ସୁଶୀଲ ବାରିକ, ରାଜଲକ୍ଷ୍ମୀ ବାରିକ, ଜୁବଳି ପଧାନ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କେଦାରନାଥ ସାହୁ ଧନ୍ୟବାଦ ଆର୍ପଣ କରିଥିଲେ।

ଅନ୍ୟପକ୍ଷେ ବରଗଡ଼ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ସୁଦୀପ ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂଘର ସମ୍ପାଦକ ସର୍ଦ୍ଦାର ପ୍ରିତମ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରକୃତି ବନ୍ଧୁ ଡ ଡୋଳାମଣି ଶତପଥୀ, ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ କପିଳେଶ୍ୱର ବାଗ, ଶିକ୍ଷୟିତ୍ରୀ ବବିତା ନାଏକ, ଶିକ୍ଷକ ଦିଲ୍ଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲରେ ଚାରାରୋପଣ ହୋଇଥିଲା। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ଗାଇସିଲେଟ:** କଟାବାହାଲ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସରପଞ୍ଚ ଅର୍ପିତା ପଣ୍ଡାଙ୍କ ନେତୃତ୍ୱରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ନାଏବ ସରପଞ୍ଚ ଉପେନ୍ଦ୍ର ବିଭାର, ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କାର୍ତ୍ତିକେଶ୍ୱର ବେହେରା, ୱାର୍ଡସଭ୍ୟ, କର୍ମଚାରୀ, ସ୍ୱୟଂସାହାୟକ ଗୋଷ୍ଠୀର ମହିଳା, ଯୁବବର୍ଗ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସମସ୍ତେ ସାପ୍ତାହିକ ବଜାର ପରିସର ସଫା କରିବା ସହିତ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଥିଲା। ଏଡିଇଓ ସତ୍ୟାନନ୍ଦ ହାତୀ ଧନ୍ୟବାଦ ଅର୍ପଣ କରିଥିଲେ।








## ଲରମ୍ଭାରେ ବ୍ରଜମୋହନ ପଣ୍ଡାଙ୍କ ଜୟନ୍ତୀ

**ବରଗଡ଼, ୫। ୬(ସମିସ):** ଅତାବିରା ବ୍ଲକ ଲରମ୍ଭା କଲେଜରେ ଶିକ୍ଷାପ୍ରେମୀ ବ୍ରଜମୋହନ ପଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଛି। ତାଙ୍କ ବାସଭବନରେ ପୂଜାର୍ଚ୍ଚନା ପରେ ଲରମ୍ଭା ପ୍ରାଥମିକ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ୧୮୯୦ ଜୁନ ୫ ତାରିଖରେ ଲରମ୍ଭା ଗ୍ରାମରେ ଭୂମିଷ୍ଠ ହୋଇଥିବା ବ୍ରଜମୋହନ ପଲ୍ଲୀଶିକ୍ଷାର ବିକାଶ ପାଇଁ ନେଇଥିବା ଯୋଜନା ଓ ଅଞ୍ଚଳର ସାମଗ୍ରିକ ବିକାଶର ସଫଳ ରୂପାୟନକୁ ମୁଖ୍ୟ କରି ଏକ ଆଲୋଚନାଚକ୍ର ଲରମ୍ଭା କଲେଜରେ ଅଧ୍ୟକ୍ଷ ଅଶୋକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରମୋଦ ଭୋଇ ମଞ୍ଚାସୀନ ରହି ବ୍ରଜମୋହନଙ୍କ ଅବଦାନ ଉପରେ ଆଲୋଚନା କରିଥିଲେ। ଏହାପରେ ପୁରୁଣା ଛାତ୍ରମାନଙ୍କୁ ନେଇ ଏକ ସାମୂହିକ ଆଲୋଚନା କରାଯାଇ ଡିଜିଟାଲ ଛାତ୍ର ପଞ୍ଜିକରଣ କରାଯାଇଥିଲା। ଆସିଥିବା ପୁରାତନ ଛାତ୍ର ମାନେ ନିଜର ଅଭିମତ ପ୍ରଦାନ କରିଥିଲେ।

## ଲେରଗାଁରେ ସୀମା ଚିହ୍ନଟ

**ଝାରବନ୍ଧ, ୫।୬(ସମିସ):** ଝାରବନ୍ଧ ବ୍ଲକ ଲେରଗାଁ ଗ୍ରାମରେ ରାସ୍ତା ଜମିକୁ କେନ୍ଦ୍ର କରି ଦୀର୍ଘଦିନ ଧରି ଚାଲିଆସୁଥିବା ବିବାଦର ସମାଧାନ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାର ଅଂଶସ୍ୱରୂପ ଆଜି ରାଜସ୍ୱ ଓ ପୁଲିସ ବିଭାଗର ମିଳିତ ଉପସ୍ଥିତିରେ ବିବାଦୀୟ ସ୍ଥାନ ତଥା ଗ୍ରାମର ଦୁଇ ଜଣ ବ୍ୟକ୍ତିଙ୍କ ଜମିର ସୀମା ଚିହ୍ନଟ କାର୍ଯ୍ୟ ସମ୍ପନ୍ନ ହୋଇଛି। ଝାରବନ୍ଧ ତହସିଲଦାର ଅଲେଖ ଘୁଟାଙ୍କ ନେତୃତ୍ୱରେ ରାଜସ୍ୱ ବିଭାଗ ଟିମ୍ ଜମିର ରେକର୍ଡ ଓ ମାନଚିତ୍ର ଆଧାରରେ ସ୍ଥଳ ପରିଦର୍ଶନ କରି ସୀମା ନିର୍ଦ୍ଧାରଣ କରିଥିଲେ। ଏହି ସମୟରେ ଝାରବନ୍ଧ ଥାନା ଅଧିକାରୀ ସଞ୍ଜୟ ପରିଡ଼ାଙ୍କ ସହ ପୁଲିସ ବାହିନୀ ଉପସ୍ଥିତ ରହି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ। ସୀମା ଚିହ୍ନଟ କାର୍ଯ୍ୟରେ ଝାରବନ୍ଧ, ଲୌଡିଦର୍ହା ଓ ଡଭା ଅଞ୍ଚଳର ରାଜସ୍ୱ ନିରୀକ୍ଷକମାନେ ସାମିଲ ହୋଇଥିବା ବେଳେ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଜମି ମାପଚୁପ ଓ ଯାଞ୍ଚ କରାଯାଇଥିଲା। ପ୍ରଶାସନର ଏହି ପଦକ୍ଷେପ ଦ୍ୱାରା ଦୀର୍ଘଦିନର ରାସ୍ତା ଜମି ବିବାଦର ସମାଧାନ ହେବା ସହ ଗ୍ରାମବାସୀଙ୍କ ଯାତାୟାତ ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି। ସ୍ଥାନୀୟ ଲୋକେ ମଧ୍ୟ ପ୍ରଶାସନର ଏହି କାର୍ଯ୍ୟକୁ ସ୍ୱାଗତ କରିଛନ୍ତି।



## କଟାପାଲିରେ 'ଆସ ଆମେ ପଢ଼ିବା' କାର୍ଯ୍ୟକ୍ରମ

**ବରଗଡ଼, ୫। ୬(ସମିସ):** ବିଦ୍ୟାଳୟ ଛୁଟି ସମୟରେ ପିଲାଙ୍କୁ ପାଠ ପଢ଼ା ସହ ଜଡ଼ିତ କରି ପୁସ୍ତକ ମନସ୍କ କରାଇବା ଓ ବିଭିନ୍ନ ବିଷୟରେ ଥିବା ସନ୍ଦେହକୁ ଦୂର କରାଇବା ଉଦ୍ଦେଶ୍ୟରେ ଦୀର୍ଘ ୮ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ଆସ ଆମେ ପଢ଼ିବା କାର୍ଯ୍ୟକ୍ରମ ସ୍ଥାନୀୟ କଟାପାଲି ଗାଁସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିସର ମଧ୍ୟରେ ଆୟୋଜିତ ହୋଇଯାଇଛି। ଗାଁର ଉଦୀୟମାନ ଯୁବକ ତରଣୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ପାଇଁ ଗପ, ଗୀତ ଓ କବିତା ପାଠ କରାଯିବା ସହ ଶିକ୍ଷାଦାନ ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, ସାମାଜିକ କର୍ମୀ ସଙ୍ଘମିତ୍ରା ପଟେଲ, ଡ. ଡୋଳାମଣି ଶତପଥୀ, ପଣ୍ଡିତ କପିଳ ବାଗ, ଅବସରପ୍ରାପ୍ତ ଶିକ୍ଷକ ରଙ୍କମଣି କ୍ଷେତି, ଡାକ୍ତର ଭୋଇ, ଶିକ୍ଷକ ଦୁଃଖୀ ସେବକ ସାହୁ ପ୍ରମୁଖ ଶିକ୍ଷାଦାନ କରିଥିଲେ। ଡକ୍ଟର ରବିନାରାୟଣ ସାହୁ ସଂଯୋଜନା କରିଥିଲେ।

## ଏସ୍‌ପିଙ୍କୁ ଭେଟିଲେ ମହିଳା

**ବରଗଡ଼, ୫।୬(ସମିସ):** ବରଗଡ଼ ଏସ୍‌ପି ରବୀନ୍ଦ୍ର ଶତପଥୀଙ୍କୁ ବରଗଡ଼ ମହିଳା ସମିତିର କର୍ମକର୍ତ୍ତା ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଆଲୋଚନା କରିଛନ୍ତି। ବରଗଡ଼ରେ ଏକ ମହିଳା ଥାନାର ଜରୁରୀ ଆବଶ୍ୟକତା ଥିବା ସମିତିର ଦୀର୍ଘ ଦିନର ଦାବି ପ୍ରତି ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସଭାନେତ୍ରୀ ମନ୍ଦାକିନୀ ପତିଙ୍କ ନେତୃତ୍ୱରେ ସମ୍ପାଦିକା ରିନୁ ପତି, ମମତା ମିଶ୍ର, ରାଧାରାଣୀ ମିଶ୍ର, ଇନ୍ଦ୍ରାଣୀ ଶତପଥୀ, ଜୟନ୍ତୀ ପ୍ରଧାନ, ମୀନାକ୍ଷୀ କର, ଦିବ୍ୟକାନ୍ତୀ ଭୋଇ ଓ ମୀନା ପଣ୍ଡା ପ୍ରମୁଖ ଏସ୍‌ପି ଶ୍ରୀ ଶତପଥୀଙ୍କୁ ଭେଟିଥିଲେ।

## ନୀଳମାଧବ ଦାଶଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବରଗଡ଼, ୫।୬(ସମିସ):** ବରଗଡ଼ ବ୍ଲକ ଗୁଡେଶିରା ଗ୍ରାମର ବର୍ଷିୟାନ ନାଗରିକ ନୀଳମାଧବ ଦାଶଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋ ଯାଇଛି। ସଭାରେ କୁଳମଣି ଦାଶ, ସୁବାସ ଆଚାର୍ଯ୍ୟ, ଲଳିତ ଆଚାର୍ଯ୍ୟ, ରୁପେଶ୍ୱର୍ ଦାଶ, ଗଗନ ବିହାରୀ ଦାଶ, ଆଦିକନ୍ଦ ଦାଶ, ବୁଦ୍ଧଦେବ ଦାଶ, ମହେନ୍ଦ୍ର ଦାଶ, ପଙ୍କଜ ଦାଶ, ହାଡୁ ସାହୁ, ପୂର୍ଣ୍ଣ ସାହୁ, ଦେବାଶିଷ ଦାଶ, ଟୁଟୁନ ଦାଶ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ତାଙ୍କର ଗୁଣାବଳି ଗାନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜନବସତି ଶୂନ୍ୟ ଅଞ୍ଚଳରେ କଂକ୍ରିଟ ରାସ୍ତା

**ବରଗଡ଼, ୫।୬(ସମିସ)**



ଝାରବନ୍ଧ ବ୍ଲକ କୁମୀର ଗ୍ରାମରୁ ପ୍ରାୟ ୨ କିଲୋମିଟର ଦୂର ଜନବସତି ଶୂନ୍ୟ ଅଞ୍ଚଳ ଜଟେଶିରା ରାସ୍ତାରୁ ବାମ ପଟରେ ଥିବା ରାସ୍ତାରେ ଏକ କଂକ୍ରିଟ ରାସ୍ତା ନିର୍ମାଣ କାମ ଚାଲିଛି। ପିଚୁ ରାସ୍ତାରୁ କାମ ଆରମ୍ଭ ନ କରି ମଝି ରାସ୍ତାରେରେ କାମ କରିବା ସହ ନିର୍ମାଣସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନ ଥିବାରୁ କାର୍ଯ୍ୟର ସ୍ୱଚ୍ଛତା ଏବଂ ଆବଶ୍ୟକତାକୁ ନେଇ ସ୍ଥାନୀୟ ମହଲରେ ପ୍ରଶ୍ନ ଉଠିଛି। ସାଧାରଣତଃ ସରକାରୀ ଯୋଜନାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରକଳ୍ପର ନାମ, ବ୍ୟୟ ଅଟକଳ, ଲମ୍ବ, ଅର୍ଥର ଉତ୍ସ ଏବଂ କାର୍ଯ୍ୟ ନିର୍ବାହୀ ସଂସ୍ଥା ସମ୍ପର୍କିତ ତଥ୍ୟ ସୂଚନା ଫଳକରେ ଉଲ୍ଲେଖ କରାଯାଇଥାଏ; କିନ୍ତୁ ଏହି ସ୍ଥାନରେ ସେଭଳି କୌଣସି ଫଳକ ନ ଥିବାରୁ ଏହା କେଉଁ ଯୋଜନାରେ ଏବଂ କେତେ ବ୍ୟୟରେ ନିର୍ମାଣ ହେଉଛି ତାହା ସ୍ପଷ୍ଟ ହୋଇପାରୁନାହିଁ। ଅନ୍ୟପକ୍ଷରେ ଜନବସତି ଶୂନ୍ୟ ଅଞ୍ଚଳରେ ରାସ୍ତା ନିର୍ମାଣର ଆବଶ୍ୟକତାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ଲୋକେ ଏହି କାର୍ଯ୍ୟର ଉଦ୍ଦେଶ୍ୟ ଏବଂ ପ୍ରକଳ୍ପ ସମ୍ପର୍କିତ ସମସ୍ତ ତଥ୍ୟ ସାର୍ବଜନୀନ କରିବାକୁ ଦାବି କରିଛନ୍ତି।

# ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ନେଇ ପ୍ରସ୍ତୁତି



**ଝାରବନ୍ଧ, ୫।୬(ସମିସ):** ଜୁନ୍ ୨୧ ତାରିଖରେ ପାଳିତ ହେବାକୁ ଥିବା ଆନ୍ତର୍ଜାତୀୟ ଯୋଗ ଦିବସକୁ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମକୁ ସଫଳ ଭାବେ ଆୟୋଜନ କରିବା ନେଇ ଝାରବନ୍ଧ ହସ୍ପିଟାଲରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡଭା ସିଏଚସିର ବିପିଏମ ତ୍ରିନାଥ ପ୍ରଧାନ ଓ ଯୋଗ ମହୋତ୍ସବ ସମିତିର ଉପଦେଷ୍ଟା କୁମାର ଗୌରବ ବେହେରା, ଜିଲ୍ଲା ଯୋଗ ମହୋତ୍ସବ ସମିତିର ସଂଯୋଜକ ମାର୍ତ୍ତଣ୍ଡ ଦେବ ସାହୁ ଉପସ୍ଥିତ ଥିଲେ। ଏଥିସହ ଝାରବନ୍ଧ ଓ ଡଭା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଯୋଗ ଯୋଗ ଶିକ୍ଷକ ନିମାଇଁ ଚାନ୍ଦ ବାରିକ, ବିଜାଡୋଲ ଏବଂ ଭଣ୍ଡାରପୁରୀର ଯୋଗ ଶିକ୍ଷୟତ୍ରୀ ଡାଳିମ୍ବ ପ୍ରଧାନ ଙ୍କ ସମେତ ସମସ୍ତ ପଞ୍ଚାୟତର ଯୋଗ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଯୋଗ ଦିବସ ପାଳନ, ଅଧିକରୁ ଅଧିକ ଲୋକଙ୍କ ସହଭାଗିତା, ଯୋଗ ଅଭ୍ୟାସର ଉପକାରିତା ସମ୍ପର୍କରେ ସଚେତନତା ଓ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଯୋଗ ଦିବସକୁ ସଫଳ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ପ୍ରଚାର ଓ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ବକ୍ତାମାନେ ଯୋଗକୁ ନିତ୍ୟ ଜୀବନର ଏକ ଅଂଶ ଭାବେ ଗ୍ରହଣ କରିବା ସହ ସୁସ୍ଥ ଶରୀର ଓ ମାନସିକ ସନ୍ତୁଳନ ପାଇଁ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।



ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ନ ଉଠାଇ ବାବୁଟିକ୍ରାରୁ ଘୁଲିପାଲି ଛକ ପର୍ଯ୍ୟନ୍ତ ରାସ୍ତା କଂକ୍ରିଟ୍‌କରଣ ଚାଲିଛି।



ଭଟଲି ବ୍ଲକ ପିପଲମୁଣ୍ଡା ନର୍ସରୀରେ ଶୁକ୍ରବାର ବିଶ୍ୱ ପରିବେଶ ଦିବସରେ ଡ. ସୁରେଶ ଅଗ୍ରୱାଲଙ୍କୁ ପ୍ରକୃତି ବନ୍ଧୁ ଭାବେ ସମ୍ମାନିତ କରାଯାଉଛି।



ଭଟଲି ବ୍ଲକ ପିପଲମୁଣ୍ଡା ନର୍ସରୀରେ ଶୁକ୍ରବାର ବିଶ୍ୱ ପରିବେଶ ଦିବସରେ ଭେଡେନ ବ୍ଲକ ଭୋଇପାଲି ଅମରଜ୍ୟୋତି ଯୁବକ ସଂଘକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଉଛି।

# କଟକ ସିଟି



## କଟକ ଜିଲ୍ଲା ପରିଷଦ ବୈଠକ

# ଜଳ ସଙ୍କଟ ଓ ଭତ୍ତା ସମସ୍ୟା ନେଇ ଆଲୋଚନା



➤ ସ୍କୁଲ ଉନ୍ନତୀକରଣ ସହ ଶିକ୍ଷକ ପଦ ପୂରଣ ଉପରେ ଗୁରୁତ୍ୱ

➤ ୩୩ଟି ସ୍କୁଲ ହେବ 'ପିଏମ୍ଶ୍ରୀ' ବିଦ୍ୟାଳୟ

**କଟକ, ୫।୬(ସମିସ)**

କଟକ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ, ଭିତ୍ତିଭୂମିର ବିକାଶ ଏବଂ ସାମଗ୍ରିକ ଉନ୍ନତୀକରଣକୁ ନେଇ ଶୁକ୍ରବାର ଅନୁଷ୍ଠିତ କଟକ ଜିଲ୍ଲା ପରିଷଦ ବୈଠକରେ ବ୍ୟାପକ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷଠାରେ ପୂର୍ବାହ୍ନରେ ଆୟୋଜିତ ଏହି ତ୍ରୟୋଦଶ ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହାର ସଫଳ ସଂଯୋଜନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ଜିଲ୍ଲାର ୩୩ଟି ବିଦ୍ୟାଳୟକୁ କେନ୍ଦ୍ର ସରକାରଙ୍କ ପ୍ରତିଷ୍ଠିତ 'ପିଏମ୍ ଶ୍ରୀ' ସ୍କୁଲ ଭାବେ ଘୋଷଣା କରାଯିବ। ଏହା ସହିତ ଆଗାମୀ ଦିନରେ ଜିଲ୍ଲାରେ ନୂତନ ନଳକୂପ ଖନନ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ବିଭିନ୍ନ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର ଓ ଧାର୍ମିକ ସ୍ଥଳଗୁଡ଼ିକରେ ଜଳ ସଙ୍କଟ ଦୂର କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ କଟକ ସାଂସଦ ଡଃ ଭର୍ତ୍ତୃହରି ମହତାବ କହିଥିଲେ ଯେ ଚଳିତ ବର୍ଷ 'ଏଲ୍ ନିନୋ' ପ୍ରଭାବ ଯୋଗୁଁ ପାଣିପାଗରେ ବଡ଼ ପରିବର୍ତ୍ତନ ଘଟି ବର୍ଷାର ପରିମାଣ କମ୍ ହେବାର ଆଶଙ୍କା ରହିଛି, ମାତ୍ର ଜିଲ୍ଲାର ଅଧିକାଂଶ ଜଳଭଣ୍ଡାର ପୂର୍ଣ୍ଣ ଥିବାରୁ ଜଳାଭାବ ସମସ୍ୟା ଦେଖାଦେବ ନାହିଁ।

ଅନ୍ୟପକ୍ଷରେ, ବୈଠକରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗରିବ ଲୋକଙ୍କ ହିତ ପାଇଁ ନିର୍ଦ୍ଦିଷ୍ଟ ସମୟରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରିବା, ଗ୍ରାମାଞ୍ଚଳରେ ଅବିରତ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ଏବଂ ପଞ୍ଚାୟତ ଓ ବ୍ଲକଗୁଡ଼ିକରେ ଚାଲୁ ରହିଥିବା ସମସ୍ତ ସରକାରୀ କାର୍ଯ୍ୟର ସ୍ଥିତି ପରଖି ତ୍ରୁଟି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଆଲୋକପାତ କରିଥିଲେ। ଏହି ଉଚ୍ଚସ୍ତରୀୟ ବୈଠକରେ ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ଏବଂ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଜିଲ୍ଲାର ବିଭିନ୍ନ ଜନହିତକର ସମସ୍ୟାର ସମାଧାନ ନେଇ ଗଠନମୂଳକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ବୈଠକର ଆନୁଷ୍ଠାନିକ କାର୍ଯ୍ୟସୂଚୀ ପୂର୍ବକ ସୂଚନା ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲ୍ଲାପାଳ ମନସ୍ୱିନୀ ଦାସ, ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁଙ୍କ ସମେତ ବିଭିନ୍ନ ବ୍ଲକର ଅଧ୍ୟକ୍ଷ, ଅଧ୍ୟକ୍ଷା ଓ ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। ବୈଠକ ଶେଷରେ ଜିଲ୍ଲା ପରିଷଦ ଉପସଭାପତି ସୁଭଦ୍ରା ଦାସ ସମସ୍ତ ଅତିଥି ଓ ସଦସ୍ୟଙ୍କୁ ଆନୁଷ୍ଠାନିକ ଧନ୍ୟବାଦ ଦେଇଥିଲେ।

## ଭତ୍ତା ଓ ହରିଶ୍ଚନ୍ଦ୍ର ସହାୟତା ବନ୍ଦର ପ୍ରତିବାଦ

# କଟକ ଜିଲ୍ଲାପାଳଙ୍କୁ ଓଡ଼ିଶା ଜନତା କଂଗ୍ରେସର ଦାବିପତ୍ର

**କଟକ, ୫।୬(ସମିସ):** ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ଏବଂ ପ୍ରଶାସନିକ ଅପାରଗତା ଯୋଗୁଁ ଜିଲ୍ଲାରେ ବିପର୍ଯ୍ୟସ୍ତ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ନେଇ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଆଜି ଦଳର ବରିଷ୍ଠ ନେତ୍ରୀ ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ କଟକ ଜିଲ୍ଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଗତ ତିନି ମାସ ହେଲା ଜିଲ୍ଲାରେ ବୃଦ୍ଧା, ଭିନ୍ନକ୍ଷମ, ବିଧବା ଓ ଅବିବାହିତ ମହିଳାମାନଙ୍କୁ ସେମାନଙ୍କର ପ୍ରାପ୍ୟ ସାମାଜିକ ସୁରକ୍ଷା ଭତ୍ତା ଦେବାରେ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଦଳ ଅଭିଯୋଗ କରିଛି। ଏହା ସହିତ ଗରିବ ଲୋକଙ୍କ ଶେଷ ସମୟର ସମ୍ବଳ ସାଜିଥିବା 'ହରିଶ୍ଚନ୍ଦ୍ର ସହାୟତା ଯୋଜନା' ମଧ୍ୟ ଆଜି ସରକାରୀ ଦୁର୍ନୀତି ଓ ଉଦାସୀନତା ଯୋଗୁଁ ସମ୍ପୂର୍ଣ୍ଣ ରୂପେ ବାଟବଣା ହୋଇଯାଇଛି। ସ୍ୱଜନ ହରାଇ ଗଭୀର ଶୋକରେ ଭାଙ୍ଗିପଡ଼ିଥିବା ଗରିବ ପରିବାରଗୁଡ଼ିକୁ ମାସ ମାସ ଧରି ଏହି ସହାୟତା ରାଶି ନ ମିଳିବା ସରକାରଙ୍କର ଚରମ ସମ୍ବେଦନହୀନତାକୁ ଦର୍ଶାଉଛି ବୋଲି ପ୍ରତିନିଧି ଦଳ ପ୍ରକାଶ କରିଛନ୍ତି। ବରିଷ୍ଠ ନେତ୍ରୀ ଶ୍ରୀମତୀ ବେହେରା କହିଥିଲେ ଯେ ଯଦି ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନ ହୁଏ ଏବଂ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ କରା ନ ଯାଏ, ତେବେ ଦଳ ପକ୍ଷରୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ। ପୂର୍ବତନ କର୍ପୋରେଟର କାଞ୍ଚନ ଦାସ ଓ ଅଜିତ ବେହେରା, ବରିଷ୍ଠ ନେତା ଶରତଚନ୍ଦ୍ର ସେଠୀ, ଚନ୍ଦନ ଦାସ, ସୁରଜିତ ସାହୁ, ସନ୍ତୋଷ ପାତ୍ର, ପୂର୍ଣ୍ଣିମା ବେହେରା, ରାଜଶ୍ରୀ ରାୟ, ଅନିତା ବେହେରା, ସିଲା ସାହା, ଭାରତୀ ଦାସ, ଅନୁସୟା ମହାରଣା, ପ୍ରଭାତୀ ପଟ୍ଟନାୟକ, ରାଜଶ୍ରୀ ପାତ୍ର, ସେକ ଗୁଲାମ ମୋହିଉଦ୍ଦୀନ, ଦେବେନ୍ଦ୍ର ପ୍ରସାଦ ସେଠୀ, ସ୍ୱାଗତିକା ମହାପାତ୍ର, ପଲ୍ଲବୀ ଘୋଷ, ଆକାଶ ସାମଲ, ଲକ୍ଷ୍ମୀପ୍ରିୟା ତୋଳା ପ୍ରମୁଖ ଉପସ୍ଥିତ ଥିଲେ।



## ସାମାନ୍ୟ ବର୍ଷାରେ ଆଶ୍ୱସ୍ତି

**କଟକ, ୫।୬(ସମିସ):** ସହରରେ ଆଜି ଦିନ ବେଳା ପ୍ରବଳ ଗରମକୁ ଅହସ୍ୟ ଗୁଳୁଗୁଳି ସହରବାସୀଙ୍କୁ ଅତିଷ୍ଠ କରିଥିଲା। ଦିନରେ ସହରର ତାପମାତ୍ରା ୪୦ଡିଗ୍ରୀରୁ ଅଧିକ ରହିଥିବା ବେଳେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ସନ୍ଧ୍ୟା ଆକାଶରେ ହଠାତ୍ କଳାହାଣ୍ଡିଆ ବାଦଲ ଘୋଟି ଆସି ବିଜୁଳି/ଘଡ଼ଘଡ଼ି ମାରିଥିଲା। ହେଲେ ଏତେ ବଡ଼ ବର୍ଷା ହୋଇନାହିଁ। ଅଧଘଣ୍ଟା ଧରି ସାମାନ୍ୟ ବର୍ଷା ହୋଇଥିଲା। ସହରବାସୀ ତାତିରୁ ମୁକ୍ତି ପାଇଥିଲେ।

## ସୋର ରେଳଷ୍ଟେସନରେ ଆଦିବାସୀ ପିଲାଙ୍କୁ ଆକ୍ରମଣ ଘଟଣା

# ଏସ୍‌ୟୁସିଆଇ ପକ୍ଷରୁ ଡିଜିପିଙ୍କୁ ଦାବିପତ୍ର

**କଟକ, ୫।୬(ସମିସ):** ଏସୟୁସିଆଇ ପକ୍ଷରୁ ଅନୁଗୁଳ ଠାରେ ଅନୁଷ୍ଠିତ ହେଉଥିବା ଗ୍ରୀଷ୍ମ ଶିବିରରେ ଯୋଗଦେବା ପାଇଁ ସୋର ରେଳ ଷ୍ଟେସନରେ ପହଞ୍ଚିଥିବା ଉଦଳା ଅଞ୍ଚଳର ଆଦିବାସୀ ପିଲାମାନଙ୍କୁ ନିଜକୁ ବଜରଙ୍ଗ ଦଳ ଓ ଆରଏସଏସ ସହିତ ସମ୍ପୃକ୍ତ ବୋଲି ଦାବି କରୁଥିବା କେତେକ ଅସାମାଜିକ ଯୁବକ ରେଳବାଇ ପୁଲିସ ଓ ଆରପିଏଫ୍ ବାହିନୀର ଉପସ୍ଥିତିରେ ଦୀର୍ଘ ସାତ ଘଣ୍ଟା ଧରି ଅକଥନୀୟ ନିର୍ଯ୍ୟାତନା ଦେଇଥିଲେ। ଅପରାଧୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଅପରାଧୀଙ୍କୁ ପରୋକ୍ଷରେ ସହାୟତା କରିଥିବା ପୁଲିସ ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଆଜି ପାର୍ଟି ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକଙ୍କୁ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏସୟୁସିଆଇ ରାଜ୍ୟ କମିଟି ସଦସ୍ୟ ବିଶ୍ୱାବସୁ ଦାସ, ବବି ବଳବନ୍ତରାୟ ଓ ସୁକାନ୍ତ ନାୟକ ଏକ ପ୍ରତିନିଧି ଦଳରେ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ମାଳବିକା ସାମଲ, ବସନ୍ତ ନାୟକ, ଦୀପକ୍ ଦାସ, ପ୍ରିୟଦର୍ଶନ ପାଢେଇ, ଅକ୍ଷୟ ରାଉଳ, ପ୍ରତାପ ମିଶ୍ର, ସ୍ୱାଧିନୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ।




# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର

**କଟକ, ୫।୬(ସମିସ):** ଭାରତୀୟ ଜନତା ପାର୍ଟି କଟକ ଜିଲ୍ଲା ଗ୍ରାମୀଣ ତରଫରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ଶିବିର ଆମ୍ରପାଲି ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପଲବ୍ଧି ଏବଂ ଜିଲ୍ଲାରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଦର୍ଶନୀକୁ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଉଦଘାଟନ କରିଥିଲେ। କଟକ ଜିଲ୍ଲା ଗ୍ରାମୀଣ ସଭାପତି ରାମ ନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ। ଏହି ଶିବିରରେ ଦଳର ପୃଷ୍ଠଭୂମି, କାର୍ଯ୍ୟପଦ୍ଧତି, କାର୍ଯ୍ୟବିସ୍ତାର, ସାମାଜିକ ଗଣମାଧ୍ୟମ, ବୁଥ ପରିଚାଳନା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକୁ ଘର ଘର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ରାଜ୍ୟର ବରିଷ୍ଠ ନେତୃବୃନ୍ଦ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ସଂଯୋଜକ ଗୋପୀନାଥ ସାହୁ, ଜିଲ୍ଲା ପ୍ରଭାରୀ କିଶୋରଚନ୍ଦ୍ର ପଣ୍ଡା ଓ ବର୍ଗ ପ୍ରଭାରୀ ହୃଷିକେଶ ଜେନା, ସହ ପ୍ରଭାରୀ ମୋହିତ ମହାନ୍ତି, ମାହାଙ୍ଗାର ବିଧାୟକ ସାରଦା ପ୍ରଧାନ, ବଡମ୍ବା ବିଧାୟକ ବିଜୟ ଦଳବେହେରା, ବର୍ଗ ପ୍ରମୁଖ କୁଞ୍ଜମୋହନ ସେଠୀ, ବ୍ୟବସ୍ଥା ପ୍ରମୁଖ ଚୌଧୁରୀ ହେମନ୍ତ ସାହୁ, ଅଭୟ ବାରିକ ଓ ଅରିନ୍ଦମ ରାୟ, ବଜେନ୍ଦ୍ର ରାୟଙ୍କ ସମେତ ରାଜ୍ୟ ଏବଂ ଜିଲ୍ଲାର ପଦାଧିକାରୀ, ସମସ୍ତ ମଣ୍ଡଳ ସଭାପତି, ପ୍ରଭାରୀମାନେ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ବର୍ଗର ସମାପନ ଉତ୍ସବରେ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ କାର୍ଯ୍ୟକର୍ତ୍ତାଙ୍କୁ ବିସ୍ତୃତ ଭାବରେ ରାଜ୍ୟର ନିର୍ମାଣ ପ୍ରକ୍ରିୟାରେ ସଂଗଠନ ମାଧ୍ୟମରେ ନିଜକୁ ସମର୍ପିତ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲାର ସାଧାରଣ ସମ୍ପାଦକ ହରେକୃଷ୍ଣ ମହାନ୍ତି, ସୂର୍ଯ୍ୟମଣି ଜେନା, ସନ୍ତୋଷ ରାଉତ, ଦୀନବନ୍ଧୁ ନାୟକ, ତାପସ ଜେନା, ସ୍ୱାଗତ ପଟ୍ଟନାୟକ, ପ୍ରସନ୍ନ ଭକ୍ତ, ଅସିତ ମହାନ୍ତି, ପ୍ରଦୀପ ପରିଜା ପ୍ରମୁଖ ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିଲେ। ବରିଷ୍ଠ ନେତା ତଥା ବର୍ଗ ପ୍ରମୁଖ କୁଞ୍ଜ ମୋହନ ସେଠୀ ଧନ୍ୟବାଦ ଦେଇଥିଲେ।



# ସିଏମ୍ ଟ୍ରଫି ଆନ୍ତଃଜିଲ୍ଲା କବାଡ଼ି ଚାମ୍ପିଅନସିପ୍ ଉଦ୍‌ଘାଟିତ

**କଟକ, ୫।୬(ସମିସ):** କଟକର ଜେ.ଏନ୍. ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ 'ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦' ଅଧୀନରେ ଜୋନ୍ ସ୍ତରୀୟ କବାଡ଼ି ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୮ଟି ଜିଲ୍ଲାର ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବାଳିକା ବିଭାଗରେ ପୁରୀ ଜିଲ୍ଲା ଜଗତସିଂହପୁରକୁ ଏବଂ ବାଳକ ବିଭାଗରେ ଯାଜପୁର ଜିଲ୍ଲା ଖୋର୍ଦ୍ଧାକୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ମୁଖ୍ୟଅତିଥି ସାଂସଦ ଡଃ ଭର୍ତ୍ତୃହରି ମହତାବ ଖେଳାଳିମାନଙ୍କୁ ଆନ୍ତର୍ଜାତିକ ସ୍ତର ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିବା ବେଳେ ବିଧାୟିକା ସୋଫିଆ ଫିରଦୋସ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା କବାଡ଼ି ଆସୋସିଏସନ୍ ଓ ଅଲିମ୍ପିକ୍ ସଂଘର ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ବିଶ୍ୱ ପରିବେଶ ଦିବସରେ 'ସବୁଜ କଟକ'ର ସଂକଳ୍ପ

## ବ୍ୟାପକ ଚାରାରୋପଣ ସହ ସଚେତନତା ଶୋଭାଯାତ୍ରା

### ଡ୍ରିମ୍ସ

**କଟକ, ୫।୬(ସମିସ):** ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଚାରାରୋପଣ ସହ ପ୍ରକୃତି ଓ ପରିବେଶ ସୁରକ୍ଷା ସଂକ୍ରାନ୍ତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ପ୍ରିୟ ପରିଜନଙ୍କ ନାମରେ ଚାରା ଲଗାଇବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଡ୍ରିମ୍ସ ପଲିଟେକ୍‌ନିକ (ସ୍ୱୟଂଶାସିତ) ପକ୍ଷରୁ 'ପଦ୍ମିନୀ କେୟାର' ହସ୍ପିଟାଲ ପରିସରରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ବେଲ ଓ ଜାଇଫଳ ଚାରାରୋପଣ କରିଥିଲେ। ଡ୍ରିମ୍ସ କୃଷି ବିଦ୍ୟାଳୟର 'ଡିନ୍' ଡ. କୁମ୍ଭକର୍ଣ୍ଣ ରାଉତ ଜଳବାୟୁ ପରିବର୍ତ୍ତନ, ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପଲିଟେକନିକ୍ ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ଅଙ୍ଗଦ କୁମାର ଲେଙ୍କାଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଡ୍ରିମ୍ସ କୃଷି ବିଦ୍ୟାଳୟ ପକ୍ଷରୁ 'ଡିନ୍' ଡ. କୁମ୍ଭକର୍ଣ୍ଣ ରାଉତଙ୍କ ପୌରୋହିତ୍ୟରେ ଚାରାରୋପଣ ସହିତ 'କୃଷି କ୍ଷେତ୍ରରେ ଶିଳ୍ପଜାତ ଉପ ଉତ୍ପାଦର ଉପଯୋଗ' ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଭାସୀ ମାଧ୍ୟମରେ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ସଂସ୍ଥାର କୃଷି ବିଜ୍ଞାନୀ ଡ. ରୁବିନା ଖାନମ୍ ସମ୍ମାନିତ ବକ୍ତା ଭାବରେ ଯୋଗଦେଇଥିଲେ। ସେହିପରି 'ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍ନୋଲୋଜି' ଆନୁକୂଲ୍ୟରେ ହନୁମାନ ବାଟିକାରେ ରୁଦ୍ରାକ୍ଷ, ଅଁଳା ଇତ୍ୟାଦି ଔଷଧୀୟ ଚାରାରୋପଣ କରାଯାଇଥିଲା। 'ଡିନ୍' ଡ. ନୟନ ରଞ୍ଜନ ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, ଡା. ଅମୂଲ୍ୟ ବେହେରା, ଡା. ଦୁର୍ଗା ପ୍ରସାଦ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପ୍ରାଧ୍ୟାପକ ସୁଶାନ୍ତ ସେଠୀ, ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ ଏହାକୁ ସଂଯୋଜନା କରିଥିଲେ। ସୁମନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଉଦ୍ୟାନ ବିଭାଗର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




### ସିଏମ୍‌ସି ପକ୍ଷରୁ ପଦଯାତ୍ରା

କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ସହରରେ ଏକ ପରିବେଶ ସଚେତନତା ପଦଯାତ୍ରା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ନଂ ୪ସ୍ଥିତ ନିବେଦିତା ପ୍ରଧାନ ପାର୍କରୁ ବାହାରିଥିବା ଏହି ପଦଯାତ୍ରା ସେକ୍ଟର- ୯ ସେଣ୍ଟ୍ରାଲ ନର୍ସରୀରେ ପହଞ୍ଚିବା ପରେ ସେଠାରେ ସଚେତନତା ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ମେୟର ସୁବାସ ସିଂହ ଯୋଗଦେଇ ପ୍ରତି ପରିବାର ଗୋଟିଏ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ସିଏମସି କମିସନର ସୁଶ୍ରୀ କିରଣ ଦୀପ କୌର ସହୋତା, ଅତିରିକ୍ତ କମିଶନର ସୋନା ଟୁଡୁ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ବର୍ଜ୍ୟବସ୍ତୁ ପରିଚାଳନା ଓ ପ୍ଲାଷ୍ଟିକ ବର୍ଜନ ଉପରେ ଗୁରୁତ୍ୱ ଦେଇଥିଲେ। ନର୍ସରୀ ପରିସରରେ ଚାରାରୋପଣ କରାଯାଇଥିଲା।




### ନେହରୁ ବିଦ୍ୟାପୀଠ

କଟକ ନୂଆବଜାରସ୍ଥିତ ନେହେରୁ ନୋଡାଲ ଉଚ୍ଚ ବିଦ୍ୟାପୀଠରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବାସନ୍ତୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ପରିବେଶବିତ୍ ପ୍ରଫେସର ଆଶୁତୋଷ ଦେବତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହ ପ୍ରଦୂଷଣ ମୁକ୍ତ ପରିବେଶ ଉପରେ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟ ଓ ମନ୍ଦିର ପରିସରରେ ୨୫ଟି ଚାରା ରୋପଣ କରାଯିବା ସହ 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଚାରା ବଣ୍ଟନ କରାଯାଇଥିଲା। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଶିକ୍ଷକ ବୀରେନ୍ଦ୍ର ନନ୍ଦ ଧନ୍ୟବାଦ ଦେଇଥିଲେ।




### ମୋକିମ ଫାଉଣ୍ଡେସନ

କଟକର ପ୍ରତିଷ୍ଠିତ ସଂଗଠନ 'ମୋକିମ ଫାଉଣ୍ଡେସନ' ପକ୍ଷରୁ ସ୍ଥାନୀୟ କୃଷକ ବଜାରଠାରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ବିଶିଷ୍ଟ ନେତା ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ହସ୍ତରେ ଚାରାରୋପଣ କରିବା ସହ ଏହାର ଶୁଭାରମ୍ଭ କରିଥିଲେ। ସାମ୍ପ୍ରତିକ ସମୟରେ ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଏକ ବଡ଼ ସଙ୍କଟ ଭାବେ ଦେଖାଦେଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ବ୍ୟାପକ ଚାରାରୋପଣ ଏବଂ ପ୍ରକୃତିର ସୁରକ୍ଷା ଅତ୍ୟନ୍ତ ଜରୁରୀ ବୋଲି ଶ୍ରୀ ମୋକିମ କହିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ନେତ୍ରୀ ଗିରିବାଳା ବେହେରା ଉପସ୍ଥିତ ଥିଲେ। ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ରଞ୍ଜନ କର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



### ନ୍ୟୁ ଷ୍ଟୁୱାର୍ଟ ସ୍କୁଲ



**କଟକ, ୫।୬(ସମିସ):** କଟକ ମିଶନ ରୋଡ୍ ସ୍ଥିତ ନ୍ୟୁ ଷ୍ଟୁୱାର୍ଟ ସ୍କୁଲ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ, କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଏବଂ ବନ ବିଭାଗର ମିଳିତ ସହଯୋଗରେ ସ୍କୁଲ ପରିସରରେ ଏକ ଚାରାରୋପଣ ତଥା ପରିବେଶ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ସବୁଜ ଅଭିଯାନରେ ବିଦ୍ୟାଳୟର ସ୍କାଉଟ୍ସ ଏବଂ ଗାଇଡ୍ସ ଦଳ ଅଂଶଗ୍ରହଣ କରିଥିଲେ। ଗାଇଡ୍ କ୍ୟାପ୍ଟେନ ବର୍ଷା ବିଶ୍ୱାସଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଫଳ ତଥା ଔଷଧୀୟ ଚାରାରୋପଣ କରିବା ସହିତ ଆଗାମୀ ଦିନରେ ଧରିତ୍ରୀ ମାତାକୁ ସୁରକ୍ଷିତ ଏବଂ ପ୍ରଦୂଷଣମୁକ୍ତ ରଖିବା ପାଇଁ ସମୂହ ଶପଥ ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରେଭରେଣ୍ଡ ମୋଜେଶ ମହାନ୍ତି ଏବଂ ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁ ଛାତ୍ରଛାତ୍ରୀମାନଙ୍କୁ ପ୍ରକୃତି ସେବା ପାଇଁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମ ଅଧୀନରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଓରିଏଣ୍ଟେସନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ କଟକ ବନ ବିଭାଗର ମୁଖ୍ୟବକ୍ତା ତଥା ପ୍ରଶିକ୍ଷିକା ମିସ୍ ଶର୍ମିଳୀ ନାୟକ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଜଗଦୀଶଚନ୍ଦ୍ର ଜେନା ଅତିଥି ଭାବେ ଯୋଗଦେଇଥିଲେ।

### ଓଡ଼ିଶା ନାରୀ ସେବା ସଙ୍ଘ

ରାଜ୍ୟରେ ବଢ଼ୁଥିବା ଗ୍ରୀଷ୍ମ ପ୍ରବାହ ଓ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଓଡ଼ିଶା ନାରୀ ସେବା ସଙ୍ଘ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସଙ୍ଘର ସମ୍ପାଦିକା ଆଭା କାନୁନଗୋଙ୍କ ନେତୃତ୍ୱରେ ସଦସ୍ୟାମାନେ ନାରୀ ସେବା ସଦନ ଉଦ୍ୟାନରେ ବିଭିନ୍ନ ଔଷଧୀୟ, ଫଳ ଓ ଫୁଲ ଚାରା ରୋପଣ କରିଥିଲେ। ଏହି ଅବସରରେ ଇନ୍ଦିରା ଅରୋରା, ମଞ୍ଜୁ ସିଂ, ମୀରା ବେଉରା, ନୟନତାରା ନନ୍ଦ ଓ ଅନ୍ୟ କାର୍ଯ୍ୟକାରୀ ସଭ୍ୟାମାନେ ଚାରାରୋପଣ କରିବା ସହ ସମାଜକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସମୂହ ଶପଥ ଗ୍ରହଣ କରିଥିଲେ।



# ଭତ୍ତା ପାଇଁ ଯାଉଥିଲେ; ବାଟରେ ଚାଲିଗଲା ଚାଷୀଙ୍କ ପ୍ରାଣ



ସାଲେପୁର,୫।୬(ସମିସ): ସାଲେପୁର ବ୍ଲକ ଅଞ୍ଚଳରେ ପ୍ରଚଣ୍ଡ ରୌଦ୍ରତାପ ଓ ଅଂଶୁଘାତଜନିତ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜନସେବା କେନ୍ଦ୍ରକୁ ନିଜର ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ଆସିଛି କି ନାହିଁ ବୁଝିବାକୁ ଯାଉଥିବା ସମୟରେ ପ୍ରଚଣ୍ଡ ଖରାର ପ୍ରକୋପ ସହ୍ୟ ନ କରିପାରି ଜଣେ ବୃଦ୍ଧ ଚାଷୀଙ୍କ ବିଲ ମଝିରେ ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣକ ହେଲେ ରାମେଶ୍ୱର ପଞ୍ଚାୟତ ଉଚ୍ଚଡିହ ଗ୍ରାମର ବ୍ରହ୍ମାନନ୍ଦ କାଣ୍ଡି (୭୮)। ସୂଚନା ଅନୁଯାୟୀ, ବ୍ରହ୍ମାନନ୍ଦ ଆଜି ମଧ୍ୟାହ୍ନ ସମୟରେ ଘରୁ ବାହାରି ମାଳଠାରେ ଥିବା ଜନସେବା କେନ୍ଦ୍ରକୁ ଭତ୍ତା ଟଙ୍କା ସମ୍ପର୍କରେ ବୁଝିବା ପାଇଁ ବିଲବାଟ ଦେଇ ଯାଉଥିଲେ। ମାତ୍ର ବର୍ତ୍ତମାନ ସାଲେପୁର ବ୍ଲକ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ରହୁଥିବାରୁ, ବିଲ ମଝିରେ ପ୍ରଚଣ୍ଡ ଗରମ ଓ ଗୁଳୁଗୁଳି ଯୋଗୁଁ ସେ ଅଚେତ ହୋଇ ପଡ଼ିଯାଇଥିଲେ ଏବଂ ସେଠାରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବ୍ୟସ୍ତ ହୋଇ ଗ୍ରାମବାସୀଙ୍କ ସହ ଖୋଜାଖୋଜି କରିଥିଲେ। ପରେ ବିଲ ମଧ୍ୟରେ ବ୍ରହ୍ମାନନ୍ଦ ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ଦୁଃଖଦ ଖବର ପାଇ ରାମେଶ୍ୱର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସମ୍ରାଟ କେଶରୀ ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଏହାସହ ଏହି ଗରିବ ପରିବାରକୁ ତୁରନ୍ତ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ସରକାରୀ ଆର୍ଥିକ ସହାୟତା ଯୋଗାଇଦେବାକୁ ସେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। ବୃଦ୍ଧଙ୍କ ଏଭଳି ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସୀମା ଟପିଲା ଦାଦାଗିରି; ତାଡ଼ିଦେଲେ ଏଲ୍ଆଇ ପଏଣ୍ଟ

ନିଶ୍ଚିନ୍ତକୋଇଲି,୫।୬(ସମିସ)

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ବାଲିଆପଦା ପଞ୍ଚାୟତ ଦକ୍ଷିଣ ବାଲିଆପଦା ଗ୍ରାମରୁ ଏକ ଚାଞ୍ଚଲ୍ୟକର ତଥା ଦୁର୍ଭାଗ୍ୟଜନକ ଖବର ସାମ୍ନାକୁ ଆସିଛି। ଗ୍ରାମର ୩ ନମ୍ବର ୱାର୍ଡରେ ଥିବା ଏକ ସରକାରୀ ଉଠା ଜଳସେଚନ ପ୍ରକଳ୍ପକୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ

- ମାଟିରେ ମିଶିଲା ପମ୍ପହାଉସ୍ ଓ ବୋରିଂ
- ଜଳସେଚନରୁ ବଞ୍ଚିତ ହେବେ ୫୦ରୁ ଊର୍ଦ୍ଧ୍ୱ ଚାଷୀ

ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର କରିଦେଇଥିବା ନେଇ ନେମାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଉକ୍ତ ଗ୍ରାମର ଉତ୍କଳ ରଞ୍ଜନ ବରାଳ (ମିଟୁ) ଶୁକ୍ରବାର ମଧ୍ୟାହ୍ନ ସମୟରେ ଗ୍ରାମବାସୀ ଘର ଭିତରେ ଥିବାର ସୁଯୋଗ ନେଇ ଏକ ଜେସିବି ସାହାଯ୍ୟରେ ପ୍ରକଳ୍ପର ପମ୍ପହାଉସ୍ ଓ ବୋରିଂକୁ ସମ୍ପୂର୍ଣ୍ଣ ଭାଙ୍ଗି ମାଟିରେ ମିଶାଇ ଦେଇଛି।



ପରେ ସେଥିରେ ଥିବା ଦାମୀ ପାଣି ମଟର, ଇଲେକ୍ଟ୍ରିକ୍ ପ୍ୟାନେଲ ବୋର୍ଡ, କେବୁଲ ତାର, ଜିଆଇ ପାଇପ୍ ସହ ଅନ୍ୟାନ୍ୟ ସରକାରୀ ସରଞ୍ଜାମ ଏବଂ ପମ୍ପହାଉସର ଇଟାଗୁଡ଼ିକୁ ମଧ୍ୟ ଅଭିଯୁକ୍ତ ବୋହି ନେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ବେଆଇନ ଭଙ୍ଗାରୁଜା ସମୟରେ କେତେକ ସ୍ଥାନୀୟ ଚାଷୀ ପହଞ୍ଚି ଜେସିବିକୁ ଅଟକାଇ ଥାନାକୁ ତତ୍କାଳ ଖବର ଦେଇଥିଲେ ମଧ୍ୟ ପୁଲିସ ଘଟଣାସ୍ଥଳକୁ ଆସି ସମ୍ପୃକ୍ତ ଜେସିବିକୁ ଜବତ ନ କରି ଛାଡ଼ି ଦେଇଥିବାରୁ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ ଯେ ଏହି ଗ୍ରାମର ଚାଷୀମାନଙ୍କ ଆର୍ଥିକ ପ୍ରଗତି, ପନିପରିବା ଚାଷ ଏବଂ ଖରିଫ ଓ ରବି ଫସଲର ଉନ୍ନତି ପାଇଁ ପୂର୍ବରୁ "ସରସ୍ୱତୀ ପାଣି ପଞ୍ଚାୟତ' ଗଠନ କରାଯାଇଥିଲା। ଚାଷୀଙ୍କ ଅନୁରୋଧ କ୍ରମେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଗତ ୨୦୦୯ରେ ଏହି ଉଠା ଜଳସେଚନ ପ୍ରକଳ୍ପଟି ନିର୍ମାଣ କରାଯାଇ ପ୍ରାୟ ୧୦ ଏକରରୁ ଊର୍ଦ୍ଧ୍ୱ ଚାଷଜମିକୁ ଜଳ ଯୋଗାଇ ଦିଆଯାଉଥିଲା। ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ୫୦ରୁ ଅଧିକ ଚାଷୀ ପରିବାର ପ୍ରତ୍ୟେକ ବର୍ଷ ବିଭିନ୍ନ ଅର୍ଥକରୀ ଫସଲ କରି ବେଶ୍ ଲାଭବାନ ହେଉଥିଲେ। ତେବେ ଗତ ୨ ବର୍ଷ ହେବ ବାକି ଥିବା ବିଦ୍ୟୁତ ବିଲ୍ କାରଣରୁ ପ୍ରକଳ୍ପଟି ସାମୟିକ ଭାବେ ବନ୍ଦ ରହିଥିଲା। ଏହାକୁ ପୁନର୍ବାର ସଚଳ କରିବା ପାଇଁ ପାଣି ପଞ୍ଚାୟତର ସଭାପତି ବୈଷ୍ଣବ ଚନ୍ଦ୍ର ବରାଳ, ସମ୍ପାଦକ ଉଦୟନାଥ ବରାଳ, ପ୍ରଦୀପ୍ତ କିଶୋର ବରାଳ, ଜଳଧର ଦାସ, ସିଦ୍ଧାର୍ଥ ସ୍ୱାଇଁ ଓ ନିରଞ୍ଜନ ଦାସଙ୍କ ସମେତ ବହୁ ଚାଷୀ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ବିଭାଗ ପକ୍ଷରୁ ଏହାକୁ କାର୍ଯ୍ୟକ୍ଷମ କରାଯିବା ପୂର୍ବରୁ ହିଁ ଅଭିଯୁକ୍ତ ସରକାରୀ ସମ୍ପତ୍ତିକୁ ନଷ୍ଟ କରିଦେଇଥିବାରୁ ଚାଷୀମାନେ ବହୁ ପରିମାଣରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖାଦେଇଛି। ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ତୁରନ୍ତ ଏହି ଅଭିଯୋଗର ନିରପେକ୍ଷ ତଦନ୍ତ କରି ପ୍ରକଳ୍ପ ଭାଙ୍ଗିଥିବା ଦୋଷୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଏବଂ ଉକ୍ତ ସ୍ଥାନରେ ଜଳସେଚନର ବିକଳ୍ପ ବ୍ୟବସ୍ଥା କରନ୍ତୁ ବୋଲି ଅଞ୍ଚଳବାସୀ ଜୋରଦାର ଦାବି କରିଛନ୍ତି।

# ନନ୍ଦକିଶୋର ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ମାହାଙ୍ଗା,୫।୬(ସମିସ): ମାହାଙ୍ଗା ବ୍ଲକର କୁମୁଡା ଯଇପୁରଠାରେ ରାୟ ବାହାଦୁର ନନ୍ଦକିଶୋର ଦାସଙ୍କ ପ୍ରତିମୂର୍ତ୍ତିକୁ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଉନ୍ମୋଚନ କରିଛନ୍ତି। ଏହି ଉପଲକ୍ଷେ କୁଆଁପାଳ ପ୍ରତିଭା ଭବନଠାରେ ମାହାଙ୍ଗା ବିକାଶ ପରିଷଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଏକ ଜୟନ୍ତୀ ସଭାରେ ସାହିତ୍ୟ ଏକାଡେମୀ ସମ୍ପାଦକ ସଞ୍ଜୟ ଛୁଆଳ ସଭାପତିତ୍ୱ କରିଥିଲେ। ସଭାରେ ନାଟ୍ୟକାର ଉପେନ୍ଦ୍ର ନାୟକ, ଡ. ଶରତ ବିଶ୍ୱାଳ, କବି ବିଶ୍ୱେଶ୍ୱର ମହାନ୍ତି ଓ ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥୀଙ୍କ ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବିପୁଳ ମଦ ଓ ପୋଚ ଜବତ

ଆଠଗଡ଼,୫।୬(ସମିସ): ଆଠଗଡ଼ ଅଞ୍ଚଳର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଅବକାରୀ ଓ ବନ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ବ୍ୟାପକ ପରିମାଣର ବେଆଇନ ମଦ ଓ ପୋଚ ଜବତ କରାଯାଇଛି। ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ ଓ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଖୁଣ୍ଟୁଣୀ ଥାନାର ଡ଼ାଲୁଅ, କଂସର ଓ ଖଣ୍ଡୁଆଳି ଜଙ୍ଗଲରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ଏହି ସମୟରେ ୩୦୮୦ ଲିଟର ଦେଶୀ ମଦ ଓ ମଦ ରନ୍ଧା ପାଇଁ ରଖାଯାଇଥିବା ୨୧,୮୭୫ ଲିଟର ଗୁଡ଼ ପୋଚ ଉଦ୍ଧାର କରାଯାଇ ନଷ୍ଟ କରାଯାଇଛି। ଘଟଣାସ୍ଥଳରୁ ଏକ ବାଇକ୍ ଜବତ ହେବା ସହ ଏନେଇ ୬ଟି ମାମଲା ରୁଜୁ ହୋଇଛି।

# ଭୋଟର୍ ଡିଜିଟାଇଜେସନ୍ କାର୍ଯ୍ୟର ଅନୁଧ୍ୟାନ

ଆଠଗଡ଼,୪।୬(ସମିସ): କଟକ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ କମଳଜିତ୍ ଦାସ ଆଜି ଆଠଗଡ଼ ନିର୍ବାଚନମଣ୍ଡଳୀ ଗସ୍ତ କରି ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ କ୍ଷେତ୍ରସ୍ତରରେ ଚାଲିଥିବା ଇନ୍ୟୁମେରେସନ ଫର୍ମ (ଇଏଫ୍) ବଣ୍ଟନ, ଘରକୁ ଘର ଯାଇ ତଥ୍ୟ ସଂଗ୍ରହ ଓ ଡିଜିଟାଇଜେସନ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଭୋଟର ତାଲିକାକୁ ନିର୍ଭୁଲ କରିବା ପାଇଁ ଡିଜିଟାଇଜେସନ କାର୍ଯ୍ୟକୁ ଶତପ୍ରତିଶତ ତ୍ୱରାନ୍ୱିତ କରିବାକୁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ଆଠଗଡ଼ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ବିଡିଓ ଆକାଶ କୁମାର ପଣ୍ଡା ଏବଂ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ● ଏନ୍ଡିଆର୍ଏଫ୍‌ର ସବୁଜ ସଙ୍କଳ୍ପ

# ମୁଣ୍ଡଳୀ କ୍ୟାମ୍ପସରେ ୧୫୦୦ ଚାରାରୋପଣ



ତ୍ରିଶୂଳିଆ,୫।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ମୁଣ୍ଡଳୀସ୍ଥିତ ଏନଡିଆରଏଫର ୩ୟ ବାହିନୀ ପକ୍ଷରୁ କ୍ୟାମ୍ପସ ପରିସରରେ ପ୍ରାୟ ୧୫୦୦ଟି ଫଳ, ଔଷଧୀୟ ଓ ଛାୟା ପ୍ରଦାନକାରୀ ଚାରାରୋପଣ କରାଯାଇଛି। "ଏକ ବୃକ୍ଷ, ଏକ ଜୀବନ' ବାର୍ତ୍ତା ସହ ଆୟୋଜିତ ଏହି ଅଭିଯାନକୁ ସେକେଣ୍ଡ-ଇନ୍-କମାଣ୍ଡ ସନ୍ତୋଷ କୁମାର ପାସୱାନ ଶୁଭାରମ୍ଭ କରିଥିଲେ। ଏଥିରେ ଏନଡିଆରଏଫର ଯବାନ ଓ ଅଧିକାରୀମାନଙ୍କ ସହ ଛୋଟ ପିଲାମାନେ ମଧ୍ୟ ଉତ୍ସାହର ସହ ସାମିଲ ହୋଇଥିଲେ। ବଢୁଥିବା ପ୍ରଦୂଷଣ ଓ ଜଳବାୟୁ ସଙ୍କଟର ମୁକାବିଲା ପାଇଁ ଚାରାରୋପଣକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ଶ୍ରୀ ପାସୱାନ ଆହ୍ୱାନ ଦେଇଛନ୍ତି।

# ସର୍ପାଘାତରେ ନାବାଳକର ମୃତ୍ୟୁ

ନରସିଂହପୁର,୫।୬(ସମିସ): ନରସିଂହପୁର ଥାନା ବରହମପୁରା ଗ୍ରାମରେ ସାପ କାମୁଡ଼ାରେ ଅରୁଣ କୁମାର ବେହେରାଙ୍କ ୧୫ ବର୍ଷର ପୁଅ ରାହୁଲ ବେହେରାଙ୍କର ମୃତ୍ୟୁ ଘଟିଛି। ଗତ ବୁଧବାର ବିଳମ୍ବିତ ରାତିରେ ରାହୁଲ ଘରେ ଶୋଇଥିବା ବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଏହି ଘଟଣାକୁ ନେଇ ଅଞ୍ଚଳରେ ଶୋକର ବାତାବରଣ ଦେଖାଯାଇଛି।

# ଜିଲ୍ଲା ପରିଷଦ ବୈଠକରେ ଆଞ୍ଚଳିକ ସମସ୍ୟା ଉଠାଇଲେ ବିଧାୟକ



ତିଗିରିଆ,୫।୬(ସମିସ): କଟକ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ପରିଷଦ ବୈଠକରେ ଆଠଗଡ଼-ତିଗିରିଆ ନିର୍ବାଚନମଣ୍ଡଳୀର ବିଭିନ୍ନ ଜନସମସ୍ୟା ଜୋରଦାର ଭାବେ ଉଠିଛି। ବୈଠକରେ ଆଠଗଡ଼-ତିଗିରିଆ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସ୍ଥାନୀୟ ଅଞ୍ଚଳର ବହୁ ସମସ୍ୟା ସମ୍ପର୍କରେ ଉପସ୍ଥିତ ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ସମସ୍ୟାଗୁଡ଼ିକର ଯଥାଶୀଘ୍ର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଶ୍ରୀ ସ୍ୱାଇଁ ଚେତାବନୀ ଦେଇଛନ୍ତି। ବୈଠକ ଚାଲିଥିବା ସମୟରେ ବିଧାୟକ ଶ୍ରୀ ସ୍ୱାଇଁ ବିଶେଷ କରି ସାଧାରଣ ଗରିବ ଓ ବୃଦ୍ଧବୃଦ୍ଧାଙ୍କ ସମସ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ଦୀର୍ଘ ତିନି ମାସ ହେବ ଅଞ୍ଚଳର ବୃଦ୍ଧବୃଦ୍ଧା ଓ ଅସହାୟମାନଙ୍କୁ ସେମାନଙ୍କର ମାସିକ ସାମାଜିକ ସୁରକ୍ଷା ଭତ୍ତା ଟଙ୍କା ମିଳି ନ ଥିବାରୁ ସେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ଏହାକୁ ପ୍ରଦାନ କରିବାକୁ ଦାବି କରିଛନ୍ତି।

ଏହା ସହିତ ଅଞ୍ଚଳରେ କେତେଜଣ ବାସହୀନ ଗରିବ ପରିବାରକୁ ସରକାରୀ ଘର ଯୋଗାଇ ଦିଆଯାଇଛି ଏବଂ ଆଉ କେତେ ସଂଖ୍ୟକ ହିତାଧିକାରୀ ଘର ପାଇଁ ଆବେଦନ କରି ପ୍ରତିକ୍ଷାରେ ଅଛନ୍ତି, ତାର ଏକ ସ୍ପଷ୍ଟ ତଥ୍ୟ ତାଲିକା ଉପସ୍ଥାପନ କରିବାକୁ ସେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ ବିଧାୟକ। ନିକଟରେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିବା "ନିଟ୍' ପ୍ରଶ୍ନପତ୍ର ଲିକ୍ କାରଣରୁ ଜିଲ୍ଲାର କେତେ ଜଣ ମେଧାବୀ ଛାତ୍ରଛାତ୍ରୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି ବା ବିଫଳ ହୋଇଛନ୍ତି, ତାର ଏକ ସମ୍ପୂର୍ଣ୍ଣ ବିବରଣୀ ସରକାରୀସ୍ତରରେ ପ୍ରଦାନ କରିବାକୁ ସେ ପ୍ରଶ୍ନ କରିଛନ୍ତି।

# ଇନ୍ନାରେ ବିଶ୍ୱ ପରିବେଶ ଦିବସ



ଚୌଦ୍ୱାର,୫।୬(ସମିସ): ଚୌଦ୍ୱାର ଇନ୍ନା ଶିଳ୍ପ ଗୋଷ୍ଠୀ ପକ୍ଷରୁ ଶୁକ୍ରବାର କାରଖାନା ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପରିବେଶ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମ୍ପାନୀର ଉପସଭାପତି ବିନୟ ଅଗ୍ରୱାଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଜଳବାୟୁର ସୁରକ୍ଷା ଓ ପରିବେଶ ସନ୍ତୁଳନ ପାଇଁ ବ୍ୟାପକ ଗଛ ଲଗାଇବାକୁ ଶ୍ରମିକ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ କାରଖାନା ପରିସରରେ ବୃକ୍ଷରୋପଣ କରାଯିବା ସହ ପୂର୍ବରୁ ଆୟୋଜିତ ବିଭିନ୍ନ ସଚେତନତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଜଳଯୋଗାଣ ନିଶ୍ଚିତ କରିବା ପାଇଁ ଜନପ୍ରତିନିଧିଙ୍କ ଦାବି



ତିଗିରିଆ,୫।୬(ସମିସ): ତିଗିରିଆ ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଦୀର୍ଘ ବର୍ଷ ଧରି ଅଧପନ୍ତରିଆ ହୋଇ ପଡ଼ିରହିଥିବାରୁ ଜନସାଧାରଣ ଖରାଦିନେ ଜଳକଷ୍ଟ ଭୋଗୁଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ରାଉତ ଓ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ ପ୍ରକଳ୍ପର ପ୍ରୋଜେକ୍ଟ ମ୍ୟାନେଜର ସି. ସଙ୍ଗମୁଙ୍ଗଙ୍କୁ ଭେଟିଛନ୍ତି। ଜନପ୍ରତିନିଧିମାନେ ବ୍ଲକବାସୀଙ୍କ ଜଳ ସମସ୍ୟା ଉପରେ ଆଲୋଚନା କରିବା ସହ ବନ୍ଦ ରହିଥିବା ପ୍ରକଳ୍ପ କାର୍ଯ୍ୟକୁ ତୁରନ୍ତ ଶେଷ କରି ଲୋକଙ୍କୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ଦାବି କରିଛନ୍ତି।

# ପଞ୍ଚାୟତ ସମ୍ମୁଖରେ ସିପିଆଇ-ଏମ୍‌ର ଗଣଧାରଣା



ଟାଙ୍ଗୀ,୫।୬(ସମିସ): ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ ଦାବିରେ ଟାଙ୍ଗୀ-ଚୌଦ୍ୱାର ସିପିଆଇ(ଏମ୍) ଆଞ୍ଚଳିକ କମିଟି ପକ୍ଷରୁ ଶୁକ୍ରବାର ଭଟ୍ଟିମୁଣ୍ଡା ପଞ୍ଚାୟତ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ମହେନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ପିଇବା ପାଣି, ଦୁଇ ମାସର ବାର୍ଦ୍ଧକ୍ୟ ଭତ୍ତା, ନୂଆ ରେସନ କାର୍ଡ ଓ ପଞ୍ଚାୟତର ଅଟକି ରହିଥିବା ୫୦ ଲକ୍ଷରୁ ଅଧିକ ଟଙ୍କାର କାମ ଆରମ୍ଭ କରିବା ସହ ୮ ଦଫା ଦାବି ଉପସ୍ଥାପନ କରାଯାଇଛି। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଦଳ ଚେତାବନୀ ଦେଇଛି। ଏଥିରେ ମଳୟ ପୃଷ୍ଟି, ରମେଶ ବେହେରା ଓ ରଞ୍ଜୁଲତା ମହାରଣାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ନରସିଂହପୁର,୫।୬(ସମିସ): ନରସିଂହପୁର ପି.ସି ୱାର୍ଲ୍ଡ କମ୍ପ୍ୟୁଟର ଶିକ୍ଷା ଏବଂ ଅନୁଶିକ୍ଷଣ କେନ୍ଦ୍ରରେ ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରଶ୍ମି ରଞ୍ଜନ ରାଉତ୍‌ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ +୨ କଳାରେ ବ୍ଲକ ଟପ୍ପର ହୋଇଥିବା ସୀମା ମହାନ୍ତିଙ୍କ ସମେତ ମୋଟ ୧୭୮ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ବିଜୟ କୁମାର ଦଳବେହେରା, ମୁଖ୍ୟବକ୍ତା ଭାବେ ବିଡିଓ ପ୍ରଳୟାନନ୍ଦ ଶତପଥି ଏବଂ ସମ୍ମାନିତ ଅତିଥି ଭାବେ ଆଇଆଇସି ତପନ କୁମାର ପତି ଓ ଶିକ୍ଷାବିତ ପ୍ରଦୀପ କୁମାର ପଟ୍ଟନାୟକ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ।

## ଆସିଲେନି ଲୋକେ; 'ସ୍ୱଚ୍ଛ ଗାଁ ସୁରକ୍ଷିତ ଜଳବାୟୁ' କାର୍ଯ୍ୟକ୍ରମ ଫିକା

# ବିଫଳ ଅଭିଯାନ ପଛରେ ପ୍ରଶାସନିକ ଦାୟିତ୍ୱହୀନତା ଓ ରାଜନୈତିକ ଚାପ

ଭଦ୍ରେଶ୍ୱର,୫।୬(ସମିସ)

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ଗ୍ରାମପଞ୍ଚାୟତ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଆରମ୍ଭ ହୋଇଥିବା "ସ୍ୱଚ୍ଛ ଗାଁ ସୁରକ୍ଷିତ ଜଳବାୟୁ' କାର୍ଯ୍ୟକ୍ରମ ମାହାଙ୍ଗା ବ୍ଲକରେ ସମ୍ପୂର୍ଣ୍ଣ ଫେଲ ମାରିଛି। ପ୍ରଶାସନର ଚରମ ଦାୟିତ୍ୱହୀନତା, ସରକାରୀ ପାଣ୍ଠିର ଅଭାବ ଏବଂ ତ୍ରିସ୍ତରୀୟ ପଞ୍ଚାୟତରାଜ ପ୍ରତିନିଧିଙ୍କ ଅସହଯୋଗ କାରଣରୁ ବ୍ଲକର ସମସ୍ତ ୩୭ଟି ଗ୍ରାମପଞ୍ଚାୟତରେ ଏହି ଯୋଜନା କେବଳ କାଗଜପତ୍ର ଓ ନାମକୁ ମାତ୍ର କାର୍ଯ୍ୟକ୍ରମରେ ସୀମିତ ରହିଯାଇଛି। ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗାଁ ଗାଁରେ ବ୍ୟାପକ ଚାରାରୋପଣ କରିବା, ପରିବେଶ ସୁରକ୍ଷା ନିମନ୍ତେ ଜନସାଧାରଣଙ୍କୁ ସଚେତନ କରାଇବା ଏବଂ ପ୍ରଦୂଷିତ ପରିବେଶକୁ ସଜାଡ଼ିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ଏତେ ବଡ଼ କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ତରଫରୁ କୌଣସି ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇ ନ ଥିବା ବେଳେ ସ୍ଥାନୀୟ ଜନସାଧାରଣ ଏଥିରୁ ସମ୍ପୂର୍ଣ୍ଣ ଦୂରେଇ ରହିଥିଲେ। ଫଳରେ ମାତ୍ର କେତେକ ହାତଗଣତି ସରକାରୀ ବାବୁ ଓ ସ୍ଥାନୀୟ କର୍ମଚାରୀଙ୍କୁ ନେଇ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ସାଧାରଣରେ ସମ୍ପୂର୍ଣ୍ଣ ହାସ୍ୟାସ୍ପଦ ହୋଇଛି।

ଅନ୍ୟପକ୍ଷରେ, ଏହି ସରକାରୀ କାର୍ଯ୍ୟକ୍ରମ ବିଫଳ ହେବା ପଛରେ ବ୍ଲକ ପ୍ରଶାସନର ଏକଛତ୍ରବାଦୀ ନୀତି ଏବଂ ବ୍ୟାପକ ରାଜନୈତିକ ଅସନ୍ତୋଷ ରହିଥିବା ସାମ୍ନାକୁ ଆସିଛି। ଦୀର୍ଘ ୨ ବର୍ଷ ହେଲା ମାହାଙ୍ଗା ବ୍ଲକ ପ୍ରଶାସନ ତରଫରୁ କେତେକ ନିର୍ଦ୍ଦିଷ୍ଟ ରାଜନୈତିକ ଚାପରେ ସରପଞ୍ଚମାନଙ୍କ ଉନ୍ନତିମୂଳକ କାର୍ଯ୍ୟକ୍ରମ ଏବଂ ଆର୍ଥିକ କ୍ଷମତା ଉପରେ ଅଙ୍କୁଶ ଲଗାଇ ଦିଆଯାଇଛି। ସରପଞ୍ଚମାନଙ୍କ ସାମ୍ବିଧାନିକ କ୍ଷମତା ସଙ୍କୁଚିତ ହେବା ଫଳରେ ବର୍ତ୍ତମାନ ପ୍ରତି ପଞ୍ଚାୟତରେ କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ବିନିଯୋଗ ହୋଇ ନ ପାରି ଅଚଳ ଅବସ୍ଥାରେ ପଡ଼ିରହିଛି। ଏପରିକି ଜନହିତକର କାର୍ଯ୍ୟ ପାଇଁ ସରପଞ୍ଚମାନେ ନିଜ ହାତପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିବାକୁ ଚାହିଁଲେ ମଧ୍ୟ ସେଥିରେ ରାଜନୈତିକ ରୋକ ଲଗାଯାଉଛି। ପ୍ରଶାସନର ଏଭଳି ବୈମାତୃକ ମନୋଭାବ ଯୋଗୁଁ ନିର୍ବାଚିତ ସରପଞ୍ଚ ଓ ପଞ୍ଚାୟତ ପ୍ରତିନିଧିମାନେ ଏହି ପରିବେଶ ଦିବସ କାର୍ଯ୍ୟକ୍ରମ ପ୍ରତି କୌଣସି ଆନ୍ତରିକତା ପ୍ରକାଶ କରି ନ ଥିଲେ। ମାହାଙ୍ଗାର ମାତ୍ର ଗୋଟିଏ କିମ୍ବା ଦୁଇଟି ପଞ୍ଚାୟତକୁ ଛାଡ଼ିଦେଲେ, ଅନ୍ୟ ସମସ୍ତ ସ୍ଥାନରେ ସାଧାରଣ ଲୋକଙ୍କ ଶୂନ୍ୟ ଉପସ୍ଥିତି ଯୋଗୁଁ ସରକାରଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ତୀବ୍ର ସମାଲୋଚନା କରାଯାଇଛି।

# ସିଡୁଆ ନଦୀରେ ବୁଡ଼ି ଯୁବକ ମୃତ

ଫୁଲନଖରା,୫।୬(ସମିସ): କଟକ ସଦର ଥାନା ଖଣ୍ଡାଏତା ନିକଟସ୍ଥ ସିଡୁଆ ନଦୀରେ ଗାଧୋଇବା ବେଳେ ବୁଡ଼ିଯାଇ ଭୁବନେଶ୍ୱର ୟୁନିଟ୍-୩ ଅଞ୍ଚଳର ହେମନ୍ତ ଦାସ (୩୫)ଙ୍କର ମୃତ୍ୟୁ ଘଟିଛି। ଗତକାଲି ସେ ନିଜ ବନ୍ଧୁଙ୍କ ଘରକୁ ଆସିଥିବା ବେଳେ ପ୍ରବଳ ଖରା ଯୋଗୁଁ ସାଙ୍ଗମାନଙ୍କ ସହ ନଦୀକୁ ଗାଧୋଇବାକୁ ଯାଇ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଖବର ପାଇ ସଦର ପୁଲିସ ଓ ବାରଙ୍ଗ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୧୮ ଘଣ୍ଟାର ସର୍ଚ୍ଚ ଅପରେସନ ପରେ ଆଜି ସକାଳ ୯ଟାରେ ମୃତଦେହ ଉଦ୍ଧାର କରିଛନ୍ତି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନଥିବା ଥାନା ଆଇଆଇସି ତୁଷାରକାନ୍ତ ସେଠୀ ଜଣାଇଛନ୍ତି।

# ଚେତିଲା ପ୍ରଶାସନ; ବୁଲା ଗୋରୁଗାଈଙ୍କୁ ଚିକିତ୍ସା



ନିଶ୍ଚିନ୍ତକୋଇଲି,୫।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ବୁଲୁଥିବା ରୋଗାକ୍ରାନ୍ତ ତଥା ଅସହାୟ ଗୋରୁଗାଈଙ୍କ ସୁରକ୍ଷା ପାଇଁ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଗତ ସାତ ଦିନ ଧରି ସୁକରପଡ଼ା, କଟରପଡ଼ା ଓ କେଣ୍ଟାଳ ପଞ୍ଚାୟତ ଅଞ୍ଚଳରେ ବୁଲୁଥିବା ଶତାଧିକ ଗୋରୁ ଗାଈ ଖାଦ୍ୟ ଓ ପାନୀୟ ନ ପାଇ ଛଟପଟ ହୋଇ ମୃତ୍ୟୁବରଣ କରୁଥିବା ବେଳେ ବହୁ ସଂଖ୍ୟାରେ ଗୋଧନ ରୋଗାକ୍ରାନ୍ତ ଅବସ୍ଥାରେ ପଡ଼ିରହିଥିଲେ। ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ମଣ୍ଡଳ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ପକ୍ଷରୁ ପଦକ୍ଷେପ ନିଆଯାଇଛି। କଟକ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ପ୍ରକାଶ କୁମାର ବେଉରାଙ୍କ ତତ୍ତ୍ୱାବଧାନରେ ଏକ ବିଶେଷ ଡାକ୍ତରୀ ଦଳ କଟରପଡ଼ା, ପିଠାପଡ଼ା ଓ ସୁକରପଡ଼ା ଅଞ୍ଚଳରେ ବୁଲୁଥିବା ରୋଗାକ୍ରାନ୍ତ ଗୋରୁ ଗାଈମାନଙ୍କୁ ଚିହ୍ନଟ କରି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଏହାସହ ଅସୁସ୍ଥ ଗୋରୁମାନଙ୍କୁ ଆବଶ୍ୟକୀୟ ସାଲାଇନ୍, ଇଞ୍ଜେକ୍ସନ ଓ ମାଗଣା ଔଷଧ ପ୍ରଦାନ କରାଯାଇଛି। ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ରଶ୍ମିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ସେବା କାର୍ଯ୍ୟରେ ଡାକ୍ତର ରମାରଞ୍ଜନ ପତି, ଏଲ୍ଆଇ ରଞ୍ଜନ କୁମାର ସେଠୀ, ଲକ୍ଷ୍ମୀଧର ମଲିକ ଓ ପିତାମ୍ବର ପାତ୍ର ପ୍ରମୁଖ ନିୟୋଜିତ ହୋଇ ଗୋସେବା କରିଥିଲେ। ଅନ୍ୟପକ୍ଷରେ, ସରକାରୀ ସହାୟତା ସହିତ ସ୍ଥାନୀୟ ସ୍ୱେଚ୍ଛାସେବୀ ମଧ୍ୟ ଏହି ମହତ କାର୍ଯ୍ୟରେ ସାମିଲ ହୋଇଛନ୍ତି। ଅଞ୍ଚଳର କିଛି ଉତ୍ସାହୀ ଯୁବକ ଏକଜୁଟ ହୋଇ ବୁଲା ଗୋରୁ ଗାଈମାନଙ୍କୁ ଏକାଠି କରି ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ସୁବ୍ୟବସ୍ଥା କରିଛନ୍ତି। ପ୍ରାଣୀ ଚିକିତ୍ସା ବିଭାଗ ଓ ସ୍ୱେଚ୍ଛାସେବୀଙ୍କ ଏଭଳି ମିଳିତ ପ୍ରୟାସକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ବେଶ୍ ପ୍ରଶଂସା କରିଛନ୍ତି।



## ଦିବଂଗତ କଳାକାରଙ୍କୁ ଏ କି ସମ୍ମାନ

# ଓଦାଲୁଗା ଆଢୁଆଳରେ କାଳଜୟୀ ପ୍ରତିଭା

ଭୁବନେଶ୍ୱର, ୫।୬(ସମିସ)

ପୁଣି ପ୍ରବାସୀ ଭାରତୀୟ ଦିବସ ଭଳି ବଡ଼ ବଡ଼ ସଭା ସମିତିର ଆୟୋଜନ ହେଲେ ମନେପଡ଼ିବ ରାଜଧାନୀ କାନ୍ଥରେ ସୌନ୍ଦର୍ଯ୍ୟକରଣ କଥା। ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀ ଅବସରରେ ୨୦୨୫ ମସିହାରେ ରାଜଧାନୀକୁ ଦିଆଯାଇଥିଲା ନୂଆରୂପ। ବିଶେଷକରି ପ୍ରମୁଖ ରାସ୍ତାଘାଟଗୁଡ଼ିକ ଚକାଚକ୍ କରାଯିବା ସାଙ୍ଗକୁ ବିଭିନ୍ନ ସ୍ଥାନରେ ଓଡ଼ିଶାର ପରମ୍ପରା, କଳା, ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। କାନ୍ଥବାଡ଼ରେ ଟ୍ରାଇବାଲ ଆର୍ଟ ଓ ଝୋଟି ସାଙ୍ଗକୁ ଅଙ୍କାଯାଇଥିଲା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଚିତ୍ର। ସେହିପରି କଳିଙ୍ଗ ଷ୍ଟୁଡ଼ିଓ ରାସ୍ତାରେ ରହିଥିବା ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ କାନ୍ଥରେ ଅଙ୍କାଯାଇଥିଲା ବିଶିଷ୍ଟ ଓ ଦିବଂଗତ କଳାକାରଙ୍କ ଫଟୋଚିତ୍ର ସାଙ୍ଗକୁ କାଳଜୟୀ ସିନେମାର ପୋଷ୍ଟରର ଚିତ୍ର। ହେଲେ ତାହା କେବଳ କିଛିଦିନ ପାଇଁ ଦେଖିଥିଲେ

### ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେଲାଣି ସୌନ୍ଦର୍ଯ୍ୟକରଣ

ଲୋକେ। କାରଣ ପ୍ରବାସୀ ଭାରତୀୟ ଦିବସ ସରିବା ପରେ ଏହି ସବୁ ଚିତ୍ର ଏବେ ବଣବୁଦା ଆଢୁଆଳରେ ଲୁଚି ଯାଇଛି। ସାମ୍ନାରେ ଶୁଖୁଛି ନିକଟସ୍ଥ ବସ୍ତି ବାସିନ୍ଦାଙ୍କ ପୋଷାକ ଓ ଲୁଗା। ତେବେ ସରକାରଙ୍କ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ସହ କଳା ଛାତ୍ରଛାତ୍ରୀଙ୍କ ପରିଶ୍ରମ ସହ କଳାକାରଙ୍କୁ ଅସମ୍ମାନ କରାଯାଉଥିବା ଅଭିଯୋଗ ହୋଇଛି।

ଭୁବନେଶ୍ୱର ମହାନଗରନିଗମ ୱାର୍ଡ ନମ୍ବର



୨୨ ଅଧୀନରେ ରହିଛି କଳିଙ୍ଗ ଷ୍ଟୁଡିଓ ରାସ୍ତା। ରାସ୍ତାରେ ଗୋଟିଏ ପାର୍ଶ୍ୱରେ ବସ୍ତି ରହିଥିବା ବେଳେ ଅନ୍ୟପଟେ ରହିଛି କଳିଙ୍ଗ ଷ୍ଟୁଡ଼ିଓ ସମେତ ସରକାରୀ କାର୍ଯ୍ୟାଳୟ। ନାକାଗେଟ୍ ଛକରୁ ଷ୍ଟୁଡ଼ିଓ ଛକ ଯାଏ ପ୍ରାୟ ୧କିଲୋମିଟର ପର୍ଯ୍ୟନ୍ତ ପାଚେରିରେ ଫକୀର ମୋହନ ସେନାପତିଙ୍କ କାଳଜୟୀ ଉପନ୍ୟାସ ଛମାଣ ଆଠ ଗୁଣ୍ଠ ଠାରୁ ଆରମ୍ଭ କରି ଦଣ୍ଡାବାଳୁଙ୍ଗା, ରାଜା ହରିଶ୍ଚନ୍ଦ୍ର, କାବେରୀ, ଅଭିନେତ୍ରୀ, ଧରିତ୍ରୀ, ବାବୁଲା, ଜଜନୀ, ଅନୁତାପ, ମାୟା ମିରିଗ, ଅସ୍ତରାଗ, ଶେଷ ଶ୍ରାବଣ, ଡାକ ମୁନିଷୀ, ମାଗୁଣିର ଶଗଡ଼, ମା ପରି କିଏ ହେବ, କାଶିଆ କପିଳା, ପୂଜା, ସମୟ, ଛ ମାଣ ଆଠ ଗୁଣ୍ଠ, ମଲାଜହ୍ନ, ଜୟଦେବ, ଚିଲିକାତୀରେ, ନୂଆବୋଉ ଆଦି ଅନେକ କାଳଜୟୀ ଓଡ଼ିଆ ସିନେମାର ପୋଷ୍ଟର ସାଙ୍ଗକୁ ମୁଖ୍ୟ ଅଭିନେତା, ଖଳନାୟକ, ଅଭିନେତ୍ରୀଙ୍କ ଛବି ମଧ୍ୟ ରହିଛି। ସେହିପରି ୮୦ ଦଶକର ବଳିଷ୍ଠ କଳାକାର ଦୁଃଖୀରାମ ସ୍ୱାଇଁ, ଶ୍ରୀରାମ ପଣ୍ଡା, ଅଜିତ ଦାସ, ବିଜୟ ମହାନ୍ତି, ଦେବୁ ବୋଷ ଶରତ ପୂଜାରୀ, ଧିର ବିଶ୍ୱାଳ, ମୀନକେତନ, ମିହିର ଦାସ, ଝରଣା ଦାସ, ଅନିତା ଦାସ, ନମ୍ରତା ଦାସଙ୍କ ସମେତ ଉତ୍ତମ ମହାନ୍ତି, ଅପରାଜିତା, ଅନିତା ଦାସ ପ୍ରମୁଖ କଳାକାରଙ୍କ ଚିତ୍ରକୁ ବେଶ୍ ଜୀବନ୍ତ ଭାବେ ଅଙ୍କାଯାଇଥିଲା। ଯାହାକି ଏହି ରାସ୍ତା ଦେଇ ଯାଉଥିବା ପ୍ରତ୍ୟେକ ପଥଚାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା। କିନ୍ତୁ ଏହି ଚିତ୍ର ଗୁଡ଼ିକ ଦେଖିବାର ସୁଯୋଗ ମିଳିଥିଲା କେବଳ ପ୍ରଭାବସୀ ଭାରତୀୟ ଦିବସ ଚାଲିଥିବା ୨୦୨୫ ଜାନୁଆରୀ ୮ ରୁ ୧୦ ତାରିଖ ଯାଏ। ହେଲେ ୩ଦିନ ପରେ ଯେମିତି ଏବାବାଦକୁ ଖର୍ଚ୍ଚ ହୋଇଥିବା ଅର୍ଥ ଏବଂ ଏହାକୁ ବାସ୍ତବ ରୂପ ଦେଇଥିବା ଶିଳ୍ପୀଙ୍କ ସବୁ ପରିଶ୍ରମ ବୃଥା ଯାଇଛି। ଚିତ୍ର ହୋଇଥିବା ସ୍ଥାନ ଗୁଡ଼ିକ ଆଗରେ ରହିଥିବା ବାଡ଼ ଉପରେ ନିକଟସ୍ଥ ବସ୍ତି ବାସିନ୍ଦାମାନେ ଗାଧୁଆ ଶୁଗାପଟା ଶୁଖାଉଥିବା ଦେଖିବାକୁ ମିଳିଛି। ଏମିତିକି ପ୍ରାୟ ଏକ କିଲୋମିଟର ଯାଏ କୌଣସି ଚିତ୍ର ସ୍ପଷ୍ଟ ଭାବେ ଦିଶୁନଥିବାରୁ ପଥଚାରୀମାନେ ଅସନ୍ତୋଷ ପ୍ରକାଶ କରି କଳାକାରମାନଙ୍କୁ ଅସମ୍ମାନୀତ କରାଯାଉଥିବା କହିଛନ୍ତି। ଏନେଇ ୱାର୍ଡର କର୍ପୋରେଟର କିରଣବାଳା ମାଝୀ କହିଛନ୍ତି ଯେ, ନିକଟସ୍ଥ ଚାଳସାହି ବସ୍ତିରେ ପ୍ରାୟ ୪୦୦ ଲୋକ ରହୁଛନ୍ତି। ନିର୍ବାଚନ ପୂର୍ବରୁ ସେମାନେଙ୍କ ପାଇଁ ଘାଟିକିଆ ଦୁର୍ଗାମଣ୍ଡପ ନିକଟରେ ଘର ତିଆରି ହୋଇ ସର୍ଭେ ମଧ୍ୟ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ ସ୍ଥାନାନ୍ତର କରାଯାଉ ନାହିଁ। ଫଳରେ ସେମାନେ ଏହି ସ୍ଥାନଗୁଡ଼ିକ ବ୍ୟବହାର କରୁଛନ୍ତି।

# ୧.୨୯ କ୍ୱିଣ୍ଟାଲ ଗଞ୍ଜେଇ ଜବତ; ୩ ଆନ୍ତଃରାଜ୍ୟ ମାଫିଆ ଗିରଫ

ଭୁବନେଶ୍ୱର, ୫।୬(ସମିସ): ନିଶା କାରବାର ବିରୋଧରେ ଚାଲିଥିବା ଲଗାତାର ଅଭିଯାନରେ ଓଡ଼ିଶା ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଆଉ ଏକ ବଡ଼ ସଫଳତା ହାସଲ କରିଛି। କନ୍ଧମାଳରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ୧.୨୯ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିବା ସହ ୩ଜଣ ଆନ୍ତଃରାଜ୍ୟ ଚାଲାଣକାରୀଙ୍କୁ ଗିରଫ କରିଛି ଏସ୍‌ଟିଏଫ୍। ଗତ ୫ଜୁନ୍ ୨୦୨୬ରେ ଏସ୍‌ଟିଏଫ୍‌କୁ ଏକ ନିର୍ଦ୍ଦିଷ୍ଟ ଓ ବିଶ୍ୱସନୀୟ ସୂଚନା ମିଳିଥିଲା ଯେ କନ୍ଧମାଳ ଜିଲ୍ଲାରୁ ବିପୁଳ ପରିମାଣର ଗଞ୍ଜେଇ ଏକ ମାରୁତି ସିଆଜ୍ କାର୍ ଯୋଗେ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି। ସୂଚନା ପାଇବା ମାତ୍ରେ ଏସ୍‌ଟିଏଫ୍ ତୁରନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ସନ୍ଦିଗ୍ଧ ଗାଡ଼ିକୁ ଧରିବା ପାଇଁ ନିୟୋଜିତ କରିଥିଲା।



ସତର୍କ ନଜର ଓ ରଣନୈତିକ ଯୋଜନା ପରେ ଏସ୍‌ଟିଏଫ୍ ଟିମ୍ ଖୋର୍ଦ୍ଧା ଜିଲ୍ଲା ଇନ୍‌ଫୋସିଭ୍ୟାଲି ଥାନା ଅନ୍ତର୍ଗତ ଗଙ୍ଗାପଡ଼ା ନିକଟରେ ଗାଡ଼ିକୁ ସଫଳତାର ସହ ଅଟକାଇଥିଲା। ଜାତୀୟ ରାଜପଥ-୧୬ରୁ ପ୍ରାୟ ୧.୫ କିଲୋମିଟର ପଶ୍ଚିମରେ କାଜୁ ଜଙ୍ଗଲ ଭିତର ଦେଇ ଯାଇଥିବା ଏକ କଚ୍ଚା ରାସ୍ତାରେ ଏହି ଗାଡ଼ିକୁ ଧରାଯାଇଥିଲା। ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ଏବଂ ସମସ୍ତ ଆଇନଗତ ପ୍ରକ୍ରିୟା ଅନୁସରଣ କରି ଗାଡ଼ି ଯାଞ୍ଚ କରାଯିବାରୁ ୧.୨୯ କ୍ୱିଣ୍ଟାଲ ଗଞ୍ଜେଇ ମିଳିଥିଲା। ଏହା ସହିତ ମାରୁତି ସିଆଜ୍ କାର୍ ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଘଟଣାସ୍ଥଳରୁ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରଞ୍ଜିତ ଦିଗଲ (୪୫), ଅରୁଣ କୁମାର ସେଠୀ (୩୪), ଦୁର୍ବାସ କହଁର (୪୫)। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ଅନ୍ତଃରାଜ୍ୟ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଥିଲେ। ଗଞ୍ଜେଇ କେଉଁଠାରୁ ସଂଗ୍ରହ କରାଯାଇଥିଲା। କେଉଁଠାକୁ ପଠାଯାଉଥିଲା ଆର୍ଥିକ କାରବାର ଏବଂ ଏହି ଚାଲାଣ ନେଟ୍‌ୱର୍କର ଅନ୍ୟ ସଦସ୍ୟଙ୍କ ଭୂମିକା ଜାଣିବା ପାଇଁ ଅଧିକ ତଦନ୍ତ ଚାଲିଛି। ଏହି ସିଣ୍ଡିକେଟ୍‌ର ଆଗ-ପଛ ଲିଙ୍କ୍ ଖୋଜିବା ଏବଂ ବେଆଇନ ବେପାର ସହ ଜଡିତ ଅନ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଚାଲିଛି।

# ଆକ୍ରମଣ ଅଭିଯୋଗରେ ୨ ମହିଳା ଗିରଫ

ଭୁବନେଶ୍ୱର, ୫।୬(ସମିସ): ଆକ୍ରମଣ ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ୨ଜଣ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭବାନୀ ସେଠୀ ଓ ସଙ୍ଗୀତା ବେହେରା। ସୂଚନାଯୋଗ୍ୟ ଯେ, ପୂର୍ବଶତ୍ରୁତାକୁ ଆଧାର କରି, ଅଶୋକନଗରସ୍ଥିତ ଫାଳିକିଆ ବସ୍ତିରେ ଦୁଇଟି ଗୋଷ୍ଠୀ ମଧ୍ୟରେ ନିୟମିତ ଭାବେ ଝଗଡ଼ା ହେବା ସହ ପରସ୍ପରକୁ ଆକ୍ରମଣ କରିବାକୁ ଚେଷ୍ଟା କରୁଥିଲେ। ଗୋଟିଏ ପଟେ ସୀମା ସେଠୀ ଏବଂ ତାଙ୍କ ପରିବାରର ସମସ୍ତ ସଦସ୍ୟ ଯେପରିକି ସୁଜାତା ସେଠୀ ଏବଂ ରାନୀ ସେଠୀ, ଦୁଇ ପୁଅ ତାରିଣୀ ସେଠୀ ଏବଂ ପାଣ୍ଡୁ ଓରଫ ତରୁଣ ସେଠି, ଝିଅ ଉଜାଲା ସେଠୀ, କୁମାରୀ ପ୍ରଧାନ, ରାଜି ସେଠୀ, ଭବାନୀ ସେଠୀ ଏବଂ ଇନ୍ଦୁ ସେଠି ଏବଂ ଜ୍ୱାଇଁ ଡି.ରାମୁ ଏବଂ ଜଗା ପ୍ରଧାନ ଗୋଟିଏ ପଟେ ଥିବା ବେଳେ, ଫାଳିକିଆ ବସ୍ତିର ସମଗ୍ର ବସ୍ତିବାସୀ ଅନ୍ୟ ପଟେ ରହିଛନ୍ତି। ସେମାନଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ବିବାଦ ଲାଗି ରହିଆସିଛି ଏବଂ ସେମାନେ ନିୟମିତ ବ୍ୟବଧାନରେ ପରସ୍ପରକୁ ଆକ୍ରମଣ କରିବାକୁ ପଛାଉ ନଥିଲେ। ଯାହାକୁ ନେଇ ଅତୀତରେ ଉଭୟ ଗୋଷ୍ଠୀ ବିରୁଦ୍ଧରେ ଏକାଧିକ ମାମଲା ମଧ୍ୟ ରୁଜୁ ହୋଇଛି। ଗତ ୨ ତାରିଖରେ ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ଏବଂ ପ୍ରତି ଆକ୍ରମଣ ହୋଇଥିଲା ଏବଂ ଉଭୟ ପକ୍ଷର ଅଭିଯୁକ୍ତ ମାନେ ତାଙ୍କ ସହଯୋଗୀମାନଙ୍କ ସହିତ ମିଳିତ ଭାବରେ ପରସ୍ପରକୁ ତଥା ସେମାନଙ୍କର ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। କ୍ୟାପିଟାଲ ଥାନା ପୁଲିସ ଏହି ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ଭବାନୀ ସେଠୀ ଏବଂ ସଙ୍ଗୀତା ବେହେରାଙ୍କୁ ଗିରଫ କରିଥିଲେ।

● ବସ୍ତିବାସିନ୍ଦାଙ୍କୁ ମରଣାନ୍ତକ ଆକ୍ରମଣ ଧମକ

# ଗିରଫଦାରୀ ବିରୋଧରେ ଥାନା ଘେରାଉ

ଭୁବନେଶ୍ୱର, ୫।୬(ସମିସ): ବସ୍ତିବାସିନ୍ଦାଙ୍କୁ ଦାଦାବଟି ମାଗିବା ଏବଂ ଏହାର ପ୍ରତିବାଦ କରିବାରୁ ସେମାନଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଶୁକ୍ରବାର ଦୁଇଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଦୁଇ ଯୁବକ ହେଉଛନ୍ତି ଖଣ୍ଡଗିରି ଜାଗମରାର ଅତୁଲ କୁମାର ଗୁରୁ (୨୨) ଓ ଜଟଣୀ ରାଜା ବଜାରର ନରେନ୍ଦ୍ର ମହାରଣା ଓରଫ ଶିବୁ (୨୪)। ତେବେ ଏହି ଗିରଫଦାରୀକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ପୁଲିସ ଏକ ମିଥ୍ୟା ମାମଲାରେ ଏମାନଙ୍କୁ ଫସାଇବାକୁ ଉଦ୍ୟମ କରିଥିବା ଓ ରାଜନୈତିକ କାରଣରୁ ଏହି ଗିରଫଦାରୀ ହୋଇଛି ବୋଲି ଅଭିଯୋଗ ହୋଇଥିଲା। ଏହି କାରଣରୁ ସ୍ଥାନୀୟ ଲୋକେ ଭରତପୁର ଥାନା ଘେରାଉ କରିଥିଲେ। ପୁଲିସ ବିରୋଧରେ ନାରାବାଜୀ କରିଥିଲେ। ଅପରପକ୍ଷର ଅଭିଯୋଗ ଶୁଣାଯିବା ପରେ ଥାନା ଘେରାଉ ପ୍ରତ୍ୟାହୃତ ହୋଇଥିଲା।

ପୁଲିସ ସୂଚନା ମୁତାବକ, କିଛି ସ୍ଥାନୀୟ ଏବଂ ଆଖପାଖ ଅଞ୍ଚଳର ଯୁବକମାନେ ଏକ ଗ୍ୟାଙ୍ଗ ଗଠନ କରି ଫୁଲେଶ୍ୱରୀ ବସ୍ତି ଓ ନିକଟସ୍ଥ ଅଞ୍ଚଳରେ ଅପରାଧିକ ଧମକ ଏବଂ ବଳପ୍ରୟୋଗ ମାଧ୍ୟମରେ ଦାଦାବଟି ଆଦାୟ କରୁଥିଲେ। ସେମାନେ ବସ୍ତିବାସୀଙ୍କଠାରୁ ବଳପୂର୍ବକ ଟଙ୍କା ଆଦାୟ କରିବା ସହିତ କେତେକ ଘର ଓ ଦୋକାନକୁ ମଧ୍ୟ କ୍ଷତିଗ୍ରସ୍ତ କରୁଥିଲେ। ଏହି ଅତ୍ୟାଚାରରେ ଅତିଷ୍ଠ ହୋଇ ବସ୍ତିବାସୀମାନେ ନିଜ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ସାମୂହିକ ଭାବେ ଏକ ବୈଠକ ଆୟୋଜନ କରିଥିଲେ। ବୈଠକ ବିଷୟରେ ଜାଣିବା ପରେ ଗ୍ୟାଙ୍ଗ ସଦସ୍ୟମାନେ କ୍ଷୁବ୍ଧ ହୋଇ ଖଣ୍ଡା ଓ ପିସ୍ତଲ ଧରି ମୋଟରସାଇକେଲ ଏବଂ ସ୍କୁଟିରେ ଫୁଲେଶ୍ୱରୀ ବସ୍ତିକୁ ଆସିଥିଲେ। ଫୁଲେଶ୍ୱରୀ ସରକାରୀ ୟୁପି ସ୍କୁଲ ନିକଟରେ ପହଞ୍ଚି ସେମାନେ ଖୋଲାଖୋଲି ଭାବେ ଅସ୍ତ୍ର ପ୍ରଦର୍ଶନ କରି ସ୍ଥାନୀୟ ଲୋକଙ୍କୁ ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ସିବା ବେହେରାଙ୍କ ଘରେ ପଶି ତାଙ୍କୁ ବାହାରକୁ ଟାଣି ଆଣି ବସ୍ତିରେ ସେମାନଙ୍କ କାର୍ଯ୍ୟକଳାପ ବିରୋଧରେ ବୈଠକ ଡାକିବାର କାରଣ ପଚାରିଥିଲେ। ଶିବା ବେହେରା ଏବଂ ଅନ୍ୟ ସ୍ଥାନୀୟ ଲୋକମାନେ ଏହାର ପ୍ରତିବାଦ କରିବାରୁ, ଦିପ୍ତିରଞ୍ଜନ ଓରଫ ଚାମ୍ପା, ଓମ୍, ତପନ ଦିଗାଲ, ସୋମୁ, ନରେନ୍ଦ୍ର, ଅତୁଲ, ପପୁନା, ଭିକି, ସରୋଜ ପ୍ରଧାନ ଓ ଅନ୍ୟମାନେ ମିଳିତ ଭାବେ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଶିବା ବେହେରାଙ୍କ ମୁଣ୍ଡରେ ଗୁରୁତର ରକ୍ତାକ୍ତ ଆଘାତ ଲାଗିଥିଲା ଏବଂ ସେ ଘଟଣାସ୍ଥଳରେ ତଳେ ପଡ଼ିଯାଇଥିଲେ। ଘଟଣା ପରେ ଅଭିଯୁକ୍ତମାନେ ଅସ୍ତ୍ର ଦେଖାଇ ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ ଲୋକ ଏବଂ ପରିବାର ସଦସ୍ୟମାନେ ଶିବା ବେହେରାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଭୁବନେଶ୍ୱରସ୍ଥ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ।

# ପୁଣି ଲକ୍ଷ୍ମୀସାଗରରେ ଛୁରାମାଡ଼; ୨ ଆହତ

ଭୁବନେଶ୍ୱର, ୫।୬(ସମିସ): ପୁଣି ଲକ୍ଷ୍ମୀସାଗର ଥାନା ଝାରପଡ଼ା ଅଞ୍ଚଳରେ ଛୁରା ମାଡ଼ ହୋଇଛି। ଦୁଇ ସମ୍ପର୍କୀୟ ସନ୍ଧ୍ୟା ୭ଟା ବେଳେ ଭୋଜିରୁ ବାଇକ୍‌ରେ ଫେରୁଥିଲା ବେଳେ ପଛରୁ ୪ଦୁର୍ବୃତ୍ତ ଆକ୍ରମଣ କଲେ। ଦୁର୍ବୃତ୍ତମାନେ ହଳଦୀପଡ଼ିଆ ବସ୍ତିରେ ବୋଲି ଜଣାପଡ଼ିଛି। ଏମାନେ ହେଲେ ଲକ୍ଷ୍ମୀସାଗର ଅଞ୍ଚଳର ବାଦଲ ଓଝା, ଆଲୋକ ଓଝା। ଜଣେ ଗୁରୁତର ହୋଇଥିଲା ବେଳେ ଆଉ ଜଣେ ଆଂଶିକ ଭାବେ ଆହତ ହୋଇଛନ୍ତି। ସେମାନଙ୍କ ମୁଣ୍ଡ, ଛାତି ଏବଂ ବେକକୁ ଛୁରାମାଡ଼ ହୋଇଛି। ତେବେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏଭଳି ଛୁରାମାଡ଼ ହୋଇଥିଲା ବୋଲି ପୁଲିସ ଅନୁମାନ କରୁଛି। ଗୁରୁତର ଅବସ୍ଥାରେ ଆହତଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଖଣ୍ଡାରେ ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର, ୫।୬(ସମିସ): ଖଣ୍ଡା ଏବଂ ମାରଣାସ୍ତ୍ରରେ ଆକ୍ରମଣ ଅଭିଯୋଗରେ ଭରତପୁର ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଗନ୍ନାଥ ବିହାର, ବରମୁଣ୍ଡାର ବିନୋଦ ବିହାରୀ ବଳ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀଙ୍କର ପଡ଼ୋଶୀ ବିନୋଦ ବିହାରୀ ବଳଙ୍କ ସହିତ ପୂର୍ବ ଶତ୍ରୁତା ରହିଛି। ଦୁଇ ଦିନ ପୂର୍ବରୁ ବିନୋଦ ବିହାରୀ ବଳ ତାଙ୍କ ଘର ପାଖରେ ରହୁଥିବା ଜଣେ ଯୁବକଙ୍କୁ ଫୋନ୍ କରି ପରୋକ୍ଷରେ ତାଙ୍କ ମାଧ୍ୟମରେ ହତ୍ୟା ଧମକ ଦେଇଥିଲେ। ଆଜି ପ୍ରାତଃ ସମୟରେ ସେ ତାଙ୍କ ଘରେ ଶୋଇଥିବା ବେଳେ, ଅଭିଯୁକ୍ତ ବିନୋଦ ବିହାରୀ ତାଙ୍କ ସହଯୋଗୀ ମାନଙ୍କ ସହ ଆସି ଅଭିଯୋଗକାରୀଙ୍କୁ ବାହାରକୁ ଡାକିଥିଲେ। ତାଙ୍କ ଡାକ ଶୁଣି ଅଭିଯୋଗକାରୀ କବାଟ ଖୋଲିବା ମାତ୍ରେ ସହଯୋଗୀ ଜଗା ଓରଫ ରାକେଶ ବେହେରା ଏବଂ ମୁନା ଓରଫ ରାକେଶ ଦାସ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାକୁ ଲାଗିଲେ ଏବଂ ହଠାତ୍ ସେମାନେ ଆଣିଥିବା ଖଣ୍ଡା ଏବଂ ଲୁହା ରଡ୍ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣ ଫଳରେ ଅଭିଯୋଗକାରୀଙ୍କ ପିଠି, ଛାତି ଏବଂ ଶରୀରର ଅନ୍ୟାନ୍ୟ ସ୍ଥାନରେ ଆଘାତ ଲାଗିଲା। ଯାହା ଫଳରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ତାଙ୍କ ପାଟି ଶୁଣି ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଦୌଡ଼ି ଆସି ତାଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିଥିଲେ। ଘଟଣା ସମୟରେ, ଜଗା ଓରଫ ରାକେଶ ବେହେରା ନିଜକୁ ଏକ ହତ୍ୟା ମାମଲାର ଅଭିଯୁକ୍ତ ଏବଂ ବର୍ତ୍ତମାନ ବେଲରେ ଥିବା କହି ଅଭିଯୋଗକାରୀଙ୍କ ମନରେ ଭୟ ସୃଷ୍ଟି ଲାଗି ପ୍ରୟାସ କରିଥିଲେ। ଏହା ପରେ, ଜଗା ଓରଫ ରାକେଶ ବେହେରା ଏବଂ ମୁନା ଓରଫ ରାକେଶ ଦାସ ଅଭିଯୋଗକାରୀଙ୍କୁ ଧମକ ଦେଇ କହିଥିଲେ ଯେ, ଯଦି ସେ ସେମାନଙ୍କ ବିରୁଦ୍ଧରେ ପୋଲିସ ନିକଟରେ କୌଣସି ଅଭିଯୋଗ କରନ୍ତି, ତେବେ ସେମାନେ ତାଙ୍କୁ ଗୁଳି କରି ହତ୍ୟା କରିବେ। ପରେ ସେମାନେ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ। ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଥାନାରେ ଅଭିଯୋଗ କରିଥିଲେ। ଭରତପୁର ଥାନା ପୁଲିସ ଏହି ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ବିନୋଦ ବିହାରୀ ବଳଙ୍କୁ ଗିରଫ କରିଥିଲେ।



# ବ୍ରାଉନ୍‌ସୁଗର ଜବତ; ୩ ଗିରଫ



ଭୁବନେଶ୍ୱର, ୫।୬(ସମିସ): ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ ମୈତ୍ରୀ ବିହାର ଥାନା ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡେଶ୍ୱର ଓରଫ ଶମ୍ଭୁ ନାୟକ, ମାଗୁଣି ଓରଫ ମାଗା ବେହେରା ଏବଂ ପି. ଗୋପୀକିଶନ ଓରଫ ଗୋପୀ ରାଓ। ଗିରଫ ଅଭିଯୁକ୍ତମାନେ ରେଳ ବିହାର ଛକ ନିକଟରେ ବେଆଇନ ବ୍ରାଉନ ସୁଗାର ବିକ୍ରି କରୁଥିବା ନେଇ ମୈତ୍ରୀବିହାର ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲେ। ପୁଲିସ ସୂଚନାକୁ ଆଧାର ମୁତାବକ, ଅଭିଯୁକ୍ତ ମାନଙ୍କ ହେପାଜତରୁ ସମୁଦାୟ ୧୯ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରାଯାଇଛି। ସେମାନଙ୍କ ଠାରୁ ଦୁଇଟି ମୋବାଇଲ ଫୋନ, ଏବଂ ଟଙ୍କା ଜବତ କରଯାଇଥିଲା।

# ଆସିଗଲା ଦେଶୀ; ଆଗକୁ ପଶ୍ଚିମବଙ୍ଗ, ଲକ୍ଷ୍ନୌ ଆମ୍ବ

## ରାଜଧାନୀକୁ ଆସୁଛି ଦୈନିକ ୧୫ ଟନ ଦେଶୀ ଆମ୍ବ

ଭୁବନେଶ୍ୱର, ୫।୬(ସମିସ)

ରାଜଧାନୀ ଫଳ ବଜାରରେ ଏବେ ଆମ୍ବର ପସରା ଦେଖିବାକୁ ମିଳୁଛି। ବିଶେଷକରି ଆନ୍ଧ୍ର ଓ କେରଳରୁ ପୂର୍ବରୁ ଆମ୍ବ ରାଜଧାନୀ ଆସୁଥିବାବେଳେ ବର୍ତ୍ତମାନ ଓଡ଼ିଶାର ଦେଶୀ ଆମ୍ବ ବଜାରରେ ଆସ୍ଥାନ ମେଲେଇଛି। ସେଥିପାଇଁ ବଜାରରେ ଏବେ ଦେଶୀ ଆମ୍ବ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଖରା ବଢ଼ିବାରୁ ବିଭିନ୍ନ ପ୍ରକାର ଜୁସ ଦୋକାନରେ ଏହାର ଭଲ ଚାହିଦା ଦେଖିବାକୁ ମିଳୁଛି।



ନିକଟରେ ସାବିତ୍ରୀ ପର୍ବ ଯାଇଥିବା ବେଳେ ଆଗକୁ ରଜ ବଜାର। ଏପରିସ୍ଥିତିରେ ରାଜଧାନୀରେ ଆମ୍ବର ଚାହିଦା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଆଗକୁ ଆମ୍ବ ବିକ୍ରି ମଧ୍ୟ ବୃଦ୍ଧି ପାଇବ। ଏହାକୁ ଦୃଷ୍ଟିରେ ରଖି ରାଜଧାନୀର ବିଭିନ୍ନ ଛକ ବଜାରରେ ଦେଶୀ ଆମ୍ବର ପସରା ଦେଖିବାକୁ ମିଳିଛି। ବ୍ୟବସାୟୀଙ୍କ କହିବାନୁଯାୟୀ ଚଳିତ ବର୍ଷ ବାହାର ରାଜ୍ୟର ଆମ୍ବ ଗତବର୍ଷ ଅପେକ୍ଷା ଟିକିଏ ଜଲଦି ମାର୍କେଟକୁ ଆସିଥିଲା। ଯାହାକୁ ବିଭିନ୍ନ ଜୁସ ଦୋକାନୀ ମଧ୍ୟ କିଣୁଛନ୍ତି। ହେଲେ ଏବେ ଓଡ଼ିଶାର ଦେଶୀ ଆମ୍ବ ରାଜଧାନୀରେ ପସରା ମେଲେଇଛି। ପ୍ରାୟ ୪୦ ପ୍ରକାରର ଦେଶୀ ଆମ୍ବ ବାଜାରରେ ଦେଖିବାକୁ ମିଳୁଛି। ଯାହା ମୁଖ୍ୟତଃ ଅନୁଗୁଳ, ଢେଙ୍କାନାଳ, ରାୟଗଡ଼ା, ଫୁଲବାଣୀ ଆଦି ସ୍ଥାନରୁ ଆସୁଛି। ଦୈନିକ ପ୍ରାୟ ୧୫ ଟନ୍ ଦେଶୀ ଆମ୍ବ ରାଜଧାନୀକୁ ଆସୁଥିବାବେଳେ ସେଥିରେ, ସିନ୍ଦୁରୀ, ଲାଟ ସିନ୍ଦୁରୀ, ଦୋସାରୀ, ଆଖୁରସ, ଆମ୍ରପଲ୍ଲୀ, ଲେଙ୍ଗଡ଼ା, ପଣ୍ଡୁପଲ୍ଲୀ, ବାଗାନପଲ୍ଲୀ ଆଦି ରହିଛି। ଯାହାର ମୂଲ୍ୟ ୬୦ ଟଙ୍କାରୁ ୧୩୦ ଟଙ୍କା ଯାଏଁ ରହିଛି। ରଜକୁ ଦୃଷ୍ଟିରେ ରଖି ଲୋକ ଦେଶୀ ଆମ୍ବ କିଣି ନେଉଛନ୍ତି। ଜଣେ ଜଣେ ଗ୍ରାହକ ୫ରୁ ୧୦ କିଲୋ ପର୍ଯ୍ୟନ୍ତ ଆମ୍ବ କିଣି ନେଉଛନ୍ତି। ଏହି ଆମ୍ବଗୁଡ଼ିକ ନିଜେ ଖାଇବା ସହ ବନ୍ଧୁବାନ୍ଧବଙ୍କ ଘରକୁ ପଠାଉଥିବା ଦେଖିବାକୁ ମିଳିଛି। ଏ ନେଇ ଜଣେ ଗ୍ରାହକଙ୍କ କହିବାନୁଯାୟୀ ଏବେ ଟିକେ ଆମ୍ବ ଦର କମ୍ ରହିଛି। ଆଗକୁ ଏହା ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ଆଉ କିଣି ଖାଇବା ଆମ ପକ୍ଷେ ସମ୍ଭବ ନୁହେଁ ବୋଲି ଜଣେ ମଧ୍ୟବିତ ଶ୍ରେଣୀର ଗ୍ରାହକ କହିଛନ୍ତି। ଭୁବନେଶ୍ୱର ଫ୍ରୁଟସ ହୋଲସେଲର ଆସୋସିଏସନର ସଦସ୍ୟଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ବଜାରରେ ଦେଶୀ ଆମ୍ବକୁ ଲୋକ ଅଧିକ ପସନ୍ଦ କରୁଛନ୍ତି। ପ୍ରାୟ ୪୦ରୁ ଅଧିକ ପ୍ରକାରର ଦେସୀ ଆମ୍ବ ବଜାରରେ ରହୁଛି। ଡେରିରେ ଅମଳ ହେଉଥିବା ପଶ୍ଚିମବଙ୍ଗର ଫିଜିଲି ଓ ହସିନା, ଲକ୍ଷ୍ନୌର ଚୌସା, ନିଲମ ଏ ପର୍ଯ୍ୟନ୍ତ ବଜାରକୁ ଆସି ନାହିଁ।

## ଲୋକେ ଦେଖିଲେ ଭଳିକିଭଳି ୬୦ ପ୍ରକାର ଆମ୍ବ



ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଉଦ୍ୟାନକୃଷି ପରୀକ୍ଷଣ କେନ୍ଦ୍ର ପରିସରରେ ରାଜ୍ୟସ୍ତରୀୟ ଆମ୍ବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଇସିଏଆର-ଆଇଆଇଏଚଆର, ବେଙ୍ଗାଲୁରୁ ଏବଂ ଓଡ଼ିଶା ସରକାରଙ୍କ ଉଦ୍ୟାନକୃଷି ନିର୍ଦ୍ଦେଶାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟର ସମୃଦ୍ଧ ଆମ୍ବ ସମ୍ପଦ, ଜୈବ ବିବିଧତା ସଂରକ୍ଷଣ ଏବଂ ସ୍ଥାୟୀ କୃଷିର ପ୍ରଦର୍ଶନ କରାଯାଇଥିଲା। ଜଳବାୟୁ-ଉପଯୋଗୀ ଉଦ୍ୟାନକୃଷିର ପ୍ରସାର ଏବଂ 'କ୍ଷେତ ବଞ୍ଚାଅ ଅଭିଯାନ' ଅଧୀନରେ ଚାଷ ଜମିର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶତାଧିକ ଚାଷୀ, ବିଶେଷଜ୍ଞ ଏବଂ ଆମ୍ବ ପ୍ରେମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇ କୃଷି ଉତ୍ପାଦନ ବଢ଼ାଇବା ପାଇଁ ସେ ଫସଲ ବିବିଧକରଣ ଉପରେ ଗୁରୁତ୍ୱ ଦେଇ ପାରମ୍ପରିକ ଚାଷ ପଦ୍ଧତିରୁ ବାହାରି ଚାଷୀମାନେ ଡାଲି ଜାତୀୟ ଫସଲ, ତୈଳବୀଜ ଏବଂ ଔଷଧୀୟ ଗୁଣଯୁକ୍ତ ଡ୍ରାଗନ୍ ଫ୍ରୁଟ୍ ଭଳି ଫଳ ଚାଷ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଭାଗର କମିସନର ତଥା ଶାସନ ସଚିବ ସଚିନ ଯାଦବ, ଆଇସିଏଆର-ଆଇଆଇଏଚଆର ନିର୍ଦ୍ଦେଶକ ପ୍ରଫେସର ତୁଷାର କାନ୍ତି ବେହେରା ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କ ସହାୟତା ପାଇଁ ବିକଶିତ କରାଯାଇଥିବା ଅଧିକ ଅମଳକ୍ଷମ କିସମର ଫଳ ବିଷୟରେ ଆଲୋଚନା କରିବା ସହ କୃଷି କ୍ଷେତ୍ରର ସମସ୍ୟା ଓ ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଶାର ପାରମ୍ପରିକ ଆମ୍ବ ସହିତ ବିଦେଶୀ କିସମର 'ମିୟାଜାକି' ଏବଂ ଅଧିକ ଅମଳକ୍ଷମ 'ଅର୍କ' ହାଇବ୍ରିଡ୍ ଭଳି ୬୦ରୁ ଅଧିକ କିସମର ଆମ୍ବ ପ୍ରଦର୍ଶିତ ହୋଇଥିଲା। ତେବେ ଆମ୍ବରୁ ପ୍ରସ୍ତୁତ ପ୍ରାକୃତିକ ଆଇସକ୍ରିମକୁ ଲୋକମାନେ ବିଶେଷ ଭାବେ ପସନ୍ଦ କରିଥିଲେ। କୃଷି ନିର୍ଦ୍ଦେଶକ ଶୁଭମ ସକ୍‌ସେନା, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ.ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ପରିଚାଳନା କରିଥିବା ବେଳେ ଉଦ୍ୟାନକୃଷି ଅତିରିକ୍ତ ନିର୍ଦ୍ଦେଶକ ଗୀତାଶ୍ରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।





# ପ୍ରକୃତି ଓ ପରିବେଶ ଚିନ୍ତାରେ ଦିନଟିଏ

ଭୁବନେଶ୍ୱର, ୫।୬(ସମିସ): ରାଜଧାନୀ ସହର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନବସତି ବୃଦ୍ଧି ପାଇବା ସହ ଶିଳ୍ପସଂଖ୍ୟା ମଧ୍ୟ ଗଢ଼ି ଉଠୁଛି। ଏଥିପାଇଁ ହଜାର ହଜାର ଗଛ ବଳି ପଡୁଛି। ଏପରିକ୍ଷେତ୍ରରେ ବୃକ୍ଷଛେଦନ ନ କରି କିଭଳି ଅଧିକରୁ ଅଧିକ ଗଛ ଲଗାଇପାରିବା ସେ ନେଇ ରାଜଧାନୀର ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା।

## ଟିପିସିଓଡିଏଲ୍ ପକ୍ଷରୁ ପରିବେଶ ଦିବସ



ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହା ସହିତ 'ଥ୍ୟାଙ୍କିଙ୍ଗ୍ ଇଜ୍ ଗୁଡ, ଡୁଇଙ୍ଗ୍ ଇଜ୍ ବେଟର' ଥିମ୍‌କୁ ନେଇ ଟାଟା ସଷ୍ଟେନେବିଲିଟି ମନ୍ଥ ୨୦୨୬ ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ତଥା ଟାଟା ପାୱାରର ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ବିଜନେସ ଗଜାନନ ଏସ୍. କାଲେ ଏହି ସମାବେଶକୁ ସମ୍ବୋଧିତ କରିବା ସହିତ ବ୍ୟବସାୟିକ ଶୈଳୀ, ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ ଏବଂ ସାମାଜିକ ସହଭାଗିତା ମୂଳକ କାର୍ଯ୍ୟକଳାପ ଜରିଆରେ ପରିବେଶରେ ସକରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସଂଗଠନର ସଂକଳ୍ପକୁ ପୁନର୍ବାର ଦୃଢ଼ କରିଛନ୍ତି। ଏହି ଉତ୍ସବରେ କର୍ମଚାରୀମାନେ ବିଶ୍ୱ ପରିବେଶ ଦିବସର ଶପଥ ପାଠ କରିଥିଲେ। ଚଳିତ ଆର୍ଥିକ ବର୍ଷ ପାଇଁ ପରିବେଶ ପ୍ରକଳ୍ପ ସମେତ ମାସ ସାରା ଚାଲିବାକୁ ଥିବା ବିଭିନ୍ନ ଦୀର୍ଘସ୍ଥାୟୀତ୍ୱ କାର୍ଯ୍ୟକ୍ରମ ଗୁଡ଼ିକୁ ଉନ୍ମୋଚନ କରାଯାଇଥିଲା। ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଏବଂ ସବୁଜିମା ବୃଦ୍ଧି କରିବା ଲକ୍ଷ୍ୟରେ ବିଭିନ୍ନ ସର୍କଲ୍ ଅଫିସ୍, ଡିଭିଜନ୍ ଅଫିସ୍ ଏବଂ ସେକ୍ସନ୍ ଅଫିସ୍ ଗୁଡ଼ିକରେ ଚାରା ଓ ସିଡ୍ ବଲ୍ ରୋପଣ ଅଭିଯାନ ମଧ୍ୟ ଆୟୋଜନ କରାଯାଇଥିଲା। ସୃଜନଶୀଳତା ଏବଂ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କ ନିମନ୍ତେ ପୋଷ୍ଟର ତିଆରି, ସ୍ଲୋଗାନ ଲିଖନ ଏବଂ ପ୍ରବନ୍ଧ ଲିଖନ ଭଳି ପ୍ରତିଯୋଗିତା ଗୁଡ଼ିକ ମଧ୍ୟ ଆୟୋଜନ କରାଯାଉଛି।

## ସବୁଜ ପୃଥିବୀ ଗଠନ ପାଇଁ ବ୍ରହ୍ମାକୁମାରୀଜ୍‌ର ଆହ୍ୱାନ



ବିଶ୍ୱ ପରିବେଶ ଦିବସ ଅବସରରେ ବ୍ରହ୍ମାକୁମାରୀଜ୍ ଓମ ନିବାସ ୟୁନିଟ୍-୯ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜିତ ହୋଇଛି। ପରିବେଶ ସୁରକ୍ଷା, ସବୁଜ ପୃଥିବୀ ଗଠନ ଏବଂ ଜନସାଧାରଣଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ବ୍ରହ୍ମାକୁମାରୀଜ୍‌ର ଭାଇ-ଭଉଣୀମାନେ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ସଚେତନ ନାଗରିକ ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ। ବ୍ରହ୍ମା କୁମାରୀଜ୍‌ର ସବ୍-ଜୋନ୍ ଇନଚାର୍ଜ ବି.କେ. ଗୀତା ଦିଦିଙ୍କ ମାର୍ଗଦର୍ଶନ ଓ ସଞ୍ଚାଳନାରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତେ ପରିବେଶ ସୁରକ୍ଷା, ସ୍ୱଚ୍ଛତା ଏବଂ ଅଧିକରୁ ଅଧିକ ବୃକ୍ଷରୋପଣ ପାଇଁ ସଂକଳ୍ପ ଗ୍ରହଣ କରିଥିଲେ।

## ଓୟୁଏଟିରେ ବିଶ୍ୱ ପରିବେଶ ଦିବସ



ବିଶ୍ୱବିଦ୍ୟାଳୟର ବିଜୁପଟ୍ଟନାୟକ କକ୍ଷଠାରେ ଅନୁଷ୍ଠିତ କୃଷି ପରିବେଶବିଜ୍ଞାନ ଓ ଜୈବ ବିବିଧତା ମାଧ୍ୟମରେ ଜଳବାୟୁ ପରିବର୍ତ୍ତନ ସହନଶୀଳତା ବୃଦ୍ଧି ନେଇ ନୀତି, ଅଭ୍ୟାସ ଓ ସୃଜନଶୀଳ ରୂପାନ୍ତରଣ ଶୀର୍ଷକ ଏକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଭାରତୀୟ ପ୍ରଶାସନିକ ଅଧିକାରୀ ଡ଼. ରବି ନାରାୟଣ ସେନାପତି ଯୋଗ ଦେଇଥିଲେ। ଏହି ଅବସରରେ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହେଉଛି ତାପମାତ୍ରା ବୃଦ୍ଧି, ବର୍ଦ୍ଧିତ ଜନସଂଖ୍ୟା ଓ ସବୁଜ ଗୃହ ପ୍ରଭାବ ଓ ଏହା ସହ ବର୍ତ୍ତମାନର ପରିସ୍ଥିତିରେ ଶକ୍ତି ସଙ୍କଟ ଯେଉଁଭଳି ବଢ଼ି ଚାଲିଛି ସୌର ଶକ୍ତି ଏବଂ ଅନ୍ୟାନ୍ୟ ଅସୀମିତ ଶକ୍ତିର ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ଡ଼.ସେନାପତି ଉପଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ମିଡ଼ସ ଚେନ୍ନାଇର ପ୍ରଫେସର ଅନନ୍ତ ଗିରି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରକୃତିକୁ ଯଥା ସମ୍ଭବ ବଞ୍ଚାଇ ରଖିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ଼. ସାବରମତି ଅପା, ପ୍ରଫେସର ମାନସ ରଞ୍ଜନ ନନ୍ଦ, ପ୍ରଫେସର ପ୍ରମୋଦ କୁମାର ସ୍ୱାଇଁ, ଶିଶିର କୁମାର ମିଶ୍ର ମହୋଦୟଙ୍କ ସମ୍ମାନିତ କରାଯାଇଛି। ପ୍ରାରମ୍ଭରେ ଅତିଥିମାନେ ଅଶୋକ ବୃକ୍ଷରେ ଜଳ ଢାଳି ପ୍ରକୃତିକୁ ସୁରକ୍ଷା ଦେବା ବାର୍ତ୍ତା ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦେବାଶିଷ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଶ୍ୱନିଦାମ ଭୁବନେଶ୍ୱରର ସେକ୍ରେଟାରୀ ପ୍ରଫେସର ଦେବବ୍ରତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## କେଳୁଚରଣ ପାର୍କରେ ଚାରାରୋପଣ

ଗୁରୁ କେଳୁ ଚରଣ ପାର୍କରେ ସିଟିଜେନ୍‌ସ ଫୋରମ ଗ୍ରେଟର ଗାଡ଼କଣ ପକ୍ଷରୁ ଶୁକ୍ରବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଫୋରମର ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ରଙ୍କ ସଭାପତିତ୍ୱରେ ସିଟିଜେନ ଫୋରମ ପକ୍ଷରୁ ପ୍ରଥମେ ସାମୂହିକ ସଫେଇ କରିବା ପରେ ବୃକ୍ଷ ଚାରାରୋପଣ କରାଯାଇଥିଲା। ଏହାପରେ ପରିବେଶ ଚିନ୍ତନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଫୋରମର ଉପଦେଷ୍ଟା ଅମୂଲ୍ୟ କୁମାର ଦାଶ ଓ ରମେଶ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ଡ.ପ୍ରଦୀପ କୁମାର ଜେନା, ଉପସଭାପତି ଜଗବନ୍ଧୁ ନାୟକ ପ୍ରମୁଖ ସଦସ୍ୟ ଯୋଗଦେଇଥିଲେ। ଶେଷରେ ମିଡିଆ ସେଲର ଆବାହକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଧନ୍ୟବାଦ ପ୍ରଦାନ କରିଥିଲେ।

## କାଟିବା ବଦଳରେ ଗଛ ଲଗାଅ: ଅନନ୍ତ




'ସବୁଜ ଭାରତ' ପକ୍ଷରୁ ମଧୁସୂଦନ ନଗରସ୍ଥିତ ୟୁନିଟ୍-୪ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ କହିଛନ୍ତି, ପ୍ରକଳ୍ପ ନିର୍ମାଣ ହେଉ ବା ଶିଳ୍ପସଂସ୍ଥା ପାଇଁ ଗଛସବୁକୁ କାଟି ଜଙ୍ଗଲ ଧ୍ୱଂସ କରିବା ଦ୍ୱାରା ଜୀବଜଗତ ଉପରେ ପଡୁଛି। ଫଳରେ ପ୍ରତିବର୍ଷ ତାପମାତ୍ରା ବୃଦ୍ଧି ପାଉଛି ଓ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ତେଣୁ ଗଛଗୁଡ଼ିକୁ ନ କାଟି ଅଧିକରୁ ଅଧିକ ଗଛ ଲଗାଇଲେ ଆଗାମୀ ଦିନରେ ଆବଶ୍ୟକତା ଅନୁସାରେ ବୃଷ୍ଟିପାତ ହେବା ସହିତ ସୁସ୍ଥ ପରିବେଶ ଗଠନ ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ୩୬ ନମ୍ବର ୱାର୍ଡ଼ର କର୍ପୋରେଟର ଅଲିଅଲି ମଲ୍ଲିକ, ୟୁନିଟ୍-୪ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତୃପ୍ତିମୟୀ ହରିଚନ୍ଦନ ଓ ଜାତୀୟ ଯୁବ ପ୍ରକଳ୍ପର ଆବାହକ ମଧୁସୂଦନ ଦାସ ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ସବୁଜ ଭାରତର ସଭାପତି ସତ୍ୟବ୍ରତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେବଦାରୁ, ବଉଳ, ଲେମ୍ବୁ, ଅଶୋକା, ଆମ୍ବ ଆଦି ବୃକ୍ଷ ରୋପଣ କରାଯାଇଥିଲା।

## ସୁସ୍ଥ ପରିବେଶ ମାଧ୍ୟମରେ ଏକ ଚତୁର୍ଥାଂଶ ରୋଗ ରୋକାଯାଇପାରିବ




ଏକ ସୁସ୍ଥ ପରିବେଶ ହେଉଛି ଏକ ସୁସ୍ଥ ସମାଜର ଚାବିକାଠି। ବିଶ୍ୱରେ ଘଟୁଥିବା ବିଭିନ୍ନ ରୋଗ ବୋଝର ପ୍ରାୟ ଏକ ଚତୁର୍ଥାଂଶ, ସୁସ୍ଥ ପରିବେଶ ମାଧ୍ୟମରେ ରୋକାଯାଇପାରିବା ନେଇ ମତପ୍ରକାଶ କରିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ଡ. ଆଶୁତୋଷ ବିଶ୍ୱାସ। ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏମ୍ସ ଭୁବନେଶ୍ୱର ପରିସରରେ ଏକ ବୃକ୍ଷରୋପଣ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଚାରାରୋପଣ ଅଭିଯାନରେ ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ବରିଷ୍ଠ ଚିକିତ୍ସା ଅଧିକାରୀ ଏବଂ ଆୟୁଷ ମୁଖ୍ୟ ଡ. ପ୍ରଶାନ୍ତ କୁମାର ସାହୁ, ଲୋକସମ୍ପର୍କ ଅଧିକାରୀ ରାଜ କିଶୋର ଦାଶ, ଅଧ୍ୟାପକ, କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ପୂର୍ବତଟ ରେଳପଥ ପକ୍ଷରୁ 'ଜଳବାୟୁ ପରିବର୍ତ୍ତନ' ସଚେତନତା




ସମଗ୍ର ପୂର୍ବତଟ ରେଳପଥରେ ସଚେତନତା, ବୃକ୍ଷରୋପଣ ଏବଂ ସ୍ଥାୟୀ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ବିଭିର୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି ପୂର୍ବତଟ ରେଳପଥ 'ଜଳବାୟୁ ପରିବର୍ତ୍ତନ' ବିଷୟବସ୍ତୁକୁ ଆଧାର କରି ଏହାର ମୁଖ୍ୟାଳୟ ଏବଂ ଡିଭିଜନ ଗୁଡିକରେ ସଚେତନତା, ବୃକ୍ଷରୋପଣ ଏବଂ ସ୍ଥାୟୀ ବିକାଶମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱ ପରିବେଶ ଦିବସ ପାଳନ କରିଛି। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼, ସମ୍ବଲପୁର ଏବଂ ରାୟଗଡ଼ା ଡିଭିଜନର କର୍ମଚାରୀ, ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମୁଖ୍ୟାଳୟରେ, ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ବିଶ୍ୱ ପରିବେଶ ଦିବସର ଶପଥ ପାଠ କରାଇଥିଲେ। ଏହି ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ରେଳ କାର୍ଯ୍ୟାଳୟ, କଲୋନୀ, ଷ୍ଟେସନ ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନଗୁଡ଼ିକରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ, ସ୍ୱଚ୍ଛତା ଅଭିଯାନ, 'ଏକ ପେଡ ମାଁ କେ ନାମ' ଅଭିଯାନ ପ୍ଲାଷ୍ଟିକ ହ୍ରାସ ଅଭିଯାନ ଏବଂ ଜଳ ଓ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପରିବେଶ ସଚେତନତା ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣକୁ ପ୍ରୋତ୍ସାହିତ କରିବା ପାଇଁ ପଥପ୍ରାନ୍ତ ନାଟକ, କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ଜନସଚେତନତା ମୂଳକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା।

## ପରିବେଶ ଚିନ୍ତାରେ ୨୦୦ ସ୍କାଉଟ୍‌ସ ଓ ଗାଇଡ୍‌ସ

ରାଜ୍ୟ ମୁଖ୍ୟ କମିସନର ତଥା ଜାତୀୟ ଉପସଭାପତି ଡ. କାଳୀପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ପକ୍ଷରୁ 'ବିଶ୍ୱ ପରିବେଶ ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ସ୍କାଉଟ, ଗାଇଡ୍, ରୋଭର, ରେଞ୍ଜର ମାନେ ରାଜ୍ୟ କାର୍ଯ୍ୟାଳୟ ପରିସରରେ ସମବେତ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ପ୍ରଫେସର ମନୋଜ କୁମାର ରାଉତ ଯୋଗଦେଇ ପିଲାମାନଙ୍କୁ ପରିବେଶ ପ୍ରଦୂଷିତ ହେଉଥିବା ପ୍ରମୁଖ କାରଣଗୁଡିକ ବିଷୟରେ ଆଲୋଚନା କରିବା ସହ ପରିବେଶକୁ କିପରି ସୁରକ୍ଷା କରାଯାଇପାରିବ ଏବଂ ଗଛର ବିଭିନ୍ନ ଉପକାରିତା ବିଷୟରେ ବୁଝାଇଥିଲେ। ଏହି ଅବସରରେ ସ୍କାଉଟ/ଗାଇଡ୍ ମାନଙ୍କ ମଧ୍ୟରେ ବିଶ୍ୱ ପରିବେଶ ଉପରେ ଆୟୋଜିତ ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟ ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ।

## ପରିବେଶ ଦିବସରେ 'ପ୍ରଜାପତି ପ୍ରଦର୍ଶନୀ'ଉଦ୍‌ଘାଟିତ

ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ଆଞ୍ଚଳିକ ପ୍ରାକୃତିକ ଇତିହାସ ସଂଗ୍ରହାଳୟ (ଆର୍‌ଏମ୍‌ଏନ୍‌ଏଚ୍)ର ମିଳିତ ଆନୁକୂଲ୍ୟରେ ସଂଗ୍ରହାଳୟର ପ୍ରେକ୍ଷାଳୟରେ ପରିବେଶ ଦିବସ ପାଳିତ ହୋଇଯାଇଛି। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟର ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଏବଂ ଆଇଆଇଟି ଭୁବନେଶ୍ୱରର ପୃଥିବୀ ଏବଂ ଜଳବାୟୁ ବିଜ୍ଞାନ ବିଭାଗର ଡ. ଦେବଦତ୍ତ ସ୍ୱାଇଁ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ପ୍ରାରମ୍ଭରେ ସଂଗ୍ରହାଳୟର 'ପ୍ରଜାପତି ପ୍ରଦର୍ଶନୀ'କୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଡ. ସ୍ୱାଇଁ ବିଷୟବସ୍ତୁର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ମତ ପ୍ରଦାନ କରିଥିଲେ ଯେ ଜଳବାୟୁ ପାଇଁ ବର୍ତ୍ତମାନ ଭଳି ପଦକ୍ଷେପ ଆମକୁ ମନେ ପକାଇ ଦିଏ ଯେ ଆଜି ଆମେ ଯେଉଁ ନିଷ୍ପତ୍ତି ନେଉଛୁ ତାହା ଆମ ଗ୍ରହର ସ୍ୱାସ୍ଥ୍ୟ ଏବଂ ଭବିଷ୍ୟତ ପିଢ଼ି ପାଇଁ ଜୀବନର ଗୁଣବତ୍ତା ନିର୍ଣ୍ଣୟ କରିବ। ପ୍ରାରମ୍ଭରେ, ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ହୃଦରୋଗ ବିଶେଷଜ୍ଞ ପ୍ରଫେସର ସତ୍ୟନାରାୟଣ ରାଉତରାୟଙ୍କୁ ଅତିଥିମାନେ 'ସ୍ୱାସ୍ଥ୍ୟ



ସେବାରେ ଜୀବନବ୍ୟାପୀ ଅବଦାନ ପୁରସ୍କାର' ପ୍ରଦାନ କରିଥିଲେ। ସେହିପରି, କୃଷି ବିଜ୍ଞାନୀ ଏକାଦଶୀ ନନ୍ଦୀଙ୍କୁ 'ବର୍ଷର ପରିବେଶବିତ୍ ପୁରସ୍କାର', ଆଇଆଇଟି ରୋପରର ସିଭିଲ୍ ଇଞ୍ଜିନିୟରିଂ ବିଭାଗର ଡ. ଇନ୍ଦ୍ରମଣି ଧଡାଙ୍କୁ 'ଓଡ଼ିଶାର ଜଳମାନବ ପୁରସ୍କାର' ଏବଂ ପ୍ରକୃତି ସଂରକ୍ଷଣବାଦୀ ନିରଦ ବରଣ ଖୁଣ୍ଟିଆଙ୍କୁ 'ଗ୍ରୀନ୍ କ୍ରୁସେଡର ପୁରସ୍କାର' ପ୍ରଦାନ କରାଯାଇଥିଲା। ଅତିଥିମାନେ ଓଇଏସ୍‌ର ବାର୍ଷିକ ରିପୋର୍ଟ 'ପରିବେଶ ଏବଂ ବିଜ୍ଞାନ ଉପରେ ବକ୍ତୃତା' ଏବଂ ସଂଗ୍ରହାଳୟର ପ୍ରଜାପତି ପ୍ରଦର୍ଶନୀର ବ୍ରୋସର୍‌କୁ ଉନ୍ମୋଚିତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଇଏସ୍‌ର ଯୁଗ୍ମ ସମ୍ପାଦକଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

## 'ବିଶ୍ୱ ନେତାଗଣ ପରିବେଶ ସୁରକ୍ଷାରେ ପଥ ପ୍ରଦର୍ଶକ ହୁଅନ୍ତୁ'




ବିଶ୍ୱର ନେତୃବୃନ୍ଦ ଧ୍ୱଂସାଭିମୁଖୀ ପରିବେଶ ସୁରକ୍ଷା ଦିଗରେ ସଠିକ୍ ପଥ ପ୍ରଦର୍ଶକ ନ ହେଲେ ପୃଥିବୀ ଜୀବ ଜଗତ ଓ ମାନବ ସମାଜ ଲୋପ ପାଇବ ବୋଲି 'ସଙ୍ଗୀତରେ ପରିବେଶ ସୁରକ୍ଷା' କାର୍ଯ୍ୟକ୍ରମରେ ଯୁବ ଛାତ୍ର ସଙ୍ଗଠକ ମାନେ ମତ ବ୍ୟକ୍ତ କରିଛନ୍ତି। ବିଶ୍ୱ ପରିବେଶ ଦିବସରେ ଜାତୀୟ ଯୁବ ପ୍ରକଳ୍ପ ଓ ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ମିଳିତଭାବେ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଯୁବ ସଂଗଠିକା ସୁଶ୍ରୀ ଫରାତ୍ ଜାହାନ୍ ଓ ରୂପାଲୀ ହାତୀ କାର୍ଯ୍ୟକ୍ରମରେ ବକ୍ତା ଭାବେ ଯୋଗଦେଇଥିଲେ। ପରିଷଦର ଗଛବଞ୍ଚାଇ ପରିବେଶ ସୁରକ୍ଷା ପାଇଁ ଆହ୍ୱାନ ଦେଉଥିବା ବିଶ୍ୱ ନେତାମାନେ ବୃହତ୍ ଶିଳ୍ପ ଓ ପ୍ରକଳ୍ପ ପାଇଁ ମୁହୂର୍ତ୍ତକେ ଲକ୍ଷାଧିକ ଗଛ କାଟିବା ଓ ଜଙ୍ଗଲ ସଫା ପାଇଁ ଶିଳ୍ପପତିଙ୍କୁ ସୁହାଇଲା ଭଳି ନୀତି ପ୍ରଣୟନ କରୁଛନ୍ତି ଓ ସମଗ୍ର ବିଶ୍ୱରେ ଯୁଦ୍ଧର ଆତଙ୍କ ଖେଳାଉଥିବା ବିଶ୍ୱବ୍ୟାପୀ ନୂଆ ପିଢ଼ି ଯୁବସମାଜ ପାଇଁ ଏକ ଆହ୍ୱାନ ଭାବେ ଛିଡ଼ା ହୋଇଛି ବୋଲି ମତପ୍ରକାଶ ପାଇଥିଲା। ଉପଦେଷ୍ଟା ଦେବୀପ୍ରସାଦ ପୃଷ୍ଟିଙ୍କ ସଂଯୋଜନାରେ ଯୁବ ପ୍ରକଳ୍ପ ଟ୍ରଷ୍ଟି ମଧୁ ଭାଇ ନିଜ ରଚନାରୁ 'ପରିବେଶ ଆମ ପରିବେଶ ଜଙ୍ଗଲ କହୁଚି ମତେ ବଞ୍ଚାଅ ସମୁଦ୍ର କହୁଛି ପକ୍ଷୀ ବି କହୁଛି ମଣିଷ କହୁଛି ପୃଥିବୀ କହୁଛି ମତେ ବଞ୍ଚାଅ' ସଙ୍ଗୀତ ଗାନ କରିଥିଲେ।

## ବୃକ୍ଷରୋପଣ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ



ବିଶ୍ୱ ପରିବେଶ ଦିବସ ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟିଙ୍କ ଲୋକ ଭବନ ପରିସରସ୍ଥ ଅଟଳବନରେ ଚାରା ରୋପଣ କରିଛନ୍ତି। ଏହି ଅବସରରେ ଲୋକ ଭବନର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ପରିବେଶ ସଂରକ୍ଷଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ପରିବେଶକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଥିଲେ।

## ପରିବେଶ ଦିବସରେ ବାର୍ତ୍ତାଦେଲେ 'ଉତ୍କଳ' କୁଳପତି



ଉତ୍କଳ ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ, ପରିବେଶ ବିଜ୍ଞାନ ଏବଂ 'ଇକୋ କ୍ଲବ୍' ପକ୍ଷରୁ ଆଜି ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ, ଜଳବାୟୁ ପାଇଁ, ଆମ ଭବିଷ୍ୟତ ପାଇଁ' ଶୀର୍ଷକରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ୟାମ୍ପସକୁ ସବୁଜିମା କରିବା ପାଇଁ କୁଳପତି ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦ ଛାତ୍ରଛାତ୍ରୀଙ୍କୁ ବାର୍ତ୍ତା ଦେଇଛନ୍ତି। ସେହିପରି ମୁଖ୍ୟ ଅତିଥି ଭାବେ ପିଜି କାଉନସିଲ୍‌ର ଅଧ୍ୟକ୍ଷ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଓ ମୁଖ୍ୟବକ୍ତା ଭାବେ ଓଡ଼ିଶା ପରିବେଶ ସମିତିର ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଯୋଗ ଦେଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଚିନ୍ମୟ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିବାବେଳେ କାର୍ଯ୍ୟକ୍ରମ ଶେଷରେ ଇକୋ କ୍ଲବ୍‌ର ଓଏସ୍‌ଡି ଡ. ଭବତାରିଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଅନାଥାଶ୍ରମରେ ପରିବେଶ ସଚେତନତା ଶିବିର



ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ହ୍ୟୁମାନ ପୋଟେନସିଆଲ ଡେଭେଲପମେଣ୍ଟ ଟ୍ରଷ୍ଟ ଏବଂ ସ୍ୱାର୍କ ପ୍ରାଇଭେଟ ଲିମିଟେଡର ମିଳିତ ଆନୁକୂଲ୍ୟରେ ଡୁମୁଡୁମାସ୍ଥିତ 'ଆଶ୍ରୟ ଚାଇଲ୍ଡ କେୟାର ଇନଷ୍ଟିଚ୍ୟୁଟ୍' ର ପିଲାମାନଙ୍କ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ପ୍ରଫେସର ଶୁଭେନ୍ଦୁ କୁମାର ଦାଶ, ସମ୍ମାନିତ ଅତିଥି ଜସ୍ମିତା ଦାଶ, ଆଶ୍ରୟର ପ୍ରତିଷ୍ଠାତା ଡ. ବିନାୟକ ପଲାଇ, ଏଚ୍‌ପିଡି ଟ୍ରଷ୍ଟର ଟ୍ରଷ୍ଟି ସଂଗ୍ରାମ କେଶରୀ ପଟ୍ଟନାୟକ ଏହାର ବିଷୟବସ୍ତୁ 'ଗୋ ଗ୍ରୀନ୍ ବ୍ରିଦ୍ କ୍ଲିନ' ଉପରେ ପିଲାମାନଙ୍କୁ ସଚେତନ କରାଇଥିଲେ। ସ୍ୱାର୍କ ପ୍ରାଇଭେଟ ଲିମିଟେଡ଼ର ଜେନେରାଲ ମ୍ୟାନେଜର ସୁଜିତ କୁମାର ଦାସ ଏକ ସ୍ୱଳ୍ପ ଭିଡିଓ ପ୍ରଦର୍ଶନ କରିଥିଲେ ଏବଂ ସ୍ୱାର୍କର କର୍ପୋରେଟ ବ୍ୟାପାର ମୁଖ୍ୟ ଶୁଭ୍ରା ମିଶ୍ର ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଚ୍‌ପିଡି ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ରାଜ କୁମାର ସୂତାର ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୀନା ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ଏଫ୍‌ଏଫ୍‌ସି ପକ୍ଷରୁ 'ଗଛ ଲଗାଅ, ଜୀବନ ବଞ୍ଚାଅ'



ୱାକର୍ସ ଇଣ୍ଟରନ୍ୟାସନାଲ ଦ୍ୱାରା ସହବନ୍ଧିତ ଫନ୍ ଆଣ୍ଡ ଫିଟନେସ୍ କ୍ଲବ ଚଳିତ ବର୍ଷ ଏନ-୩ ପାର୍କରେ ବିଶ୍ୱ ପରିବେଶ ଦିବସ ପାଳନ କରିଛି। ଆଗାମୀ ଦିନରେ ଇକୋସିଷ୍ଟମର ପୁନରୁଦ୍ଧାର, ଜୈବ ବିବିଧତା କ୍ଷତି ଓ ପ୍ରଦୂଷଣ ଜନିତ କ୍ଷତି ଉପରେ ଆଲୋଚନା କରାଯାଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସବୁଜ ଭବିଷ୍ୟତ ପାଇଁ ଆହ୍ୱାନ ଦିଆଯାଇଥିଲା। 'ଗଛ ଲଗାଅ, ଜୀବନ ବଞ୍ଚାଅ ଏବଂ ଆଗାମୀ ପିଢ଼ିକୁ ବଞ୍ଚାଅ'ର ଯୁଗାନ୍ତକାରୀ ବାର୍ତ୍ତା ଘରେଘରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବ୍ୟାପକ ଜନସଚେତନତା ଉଦ୍ଦେଶ୍ୟ ରହିଥିଲା। ଏନେଇ ଗଛ ଲଗାଇବାର ଶୁଭାରମ୍ଭ ହୋଇ ଆଗାମୀ ବନମହୋତ୍ସବରେ ୨୦୦ଟି ହାଇବ୍ରିଡ଼ ଆମ୍ବଗଛ ଚାରା ଲଗାଇବାର ବନ୍ଦୋବସ୍ତ କରାଯିବ ବୋଲି ଏଫଏଫସିର ସମ୍ପାଦକ ସୌଭାଗ୍ୟ ନାୟକ, କୋଷାଧ୍ୟକ୍ଷ ପରିବେଶବିତ ପ୍ରଦୀପ୍ତ ପଣ୍ଡା, ପିଆରଓ ଅମୀୟ ଶର୍ମା, ଏ ସଲାମ ଖାନ, ଇଂ ଅସୀମାନନ୍ଦ ମହାନ୍ତି, ଜୋନ ଚେୟାରପର୍ସନ କେଦାର ପଟ୍ଟନାୟକ, ଯଶୋଦା ଭଞ୍ଜ, ଆଶିଷ ପଟ୍ଟନାୟକ, ଭବାନୀ ପଟ୍ଟନାୟକ ପ୍ରମୁଖ ଜଣାଇଛନ୍ତି।

## ଏକଲକ୍ଷ ଚାରା ଲଗାଇବ ଓଡ଼ିଶା ବିକାଶ ମହାମଞ୍ଚ



ନୀଳାଦ୍ରି ବିହାରସ୍ଥିତ ଶନି ମନ୍ଦିର ପରିସରରେ ଓଡ଼ିଶା ବିକାଶ ମହାମଞ୍ଚ ଓ ମମତା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ମମତା ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷା ଡାକ୍ତର ମମତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘର ସଭାପତି ଆନନ୍ଦ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି ଓ ଶିଶୁ ରୋଗ ବିଶେଷଜ୍ଞ ଡା. ବିଜୟା ଜେନା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ଆଗାମୀ ଦିନମାନଙ୍କରେ ଏକଲକ୍ଷ ବୃକ୍ଷ ରୋପଣ କରିବାକୁ ଓଡ଼ିଶା ବିକାଶ ମହାମଞ୍ଚର ସଭାପତି ପ୍ରଣବ ଛୋଟରାୟ ଓ ମମତା ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷା ଡା. ମମତା ମହାନ୍ତି ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷାବିତ ନାରାୟଣ ଚନ୍ଦ୍ର ଦାସ ଓ ସୁବ୍ରତ କୁମାର ତାଡ଼, ଓବିଏମର ଉପସଭାପତି ପ୍ରକାଶ ମହାପାତ୍ର, ସମ୍ପାଦକ ଶୀତେନ୍ଦ୍ର ବଳିୟାର ସିଂହ, ଯୁଗ୍ମ ସମ୍ପାଦକ ରାଜୀବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ଭାବରେ ପ୍ରକାଶ ମହାପାତ୍ରଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ

# ପରିବେଶ ସୁରକ୍ଷା ପାଇଁ ସମସ୍ତେ ତତ୍ପର

### ବଲାଙ୍ଗିର ବନଖଣ୍ଡ ଓ ବଲାଙ୍ଗିର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ



ବଲାଙ୍ଗିର,୫ ।୬(ସମିସ): ବଲାଙ୍ଗିର ବନଖଣ୍ଡ ସମ୍ମିଳନୀ କକ୍ଷରେ ବଲାଙ୍ଗିର ବନଖଣ୍ଡ ଓ ବଲାଙ୍ଗିର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମିଳିତ ଉଦ୍ୟମରେ ୫୪ତମ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର, ବଲାଙ୍ଗିର ବନଖଣ୍ଡ ଅଧିକାରୀ ଅଜିତ ବିଶି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜି.ସି. ମଲ୍ଲିକ, ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବଲାଙ୍ଗିର କ୍ଷେତ୍ର ଅଧିକାରୀ ବବିତା ସିଂ ଓ ରାସରାଜ ଅଚ୍ୟୁତ ପୁରୋହିତ ପ୍ରମୁଖ ଯୋଗଦେଇ ପ୍ରକୃତି ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୩ ଜଣଙ୍କୁ ପ୍ରକୃତି ବନ୍ଧୁ ଓ ୧୨ ଅନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ସେମାନଙ୍କୁ ମାନପତ୍ର ସହିତ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏସିଏଫ ମାନସ ରଞ୍ଜନ ବେହେରା, ଏସିଏଫ ସୁମନ ମାଝୀ, ବଲାଙ୍ଗିର ବନାଞ୍ଚଳ ଅଧିକାରୀ ନବୀନ ପଣ୍ଡା ଓ ଅର୍ଜୁନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବଲାଙ୍ଗିର ଗାନ୍ଧୀ ଭବନ



ବଲାଙ୍ଗିର ଗାନ୍ଧୀ ଭବନରେ ବିଶ୍ୱ ପରିବେଶ ଦିବସ ଅଭିନୟ ଢଙ୍ଗରେ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ ସଭାକୁ ଉଦ୍‌ଘାଟିତ କରିଥିଲେ। ଅର୍ଜୁନ ସାହୁ ସଭାକୁ ପରି.ଳନା କରିଥିଲେ। ପ୍ରଶାନ୍ତ ମହାକୁର ସଭାପତିତ୍ୱ କରିଥିଲେ। ରତନ ମହାରଣା, ଜୟକୃଷ୍ଣ ମିଶ୍ର, ରିଣ୍ଟୁ ସାହୁ, ଆନନ୍ଦ ମିଶ୍ର, ସଂଜୟ ସାମଲ, ଶମ୍ଭୁ ଶତପଥୀଙ୍କ ସମେତ ଗାନ୍ଧୀଭବନର ଛାତ୍ରଛାତ୍ରୀ ପରିବେଶ ସୁରକ୍ଷା ଓ ପଲିଥିନମୁକ୍ତ ସହର ପାଇଁ ସଂକଳ୍ପ ନେଇଥିଲେ। ବିଭୁ କଲ୍ୟାଣ ଗଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

### ତେନ୍ତୁଳିଖୁଣ୍ଟି ସଂରକ୍ଷିତ ଜଙ୍ଗଲ




ମୁରିବାହାଲ: ବଲାଙ୍ଗୀର ବନଖଣ୍ଡ ମୁରିବାହାଲ ରେଞ୍ଜ ଅଧୀନ ତେନ୍ତୁଳିଖୁଣ୍ଟି ଟିଖାରୀ ସଂରକ୍ଷିତ ଜଙ୍ଗଲ ପରିସରରେ ଆଜି ବିଶ୍ୱ ପରିବେଶ ଦିବସ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଛି। ତେନ୍ତୁଳିଖୁଣ୍ଟି ବନ ସଂରକ୍ଷଣ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ସୁରକ୍ଷା ଓ ପରିବେଶର ସନ୍ତୁଳନ ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ସମାରୋହରେ ମୁରିବାହାଲ ବନ ବିଭାଗ ପକ୍ଷରୁ ଫରେଷ୍ଟର ଧ୍ରୁବ ଚରଣ ବଗର୍ତ୍ତୀଙ୍କ ସମେତ ଫରେଷ୍ଟ ଗାର୍ଡ ଅଜିତ ବେହେରା, ଧରିତ୍ରୀ ବାରିକ, ନିଲୁ ବରିହା ଏବଂ ଆଇପିସିଏ ସ୍କ୍ୱାଡ୍‌ର ସଦସ୍ୟ ଯୋଗଦେଇ ସ୍ଥାନୀୟ ଅଞ୍ଚଳରେ ସବୁଜିମା ବୃଦ୍ଧି ଏବଂ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ଗ୍ରାମବାସୀଙ୍କ ସହଯୋଗ କାମନା କରିଥିଲେ। ଏଥି ସହିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପରିବେଶବିତ୍‌ମାନେ ଉପସ୍ଥିତ ରହି ଜଙ୍ଗଲ ନଷ୍ଟ ନ କରିବା ଏବଂ ବ୍ୟାପକ ଚାରାରୋପଣ କରିବା ପାଇଁ ସମସ୍ତଙ୍କୁ ସଚେତନ କରାଇଥିଲେ।

### କଣ୍ଟାବାଞ୍ଜି ନୂତନ ସିଭିଲ କୋର୍ଟ



କଣ୍ଟାବାଞ୍ଜି: ବିଶ୍ୱ ପରିବେଶ ଦିବସ ଅବସରରେ କଣ୍ଟାବାଞ୍ଜି ନୂତନ ସିଭିଲ କୋର୍ଟ ପରିସରରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜଜ୍ ରାଜେଶ ନାୟର ଏବଂ ବରିଷ୍ଠ ସିଭିଲ ଜଜ୍ ସରୋଜିନୀ ସାହୁଙ୍କ ସହ ବହୁ ଆଇନଜୀବୀ, ଅଦାଲତ କର୍ମଚାରୀ ଏବଂ ବନ ବିଭାଗର କର୍ମଚାରୀ ଯୋଗ ଦେଇଥିଲେ। ଏହି ଅବସରରେ କୋର୍ଟ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ପରିବେଶ ସୁରକ୍ଷା, ସବୁଜ ପରିବେଶ ସୃଷ୍ଟି ଏବଂ ଚାରାରୋପଣର ଗୁରୁତ୍ୱ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମସ୍ତେ ପରିବେଶ ସୁରକ୍ଷା ପାଇଁ ସଚେତନ ହେବା ସହ ଅଧିକରୁ ଅଧିକ ଗଛ ଲଗାଇବା ଓ ତାହାର ଯତ୍ନ ନେବାକୁ ଶପଥ ନେଇଥିଲେ।

### ରାଏପାଲି ଗୋପବନ୍ଧୁ ଯୁବକ ସଂଘ




ଦେଓଗାଁ: ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଗାଇବାହାଲ ପଞ୍ଚାୟତ ରାଏପାଲି ଗୋପବନ୍ଧୁ ଯୁବକ ସଂଘ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ସାନୁର୍ଜ କରନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେରା ଯୁବା ଭାରତ ଜିଲ୍ଲା ଯୁବ ଅଧିକାରୀ ଧର୍ମପାଲରୋଜ ସିଂ, ସମ୍ମାନୀତ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ରର ପୂର୍ବତନ ସଂଯୋଜକ ବିପିନ ବିହାରୀ ଜେନା, ଫରେଷ୍ଟଗାର୍ଡ ମିନାକ୍ଷୀ ପାତ୍ର ଓ ସୁକାନ୍ତି ସରାଫ, ଏଫଇଏସର ବ୍ଲକ୍ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷାର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିସହ ଜଳବାୟୁ ପରିବର୍ତ୍ତନର ବିଭିନ୍ନ କାରଣ ଉପରେ ଅବଗତ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଅତିକମ୍‌ରେ ଗୋଟିଏ ଲେଖାଏଁ ଗଛ ଲଗାଇ ତାହାର ଉପଯୁକ୍ତ ଯତ୍ନ ନେବାପାଇଁ ଶପଥ ଗ୍ରହଣ କରାଯାଇଥିଲା। ବିଷମୁକ୍ତ ଚାଷ ପାଇଁ ଚାଷୀମାନେ କେମିତି ଜୈବିକ ପଦ୍ଧତିରେ ଚାଷ କରିବେ ସେ ନେଇ ସଚେତନତାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ପ୍ରବୀଣ ଘିଭେଲା, ଜୟଲାଲ କରନ, ମଣ୍ଟୁ କରନ, ସନ୍ତୋଷିନୀ କରନ, ବବିତା କରନ, ସୁମିତ୍ରା ମାଝୀ, ଭୂମିସୂତା କରନ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ମହଲାଇ, ସିକୁଆଁ, ଚନ୍ଦ୍ରପୁରରେ ମଧ୍ୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିଲା।

■ କଚ୍ଛପ ଗତିରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ

## ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟାଳୟ ଘେରଉ



ବଲାଙ୍ଗିର,୫ ।୬(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ତତ୍କାଳୀନ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଉଦ୍ୟମରେ ବୃହତ୍ତ ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର ହୋଇଛି; କିନ୍ତୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମୁଖୀ କାରବାର ଯୋଗୁଁ ପ୍ରାୟ ୬୮ କୋଟି ଟଙ୍କାର ପ୍ରକଳ୍ପ ଏବେ ବି ଅଧାରେ ପଡି ରହିଛି। ଠିକା ସଂସ୍ଥା ମନଇଚ୍ଛା କାମ କରୁଛି। ବିଭାଗୀୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ସଂସ୍ଥା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେବା କଥା; କିନ୍ତୁ ବିଭାଗ ତାହା ନ କରି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅତିରିକ୍ତ ସମୟ ଦେଇ ଚାଲିଛି। ଏହାକୁ ନେଇ ଶୁକ୍ରବାର ଦେଓଗାଁ ବ୍ଲକର ୧୦ ଟି ପଞ୍ଚାୟତର ୫୪ ଖଣ୍ଡ ଗାଁ ଲୋକେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟ ଘେରଉ କରିଛନ୍ତି।

ଦେଓଗାଁ ବ୍ଲକର ଅର୍ଜୁନପୁରରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ପ୍ରାୟ ୬୮ କୋଟି ଟାଙ୍କ ଅନୁଦାନ ମିଳିଛି। ଏହି ପ୍ରକଳ୍ପ ହେଲେ ୧୦ ପଞ୍ଚାୟତର ୫୪ ଖଣ୍ଡ ଗାଁକୁ ପାନୀୟ ଜଳ ଯୋଗାଣ ହୋଇପାରିବ। ଏହାକୁ ନେଇ ଲୋକେ ବେଶ୍ ଆଶାବାଦୀ। ପ୍ରାୟ ୩ ବର୍ଷରୁ ଅଧିକ ସମୟ ହେଲା ପ୍ରକଳ୍ପ କିନ୍ତୁ ସମ୍ପୂର୍ଣ୍ଣ ହୋଇନାହିଁ। ଠିକାସଂସ୍ଥାର ମନ ଇଚ୍ଛା କାରବାର, ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହି କାମ ସରୁନି। ଠିକାସଂସ୍ଥା ବିରୋଧରେ ବିଭାଗ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସୁରକ୍ଷା ପ୍ରଦାନ ପୂର୍ବକ କାମ ସାରିବାକୁ ଅତିରିକ୍ତ ସମୟ ଦିଆଯାଇଛି। ଏହାକୁ ନେଇ ଅସନ୍ତୁଷ୍ଟ ଶତାଧିକ ମହିଳା ଓ ପୁରୁଷ ଶୁକ୍ରବାର ବିଜେଡ଼ି ନେତା ଲକ୍ଷ୍ମଣ ମେହେରଙ୍କ ନେତୃତ୍ୱରେ ବଲାଙ୍ଗିର ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। କାମ ସାରିବାକୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଗ୍ରାମବାସୀ ସମୟ ଦେଇଛନ୍ତି। ଯଦି ତାହା ନ ହୁଏ ତେବେ ସେମାନେ ନିଜ ହିସାବରେ ପଦକ୍ଷେପ ନେବେ ବୋଲି ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଶୁଣାଇଥିଲେ। ଯଦି ଲୋକଙ୍କ ଦାବି ପୂରଣ ନ ହୁଏ ତେବେ ବ୍ଲକର ଗାଁଗଣ୍ଡାକୁ କୌଣସି ବିଭାଗୀୟ ଅଧିକାରୀଙ୍କୁ ପ୍ରବେଶ କରିବାକୁ ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ତେବେ କାମ ସାରିବାକୁ ଆସନ୍ତା ଡିସେମ୍ବର ପର୍ଯ୍ୟନ୍ତ ଠିକା ସଂସ୍ଥାକୁ ସମୟ ଦିଆଯାଇଛି। ଏହା ପୂର୍ବରୁ କାମ ସାରିବାକୁ ଉଦ୍ୟମ କରାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଗଗନ କିଷାନ କହିଛନ୍ତି।

● ୩ ବର୍ଷ ହେଲା ସରୁନି କାମ
● ସେପ୍ଟେମ୍ବର ପର୍ଯ୍ୟନ୍ତ ସମୟ ଦେଲେ ୫୪ ଗ୍ରାମବାସୀ
● ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ଅତିରିକ୍ତ ସମୟ

## ମାନସିକ ଅନଗ୍ରସର ଯୁବକଙ୍କ ଉପରେ ଗାଡି ଚଢ଼ାଇ ଫେରାର

କଣ୍ଟାବାଞ୍ଜି,୫ ।୬(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଭାଲୁମୁଣ୍ଡା କଲୋନୀପଡ଼ା ଚାରିଛକ ପାଖ ଏକ ଦୋକାନ ନିକଟରେ ଅଭାବନୀୟ ଘଟଣା ଘଟିଛି। ରାସ୍ତା ପାଶ୍ୱର୍ରେ ଶୋଇଥିବା ଜଣେ ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ଉପରେ ଦୁର୍ବୃତ୍ତ ଗାଡ଼ି ଚଢାଇ ଫେରାର୍ ମାରିଛି। ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ତେବେ ଏହାର କାରଣ ଜଣା ପଡିନି। ମାନସିକ ଅନଗ୍ରସର ବ୍ୟକ୍ତି ଜଣକ ରାସ୍ତାରୁ ପ୍ରାୟ ୧୦ ଫୁଟ ଦୂର ଡ୍ରେନ୍ ଉପରେ ଶୋଇଥିଲାବେଳେ ଘଟଣା ଘଟିଥିଲା। ସକାଳୁ ପାଖରେ ଥିବା କମଳ ମେହେର ଦେଖି ବଙ୍ଗୋମୁଣ୍ଡା ପୁଲିସକୁ ଖବର ଦେଇଥିଲେ। ପୁଲିସ ଆସି ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲା। ବିଳମ୍ବ ହେବାରୁ ବଙ୍ଗୋମୁଣ୍ଡା କେନ୍ଦ୍ରକୁ ଖବର ଦେଇଥିଲା। କର୍ମଚାରୀ ପହଞ୍ଚି ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ଭାଲୁମୁଣ୍ଡାର ପୂର୍ବତନ ସରପଞ୍ଚ ଉପେନ୍ଦ୍ର ମେହେର ନିଜ ଆମ୍ବୁଲାନ୍ସରେ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ନେଇଥିଲେ। ଗାଡି ଚଢାଇ ଦେବା ଫଳରେ ତାଙ୍କ ଦୁଇ ଗୋଡ଼ ଭାଙ୍ଗି ଯାଇଛି। ଏନେଇ ବଙ୍ଗୋମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଥିବା ବଙ୍ଗୋମୁଣ୍ଡା ଆଇଆଇସି ସଞ୍ଜୀବ ପ୍ରଧାନ କହିଛନ୍ତି। ତେବେ ଘଟଣାସ୍ଥଳରେ ଲାଗିଥିବା ସିସିଟିଭିରେ ଏହି ଘଟଣାର ଭିଡିଓ କଏଦ ହୋଇଛି; କିନ୍ତୁ ଦୁର୍ବୃତ୍ତଙ୍କ ପତ୍ତା ମିଳିପାରିନାହିଁ। ଏହି ମାନସିକ ରୋଗୀ ଜଣକ ଭାଲୁମୁଣ୍ଡାରେ ବୁଲାବୁଲି କରନ୍ତି। ଆଖପାଖ ବା କାହା ଦୋକାନ ପାଖରେ ଅଳିଆ ପଡ଼ିଥିଲେ ସେ ସଫା କରି ଦିଅନ୍ତି। ମାନସିକ ଅନଗ୍ରସର ସତ୍ତ୍ୱେ ସେ କାହାର କ୍ଷତି କରି ନ ଥାନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## କାର୍ଯ୍ୟକ୍ଷମ ହେଉନି ଗ୍ରୀଡ୍; ତାତିଲେ ଉପଭୋକ୍ତା



ବଲାଙ୍ଗିର,୫ ।୬(ସମିସ): ମୁଣ୍ଡ ଉପରେ ଟାଇଁ ଟାଇଁ ଖରା। ଅସହ୍ୟ ଗରମରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି; କିନ୍ତୁ ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ୭ଟି ପଞ୍ଚାୟତବାସୀ ଆଜି ବି ଠିକ୍ ଭାବେ ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ରହିଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୁଷ୍ଟ ରହିଛନ୍ତି। ଶୁକ୍ରବାର ବିଜେଡି ନେତା ଲକ୍ଷ୍ମଣ ମେହେରଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ବଲାଙ୍ଗିର ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରିଛନ୍ତି।

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ୭ ପଞ୍ଚାୟତରେ ଉତ୍ତମ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ୨୦୨୨ରେ ୧୩ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଗ୍ରୀଡ୍ ସ୍ଥାପନ କରିବା ପାଇଁ ମଞ୍ଜୁର ହୋଇଥିଲା। ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏହାଫଳରେ ୭ଟି ପଞ୍ଚାୟତର ୩୨ଖଣ୍ଡ ଗାଁ ଲୋକେ ଉତ୍ତମ ବିଜୁଳି ସେବା ପାଇବାରୁ ବଞ୍ଚିତ ଅଛନ୍ତି। ଏଣୁ ୧୪ ଟି ମେଗାଲିଫ୍ଟ ମଧ୍ୟ ଠିକ୍ ଭାବେ ଚାଲିପାରୁନି। ଏଥିଯୋଗୁ ଚାଷ କାମରେ ଅନେକ ସମସ୍ୟା ଦେଖା ଦେଇଥିବା ଅଭିଯୋଗ ହୋଇଛି। ସେହିପରି ଲୋକେ ପିଇବା ପାଣି ପାଇଁ ମଧ୍ୟ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ ସମସ୍ୟାର ସମାଧାନ ହେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅସନ୍ତୁଷ୍ଟ ଅଞ୍ଚଳବାସୀ ଶୁକ୍ରବାର ବିଦ୍ୟୁତ୍ କାର୍ଯ୍ୟାଳୟ ଅଫିସ ଘେରିଥିଲେ। ଆସନ୍ତା ନୂଆଁଖାଇ ପର୍ବ ଭିତରେ ଗ୍ରୀଡ୍ କାର୍ଯ୍ୟକ୍ଷମ କରିବାକୁ ଲୋକେ ଦାବି କରିଛନ୍ତି। ଯଦି ଏହା ନ ହୁଏ ତେବେ ୭ଟି ପଞ୍ଚାୟତର ଲୋକେ ବିଦ୍ୟୁତ୍ ବିଲ୍ ଦେବେ ନାହିଁ ବୋଲି ବିଭାଗୀୟ ଅଧିକାରୀଙ୍କ ସାମ୍ନାରେ ରୋକ୍‌ଠୋକ୍ ଶୁଣାଇଛନ୍ତି। ମୁକୁନ୍ଦପୁର ସରପଞ୍ଚ ଜୟନ୍ତୀ ସାହୁ, ଶୈଳେନ୍ଦ୍ର ସାହୁ, ଅନଙ୍ଗ ପଧାନ, ଦୟା ମହାକୁର, ମୁଜାଫର ରଣା, ପ୍ରମୋଦ ବହିଦାର, ସଞ୍ଜୟ ଛତରିଆ, ନନ୍ଦିକିଶୋର ନାଏକ, ସୁଭାଷ ହେର୍ଣ୍ଣା, ଗୋପବନ୍ଧୁ ମିର୍ଦ୍ଧା, ରାଜୀବ ବିଶ୍ୱାଳଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଏହି ଘେରଉରେ ସାମିଲ ହୋଇଥିଲେ।

### ବିଦ୍ୟୁତ୍ ଅଫିସ ଘେରିଲେ ୭ ପଞ୍ଚାୟତବାସୀ

### ୧୩ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ହୋଇଛି

## ଶିକ୍ଷକ ବିରଞ୍ଚି ଦାଶଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର



କଣ୍ଟାବାଞ୍ଜି,୫ ।୬(ସମିସ): ଶିକ୍ଷକ ବିରଞ୍ଚି ନାରାୟଣ ଦାଶଙ୍କୁ ତୁରେକେଲା ବ୍ଲକ୍ ପାଇଁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ବଲାଙ୍ଗୀର ବନଖଣ୍ଡ ସମ୍ମିଳନୀ କକ୍ଷରେ ଆୟୋଜିତ ବିଶ୍ୱ ପରିବେଶ ଦିବସରେ ତାଙ୍କୁ ଏହି ସମ୍ମାନ ମିଳିଛି। ପ୍ରମାଣପତ୍ର ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

### ଆନ୍ତଃଜିଲ୍ଲା ସିଏମ୍ ଟ୍ରଫି ଫୁଟବଲ ଚାମ୍ପିଅନସିପ୍

## ବାଳକ, ବାଳିକା ଉଭୟ ବର୍ଗରେ ବଲାଙ୍ଗିର ବିଜୟୀ



ବଲାଙ୍ଗିର,୫ ।୬(ସମିସ): ଗାନ୍ଧୀ ଷ୍ଟାଡ଼ିୟମରେ ଆନ୍ତଃ ଜିଲ୍ଲା ୧୪ ବର୍ଷ ବାଳକ ଓ ବାଳିକା ସିଏମ୍ ଟ୍ରଫି-୨୦୨୬ ଫୁଟବଲ ଚାମ୍ପିୟନସିପ୍ ଚାଲିଛି। ଶୁକ୍ରବାର ପଞ୍ଚମ ଦିବସ ବାଳକ ବର୍ଗ ପ୍ରଥମ ଖେଳ ନୟାଗଡ଼ ବନାମ ଦେବଗଡ଼ ମ୍ୟାଚ ୨-୨ ଗୋଲ୍‌ରେ ଡ୍ର ହୋଇଥିଲା। ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ସଂସଦ ଯୁଗ୍ମ ସଂପାଦକ ଶତ୍ରୁଘ୍ନ ସିଂ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ବାଗ ଯୋଗ ଦେଇଥିଲେ। ସଂସଦ କୋଷାଧ୍ୟକ୍ଷ ହେମନ୍ତ ବେହେରା, ଫୁଟବଲ ସଂପାଦକ ଶରତ ନନ୍ଦ, ରାଜେନ୍ଦ୍ର ପୁରୋହିତ ଓ ଡା. ସିଦ୍ଧେଶ୍ୱର ମିଶ୍ର ମଞ୍ଚାସୀନ ଥିଲେ। ଦେବାଶିଷ ବାଗ, ସଞ୍ଜୀବ କୁଦେଇ, ଯଶୋବନ୍ତ ମାଝୀ ଓ ମଳୟ ଘିଭେଲା ପରିଚାଳନା କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ବାଳକ ବର୍ଗ ଦ୍ୱିତୀୟ ଖେଳରେ ବଲାଙ୍ଗିର ୧-୦ ଗୋଲ୍‌ରେ ବୌଦ୍ଧକୁ ହରାଇ ବିଜୟୀ ହୋଇଥିଲା। ବଲାଙ୍ଗିର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଫୁଟବଲ ସଂପାଦକ ଶରତ ନନ୍ଦ ମଞ୍ଚାସୀନ ଥିଲେ। ଶୁଭ୍ରଜିତ ସ୍ୱାଇଁ, ସୌରଭ ନାଏକ, ପପୁନ ବେହେରା ଓ ଗୌରହରି ପୁଟେଲ ପରି.ଳନା କରିଥିଲେ। ଉଭୟ ବାଳକ ବର୍ଗ ଖେଳରେ ନବୀନ ନାଏକ ମ୍ୟାଚ୍ କମିଶନର ଥିଲେ। ସେହିପରି ସଦାଇପାଲି ପଲ୍ଲିଶ୍ରୀ ଷ୍ଟାଡ଼ିୟମରେ ବାଳିକା ବର୍ଗ ପ୍ରଥମ ଖେଳ ନୟାଗଡ଼ ବନାମ୍ ଦେବଗଡ଼ ମ୍ୟାଚ ଡ୍ର ହୋଇଥିଲା। ଡା. ପ୍ରକାଶ ଦାଶ ଓ କ୍ରୀଡ଼ାବିତ ସୁନିଲ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। ସୀତା ମାରାଣ୍ଡି, ଧନେଶ୍ୱର ସେଠ, ମନୋରଞ୍ଜନ ମାଝୀ ଓ ଅନିତା ମହାନନ୍ଦ ପରିଚାଳନା କରିଥିଲେ। ବାଳିକା ବର୍ଗ ଦ୍ୱିତୀୟ ଖେଳରେ ବଲାଙ୍ଗିର ୪-୦ ଗୋଲରେ ବୌଦ୍ଧକୁ ହରାଇ ବିଜୟୀ ହୋଇଥିଲା। ମନୋରଞ୍ଜନ ମାଝୀ, ଧନେଶ୍ୱର ସେଠ, ମାମା ସିଂ ଓ ପ୍ରିୟଙ୍କା ବିଶି ପରି.ଳନା କରିଥିଲେ। ସୁରେଶ ଦାଶ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ।

# ବିଶ୍ୱ ପରିବେଶ ଦିବସ ପାଳିତ



ନୀଳଗିରି, ୫।୬ (ସମିସ) : ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିର୍ଦ୍ଦେଶ କ୍ରମେ ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧିନ ଗୁଡ଼ିଖୋଲା ଗ୍ରାମରେ କୁଲଡିହା ବନ୍ୟ ପ୍ରାଣୀ ଅଧିନ ପଞ୍ଚଲିଙ୍ଗେଶ୍ୱର ବନପାଳ ହୃଷିକେଶ ପ୍ରଧାନଙ୍କ ତତ୍ତ୍ୱାବଧାନ ଏବଂ ରିଲିଆନ୍ସ ଫାଉଣ୍ଡେସନ ଓ ବିକାଶ ସାଥି ମିଳିତ ସହଯୋଗରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଚେତନତା ସଭା ର ଆୟୋଜନ କରାଯାଇଥିଲା। ଏଥିରେ ଜଙ୍ଗଲରେ ନିଆଁ ବିପତ୍ତି ହ୍ରାସ ଓ ପରିଚାଳନା ଶୀର୍ଷକ ସମ୍ବନ୍ଧରେ ସ୍ଥାନୀୟ ଅଧିବାସୀଙ୍କୁ ସଚେତନ କରିବା ସହିତ ଦୀର୍ଘ ମିଆଦି ସୂତ୍ରରେ କିପରି ପରିବେଶ ଓ ଜୀବଜନ୍ତୁଙ୍କୁ ସୁରକ୍ଷା ଦିଆଯାଇପାରିବ ବିସ୍ତୃତ ଆଲୋଚନା କରାଯାଇଥିଲା ବେଳେ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ପରିବେଶ ବିତ ମନୋରଞ୍ଜନ ଦାସ, ବିକାଶ ସାଥିର ସମ୍ପାଦକ ବିଶ୍ୱଜିତ ପଣ୍ଡା, ରିଲିଆନ୍ସ ଫାଉଣ୍ଡେସନ ର ବିପର୍ଯ୍ୟୟ ପରିଚାଳନା ର ମୁଖ୍ୟ ଦିବ୍ୟକାନ୍ତ ନାୟକ, ପରିବେଶବିତ ସୌମ୍ୟରଞ୍ଜନ ବିଶ୍ୱାଳ, ସବୁଜ ବାହିନୀର ଗଣେଶ୍ୱର ବେହେରା, ଜୟନ୍ତ ସେଠୀ, କ୍ଷିତୀଶ ପରିଡ଼ା ପ୍ରମୁଖ ସହଯୋଗ ଉପସ୍ଥିତ ଥିଲେ।

# ବିଡିଓଙ୍କ ପ୍ରତିଶ୍ରୁତିକୁ ବର୍ଷେ; ହଟିଲାନି ରାସ୍ତା ଦୁର୍ଦ୍ଦଶା

ବାଲେଶ୍ୱର, ୫।୬ (ସମିସ)





ସଦର ବିଡ଼ିଓଙ୍କ ପରିଦର୍ଶନ ଓ ପକ୍କା ରାସ୍ତାର ପ୍ରତିଶ୍ରୁତିକୁ ବର୍ଷେ ବିତିଗଲା। କିନ୍ତୁ ଜମ୍ବେଶ୍ୱରପୁର ଉପଜାତି ବସ୍ତିର ଦୁର୍ଦ୍ଦଶା ସେମିତି ରହିଛି। ଯାତାୟାତ ପାଇଁ ଭଲ ରାସ୍ତାଟିଏ ପାଇନାହାନ୍ତି ବାସିନ୍ଦା। ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତ ଜମ୍ବେଶ୍ୱରପୁର ଗ୍ରାମର ପୂର୍ବପଟ ବସ୍ତିବାସିନ୍ଦା ଆଜି ବି ଆଣ୍ଠୁଏ କାଦୁଅରେ ଯିବା ଆସିବା କରୁଛନ୍ତି। ବସ୍ତି ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ, ପୁର୍ବପୁରୁଷରୁ ବ୍ୟବହୃତ ରାସ୍ତାକୁ ସ୍ଥାନୀୟ ସରପଞ୍ଚଙ୍କ ନିର୍ଦ୍ଦେଶରେ ପୋଖରୀ ଖୋଳିବା ବାହାନାରେ ପଙ୍କ ଓ କାଦୁଅ ଢାଳି ନଷ୍ଟ କରିଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହାଦ୍ୱାରା ଯାତାୟାତ ବନ୍ଦ ହୋଇଯିବାରୁ ଲୋକେ ଅଭିଯୋଗ କରିଥିଲେ। ଫଳରେ ଅଭିଯୋଗ ପାଇ ସଦର ବିଡ଼ିଓ ବର୍ଷେ ତଳେ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥାୟୀ ପକ୍କା ରାସ୍ତା ହେବ ବୋଲି ପ୍ରତିଶୃତି ଦେଇଥିଲେ। କିନ୍ତୁ ବର୍ଷେ ବିତିଲେ ବି ନା ପଡିଲା ନାଲି ଗୋଡି, ନା ହେଲା ପକ୍କା ରାସ୍ତା। ବହୁ ବିଳମ୍ବରେ କେବଳ ଅଳ୍ପ କିଛି ପଥର ଖାଦାନର ମଇଳା ପକାଇ ପ୍ରଶାସନ ଚୁପ୍

**ହେଉନି ପକ୍କା ରାସ୍ତା ନିର୍ମାଣ, ଜମ୍ବେଶ୍ୱରପୁରବାସୀଙ୍କ ଆନ୍ଦୋଳନ ଚେତାବନୀ**

ହୋଇଗଲା। ମଟାଳ, ପଙ୍କୁଆ ମାଟି ଯୋଗୁଁ ଅସରାଏ ବର୍ଷା ହେଲେ ରାସ୍ତା ଆଣ୍ଠୁଏ କାଦ ହୋଇଯାଉଛି। ବର୍ଷା ଉଠାଇଲେ ବସ୍ତି ବାସିନ୍ଦାଙ୍କ ମନରେ ଛନକା ପଶେ। ଜରୁରୀକାଳୀନ ସେବା ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ପହଞ୍ଚିପାରୁନି। 'ମୋ ବାପାମାନଙ୍କ ବୟସ ଅଶିରୁ ଅଧିକ। ଆମର ସ୍ଥାୟୀ ଘର କେଉଁ କାଳରୁ। ରାସ୍ତାକୁ ଖରାପ କରିବା, ଚାଲିବାକୁ ନ ଦେବା ଆମେ କେବେ ଦେଖିନୁ ବୋଲି କହିଛନ୍ତି ବସ୍ତି ବାସିନ୍ଦା ଜୟନ୍ତୀ ସେଠୀ। ସେହିପରି ସାମାଜିକ କର୍ମୀ ମୋନାଲିସା ସେଠୀ କହିଛନ୍ତି, ସରକାର ଅବହେଳିତ ବର୍ଗର ବିକାଶ ପାଇଁ ବହୁ ଯୋଜନା କରୁଛନ୍ତି, କିନ୍ତୁ ଅଧିକାରୀଙ୍କ ଅସହଯୋଗ ହେତୁ କାର୍ଯ୍ୟକାରୀ ହେଉନି। ବିଡ଼ିଓଙ୍କ ପ୍ରତିଶୃତି ପରେ ବି ରାସ୍ତା ନ ହେବା ଦୁଃଖଦାୟକ'। 'ବର୍ଷା ଦିନ ପୂର୍ବରୁ ତୁରନ୍ତ ରାସ୍ତା ନ ହେଲେ ଜନ ଆନ୍ଦୋଳନ ହେବ ବୋଲି ହରେନ୍ଦ୍ର ପ୍ରଧାନ ସମେତ ବସ୍ତିବାସିନ୍ଦା ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଗେଙ୍ଗୁଟି ସରପଞ୍ଚ ଉପଜାତି ବର୍ଗ ବାସିନ୍ଦାଙ୍କ ଯାତାୟାତ ସମସ୍ୟା ସୃଷ୍ଟି କରି ସମାଧାନ ନ କରିବାକୁ ନେଇ ବସ୍ତି ବାସିନ୍ଦା ଏହାକୁ ତୀବ୍ର ନିନ୍ଦା କରିଛନ୍ତି।

# ପାଣି ପାଇଁ ଚାନ୍ଦା ଆଦାୟ | କମିଟିକୁ କାରଣଦର୍ଶାଅ ନୋଟିସ

ରାଜଘାଟ, ୫।୬ (ସମିସ): ବସ୍ତା ବ୍ଲକ ସନ୍ତୋଷପୁର ଗ୍ରାମ ପଞ୍ଚାୟତରେ ଥିବା ପାଣି ପ୍ରକଳ୍ପରୁ ପାଣି ଦେଇ ଚାନ୍ଦା ଆଦାୟ ସମ୍ପର୍କରେ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଛି। ସନ୍ତୋଷପୁର ଗ୍ରାମ ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ମା' କାଳିମାତା ବଜାର କମିଟି ସଭାପତି ଓ ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ ଦାସଙ୍କ ଦସ୍ତଖତରେ ଜାରି କରାଯାଇଛି। ଆଗାମୀ ୩ଦିନ ଭିତରେ ଲିଖିତ ଆକାରରେ ପଞ୍ଚାୟତ କାର୍ଯ୍ୟାଳୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି, ଯଦି ସନ୍ତୋଷ ଜନକ ଉତ୍ତର ସମୟ ମଧ୍ୟରେ ନ ଦିଅନ୍ତି ତାହେଲେ ପାଣି ବଣ୍ଟନ କ୍ଷମତା ଅପସାରୀ ନେବାର ଚେତାବନୀ ଦିଆଯାଇଛି। ପ୍ରକାଶ ଥାଉକି ପଞ୍ଚାୟତ ପକ୍ଷରୁ ମାଗଣାରେ ପାଣି ସଂଯୋଗ ଦେବା କଥା, ହେଲେ ଉକ୍ତ ପଞ୍ଚାୟତରେ ଏହି ଯୋଜନା ନାଁରେ ମା କାଳିମାତା ବଜାର କମିଟି ହିତାଧିକାରୀ ପିଛା ୧ଶହ ରୁ ୩ଶହ ଟଙ୍କା ପର୍ଯ୍ୟନ୍ତ ଜୁଲୁମ କରି ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଥିଲା, ଦୀର୍ଘ ତିନିରୁ ଚାରିବର୍ଷ ଧରି ଏହି ଚାନ୍ଦା ଆଦାୟ ହେଉଥିଲା, ଏହାକୁ ନେଇ ହିତାଧିକାରୀ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ବସୁଧା ଯୋଜନା ସମ୍ପୂର୍ଣ୍ଣ ମାଗଣା ଥିବା ବେଳେ ହିତାଧିକାରୀ ପିଛା ୧ଶହ ରୁ ୩ଶହ ଟଙ୍କା କେଉଁ ସରକାରୀ ନିର୍ଦ୍ଦେଶରେ ଆଦାୟ କରାଯାଉଥିଲା? ଉକ୍ତ କମିଟି ଗ୍ରାମସଭା ଦ୍ୱାରା ଗଠିତ ହୋଇଛି କି? ଯଦି ହୋଇଛି ଏହାର ରେଜୁଲେସନ କପି ପଞ୍ଚାୟତରେ ପୈଠ କରନ୍ତୁ, ଆଜି ଯାଏଁ କେତେ ହିତାଧିକାରୀଙ୍କଠୁ କେତେ ଟଙ୍କା ନିଆଯାଇଛି ଓ ସେହି ଟଙ୍କା କାହା ପାଖରେ ଅଛି? ଏଭଳି ମାଳ ମାଳ ପ୍ରଶ୍ନ ହିତାଧିକାରୀ କରିଛନ୍ତି। ଖବର ପ୍ରସାରଣର ୩ଦିନ ଭିତରେ ପଞ୍ଚାୟତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପରେ ସ୍ଥାନୀୟ ଲୋକେ ଖୁସିବ୍ୟକ୍ତ କରିଛନ୍ତି।

**'ସକାଳ' ପ୍ରଭାବ**

## ସାପ କାମୁଡ଼ାରେ ମହିଳା ମୃତ

ନୀଳଗିରି, ୫।୬ (ସମିସ) : ନୀଳଗିରି ଏନଏସି ୯ନଂ ୱାର୍ଡ ସିମୁଳିଆ ଚକ୍ରଧରପୁର ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକଜଣଙ୍କ ହେଲେ ଭଗବାନ ଦାଶଙ୍କ ସ୍ତ୍ରୀ ସରସ୍ୱତୀ ଦାଶ (୫୮)। ଗତ ୧ ତାରିଖ ରାତିରେ ଘରେ ରୋଷେଇ କରୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ,ବାଲେଶ୍ୱର ମେଡିକାଲ ଓ ପରେ କଟକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୨ ତାରିଖ ଦିବା ୨ଘଟିକା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଗରସଙ୍ଗରେ ବିଶ୍ୱ ପରିବେଶ ଦିବସ




ଖଇରା, ୫।୬ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଗରସଙ୍ଗ ପଞ୍ଚାୟତରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି। ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ଦାସଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ଜମ୍ବେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ର, ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଏବଂ ସ୍ଥାନିୟ ଜନସାଧାରଣ ମିଳିତ ଭାବେ କଲେଜ ରାସ୍ତାରେ ୧୦୦ ଚାରା ରୋପଣ କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଗରସଙ୍ଗ ବଜାର ପରିକ୍ରମା କରିଥିବା ବେଳେ ଛାତ୍ରିଛାତ୍ର ମାନେ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରି ଥିଲ।ଅଜିର ଦିନରେ ମାନବ ସମାଜର ତିଷ୍ଠି ରହିବାକୁ ହେଲେ ବୃକ୍ଷ ରୋପଣ ଏକମାତ୍ର ବିକଳ୍ପ ଏବଂ ଗଛ ବଞ୍ଚିଲେ ଆମେ ବଞ୍ଚିବା। ଏଣୁ ଏହି ଉଦେଶ୍ୟରେ ପ୍ରତ୍ୟେକ ବର୍ଷ ପଞ୍ଚାୟତ ତରଫରୁ ସମସ୍ତଙ୍କୁ ନେଇ ଏହି ପ୍ରୟାସ ଚଳାଇଥିବା ସରପଞ୍ଚ ଶ୍ରୀ ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଲେଜ ଅଧାପକ ରାମଚନ୍ଦ୍ର ପାଢ଼ୀ, ରମେଶ ଚନ୍ଦ୍ର ପାଢ଼ୀ, ବସନ୍ତ ବାରିକ ପ୍ରମୁଖ ଯୋଗ ଦେଇ ସଚେତନତାର ବାର୍ତ୍ତା ରଖିଥିଲେ।

## ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ସମ୍ବର୍ଦ୍ଧନା ଉତ୍ସବ

ବାଲେଶ୍ୱର,୫।୬ (ସମିସ): ଜିଲ୍ଲା ପରିବେଶ ସମିତି ଦ୍ୱାରା ବିଶ୍ୱ ପରିବେଶ ଦିବସ ଅବସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳିତ ବର୍ଷ ୨୦୨୫-୨୬ ମସିହା ପାଇଁ ଜିଲ୍ଲାସ୍ତରରେ ୧୦ଜଣ 'ପ୍ରକୃତି ବନ୍ଧୁ' ଏବଂ ୫ ଜଣ 'ପ୍ରକୃତି ମିତ୍ର'ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ପରିବେଶ ସମିତିର ସମ୍ପାଦକ ତଥା ବନ ସଂରକ୍ଷକ କାର୍ଯ୍ୟ ଯୋଜନା ଅଧିକାରୀ ତପନ କୁମାର ପରିଡାଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଜିଲ୍ଲାସ୍ତରୀୟ ଅଫିସର ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗର ପ୍ରଦୀପ କୁମାର ଭୋଳ, ପ୍ରକଳ୍ପ ନିର୍ଦ୍ଦେଶକ ଜଳାଶୟ ବିଭାଗ ରଶ୍ମି ରଞ୍ଜନ ପାତ୍ର, ଡକ୍ଟର ମନୋଜ କୁମାର ସାହୁ ଜିଲ୍ଲା ଯକ୍ଷ୍ମା ଅଫିସର, ଅତିରିକ୍ତ କୃଷି ଅଧିକାରୀ ଶୁଭକା ଭୂୟାଁ ଏବଂ ବେସରକାରୀ ସଂଗଠନ ସମ୍ପାଦକ ଜୀବନ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସରକାରଙ୍କ ତରଫରୁ ପୁରସ୍କାର ପାଇଁ ବିବେଚିତ ହୋଇଥିବା ୫ ଜଣ ପ୍ରକୃତି ମିତ୍ର ଏବଂ ୧୦ ଜଣ ପ୍ରକୃତି ବନ୍ଧୁଙ୍କୁ ଅତିରିକ୍ତ ଜିଲ୍ଲାପାଳ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ନାଗରିକ ମଞ୍ଚ ଓ ସୋର ପୌରପାଳିକା ତରଫରୁ ଜନ ସଚେତନତା



ସୋର, ୫।୬ (ସମିସ): ଆଜି ୫୪ ତମ ବିଶ୍ୱ ପର୍ଯ୍ୟାବରଣ ଦିବସର ବାର୍ତ୍ତା ବହନ କରୁଥିବା ଗୁରୁତ୍ୱକୁ ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ସୋର ପୌର ପାଳିକାର ସମସ୍ତ କର୍ମଚାରୀ ଏବଂ ସୋର ନାଗରିକ ମଞ୍ଚର ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କ ମିଳିତ ପ୍ରୟାସରେ ରାସ୍ତା ଘାଟ ସଫାସୁତରା, ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସୋର ଟ୍ରେଜେରୀ, ଶିକ୍ଷକ ଭବନ ରାସ୍ତା ପାଶ୍ୱର୍ରେ ଅଳିଆ ଆବର୍ଜନା ସଫା କରାଯିବା ସହ, ଗୋସେଇଁ ପୋଖରୀ ଆଡ଼ି ତଥା ସ୍ୱର୍ଗ ଦ୍ୱାର ସ୍ମଶାନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ପରେ ପୂର୍ବାହ୍ନରେ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ପ୍ରଦୂଷଣ ଜନିତ ବାୟୁମଣ୍ଡଳ ଧୀରେ ଧୀର ବିଷାକ୍ତ ହେଉଥିବା ସହ ଉତ୍ତାପ ବଢି ଚାଲିଛି। ଫଳରେ ଅସ୍ୱାଭାବିକ ଜଳ ବାୟୁ ପରିବର୍ତ୍ତନ, ଯୋଗୁଁ ମଣିଷ ସମାଜ , ପଶୁ ପକ୍ଷୀ, ଜୀବଜନ୍ତୁ ରୋଗଗ୍ରସ୍ତ ହେଉଛନ୍ତି। ପ୍ରତ୍ୟେକ ମଣିଷ ଗୋଟିଏ ବୃକ୍ଷ ରୋପଣ ସହ ଜଳ ବାୟୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ଉଦ୍ୟକ୍ତା ମାନେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସୋର ପୌର ପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ, ସୋର ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତ, ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ ପରିଚାଳନା କରିଥିବା ବେଳେ ବରିଷ୍ଠ ସଦସ୍ୟ ନବକିଶୋର ଦାସ, ପ୍ରଫୁଲ୍ଲ ଷଡ଼ଙ୍ଗୀ, କଟଚନ୍ଦ୍ର ବେହେରା, ସୁରେନ୍ଦ୍ର ପାଣିଗ୍ରାହୀ, ବାସୁକୃଷ୍ଣ ମହାପାତ୍ର, ଗଙ୍ଗାଧର ପାଢ଼ୀ, ଶ୍ରୀଧର ପତ୍ରି, ମାୟାଧର ନାୟକ, ଶରତ ଚନ୍ଦ୍ର ମହାନ୍ତି, ଶରତ ଚନ୍ଦ୍ର ନାୟକ, କରୁଣାକର ପାଢୀ, ମନୋଜ କୁମାର ରାୟ, ପଙ୍କଜ ପଣ୍ଡା, ରାଜାରାଣୀ ଜେନା, ସନ୍ତୋଷ ଦିବେଦୀ, ରବିନାରାୟଣ ନନ୍ଦ, ଅକ୍ଷୟ କର, ହରିହର ଦାସ, ସୁରେନ୍ଦ୍ର ବେହେରା, ନିତ୍ୟାନନ୍ଦ କର, ଦାମୋଦର ଦାଶ ମହାପାତ୍ର, ଶଶିକାନ୍ତ ପଣ୍ଡା, ଅନାମ ପ୍ରସାଦ ବାରିକ, ବଂଶୀଧର ବାରିକ, ରଶ୍ମିତା ବେହେରା, ସରୋଜିନୀ ରାଉତ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ଜଳଧର ଜେନା, ବାବାଜୀ ମହାଳିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ୟୁକୋ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା ପରିଦର୍ଶନ କଲେ ଜିଲ୍ଲାପାଳ



ବାଲେଶ୍ୱର, ୫।୬ (ସମିସ): ୟୁକୋ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା ପରିଦର୍ଶନ କରିଛନ୍ତି ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ସୂର୍ଯ୍ୟବଂଶୀ ମୟୂର ବିକାଶ। ଗସ୍ତ ଅବସରରେ ସେ ପ୍ରତିଷ୍ଠାନରେ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସୁବିଧା ଓ ପ୍ରଶିକ୍ଷଣ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏହା ସହିତ ସେ ୟୁକୋ ଆରସେଟି ପରିସରରେ ବୃକ୍ଷରୋପଣ ମଧ୍ୟ କରିଥିଲେ। ଜିଲ୍ଲାପାଳଙ୍କୁ ୟୁକୋ ବ୍ୟାଙ୍କ, ବାଲେଶ୍ୱରର ଆଞ୍ଚଳିକ ପ୍ରବନ୍ଧକ ନୀତେଶ କୁମାର ମହାନ୍ତି ସ୍ୱାଗତ ଜଣାଇଥିଲେ। ମୋତି କୁମାର ସାହ, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ୍ ପ୍ରବନ୍ଧକ ଏବଂ ଗଜେନ୍ଦ୍ର ସାହୁ, ନିର୍ଦ୍ଦେଶକ, ୟୁକୋ ଆରସେଟି ଜିଲ୍ଲାପାଳଙ୍କୁ ଆରସେଟିର କାର୍ଯ୍ୟକଳାପ, ପ୍ରଶିକ୍ଷଣ ବ୍ୟବସ୍ଥା ଓ ସଫଳତା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ପ୍ରଶିକ୍ଷକ ଅଭିଷେକ ସ୍ୱାଇଁ, ମନୋଜ କୁମାର ବେହେରା, ଶଙ୍କର ମାହାଲି, ପ୍ରିୟଙ୍କା ସାହୁ, ପ୍ରଦୀପ କୁମାର ନାୟକ, ହରି ମହାଳିକ ଏବଂ ଦୁଇଟି ତାଲିମରେ ଆସିଷ୍ଟାଣ୍ଟ ବୁକ୍ କିପର ଓ ଅଗରବତୀ ଫିନାଇଲ ତିଆରି ବା ଶିକ୍ଷାଲାଭ କରୁଥିବା ପ୍ରଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ପ୍ରଶିକ୍ଷାର୍ଥୀ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି କରିବା ସହିତ ଆତ୍ମନିଯୁକ୍ତି ଓ ଉଦ୍ୟୋଗିତା ବିକାଶ କ୍ଷେତ୍ରରେ ଆରସେଟିର ଭୂମିକାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶାପ୍ରକାଶ ପାଇଛି।

## କମଳଲୋଚନ ପଣ୍ଡାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର



ନୀଳଗିରି, ୫।୬ (ସମିସ) : ପ୍ରକୃତିର ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କମଳଲୋଚନ ପଣ୍ଡାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ମିଳିଛି। ଓଡ଼ିଶା ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସୁକ୍ରବାର ଏହି ସମ୍ମାନ ମିଳିଛି। ବିଶେଷକରି ବୃକ୍ଷରୋପଣ, ବୃକ୍ଷ ବଣ୍ଟନ, ପରିବେଶ ସୁରକ୍ଷା ସଚେତନତା, ବନାଗ୍ନି ନିରାକରଣ, ବନ୍ୟପ୍ରାଣୀ ସୁରକ୍ଷା, ମୃତ୍ତିକା ସଂରକ୍ଷଣ, ପକ୍ଷୀ ସୁରକ୍ଷା, ପ୍ଲାଷ୍ଟିକ ବ୍ୟବହାରକୁ ନା ଇତ୍ୟାଦି କାର୍ଯ୍ୟକ୍ରମ ନିମନ୍ତେ ସେ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି, ନୀଳଗିରି ଉପଖଣ୍ଡ ଦକ୍ଷିଣ ନରସିଂହପୁର ପଞ୍ଚାୟତ ଗୋବରା ଗ୍ରାମର ପର୍ଶୁରାମ ପଣ୍ଡା ଓ ମମତା ପଣ୍ଡାଙ୍କ ପୁଅ ହେଉଛନ୍ତି କମଳଲୋଚନ, ସେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗ୍ରନ୍ଥାଗାର ସହାୟକ ଭାବରେ କାର୍ଯ୍ୟରତ ଅଛନ୍ତି।

## ତିନି ମାସର ଭତ୍ତା ନ ପାଇ ଧାରଣାରେ ହିତାଧିକାରୀ

ସିମୁଳିଆ, ୫।୬ (ସମିସ): ଭତ୍ତା ପାଇଁ ତିନିମାସ ହେଲା ପଞ୍ଚାୟତକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ବୃଦ୍ଧ ଓ ବୃଦ୍ଧା। କେବେ ମିଳିବ ଭତ୍ତା କାହାରି ପାଖରେ ତାର ଉତ୍ତର ନାହିଁ। ପ୍ରଶାସନ ଅଧିକାରୀଙ୍କୁ ପଚାରିଲେ ଖୁବ ଶୀଘ୍ର ମିଳିଯିବ ବୋଲି ଉତ୍ତର ମିଳୁଛି। ଆଉ ଏପଟେ ଭତ୍ତା ନ ପାଇ ହଇରାଣ ହରକତ ହେଉଛନ୍ତି ହିତାଧିକାରୀ। ପ୍ରତିବାଦରେ ସବଙ୍ଗ ପଞ୍ଚାୟତର ଶତାଧିକ ହିତାଧିକାରୀଙ୍କ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବାର ଦେଖିବାକୁ ମିଳିଥିଲା। ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ସବଙ୍ଗ ପଞ୍ଚାୟତର ମୋଟ ୧୦୩୩ଜଣ ଭତ୍ତା ହିତାଧିକାରୀ ଥିବା ବେଳେ ସେଥିମଧ୍ୟରୁ ୫୪୮ ଜଣ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ନେଉଛନ୍ତି। ମାତ୍ର ୪୮୫ଜଣ ହିତାଧିକାରୀ ସେମାନଙ୍କୁ ଆକାଉଣ୍ଟ ମାଧ୍ୟମରେ ଭତ୍ତା ନେଉଛନ୍ତି। ଏହି ଆକାଉଣ୍ଟ ହିତାଧିକାରୀ ଆଜକୁ ତିନି ମାସ ହେବ ଭତ୍ତା ପାଇ ପାରୁ ନାହାନ୍ତି। କାହିଁକି ଭତ୍ତା ଦିଆ ଯାଉ ନାହିଁ ତାର ପ୍ରତିବାଦରେ ଶତାଧିକ ହିତାଧିକାରୀ ପ୍ରବଳ ଖରାରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏଥି ସହିତ ସିମୁଳିଆ ବିଡ଼ିଓକୁ ଏକ ଲିଖିତ ଦାବିପତ୍ର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପରମେଶ୍ୱର ବାରିକଙ୍କ ହାତରେ ପ୍ରଦାନ କରିଥିଲେ। ଖୁବ୍‌ଶୀଘ୍ର ଭତ୍ତା ପଇସା ନ ମିଳିଲେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନରେ ବସିବେ ବୋଲି ଚେତାବନୀ ଦେଇଥିଲେ।



# ଏସ୍‌ଡିପିଓଙ୍କ ସହ ଜାଗ୍ରତ ଜଳେଶ୍ୱର ସଦସ୍ୟଙ୍କ ଆଲୋଚନା



ଜଳେଶ୍ୱର, ୫।୬ (ସମିସ) : ଜଳେଶ୍ୱର ନୂତନ ଏସଡିପିଓ ସୁରେଶ କୁମାର ତ୍ରିପାଠୀ ଯୋଗଦେବା ପରେ ଜାଗ୍ରତ ଜଳେଶ୍ୱର ସ୍ୱେଚ୍ଛାସେବୀ ସଂଗଠନଟର ସଦସ୍ୟ/ସଦସ୍ୟା ମାନେ ଭେଟି ଜଳେଶ୍ୱରରେ ବିଭିନ୍ନ ଆଇନ ଶୃଙ୍ଖଳା ବାବଦରେ ଆଲୋଚନା କରିଛନ୍ତି। ସଂଗଠନ ପକ୍ଷରୁ ସିପ୍ରା ବାଜପେୟୀ ଯୋଗଦେଇ ଜଳେଶ୍ୱର ଅଞ୍ଚଳରେ ଚାଲିଥିବା ବେଆଇନ ବାଲି ମାଟି ମୋରମ ଚୋରା ଚାଲାଣ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ସୁବର୍ଣ୍ଣରେଖା ନଦୀରୁ ମାତ୍ରାଧିକ ବେଆଇନ ବାଲି ଉତ୍ତୋଳନ ହୋଇ ପଶ୍ଚିମବଙ୍ଗକୁ ଚରାଚାଲାଣ ଦିଗରେ କେମିତି ରୋକ ଲଗାଯାଇ ପାରିବ ସେଦିଗରେ ଗୁରୁତ୍ୱ ଦିଆଯାଇଥିଲା। ସୁବର୍ଣ୍ଣରେଖା ନଦୀ କୁଳବର୍ତ୍ତୀ ଅଞ୍ଚଳ ଗୁଡ଼ିକ ଶେଖସରେଇ, ଚାଲନ୍ତି, ରାଜପୁର, ଶିଖରପୁର,ଦକ୍ଷିଣ ପ୍ରହରାଜପୁର, ବେହେରାସାହି, ଗୁଆଗଡିଆ, ମାକୀଡ଼ିଆ, ଓଲମରା ଅଞ୍ଚଳର ଗ୍ରାମ ଗୁଡ଼ିକ ବିପଦ ସଂକୁଳ ଅବସ୍ଥାରେ ଗତି କରୁଛି। କେଉଁ ପରିସ୍ଥିତିରେ ଉକ୍ତ ଗ୍ରାମଗୁଡ଼ିକ ନଦୀ ଗର୍ଭରେ ବିଲୀନ ହୋଇ ନ ଯିବ ତାହା କେହି କହିପାରିବ ନାହିଁ। ଉକ୍ତ ସମ୍ବନ୍ଧରେ ଆଲୋଚନା ବେଳେ ସଂଗଠନର ଅଧ୍ୟକ୍ଷ କମଳଲୋଚନ ମହାପାତ୍ର, ସତ୍ୟ ଶୋଭନ ମିଶ୍ର, ସମର କରଣ, ଚନ୍ଦନ କର ସତୀଶ ପରିଡ଼ା, ରବୀନ୍ଦ୍ର ପାତ୍ର ଓ ଅବନୀ ଚାନ୍ଦ ଅଂଶଗ୍ରହଣ କରିଥିଲେ। ଶ୍ରୀ ତ୍ରିପାଠୀ ଅଧିକ ପୁଲିସ ଅଧିକାରୀ ଓ କର୍ମଚାରୀ ଆବଶ୍ୟକତା ସମ୍ପର୍କରେ କହିଥିଲେ। ଜଳେଶ୍ୱର, ରାଇବଣିଆ, ଭୋଗରାଇ-ଉଦୟପୁର ସାମୁଦ୍ରିକ ଥାନା ଇଲାକାରେ ସେ ଗତକାଲି ସମ୍ବେଦନଶୀଳ ସ୍ଥାନ ଗୁଡ଼ିକ ବୁଲି ଦେଖୁଛନ୍ତି ବୋଲି କହିଥିଲେ। ଅପରାଧ ରୋକିବା ଦିଗରେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସିମୁଳିଆ ଦୈନିକ ମାଛ ମାର୍କେଟରୁ ବଢୁଛି ବାଇକ୍ ଚୋରି

କାଳିପଦା, ୫।୬ (ସମିସ)



ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତର ସିମୁଳିଆ ଦୈନିକ ମାଛ ମାର୍କେଟରୁ ଶୁକ୍ରବାର ପୁର୍ବାହ୍ନରେ ମଧୁପୁରା ଗ୍ରାମର ରାମକୃଷ୍ଣ ପାତ୍ରଙ୍କ ବାଇକ ଚୋରୀ ହୋଇଥିବା ନେଇ ସେ ବାଲିଆପାଳ ଥାନାରେ ଅଭିଯୋଗ କରିଥିବା ବେଳେ ମାର୍କେଟିଂ କରୁଥିବା ଲୋକମାନେ ଦୁଇ ଜଣ ଅଚିହ୍ନା ଲୋକଙ୍କୁ ବାଇକ ଚୋର ସଂଦେହରେ କାବୁ କରି ବାଲିଆପାଳ ଥାନାରେ ଜିମା ଦେଇଛନ୍ତି। ରାମକୃଷ୍ଣ କହିଛନ୍ତି କି ସିମୁଳିଆ ମାର୍କେଟରେ ପୂର୍ବରୁ ଥିବା ଧାନ ହାଟ ବର୍ତ୍ତମାନ ରଥ ଖଳା ନିକଟରେ ଥିବା ଏକ ଝୁମୁରୀ କଳ ନିକଟରେ ନିଜ ମଟର ସାଇକେଲ ରଖି ମାଛ କିଣି ଆସି ଦେଖିଲା ବେଳକୁ ତାର ମଟର ସାଇକେଲ ନାହିଁ। ଏହି ସମୟରେ ପୁଲିସକୁ ଜିମା ଦିଆଯାଇଥିବା ଲୋକ ଦୁଇ ଜଣ ଦୁଇଟି ମଟର ସାଇକେଲ ଲକ ଖୋଲିବାକୁ ଚେଷ୍ଟା କରୁଥିବା ବେଳେ ଲୋକେ ତାଙ୍କୁ କାବୁ କରି ନେଇଥିଲେ। ଏହି ଦୁଇ ଜଣଙ୍କ ଅନ୍ୟ ଏକ ସହଯୋଗୀ

**ଦୁଇ ସନ୍ଦିଗ୍ଧଙ୍କୁ ପୁଲିସ ଜିମା**

ତାଙ୍କ ମଟର ସାଇକେଲ ଚୋରୀ କରି ନେଇ ପଳାଇଥିବା ଅଭିଯୋଗ କରିଛନ୍ତି। ଗୋଟିଏ ମାସରେ ସିମୁଳିଆ ମାର୍କେଟରୁ ତିନୋଟି ମଟର ସାଇକେଲ ଚୋରୀ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହା ପୂର୍ବରୁ ବହୁବାର ଗଣ୍ଡା ଗଣ୍ଡା ବାଇକ ମୋବାଇଲ ଚୋରି ହୋଇଥିବାର ଘଟଣା ଘଟିଛି। ଏହା ବାଦ ଦିନକୁ ଦିନ ବାଲିଆପାଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ମଟର ସାଇକେଲ ଚୋରୀ ବଢ଼ିବାରେ ଲାଗିଛି। ସିମୁଳିଆ ମାଛ ମାର୍କେଟ ଆଗ ପାର୍କିଙ୍ଗ ସ୍ଥାନ, ପରିବା ମାର୍କେଟ ପଂଚାୟତ କାର୍ଯ୍ୟଳୟ ସମ୍ମୁଖ, ରଥ ଖଳା ପରି ବାଲିଆପାଳ ଲଙ୍ଗଳେଶ୍ୱର ମୁଖ୍ୟ ସିମୁଳିଆ ମାର୍କେଟ ପାଖ ରାସ୍ତାରେ ଲୋକେ ଗାଡି ଗୁଡ଼ିକୁ ପାର୍କିଙ୍ଗ କରି ମାର୍କେଟିଙ୍ଗ କରାଇବାକୁ ଯାଇଥିବା ବେଳେ ଚୋର ମାନେ କୌଶଳ କ୍ରମେ ଗାଡି ଚୋରି କରି ନେଇ ଯାଉଥିବାରୁ ପାର୍କିଂ ଏରିଆରେ ପୁଲିସ ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ରକ୍ଷଣାବେକ୍ଷଣ ଅଭାବ | ଶ୍ରୀହୀନ ହୋଇପଡ଼ିଛି ପଟ୍ଟାମୁଣ୍ଡାଇ ପୌର ପରିଷଦ ଶିଶୁ ଉଦ୍ୟାନ

ପଟ୍ଟାମୁଣ୍ଡାଇ,୫।୬(ସମିସ)



ଶିଶୁଙ୍କ ମାନସିକ ଓ ବୌଦ୍ଧିକ ବିକାଶ ଉପରେ ସରକାର ଗୁରୁତ୍ୱାରୋପ କରୁଥିବାବେଳେ ପଟ୍ଟାମୁଣ୍ଡାଇର କେନ୍ଦ୍ରସ୍ଥଳରେ ଥିବା ଶିଶୁ ଉଦ୍ୟାନ ରକ୍ଷଣାବେକ୍ଷଣ ଅଭାବରୁ ଶ୍ରୀହୀନ ହୋଇପଡ଼ିବା ସହିତ ଘଞ୍ଚ ଜଙ୍ଗଲରେ ପରିଣତ ହୋଇଛି। ଏହି ଉଦ୍ୟାନକୁ ଯିବାକୁ ଶିଶୁ ଓ ମହିଳା ସମେତ ଲୋକମାନେ ଭୟ କରୁଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ସାଧାରଣରେ ଦାବି ହେଉଛି।

୨୦୧୬ରେ ତତ୍କାଳୀନ ସରକାର ସମୟରେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକର କଲୋନୀ ମଧ୍ୟରେ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଥିଲା। ଶିଶୁଙ୍କ ଶାରୀରିକ ମାନସିକ ଓ ବୌଦ୍ଧିକ ବିକାଶ ଲକ୍ଷ୍ୟରେ ଏହି ଉଦ୍ୟାନ କରାଯାଇଥିଲା। ଏହି ଉଦ୍ୟାନ ମଧ୍ୟରେ ଶିଶୁଙ୍କୁ ଆକର୍ଷଣୀୟ କରିବା ପାଇଁ ନକଲି ଜିରାଫ, ଓଟ, ହାତୀ ଆଦି ବିଭିନ୍ନ ପଶୁପକ୍ଷୀଙ୍କ ମୂର୍ତ୍ତି ସ୍ଥାପନ ସହ ୱାଟର ସ୍ପ୍ରେ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ବିଭିନ୍ନ ବ୍ୟାୟାମ ସରଞ୍ଜାମ ଖଞ୍ଜାଯାଇଥିଲା। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ସମସ୍ତ ମୂର୍ତ୍ତି, ବ୍ୟାୟାମ ସରଞ୍ଜାମ ଆଦି ଭାଙ୍ଗିଗଲାଣି। ଉଦ୍ୟାନ ମଧ୍ୟରେ ଥିବା ଘାସ କଟା ନ ଯିବାରୁ ଘାସ ଗଛ ବଢ଼ି ହୋଇ ଜଙ୍ଗଲ ହୋଇଛି। ଏଥିସହିତ ଅନାବନା ଘାସ ସହ ବିଭିନ୍ନ ଅଦରକାରୀ ଗଛ ସୃଷ୍ଟି ହୋଇ ଜଙ୍ଗଲ ହୋଇଥିଲେ ମଧ୍ୟ ପୌର କର୍ତ୍ତୃପକ୍ଷଙ୍କ ଏଥିପ୍ରତି ନିଘା ନାହିଁ। ଉଦ୍ୟାନ ମଧ୍ୟରେ ଥିବା ସିମେଣ୍ଟ ଚେୟାର ଭାଙ୍ଗିଗଲାଣି। ବର୍ଷା ପବନ ଯୋଗୁଁ ଉଦ୍ୟାନ ମଧ୍ୟରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିରହିଛି। ଉଦ୍ୟାନ ଚାରିପଟେ ଥିବା ଲୁହା ଗ୍ରିଲ ମଧ୍ୟ ଭାଙ୍ଗିଗଲାଣି। ଏହି ଶିଶୁ ଉଦ୍ୟାନକୁ ଆକର୍ଷଣୀୟ ଓ ମନୋରମ କରିବା ପାଇଁ ଲାଗିଥିବା ବିଭିନ୍ନ ପ୍ରକାର ଫୁଲଫଳ ମରିବାକୁ ବସିଲାଣି। ପଟ୍ଟାମୁଣ୍ଡାଇ ସହରର ପ୍ରାଣକେନ୍ଦ୍ର ପଟ୍ଟାମୁଣ୍ଡାଇ ବ୍ଲକ୍ କଲୋନୀ ମଧ୍ୟରେ ଶିଶୁ ଉଦ୍ୟାନ କରାଯାଇଥିବାରୁ ଏହା ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା ଓ ପ୍ରତ୍ୟହ ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏଠାରେ ପିଲାଙ୍କ ଭିଡ଼ ଜମୁଥିଲା। ଦୀର୍ଘଦିନ ଧରି ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଶିଶୁ ଉଦ୍ୟାନଟି ଶ୍ରୀହୀନ ହୋଇପଡିଥିବାରୁ ପୂର୍ବ ଆକର୍ଷଣ ହରାଇଛି। ସନ୍ଧ୍ୟା ସମୟରେ ଉଦ୍ୟାନରେ ନାମକୁ ମାତ୍ର କେତୋଟି ପିଲା ବୁଲାବୁଲି କରିବା ଦେଖାଯାଉଛି। ଶିଶୁ ଉଦ୍ୟାନଟି ଶ୍ରୀହୀନ ହୋଇପଡିଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜ୍ୟ ସରକାର ଓ ପୌର ପରିଷଦ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଏହି ଶିଶୁ ଉଦ୍ୟାନର ପୂର୍ବାବସ୍ଥା ଫେରାଇ ଆଣିବାକୁ ଦାବି ହେଉଛି।

# ଅଭିଯୋଗକାରିଣୀଙ୍କୁ ମାଡ଼ ଘଟଣାରେ ଡେରାବିଶ ଥାନା ଏସ୍ଆଇଙ୍କ ବଦଳି

ଡେରାବିଶ, ୫।୬(ସମିସ): ଏକ ଜମିଜମା ବିବାଦ ଘଟଣାରେ ଡେରାବିଶ ଥାନା ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବରାହିଲୋ ଗ୍ରାମର ନର୍ମଦା ସାମଲ ନାମକ ଜଣେ ମହିଳାଙ୍କୁ ଥାନା ଭିତରେ ମାଡ଼ ମାରିବା ଓ ତାଙ୍କ ହାତ ଭାଙ୍ଗିବା ଅଭିଯୋଗରେ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ଥାନା ଏସ୍ଆଇ ଅନୁସୟା ନାୟକଙ୍କୁ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରିଛନ୍ତି। ଏ ସଂକ୍ରାନ୍ତରେ ଗୁରୁବାର ଏକ ବଦଳି ନିର୍ଦ୍ଦେଶ ଡେରାବିଶ ଥାନା ଅଧିକାରୀଙ୍କ ନିକଟକୁ ଆସିଥିବା ଜଣାଯାଇଛି। ବରାହିଲୋ ଗ୍ରାମରେ ମାତା ମହାନ୍ତି ନାମକ ଜଣେ ବୃଦ୍ଧା ଓ ତାଙ୍କ ପଡ଼ୋଶୀଙ୍କ ମଧ୍ୟରେ ଜମିଜମା ବିବାଦକୁ ନେଇ ମାତା ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷ ମଧ୍ୟ ମାତା ଓ ତାଙ୍କ ପରିବାର ନାମରେ ଅନ୍ୟଏକ ଅଭିଯୋଗ ଆଣିଥିଲେ। ଏହି ଘଟଣାରେ ଥାନା ଅଧିକାରୀ ଉଭୟ ପକ୍ଷଙ୍କୁ ଥାନାକୁ ଡକାଇ ସମାଧାନ ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ଏସ୍ଆଇ ଅନୁସୟା ମାତାଙ୍କୁ ଥାନା ଭିତରେ ଖରାପ ବ୍ୟବହାର କରିବାରୁ ସେଠାରେ ଉପସ୍ଥିତ ଥିବା ତାଙ୍କ ଝିଅ ନର୍ମଦା ଏହାର ବିରୋଧ କରିଥିଲେ। ଫଳରେ ନର୍ମଦାଙ୍କୁ ଏସ୍ଆଇ ଅନୁସୟା ମାଡ଼ ମାରିବା ସହିତ ତାଙ୍କ ହାତକୁ ମୋଡ଼ି ଭାଙ୍ଗିଦେବା ନେଇ ପରଦିନ ଏସ୍‌ପିଙ୍କ ନିକଟରେ ନର୍ମଦା ଅଭିଯୋଗ କରିଥିଲେ। ଏହି ଘଟଣାରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ତଦନ୍ତ କରି ଏସ୍‌ପିଙ୍କୁ ରିପୋର୍ଟ ଦେବା ପରେ ଏସ୍‌ପି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅନୁସୟାଙ୍କୁ ବଦଳି କରିଥିବା ଜଣାଯାଇଛି।

## ମୂଳଗାଇଁ ବିଦ୍ୟାଳୟରେ ବୃକ୍ଷରୋପଣ

ପଟ୍ଟାମୁଣ୍ଡାଇ,୫।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମୂଳଗାଇଁ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ଅନ୍ତର୍ଯ୍ୟାମୀ ବେଜଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଏକୋ କ୍ଲବ ସଂଯୋଜକ ଗୋପୀନାଥ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ





ବିଶ୍ୱ ପରିବେଶ ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ପେସାରେ ଶିକ୍ଷକ ହେଲେ ମଧ୍ୟ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣକୁ ନିଶା କରିଥିବା ପ୍ରକୃତିବନ୍ଧୁ କବି ଅନ୍ତର୍ଯ୍ୟାମୀ ବେଜଙ୍କ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରଶଂସା କରିଥିଲେ। ଏଥିରେ କୋରୋ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରକୃତିପ୍ରେମୀ ଜଗନ୍ନାଥ ଉପାଧ୍ୟାୟ, ମୂଳଗାଇଁ ସ୍କୁଲ ସହକାରୀ ଶିକ୍ଷକ ରଶ୍ମିରଞ୍ଜନ ଓଝା ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ।

## ନାଟ୍ୟକାରଙ୍କୁ ଡକ୍ଟରେଟ୍ ସମ୍ମାନ

ପଞ୍ଚୁପାଣ୍ଡବ,୫।୬(ସମିସ):ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ନାଟ୍ୟକାର ଓ ନିର୍ଦ୍ଦେଶକ ରଞ୍ଜନ ପରିଡ଼ା ଡକ୍ଟରେଟ୍ ସମ୍ମାନ ପାଇଛନ୍ତି। କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଘଡିଆ ଇଣ୍ଡିଆ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱରସ୍ଥ ସହିଦନଗର ସଂସ୍କୃତି ସମିତିରେ ଶ୍ରୀ ପରିଡ଼ାଙ୍କୁ ଏହି ସମ୍ମାନ ମିଳିଛି। ଏହି ସମ୍ମାନ ପାଇବା ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଥିବାବେଳେ ରଞ୍ଜନଙ୍କୁ କେତେକ ନାଟ୍ୟକାର ଶୁଭେଚ୍ଛା ଜଣାଇଛନ୍ତି।

## ଶିକ୍ଷକଙ୍କ ପରଲୋକ

ଡେରାବିଶ, ୫।୬(ସମିସ): ଚାନ୍ଦୋଳ ପଞ୍ଚାୟତ ଗୌଡ଼ବିଶି ଗ୍ରାମର ଶିକ୍ଷକ ପୃଥିରାଜ ବେହେରା (୫୨)ଙ୍କ ପରଲୋକ ହୋଇଯାଇଛି। ପୃଥିରାଜ ପ୍ରାୟ ଏକବର୍ଷ ହେବ କର୍କଟ



ରୋଗରେ ପୀଡ଼ିତ ଥିଲେ। ଗୁରୁବାର ଅପରାହ୍ନରେ ମୃତ୍ୟୁବରଣ କରିଥିଲେ। ସେ ନୂଆପଡ଼ା ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିଆସୁଥିଲେ। ବିଦ୍ୟାଳୟର ମହେଶ୍ୱର ଷଣ୍ଢ, ସମବାୟବିତ୍ ମଧୁସୂଦନ ଘଡ଼େଇ, ପ୍ରଧାନଶିକ୍ଷକ ଦିଲ୍ଲୀପ ଦାଶ, ବରିଷ୍ଠ ଶିକ୍ଷକ ଶିବପ୍ରସାଦ ମିଶ୍ର, ପ୍ରମୋଦ ରାଉତରାୟ, ଇତିଶ୍ରୀ ନାୟକ, ଶ୍ରୀୟାଶକ୍ତି ମହାନ୍ତି, ଶାନ୍ତିଲତା ପଣ୍ଡା, ଗୋପାଳ ବାରିକ, ଅଜୟ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶାନ୍ତନୁ ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ନେତାଜୀ କ୍ଲବକୁ ପ୍ରକୃତି ମିତ୍ର ସମ୍ମାନ



ରାଜକନିକା,୫।୬(ସମିସ): କନିକା ଅଞ୍ଚଳରେ ପରିବେଶ ସୁରକ୍ଷା ଓ ପ୍ରକୃତି ସଂରକ୍ଷଣ ପାଇଁ କାର୍ଯ୍ୟ କରୁଥିବା ନେତାଜୀ କ୍ଲବ୍ ପ୍ରକୃତି ମିତ୍ର ସମ୍ମାନ ପ୍ରଦାନ କରାଯାଇଛି। ବିଭିନ୍ନ ଅଞ୍ଚଳରେ ବୃକ୍ଷରୋପଣ, ସବୁଜ ବନାନୀ ସୃଷ୍ଟି, ପକ୍ଷୀ ସୁରକ୍ଷା, ପରିବେଶ ସଚେତନତା ଓ ସାମାଜିକ ସେବା କ୍ଷେତ୍ରରେ ନେତାଜୀ କ୍ଲବର ନିରନ୍ତର କାର୍ଯ୍ୟକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ଜିଲ୍ଲା ବନ ଅଧିକାରୀ କ୍ଲବର ସଭାପତି ବନଜ ବାରିକ, କ୍ରୀଡ଼ା ସମ୍ପାଦକ ସୁମନ୍ତ ନାୟକ, ବରିଷ୍ଠ ସଦସ୍ୟ ଶିବପ୍ରସାଦ ମଲ୍ଲିକ, ସୁଶାନ୍ତ ବାରିକ, ମୁକ୍ତିକାନ୍ତ ଦଳାଇ, ରତିକାନ୍ତ ଦଳାଇଙ୍କୁ ସମ୍ମାନପତ୍ର ସହିତ ୨୦ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ।

## କନ୍ୟାଶ୍ରମକୁ ଗଲେ ଦୁଇ ଅନାଥ ନାବାଳିକା

ଡେରାବିଶ, ୫।୬(ସମିସ): ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଡ଼ଙ୍ଗା ଗ୍ରାମର ବାପମାଆ ଛେଉଣ୍ଡ ଦୁଇ ନାବାଳିକା ପ୍ରଭାସିନୀ ଓ ରୂପାଲୀଙ୍କୁ ଆଜି ଗରଦପୁରସ୍ଥ କମଳାବେନ ମେହେଟ୍ଟା କନ୍ୟାଶ୍ରମରେ ଥଇଥାନ କରାଯାଇଛି। ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ାଙ୍କ ଉଦ୍ୟମରେ କେନ୍ଦ୍ରାପଡ଼ା ଜିଲ୍ଲା ଶିଶୁ ସୁରକ୍ଷା କମିଟି ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଅଡ଼ଙ୍ଗା ଗ୍ରାମର ଗୌତମ ଜେନା କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଗତ ୧୪ ଦିନ ତଳେ ମୃତ୍ୟୁବରଣ କରିଥିଲେ। ଏହାର ୬ ମାସ ପୂର୍ବରୁ ତାଙ୍କ ପତ୍ନୀ ପ୍ରତିମାଙ୍କର ମୃତ୍ୟୁ ହୋଇଯାଇଥିଲା। ବାପାମାଆଙ୍କ ମୃତ୍ୟୁ ପରେ ଦୁଇ ଝିଅ ବେସାହାରା ହୋଇପଡ଼ିଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ଆଗେଇ ଆସି ଗୌତମଙ୍କ ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏବେ ସେମାନଙ୍କୁ କନ୍ୟାଶ୍ରମରେ ଥଇଥାନ କରାଯାଇଛି।

## ପରିବେଶ ସୁରକ୍ଷା ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ,୫।୬(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ସାରସ୍ୱତ ଅନୁଷ୍ଠାନ ସୋହମ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ପରିବେଶବିତ୍ କବି ଡଃ ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ପରିବେଶ ସୁରକ୍ଷା ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ପ୍ରାବନ୍ଧିକ ପ୍ରାଧ୍ୟାପକ ଡଃ ନୀଳମଣି ଲେଙ୍କା ମୁଖ୍ୟଅତିଥି ଓ ବିଶିଷ୍ଟ ସଂଗୀତ ଗୁରୁ ଓ ସଂଗୀତଜ୍ଞ





ରବୀନ୍ଦ୍ରନାଥ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶ ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା ବୋଲି ମତବ୍ୟକ୍ତ କରିଥିଲେ। ପରିବେଶବିତ୍ ତଥା କବି ଡଃ ମନୋରଞ୍ଜନ ଦାଶଙ୍କ ଉପସ୍ଥାପନାରେ ଆମ ପରିବେଶ ଓ ବୃକ୍ଷ ଆମର ମାଆ ଉପରେ ଆଧାରିତ କବିତା ପାଠୋତ୍ସବରେ ସୁଭାସିନୀ ସିଂ, ସ୍ୱାଗତିକା ସାହୁ, ଆକାଶ ମହାପାତ୍ର, ବିପ୍ଳବ ସ୍ୱାଇଁ ଓ ଦିଗମ୍ବର ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏ ଅବସରରେ ସୋହମ ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ଶେଷରେ ଅଭିରାମ ରାୟ ଧନ୍ୟବାଦ ଦେଇଥିଲେ।

### ବ୍ଲକ୍ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ

# ତିନିମାସ ହେବ ଭତ୍ତାରୁ ବଞ୍ଚିତ ଦିବ୍ୟାଙ୍ଗ, ବୟସ୍କ ହିତାଧିକାରୀ

ଡେରାବିଶ, ୫।୬(ସମିସ): ସରକାରଙ୍କ ବିଭିନ୍ନ ଭତ୍ତା ଯୋଜନାରେ ସାମିଲ ହୋଇଥିବା ବୟସ୍କ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀ ଗତ ତିନିମାସ ହେବ ଭତ୍ତା ନ ପାଇ ଡେରାବିଶ ବ୍ଲକ୍ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। କେବଳ ମଧୁବାବୁ ଭତା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀ ନିଜ ପଞ୍ଚାୟତ କାର୍ଯ୍ୟାଳୟରୁ ମାସିକ ଭତ୍ତା ବାବଦରେ ଅର୍ଥରାଶି ପାଉଥିବାବେଳେ ଅନ୍‌ଲାଇନ୍ ଯୋଗେ ବ୍ୟାଙ୍କ ଜମାଖାତା ଦ୍ୱାରା ପାଉଥିବା ଅନ୍ୟ ହିତାଧିକାରୀ ଗତ ତିନିମାସର ଭତ୍ତା ରାଶି ନ ପାଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଭତ୍ତା ଟଙ୍କା ନିଜ ଚିକିତ୍ସା ପାଇଁ ଆବଶ୍ୟକ ହେଉଥିବା ଔଷଧ ଗତ ତିନିମାସ ହେଲା କିଣିପାରୁ ନ ଥିବା ନେଇ ବ୍ଲକ ଅନ୍ତର୍ଗତ ଦାନପୁର ପଞ୍ଚାୟତ ଭିନ୍ନକ୍ଷମ ମାମୁନି ଗାଆଣ ଅଭିଯୋଗ କରିଛନ୍ତି। ସେହିପରି ବ୍ଲକ ଅଞ୍ଚଳର ଶତାଧିକ ହିତାଧିକାରୀ ବିଭିନ୍ନ ବ୍ୟାଙ୍କ ଓ ପୋଷ୍ଟ ଅଫିସ ଜମାଖାତାକୁ ଭତ୍ତା ଟଙ୍କା ଆସିଥିବ ଭାବି ପ୍ରତ୍ୟେକ ଦିନ ବ୍ୟାଙ୍କ ଓ ପୋଷ୍ଟ ଅଫିସ୍ ସହ ଜନସେବା କେନ୍ଦ୍ରକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ଏପରିକି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ବେଖାତିର କରି ବହୁ ଆଶା ନେଇ ବ୍ଲକ କାର୍ଯ୍ୟାଳୟକୁ ମଧ୍ୟ ଦୌଡ଼ୁଛନ୍ତି। ଏ ବିଷୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାରଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ କେବଳ ମଧୁବାବୁ ପେନସନ୍‌ର ହିତାଧିକାରୀଙ୍କୁ ପଞ୍ଚାୟତ ପକ୍ଷରୁ ହାତରେ ଭତ୍ତା ଟଙ୍କା ପ୍ରଦାନ କରାଯାଉଛି। ଅନ୍‌ଲାଇନ୍ ଯୋଗେ ଜମାଖାତାକୁ ଆସୁଥିବା ଭତ୍ତା ପ୍ରଦାନରେ ସମସ୍ୟା ସମଗ୍ର ରାଜ୍ୟରେ ସୃଷ୍ଟି ହୋଇଛି। ଏହି ସମସ୍ୟା ଖୁବ୍‌ଶୀଘ୍ର ଦୂର ହେବ ବୋଲି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି ବୋଲି କହିଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ

ରାଜନଗର,୫।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ପେଣ୍ଠ ବେଳାଭୂମି ଦୋବନ୍ଧିଠାରେ ରାଜନଗର ବନଖଣ୍ଡ ପକ୍ଷରୁ ଜିଲ୍ଲାସ୍ତରୀୟ ୫୪ତମ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ଗଗନ ମଲ୍ଲିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ବେହେରା ଓ ଜିଲ୍ଲା ଇକୋ କ୍ଲବ୍ ସଂଯୋଜକ ଗୋପୀନାଥ ଦାଶ, ଗବେଷକ ପ୍ରସନ୍ନ ନାୟକ ଯୋଗଦେଇ ପରିବେଶର ସୁରକ୍ଷା ଆମ ସମସ୍ତଙ୍କର ଧେୟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ବନଖଣ୍ଡ ଅଧିକାରୀ ଶ୍ରୀ ଗାଓଁକର ବ୍ୟକ୍ତିଗତ ଭାବେ ଛୋଟ ଛୋଟ କଥା ପ୍ରତି ଧ୍ୟାନ ଦେଲେ ପରିବେଶ ସୁସ୍ଥ ରହିବ ବୋଲି କହିଥିଲେ। ଏ ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୫ ଜଣ ପକୃତି ବନ୍ଧୁ ଓ ୭ଟି ଅନୁଷ୍ଠାନକୁ ପକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା ଧନ୍ୟବାଦ ଅର୍ପଣ କରିଥିବାବେଳେ ପରେ ଚାରାରୋପଣ କରାଯାଇଥିଲା। ସକାଳେ ବେଳାଭୂମି ସଫେଇ କରାଯାଇଥିଲା। ଏହି ସଫେଇ କାର୍ଯ୍ୟକ୍ରମରେ ବନ କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦସ୍ୟ, ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବନପାଳ ବିଜୟ ପାତ୍ର, ବିଭୂତି ତରାଇ, ରଞ୍ଜନ ପାଣିଙ୍କ ସମେତ ବନ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ରାଜନଗର ବନ୍ୟଜୀବ ବନଖଣ୍ଡ ଅଧୀନସ୍ଥ କନିକା ବନ୍ୟଜୀବ ବନାଞ୍ଚଳ ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ଏ ଅବସରରେ ନିକଟସ୍ଥ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରବନ୍ଧ ଲିଖନ, କୁଇଜ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିଲେ। ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ 'ଭିତରକନିକା ଓ ଏହାର ପାରିପାଶ୍ୱର୍ ଅଞ୍ଚଳ ହେଉ ପ୍ଲାଷ୍ଟିକ୍ ମୁକ୍ତ' ଆହ୍ୱାନରେ ଅନୁପ୍ରାଣିତ ହୋଇ ଯୁବଗୋଷ୍ଠୀ ଓ ଛାତ୍ରଛାତ୍ରୀ ସଫେଇ ଅଭିଯାନରେ ସାମିଲ ହୋଇଥିଲେ।



# ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

କେନ୍ଦ୍ରାପଡ଼ା, ୫।୬(ସମିସ): ପରିବେଶ ସୁରକ୍ଷା, ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ରାପଡ଼ାର ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟକୁ "ପ୍ରକୃତିମିତ୍ର ପୁରସ୍କାର-୨୦୨୬'ରେ ସମ୍ମାନିତ କରାଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବିଶ୍ୱ ପରିବେଶ ଦିବସ ଅବସରରେ ଲୁଣା ଜଙ୍ଗଲ ବନଖଣ୍ଡ(ବନ୍ୟପ୍ରାଣୀ) ରାଜନଗର ଅଧୀନସ୍ଥ ରାଜନଗର ବନ୍ୟଜୀବ ବନାଞ୍ଚଳ ନିକଟସ୍ଥ ପେଣ୍ଠ ପଞ୍ଚାୟତର ଦୋବନ୍ଧିଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପକ୍ଷରୁ ଦୀର୍ଘଦିନ ଧରି ବୃକ୍ଷରୋପଣ, ପରିବେଶ ସୁରକ୍ଷା, ଜଳ ଓ ଜମି ସଂରକ୍ଷଣ, ବନ୍ୟଜନ୍ତୁ ସୁରକ୍ଷା ଓ ବିଭିନ୍ନ ସାମାଜିକ, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମନରେ ପ୍ରକୃତି ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରାଯାଇଆସୁଛି। ଏହି ସମ୍ମାନ ମିଳିବା ପରେ ମହାବିଦ୍ୟାଳୟ ପକ୍ଷରୁ ଖୁସି ବ୍ୟକ୍ତ କରାଯାଇଥିବାବେଳେ ଭବିଷ୍ୟତରେ ମଧ୍ୟ ପରିବେଶ ସୁରକ୍ଷା ଏବଂ ସବୁଜ ପରିବେଶ ଗଠନ ଦିଗରେ ନିରନ୍ତର ପ୍ରୟାସ ଜାରି ରହିବ ବୋଲି କୁହାଯାଇଛି।



## ରାଜକନିକା ବ୍ଲକ୍‌ର ୧୩ ହାଇସ୍କୁଲରେ ନୂଆ ପ୍ରଧାନଶିକ୍ଷକ ନିଯୁକ୍ତି

ରାଜକନିକା,୫।୬(ସମିସ): ସାରା ରାଜ୍ୟରେ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଭାବେ ନିଯୁକ୍ତ କରାଯାଇଛି। ଏ ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକର ବିଭିନ୍ନ ହାଇସ୍କୁଲରେ ନୂଆ ପ୍ରଧାନଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ମିଳିଛି। ପ୍ରଶାନ୍ତ ନାୟକଙ୍କୁ ଆରଏନ ହାଇସ୍କୁଲରୁ ତାରାମଣି କପିଳେଶ୍ୱର ହାଇସ୍କୁଲ କାଟଣା, ରଞ୍ଜନ ଓଝାଙ୍କୁ ତରାସରୁ ଭାମଣ୍ଡାର ନୃସିଂହନାଥ ବିଦ୍ୟାପୀଠ, ରାଜେନ୍ଦ୍ର ରାଉତଙ୍କୁ ଓଳାଭରରୁ ପେଗରପଡା ହାଇସ୍କୁଲ, ରତିକାନ୍ତ ରାଉତଙ୍କୁ ନୋଡାଲ ହାଇସ୍କୁଲ ଜୟନଗର, ମଞ୍ଜୁଲତା ସାହୁଙ୍କୁ ପେଗରପଡାରୁ ଏଲବି ଆଞ୍ଚଳିକ ନୋଡାଲ ହାଇସ୍କୁଲ ବରୁଣା, ଶିଶିର ବାରିକଙ୍କୁ ପେଗରପଡାରୁ ମହୁରୀଗାଁ ସରକାରୀ ଉଚ୍ଚବିଦ୍ୟାଳୟ, ଆର୍ଯ୍ୟବାଳା ବିଶ୍ୱାଳଙ୍କୁ ଆରଏନ ହାଇସ୍କୁଲରୁ ତରାସ ନୋଡାଲ ହାଇସ୍କୁଲ, ନିହାର ଓଝାଙ୍କୁ ଓଳାଭର ନୋଡାଲ ହାଇସ୍କୁଲରୁ ଉତ୍କଳମଣି ବିଦ୍ୟାପୀଠ ଡାଳିକାଏନ୍ଦା, ମାନସ କରଙ୍କୁ ନିଜ ପଞ୍ଚାୟତ ହାଇସ୍କୁଲ ଭାରିଗଦା, ନିରଞ୍ଜନ ବେହେରାଙ୍କୁ ହାଟସାହି ନୋଡାଲ ହାଇସ୍କୁଲରୁ ବିପି ହାଇସ୍କୁଲ କଣ୍ଠିଆହାଟ, କୃଷଚନ୍ଦ୍ର ଥାଟୋଇଙ୍କୁ ହାଟସାହି ନୋଡାଲରୁ ଆଠପଟଣା ବୀଣାପାଣି ହାଇସ୍କୁଲ, ପଦ୍ମିନୀ ରାଉତଙ୍କୁ ନିଜ ସ୍କୁଲ କନିକା ହାଇସ୍କୁଲ ଆୟତନ, ନରେଶ ବଳଙ୍କୁ ନିଜ ଲକ୍ଷ୍ମୀନାରାୟଣ ନୋଡାଲ ହାଇସ୍କୁଲ, ଦେଉଳତରାରେ ପ୍ରଧାନଶିକ୍ଷକ ଭାବେ ପଦୋନ୍ନତି ଦିଆଯାଇଛି। ରାଜକନିକା ବ୍ଲକର ପଣସଗଣ୍ଡ ଉତ୍କଳମଣି ବିଦ୍ୟାପୀଠର ଶିକ୍ଷୟିତ୍ରୀ ସୁନନ୍ଦା ନାୟକଙ୍କୁ ଭଦ୍ରକ ଜିଲ୍ଲା, ବିପି ହାଇସ୍କୁଲ କଣ୍ଠିଆହାଟର ଜାନକୀ ସିଂଙ୍କୁ ନୂଆପଡା ଜିଲ୍ଲାର ଭାପୁର ବ୍ଲକ, ଲକ୍ଷ୍ମୀବରାହ ଆଞ୍ଚଳିକ ନୋଡାଲ ହାଇସ୍କୁଲ ବରୁଣାର ନରହରି ମୁର୍ମୁଙ୍କୁ ଗଜପତି ଜିଲ୍ଲାକୁ ବଦଳି କରାଯାଇଥିବାବେଳେ ରାଜକନିକା ବାଳିକା ହାଇସ୍କୁଲର ସୁରେନ୍ଦ୍ର ନାଥ ରାଉତଙ୍କ ଆଳି ବ୍ଲକ ଆୟତପୁରର ଦାମୋଦର ହାଇସ୍କୁଲକୁ ପଦୋନ୍ନତିରେ ବଦଳି ହୋଇଛି।

## ମଦନପୁର ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ରାଜନଗର,୫।୬(ସମିସ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତର ବାରଗାଁସ୍ଥ ମା' ମାଟିଆ ମଙ୍ଗଳା ପୀଠରେ ମଦନପୁର ମହାବୀର ହାଇସ୍କୁଲର ୧୯୮୮ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମସ୍ତେ ମା' ମାଟିଆ ମଙ୍ଗଳାଙ୍କୁ ପ୍ରଣାମ କରିବା ସହ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ। ପରେ ସଭା ଆୟୋଜିତ ହୋଇଥିଲା। ୩୮ ବର୍ଷ ପରେ ଏକତ୍ରିତ ହୋଇ ସମସ୍ତେ ଭାବବିହ୍ୱଳ ହୋଇଥିବାବେଳେ ସ୍କୁଲର ଉନ୍ନତି ପାଇଁ ସମସ୍ତେ ବ୍ରତୀ ହେବାକୁ ନିଷ୍ପତ୍ତି ନେଇଥିଲେ। ପୁରାତନ ଛାତ୍ରୀ ସସ୍ମିତା ନାଥଙ୍କ ନେତୃତ୍ୱରେ ନିଗମ ନାୟକ, ଜଳଧର ପଣ୍ଡା, ରଞ୍ଜିତା ସାହୁ, ମମତା ନାଥ, ମଞ୍ଜୁଲତ ନାୟକ, ସୁଶାନ୍ତ ସାହୁ, ପ୍ରଭାତ ସେଠୀ, ଦିବାକର ରାଉତ, ବୈଷ୍ଣବ ଦାସ, ଚିନ୍ମୟୀ ପାତ୍ର, ଅଭିରାମ ପ୍ରଧାନ, ପ୍ରମୋଦ ବେହେରା, କପିଳେନ୍ଦ୍ର ଦାସ, ଅଞ୍ଜନ ପଣ୍ଡା, ଶାନ୍ତିଲତା ବାରିକ, ଦୁଃଶାସନ ଦାସ ଓ ଉମାକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ପୂର୍ବତନ ସରପଞ୍ଚ ଶ୍ରୀଧର ସ୍ୱାଇଁଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୫।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଅବିଭକ୍ତ ବଡପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀଧର ସ୍ୱାଇଁଙ୍କ ଦିହୁଡିପୁର ବାସଭବନରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତିନି ପୁଅବୋହୂ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ବଡ଼ପଡା ପଞ୍ଚାୟତ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ଦୈତାରୀ ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଚାରୁକଳା ଶିଳ୍ପୀ ବିଷ୍ଣୁ ବେହେରାଙ୍କ ପରଲୋକ



ପଟ୍ଟାମୁଣ୍ଡାଇ,୫।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ବିଶିଷ୍ଟ ଚାରୁକଳା ଶିଳ୍ପୀ ତଥା ମୃଣ୍ମୟ ମୂର୍ତ୍ତି କାରିଗର ବିଷ୍ଣୁଚରଣ ବେହେରାଙ୍କ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ସୁନାମଧନ୍ୟ ଚାରୁକଳା ଶିଳ୍ପୀ ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ଓ ଆଖପାଖ ଅଞ୍ଚଳରେ ପରିଚିତ ଥିଲେ। ଗତ କିଛିଦିନ ହେବ ସେ ଅସୁସ୍ଥ ଥାଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ଦୁଇପୁଅ, ଦୁଇଝିଅ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ନିଖୋଜର ୯ ଦିନ ପରେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

କେନ୍ଦ୍ରାପଡ଼ା, ୫।୬(ସମିସ)



ନିଖୋଜ ହେବାର ୯ ଦିନ ପରେ ଆଳି ଥାନା ଅନ୍ତର୍ଗତ ମହାଦେଇପାଟଣା ଗ୍ରାମର ଯୁବକ ଗୌରାଙ୍ଗ ସେଠୀଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଏହି ଘଟଣା ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାକୁ ସ୍ତବ୍ଧ କରିଦେଇଛି। ଦିନ ଦ୍ୱିପ୍ରହରରେ ଆକ୍ରମଣ ଓ ଅପହରଣ ପରେ ୯ ଦିନ ଧରି ନିଖୋଜ ଥିବା ଗୌରାଙ୍ଗଙ୍କ ଗଳିତ ମୃତଦେହ ଘରଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଠାବ ହେବା ଘଟଣା କେବଳ ଏକ ହତ୍ୟାକାଣ୍ଡରେ ସୀମିତ ନ ରହି ଜିଲ୍ଲାର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି।

ଗତମାସ ୨୯ ତାରିଖରେ ଏକ ଗାଡ଼ି କାଚ ଭାଙ୍ଗିବା ଘଟଣାକୁ କେନ୍ଦ୍ର କରି ମହାଦେଇପାଟଣା ଗ୍ରାମର ଅରୁଣ ସେଠୀଙ୍କ ପୁଅ ଗୌରାଙ୍ଗ ସେଠୀଙ୍କୁ କିଛି ଯୁବକ ଆକ୍ରମଣ କରିବା ସହ ବଳପୂର୍ବକ ଉଠାଇ ନେଇଥିବା ଅଭିଯୋଗ ହୋଇଥିଲା। ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଥିଲା। ପରିବାର ଲୋକ ତୁରନ୍ତ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ଏପରିକି ଗ୍ରାମବାସୀ ଅପହରଣକାରୀଙ୍କ ଗିରଫ ଦାବିରେ ଥାନା ଘେରଉ ମଧ୍ୟ କରିଥିଲେ। ଏହା ସତ୍ତ୍ୱେ ଗୌରାଙ୍ଗଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ଶେଷରେ ଘଟଣାର ୯ ଦିନ ପରେ ଆଳି ଥାନା ଅନ୍ତର୍ଗତ ପେତପଡ଼ା ନିକଟସ୍ଥ ମାଣିଆ ଭେଡ଼ାରୁ ଖପୁରୀ, ହାଡ଼, ଚୁଟି ଓ ପିନ୍ଧା ପୋଷାକ ମିଳିବା ପରେ ପରିବାର ଲୋକ ତାହା ଗୌରାଙ୍ଗଙ୍କର ବୋଲି ଚିହ୍ନଟ କରିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍ ଓ ଜିଲ୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଏହି ଘଟଣା ପରେ ସାଧାରଣରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଅପହରଣ ଘଟଣା ନେଇ ଅଭିଯୋଗ ହେବା, ଭିଡିଓ ଭାଇରାଲ ହେବା ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ

### କେନ୍ଦ୍ରାପଡ଼ାରେ ଆଇନଶୃଙ୍ଖଳାକୁ ନେଇ ଉଠିଛି ପ୍ରଶ୍ନ

ଗୌରାଙ୍ଗଙ୍କୁ ଉଦ୍ଧାର କରିବାରେ କାହିଁକି ସଫଳ ହୋଇପାରିଲାନାହିଁ ପୁଲିସ। ଯଦି ଅପହରଣ ଅଭିଯୋଗ ପରେ ଅଧିକ ତତ୍ପରତା ଦେଖାଯାଇଥା'ନ୍ତା, ତେବେ ପରିସ୍ଥିତି ଭିନ୍ନ ହୋଇଥା'ନ୍ତା। ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମନରେ ଉଙ୍କି ମାରୁଛି। ସମ୍ପ୍ରତି କେନ୍ଦ୍ରାପଡ଼ା ଜିଲ୍ଲାରେ ଅପରାଧିକ ଘଟଣା ବୃଦ୍ଧି ପାଉଥିବା ଅଭିଯୋଗ ହେଉଥିବାବେଳେ ଏହି ବହୁଚର୍ଚ୍ଚିତ ଘଟଣା ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥାକୁ ମଧ୍ୟ ପ୍ରଶ୍ନବିଦ୍ଧ କରିଛି। ଅପହରଣ ପରେ ଯଦି ଅପରାଧୀ ନିର୍ଭୟରେ ହତ୍ୟା କରି ପ୍ରମାଣ ନଷ୍ଟ କରିବାକୁ ସକ୍ଷମ ହୁଅନ୍ତି, ତାହା ଅପରାଧୀଙ୍କ ବଢୁଥିବା ଦୁଃସାହସର ପରିଚୟ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏ ସମୟରେ କେବଳ ଭାବପ୍ରବଣ ପ୍ରତିକ୍ରିୟା ନୁହେଁ, ବରଂ ଏକ ନିରପେକ୍ଷ, ଦ୍ରୁତ ଓ ପ୍ରଭାବଶାଳୀ ତଦନ୍ତ ମାଧ୍ୟମରେ ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆଣିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି। ଗୌରାଙ୍ଗ ସେଠୀଙ୍କ ମୃତ୍ୟୁ କେବଳ ଗୋଟିଏ ପରିବାରର ଅପୂରଣୀୟ କ୍ଷତି ନୁହେଁ, ବରଂ ଏହା ଏକ ବଡ଼ ପ୍ରଶ୍ନ ଛାଡ଼ିଯାଇଛି। କେନ୍ଦ୍ରାପଡ଼ାରେ ଆଇନକାନୁନ କେବେ ସୁଦୃଢ଼ ହେବ ଓ ସାଧାରଣ ଲୋକଙ୍କ ମନରେ ସୁରକ୍ଷାର ଭାବନା କେବେ ଫେରିବ, ସେ ନେଇ ପ୍ରଶ୍ନ ଉଠିଛି।